



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-335 • BHUBANESWAR • SATURDAY • 1 JUNE 2024 • PAGE-16 • ₹ 6.00

• ବର୍ଷ-୪୧ • ସଂଖ୍ୟା-୩୩୫ • ଭୁବନେଶ୍ୱର • ଶନିବାର • ୧ ଜୁନ ୨୦୨୪ • ପୃଷ୍ଠା-୧୬ • ଟ.୬.୦୦


# ପ୍ରାଣଘାତୀ ତାତି

## ଅଂଶୁଘାତ

### ୭ ରାଜ୍ୟରେ ୭୯ ମୃତ



■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ଭାରତର ଅନେକ ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ଜଳ ସଙ୍କଟ ସହିତ ଅସହ୍ୟ ତାତି ଜୀବନକୁ ଦୁର୍ବିସହ କରିଦେଇଛି। ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରବଳ ଖରା ଯୋଗୁଁ ଲୋକେ ଚାଲୁ ଚାଲୁ ଟଳି ପଡୁଛନ୍ତି। ଦିନକୁ ଦିନ ସ୍ଥିତି ଅତ୍ୟନ୍ତ ଗୁରୁତର ହେବାରେ ଲାଗିଛି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ୭ ରାଜ୍ୟରେ ୭୯ ଜଣଙ୍କ ମୃତ୍ୟୁ ହୋଇଛି। ଏହି ସମୟରେ ବିହାରରେ ସର୍ବାଧିକ ୪୪ ଜଣଙ୍କ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରେ ୧୦ ଜଣ ପୁଲିଂ କର୍ମଚାରୀ ସାମିଲ ଅଛନ୍ତି। ବିହାରର ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ଅଂଶୁଘାତ ଯୋଗୁଁ ଭୋଜପୁର ଜିଲ୍ଲାରେ ସର୍ବାଧିକ ଲୋକଙ୍କ ଜୀବନ ଯାଇଛି। ସେଠାରେ ନିର୍ବାଚନ ଦାୟିତ୍ୱରେ ଥିବା ୫ଜଣ ସରକାରୀ କର୍ମଚାରୀଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଛି। ଏହା ଛଡ଼ା ରୋହତସ୍‌ରେ ୩ ଜଣ, କାଇମୁର୍ ଏବଂ ଔରଙ୍ଗାବାଦ ଜିଲ୍ଲାରେ ଜଣେ ଲେଖାଏଁ ପୁଲିଂ କର୍ମଚାରୀ ପ୍ରାଣ ହରାଇଛନ୍ତି। ସେହିପରି ଔରଙ୍ଗାବାଦର ▶ପୃଷ୍ଠା-୯

**ବିହାରରେ ୧୦ ପୁଲିଂ କର୍ମଚାରୀଙ୍କ ସମେତ ୪୪ ଜଣଙ୍କ ମୃତ୍ୟୁ**

## ଜଳୁଛି ପଶ୍ଚିମ, ସିଝୁଛି ଉପକୂଳ

■ **ଭୁବନେଶ୍ୱର, ୩୧।୫ (ସମିସ):** ପଶ୍ଚିମ ଓଡ଼ିଶାରେ ଅସମ୍ଭାଳ ତାତି । ଆକାଶରୁ ଅଗ୍ନିବର୍ଷୀ ଖରା ସାରା ପଶ୍ଚିମ ଓଡ଼ିଶାକୁ ଅସ୍ତବ୍ୟସ୍ତ କରି ଦେଉଛି। ଉପକୂଳରେ ଗୁଳୁଗୁଳି ଅସହ୍ୟ। ଖରା ଓ ଗୁଳୁଗୁଳିରେ ଜୀବନ ଛାଡ଼ି ଯାଉଛି। ତାତି ଯୋଗୁଁ ଗତକାଲି ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିବା ବେଳେ ଆଜି ୨୪ ଘଣ୍ଟା ମଧ୍ୟରେ ଆଉ ୨୬ଜଣଙ୍କ ମୃତ୍ୟୁ ହୋଇଥିବା ସେମାନଙ୍କ ପରିବାର ପକ୍ଷରୁ ଦାବି ହୋଇଛି।

**୨୪ ଘଣ୍ଟାରେ ୨୬ ଅଂଶୁଘାତ ମୃତ୍ୟୁ!**

**ଟିଟିଲାଗଡ଼ରେ ୪୬.୫ ଡିଗ୍ରୀ, ବଲାଙ୍ଗିରରେ ୪୬.୪ ଡିଗ୍ରୀ**

**୪୩ ଡିଗ୍ରୀ ଉପରେ ପଶ୍ଚିମ ଓଡ଼ିଶାର ୧୨ ସହରର ତାପମାତ୍ରା**

ତେବେ ସରକାରୀ ଭାବେ ଏପର୍ଯ୍ୟନ୍ତ ଅଂଶୁଘାତରେ ୫ଜଣଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରାଯାଇଥିବା ବେଳେ ଅନ୍ୟମାନଙ୍କ ମୃତ୍ୟୁକୁ ନେଇ ଅନୁଧ୍ୟାନ କରାଯାଉଥିବା ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିସନର୍ (ଏସ୍‌ଆର୍‌ସି) କହିଛନ୍ତି। ▶ପୃଷ୍ଠା-୯

**ଅଂଶୁଘାତ ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶନାମା ଜାରି**

## ସନ୍ଦିଗ୍ଧ ମୃତକଙ୍କ ବ୍ୟବଚ୍ଛେଦ ବାଧ୍ୟତାମୂଳକ

■ **ଭୁବନେଶ୍ୱର, ୩୧।୫ (ସମିସ):** ରାଜ୍ୟରେ ସନ୍ଦେହଜନକ ଅଂଶୁଘାତ ମୃତ୍ୟୁ ମାମଲାରେ ମୃତଦେହର ବ୍ୟବଚ୍ଛେଦ ବାଧ୍ୟତାମୂଳକ। ସମସ୍ତ ସନ୍ଦେହଜନକ ଅଂଶୁଘାତ ମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ ବିନା ମୃତଦେହ ଛଡ଼ାଯିବ ନାହିଁ। ଏଥିସହ ସ୍ଥାନୀୟ ମେଡିକାଲ ଅଫିସର ଏବଂ ରାଜସ୍ୱ ବିଭାଗ ଅଧିକାରୀ ମିଳିତ ଭାବେ ମୃତ୍ୟୁର ତଦନ୍ତ କରିବା ପରେ ବିଭାଗକୁ ତୁରନ୍ତ ପ୍ରଦାନ କରାଯିବ। ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନି ପଣ୍ଡିତ ସମସ୍ତ ମେଡିକାଲ କଲେଜ ଏବଂ ଜିଲ୍ଲା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖି ଉପରୋକ୍ତ ▶ପୃଷ୍ଠା-୯

## ଲୋକକଥା



ଅନ୍ତିମ ପର୍ଯ୍ୟାୟ ମତଦାନ ଆଜି
ସରିଯିବ ଗୋଳ-କନ୍ଦଳ,
ଚାଆରି ଜୁନ୍ ବଖାଣିବ କିଏ
ଶକ୍ତିଶାଳୀ, କିଏ ଦୁର୍ବଳ ।
ଛାଡୁ ଯିଏ ଯେତେ ହେଣ୍ଟାଳ,
ଇଭିଏମ୍ ଖୋଲିଲେ କା' ଶିରେ ମୁକୁଟ
ଫାଟିବ କାହାର କପାଳ !!

## ଜଗଦ୍ଦେବଙ୍କୁ ମିଳିଲାନି ଜାମିନ୍

### ପିତାମ୍ବର ଆଚାର୍ଯ୍ୟଙ୍କ ସମେତ ୪୦ ଓକିଲଙ୍କ ଯୁକ୍ତି ବିଫଳ



■ **ଖୋର୍ଦ୍ଧା, ୩୧।୫(ସମିସ):** ଭୋଟ ଦେବାକୁ ଯାଇ ଗତ ଶନିବାର ବୁଥ୍‌ରେ ଗଣ୍ଡଗୋଳ କରି ଥିବା ଚିଲିକା ବିଧାୟକ ତଥା ଖୋର୍ଦ୍ଧା ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କ ଜାମିନ ଖାରଜ ହୋଇଛି। ଖୋର୍ଦ୍ଧା ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟ ଶୁକ୍ରବାର ପ୍ରଶାନ୍ତ ଜଗଦ୍ଦେବଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଶୁକ୍ରବାର ଏଡିଜେ-୨ କୋର୍ଟରେ ପ୍ରଶାନ୍ତଙ୍କ ଜାମିନ୍ ଆବେଦନର ଶୁଣାଣି ହୋଇଥିଲା।

ପ୍ରକାଶଥାଉକି, ଗତ ୨୫ ତାରିଖରେ ୧୧୪ନଂ କାଉଁରୀଆପାଟଣା ବୁଥ୍‌ରେ ବିଜେପିର ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ଶ୍ରୀ ଜଗଦ୍ଦେବ ଭୋଟ ଦେବାକୁ ଯାଇ ପୁଲିଂ ଅଫିସରଙ୍କୁ ଧମକ ଦେବା ସହ ସରକାରୀ ସମ୍ପତ୍ତି ନଷ୍ଟ କରିବା, ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ଅଭିଯୋଗରେ ପୁଲିସ ତାଙ୍କୁ ଗିରଫ କରିଥିଲା। ଖୋର୍ଦ୍ଧା ଜେଲ୍‌ର ୨ନଂ ସେଲ୍‌ରେ ପ୍ରଶାନ୍ତ ଥିବାବେଳେ ଅସୁସ୍ଥତା ଅନୁଭବ କରିବାରୁ ୨୯ ତାରିଖ ରାତିରେ ତାଙ୍କୁ କଟକ ମେଡିକାଲରେ ଭର୍ତ୍ତି କରାଯାଇଛି। ଏବେ ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ତେବେ ତାଙ୍କର ଜାମିନ ପାଇଁ ଓକିଲ ପ୍ରଭାତ ଦାସ ଜିଲ୍ଲା ଅତିରିକ୍ତ ଦୌରା ଜଜ୍ ପ୍ରଥମଙ୍କ ନିକଟରେ ଆବେଦନ କରିଥିଲେ। ଅତିରିକ୍ତ ଦୌରାଜଜ୍ ପ୍ରଥମଙ୍କ ଅନୁପସ୍ଥିତିରେ ଅତିରିକ୍ତ ▶ପୃଷ୍ଠା-୯

### ନିର୍ବାଚନୀ ବ୍ୟସ୍ତତାର ଅବସାନ; ଫୁରସତ୍‌ରେ ନବୀନ


## ବହି କିଣିଲେ, ସେଲ୍‌ଫି ଦେଲେ






■ **ଭୁବନେଶ୍ୱର, ୩୧।୫ (ସମିସ):** ଶୁକ୍ରବାର ସମୟ ସନ୍ଧ୍ୟା ୭ଟା ୪୦। ରାଜଧାନୀର ଅନ୍ୟତମ ବ୍ୟସ୍ତବହୁଳ ଛକ ମାଷ୍ଟରକ୍ୟାଣ୍ଟିନ୍‌ରେ ଥିବା 'ମଡର୍ଣ୍ଣ ବୁକ୍ ଡିପୋ'ରେ ଅପ୍ରତ୍ୟାଶିତ ଭାବେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ହଠାତ୍ ମୁଖ୍ୟମନ୍ତ୍ରୀଙ୍କୁ ବହି ଦୋକାନରେ ଦେଖି ଚଳଚଞ୍ଚଳ ଓ ଗହଳଚହଳ ଭରା ଏହି ଛକର ସମସ୍ତ ଦୃଷ୍ଟି ତାଙ୍କ ଉପରେ କେନ୍ଦ୍ରୀଭୂତ ହୋଇଯାଇଥିଲା। ଅତି ସାଧାରଣ ଲୋକ ଭଳି ମୁଖ୍ୟମନ୍ତ୍ରୀଙ୍କ ଏହି ଆଗମନକୁ ଦେଖି ଓ ତାଙ୍କୁ ଏତେ ପାଖରୁ ପାଇ ସମସ୍ତେ ବେଶ ଖୁସି ବ୍ୟକ୍ତ କରିଥିଲେ। ବହି ଦୋକାନୀ ଓ ସେଠାରେ ଥିବା ଅନ୍ୟ କର୍ମଚାରୀମାନେ ଖୁସିରେ ଗଦ୍‌ଗଦ୍ ହୋଇଯାଇଥିଲେ। ମୁଖ୍ୟମନ୍ତ୍ରୀ ବହି ଦୋକାନ ଭିତରକୁ ପ୍ରବେଶ କରି ନିଜର ପସନ୍ଦ ପ୍ରକୃତି ଓ ଐତିହାସିକ ବହି ସବୁ ଦେଖିବାକୁ ଲାଗିଲେ। 'ଟଲ୍ ମ୍ୟାନ୍ ବିଜୁ ପଟ୍ଟନାୟକ'ଠୁ ଆରମ୍ଭ କରି ଏକାଧିକ ପ୍ରକୃତି ଓ ଇତିହାସକୁ ନେଇ ରଚିତ ପୁସ୍ତକ ଦେଖିବା ପରେ 'କେପ୍ଟ ସିକ୍ରେଟ୍ ଅଫ୍ ଶିମିଳିପାଳ' ଓ 'ଏରିୟନ୍ସ' ପୁସ୍ତକ କିଣିଥିଲେ। ନିଜେ ପକେଟରୁ ଟଙ୍କା କାଢ଼ିଲେ, ଗଣିଗଣି ଦୋକାନୀଙ୍କୁ ବହିର ମୂଲ୍ୟ ଦେଲେ। ଏହି ସମୟରେ ସେଠାରେ ପହଞ୍ଚିଥିବା ସାନସାନ ପିଲାମାନଙ୍କୁ ସେଲ୍‌ଫି ଦେଇ ଦୋକାନୀଙ୍କୁ ବହିର ଉଚିତ୍ ମୂଲ୍ୟ ପ୍ରଦାନ କରି ଫେରିଥିଲେ।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନିର୍ବାଚନ ପ୍ରଚାର ଓ ତତ୍‌ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ଶେଷ ହୋଇଛି। ଏବେ କିଛି ସମୟ ଫୁରସତ୍ ମିଳିଛି। ଏହି ମୁହୂର୍ତ୍ତକୁ ଉପଭୋଗ କରିବା ପାଇଁ କିଛି ପୁସ୍ତକ କିଣିବା ପାଇଁ ଏଠାକୁ ଆସିଥିଲି। ଓଡ଼ିଶାର ପ୍ରସିଦ୍ଧ ତଥା ଜୈବମଣ୍ଡଳ ସମ୍ବନ୍ଧୀୟ ପୁସ୍ତକ ସଂଗ୍ରହ କରି ସେ ବେଶ ଖୁସି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି 'ମଡ଼ର୍ଣ୍ଣ ବୁକ୍ ଡିପୋ'ର ମାଲିକ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋ ଦୋକାନକୁ ଆସିଲେ, ମୋତେ ବହୁତ ଖୁସି ଲାଗିଲା। ସେ ପ୍ରକୃତି ଓ ଇତିହାସ ସମ୍ବନ୍ଧୀୟ ପୁସ୍ତକ ଦେଖିଲେ ଓ ଦୁଇଟି ବହି କିଣିନେଲେ। ଆଗାମୀ ଦିନରେ ▶ପୃଷ୍ଠା-୯

### କେନ୍ଦ୍ର ସରକାରଙ୍କୁ ରାଜସ୍ଥାନ ହାଇକୋର୍ଟଙ୍କ ପରାମର୍ଶ

# ଗ୍ରୀଷ୍ମ ପ୍ରବାହକୁ ଜାତୀୟ ବିପତ୍ତି ଘୋଷଣା କର

ନୂଆଦିଲ୍ଲୀ, ୩୧।୫(ଏଜେନ୍ସି)

ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ଅସହ୍ୟ ତାତି ଯୋଗୁଁ ଦେଶର ବିଭିନ୍ନ ପ୍ରାନ୍ତରେ ଶହଶହ ଲୋକଙ୍କ ମୃତ୍ୟୁ ଘଟିଛି। ରାଜସ୍ଥାନର ଫୁଲୋଦି ଓ ଚୁରୁ ଭଳି ଅନେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୫୦ ଡିଗ୍ରୀ ସେଲସିୟସ୍‌କୁ ଟପିଛି। ଏପରି ସମୟରେ ଗ୍ରୀଷ୍ମପ୍ରବାହକୁ ଜାତୀୟ ବିପତ୍ତି ଘୋଷଣା କରିବାକୁ ରାଜସ୍ଥାନ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏହା ସହିତ କୋର୍ଟ କହିଛନ୍ତି ଯେ ଆମର ଆଉ ଏକ ଗ୍ରହ ନାହିଁ ଯେ ଦରକାର ପଡ଼ିଲେ ପୃଥିବୀକୁ ଛାଡ଼ି ସେଠାକୁ ଚାଲିଯିବା। ଯଦି ଏବେ ଘାତକ ଗ୍ରୀଷ୍ମ ଲହରରୁ ବର୍ତ୍ତିବା ପାଇଁ ବଳିଷ୍ଠ ପଦକ୍ଷେପ ନ ନେବା ତେବେ ଭବିଷ୍ୟତ ପିଢ଼ିର ଉନ୍ମେଷ ଦେଖିବାର ସୁଯୋଗରୁ ସବୁଦିନ ପାଇଁ ବଞ୍ଚିତ ହେବା। ସରକାର ଗ୍ରୀଷ୍ମ ପ୍ରବାହକୁ ଜାତୀୟ ବିପତ୍ତି ଘୋଷଣା କରିବା ଉଚିତ। ଏପରି କରାଗଲେ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ ଯେପରି ଜରୁରୀକାଳୀନ ସରକାରୀ ସହାୟତା (ରିଲିଫ୍) ଦିଆଯାଉଛି ସେପରି ଗ୍ରୀଷ୍ମପ୍ରବାହ ପ୍ରଭାବିତଙ୍କୁ ଆବଶ୍ୟକ ରିଲିଫ୍ ତୁରନ୍ତ ମିଳିପାରନ୍ତା। ତାପ ଓ ହିମ ପ୍ରବାହ ଜନିତ ମୃତ୍ୟୁ ନିରାକରଣ ବିଲ୍-୨୦୧୫' ବିଷୟରେ ଉଲ୍ଲେଖ କରି କୋର୍ଟ କହିଛନ୍ତି ଯେ ଯଦି ସଂସଦରେ ଏହା ପାରିତ ହୁଅନ୍ତା ତେବେ ପ୍ରଚଣ୍ଡ ତାପ ଓ ହିମ ପ୍ରବାହକୁ ଜାତୀୟ ବିପତ୍ତି ଘୋଷଣା କରାଯାଇପାରନ୍ତା। ମେ' ମାସରେ ତାପପ୍ରବାହର ପ୍ରକୋପରୁ ଶହଶହ ଲୋକଙ୍କ ଜୀବନ ଯାଇଛି। ଅସହ୍ୟ ତାତିରୁ ଅଂଶୁଘାତ ଓ ଅନ୍ୟ ତାପ ସମ୍ବନ୍ଧିତ ଅସୁସ୍ଥତାରୁ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ବା ଅନୁକମ୍ପା ରାଶି ମିଳିବାର ବ୍ୟବସ୍ଥା ରାଜ୍ୟ ସରକାରମାନେ କରନ୍ତୁ ବୋଲି ହାଇକୋର୍ଟ ପରାମର୍ଶ ଦେଇଛନ୍ତି।



- ଦ୍ୱିତୀୟ ପୃଥିବୀ ନାହିଁ ଯେ ବିପତ୍ତି ପଡ଼ିଲେ ସେଠାକୁ ଚାଲିଯିବା
- ବଳିଷ୍ଠ ପଦକ୍ଷେପ ନ ନେଲେ ଆଗାମୀ ପିଢ଼ି ଉପରେ ବିପଦ
- ଗ୍ରୀଷ୍ମ ପ୍ରବାହ ଜନିତ ମୃତ୍ୟୁ ପାଇଁ କ୍ଷତିପୂରଣ ଦିଅନ୍ତୁ

### ଜଳବାୟୁ ପରିବର୍ତ୍ତନର କରୁଣ ଚିତ୍ର

## ମୀନାକ୍ଷିପୁରମ ପାଲଟିଲା ଭୂତ ଗାଁ

ମଦୁରାଇ, ୩୧।୫(ଏଜେନ୍ସି): ତାମିଲନାଡୁର ତୁତିକୋରିନ୍ ଜିଲ୍ଲାର ସିକାରାକୁଡି ପଞ୍ଚାୟତର ମୀନାକ୍ଷୀପୁରମ୍ ଗ୍ରାମରୁ ଜଳବାୟୁ ପରିବର୍ତ୍ତନର କରୁଣ ଚିତ୍ର ସାମ୍ନାକୁ ଆସିଛି। ଏଠାକାର ଶେଷ ବାସିନ୍ଦା ୭୩ ବର୍ଷୀୟ କଣ୍ଡାସାମୀ ନାଇକରଙ୍କ ଗତ ରବିବାର ଦିନ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁପରେ ଗ୍ରାମଟି ଏବେ ଜନଶୂନ୍ୟ ତଥା ଭୂତ ଗ୍ରାମ ପାଲଟିଛି। ୨୦୦୧ ଜନଗଣନା ବେଳେ ଏହି ଗ୍ରାମରେ ୧୨୯୬ ଜଣ ବାସିନ୍ଦା ଥିଲେ। ଅଧିକାଂଶ ବାସିନ୍ଦା ଥିଲେ କୃଷି ଉପରେ ନିର୍ଭର କରୁଥିଲେ। ହେଲେ ଦୁର୍ଦ୍ଦିନ ଏପରି ଆସିଲା ଯେ ଗ୍ରାମରେ ପାଣି ମିଳିଲା ନାହିଁ। କୂଅ, ପୋଖରୀ ସବୁ ଶୁଖିଗଲା। ୩/୪ କିଲୋମିଟର ଦୂରରୁ ପାଣି ବୋହି ଆଣିବାକୁ ପଡ଼ିଲା। ବର୍ଷବର୍ଷ ଧରି ସ୍ୱଳ୍ପ ବୃଷ୍ଟି, ଅନାବୃଷ୍ଟି ଓ ମରୁଡ଼ିରେ ପ୍ରପୀଡ଼ିତ ଯୋହୁଁ ପରିବାର ପ୍ରତିପୋଷଣ ମଧ୍ୟ କଠିନ ହୋଇ ଯାଇଥିଲା। ଅନାହାର ମୃତ୍ୟୁ ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ଲୋକେ ବାଧ୍ୟ ହୋଇ ଗାଁ ଛାଡ଼ି ସପରିବାର ଅନ୍ୟତ୍ର କର୍ମସଂସ୍ଥାନ ସନ୍ଧାନରେ ଚାଲିଗଲେ। ଦିନେ ଯାହା ଚାଷ ଜମି ଥିଲା, ଯେଉଁଠି ବିଭିନ୍ନ ଫସଲ ହେଉଥିଲା, ତାହା ଜଳବାୟୁ ପରିବର୍ତ୍ତନ କାରଣରୁ ବୁଦା, ଛୋଟ ଛୋଟ କଣ୍ଟା ଗଛର ଜଙ୍ଗଲ ଏବଂ ପଡ଼ିଆ ପାଲଟି ଗଲା। ସମସ୍ତେ ଚାଲିଗଲେ, ହେଲେ ଜନ୍ମ ମାଟିର ମୋହ ତୁଟାଇନପରି ବୃଦ୍ଧ କଣ୍ଡାସାମୀ ଏଠାରେ ପଡ଼ି ରହିଥିଲେ। ସେ ଗାଁର ମୋହ ତୁଟାଇ ପାରି ନ ଥିଲେ। ଏଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିବାକୁ ଚାହୁଁଥିଲେ। ସେ ଶେଷ ସମୟ ପର୍ଯ୍ୟନ୍ତ ନିଜେ ରୋଷେଇ କରି ଖାଉଥିଲେ। କାହା ଉପରେ ନିର୍ଭରଶୀଳ ନ ଥିଲେ। ଏବେ ସେ ବି ଚାଲିଗଲେ ଆରପାରିକୁ। ଗ୍ରାମ ଏବେ ନିର୍ଜନ ହୋଇଗଲା। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏକ ଗାଁ ନିଜ ପରିଚୟ ହରାଇ ଦେଲା।




## ଦିଲ୍ଲୀରେ ଉତ୍କଟ ଜଳ ସଙ୍କଟ: ପାଣି ପାଇଁ ସୁପ୍ରିମକୋର୍ଟରେ ସରକାର



ନୂଆଦିଲ୍ଲୀ,୩୧।୫(ଏଜେନ୍ସି): ଦିଲ୍ଲୀବାସୀ ଏବେ ଉତ୍କଟ ଜଳସଙ୍କଟର ସମ୍ମୁଖୀନ ହୋଇଛନ୍ତି। ବିଭିନ୍ନ ଅଞ୍ଚଳରେ ଲୋକେ ଖାଲି ଗରା, ବାଲଟି ଓ ପାଇପ୍ ଧରି ଫୁଟ୍‌ପାଥ୍‌ରେ ଧାଡ଼ିରେ ଠିଆ ହୋଇ ପାଣି ଟ୍ୟାଙ୍କରକୁ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି। ଦୀର୍ଘ ଦିନ ଧରି ପ୍ରଚଣ୍ଡ ଗ୍ରୀଷ୍ମ ଲହର ଦିଲ୍ଲୀର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବା ବେଳେ ଜଳର ଚାହିଦା ଏତେ ବଢ଼ିଛି ଯେ ଯୋଗାଣ ସମ୍ଭବ ହୋଇପାରୁ ନାହିଁ। ଏତିକି ବେଳେ ପଡ଼ୋଶୀ ରାଜ୍ୟମାନେ ଦିଲ୍ଲୀକୁ ଜଳ ଯୋଗାଣ ହ୍ରାସ କରିଛନ୍ତି। ଏହାକୁ ନେଇ ଦିଲ୍ଲୀ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହିମାଚଳ ପ୍ରଦେଶରୁ ହରିୟାଣା ଅସୁଥିବା ଜଳକୁ ଦିଲ୍ଲୀ ପର୍ଯ୍ୟନ୍ତ ଆସିବାକୁ ଦେବାକୁ ହରିୟାଣା ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ନିବେଦନ କରିଛନ୍ତି। ଜଳ ସଙ୍କଟ ଯୋଗୁଁ ଉନ୍ନତ ଜୀବନଯାପନର ଅଧିକାର ଉଲ୍ଲଙ୍ଘନ ହେଉଛି ବୋଲି କହିଛନ୍ତି। ସେହିପରି ଦିଲ୍ଲୀ ଜଳ ସମ୍ବଳ ବିଭାଗ ମନ୍ତ୍ରୀ ଆତିଶୀ ମର୍ଲେନ ଆଜି ହରିୟାଣା, ଉତ୍ତରପ୍ରଦେଶ ଓ ହିମାଚଳ ପ୍ରଦେଶ ସରକାରଙ୍କୁ ଦିଲ୍ଲୀର ଜଳ କଷ୍ଟ ନିବାରଣ ପାଇଁ ଯଥାଶୀଘ୍ର କିଛି କରିବାକୁ ନିବେଦନ କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ବିଜେପି ନେତୃବୃନ୍ଦଙ୍କୁ ନିବେଦନ କରି କହିଛନ୍ତି, ଦିଲ୍ଲୀର ଜଳ ସଙ୍କଟକୁ ନେଇ ରାଜନୀତି କରିବାରୁ କ୍ଷାନ୍ତ ହୋଇ ଦିଲ୍ଲୀକୁ ଆଗାମୀ ମାସକ ପାଇଁ ଆବଶ୍ୟକ ମୁତାବକ ଜଳ ଯୋଗାଇବାକୁ ହରିୟାଣା ଓ ଉତ୍ତରପ୍ରଦେଶର ବିଜେପି ସରକାରକୁ ବୁଝାଇଲେ ଦିଲ୍ଲୀବାସୀ ଆଶ୍ୱସ୍ତ ହୁଅନ୍ତେ।

## ମଲାଇକା-ଅର୍ଜୁନଙ୍କ ବ୍ରେକ୍‌ଅପ୍

ମୁମ୍ବାଇ, ୩୧।୫ (ଏଜେନ୍ସି): ଗତ କିଛି ମାସ ହେଲା ଅର୍ଜୁନ କପୁର (୩୮) ଏବଂ ମଲାଇକା ଆରୋରା (୫୦) ପ୍ରେମ ସମ୍ପର୍କ ଭାଙ୍ଗି ଯାଇଥିବା ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ଏବେ ଏହା ସ୍ପଷ୍ଟ ହୋଇଯାଇଛି। ଉଭୟଙ୍କ କିଛି ଘନିଷ୍ଠ ବ୍ୟକ୍ତି ବ୍ରେକ୍‌ଅପ୍ ହୋଇଥିବା ସ୍ପଷ୍ଟ କରିଛନ୍ତି। ମାତ୍ର ମାଲାଇକା ଏବଂ ଅର୍ଜୁନ ଏ ପର୍ଯ୍ୟନ୍ତ ଏହାକୁ ନେଇ କୌଣସି ମନ୍ତବ୍ୟ ଦେଇନାହାନ୍ତି। ଲୋକେ ଏହାକୁ ନେଇ ଜିରାରୁ ଶିରା କାଢ଼ନ୍ତୁ ବୋଲି ଉଭୟେ ଚାହୁଁନାହାନ୍ତି। ସଲ୍‌ମାନ ଖାନ୍‌ଙ୍କ ଭାଇ ଅରବାଜ ଖାନ୍‌ଙ୍କ ପୂର୍ବତନ ପତ୍ନୀ ମଲାଇକା ଦୀର୍ଘ ଦିନ ହେଲା ଅର୍ଜୁନଙ୍କ ସହ ସମ୍ପର୍କ ରଖିଥିଲେ। ତେବେ ବିବାହକୁ ନେଇ ସମ୍ପର୍କରେ ଜୁଆରଭଟ୍ଟା ଆସିଥିଲା ବୋଲି କୁହାଯାଉଛି। ଜଣେ ବିବାହ କରିବାକୁ ଚାହୁଁଥିବାବେଳେ ଅନ୍ୟ ଜଣେ ଏଥିପାଇଁ ଅଧିକ ସମୟ ମାଗୁଥିଲେ।



● ଭାରତର ପ୍ରଥମ ଘଟଣା

## ଗୁପ୍ତାଙ୍ଗରେ ସୁନା ଚୋରାଚାଲାଣ କରି ବିମାନ ପରିଚାରିକା ଗିରଫ

କନ୍ନୁର, ୩୧।୫ (ଏଜେନ୍ସି): କେରଳ କନ୍ନୁରୁ ବିମାନ ପରିଚାରିକା (ଏୟାର ହୋଷ୍ଟେସ) ସୁରଭି ଖାତୁନଙ୍କୁ ଗିରଫ କରାଯାଇଛି। ସେ ଗୁପ୍ତାଙ୍ଗରେ ସୁନା ଚୋରା ଚାଲାଣ କରି ରାଜସ୍ୱ ଗୁଇନ୍ଦା ମହାନିର୍ଦ୍ଦେଶାଳୟ (ଡିଆରଆଇ) ଅଧିକାରୀଙ୍କ ହାତରେ ଧରା ପଡ଼ିଛନ୍ତି। ଏହା ଭାରତର ପ୍ରଥମ ମାମଲା। କୋଲକାତାର ବାସିନ୍ଦା। ସେ ଗତ ୨୮ ତାରିଖରେ ମସ୍କଟରୁ କନ୍ନୁରରେ ପହଞ୍ଚି ଥିଲେ। ତାଙ୍କ ଗୁପ୍ତାଙ୍ଗରୁ ୯୬୦ ଗ୍ରାମ ସୁନା ମିଳିଥିଲା। ସୁରଭିଙ୍କୁ ଗିରଫ କରି ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ୧୪ ଦିନ ପାଇଁ ରିମାଣ୍ଡକୁ ପଠାଇ ଦେଇଛନ୍ତି।



● ଦିଲ୍ଲୀ-ସାନ୍ ଫ୍ରାନ୍‌ସିସ୍‌କୋ ବିମାନ ୩୦ ଘଣ୍ଟା ବିଳମ୍ବିତ

## ବିନା ଏସିରେ ୬ ଘଣ୍ଟା ରହିଲେ ୨୦୦ ଯାତ୍ରୀ



ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ଦିଲ୍ଲୀରୁ ସାନ ଫ୍ରାନ୍‌ସିସ୍‌କୋ ଯାଉଥିବା ଏୟାର ଇଣ୍ଡିଆ (ଏଆଇ) ର ଏକ ବିମାନ ୩୦ ଘଣ୍ଟାରୁ ଅଧିକ ସମୟ ବିଳମ୍ବିତ ହୋଇଛି। ଏହି ବିମାନ ଗୁରୁବାର ଦ୍ୱିପହର ୩ଟା ୨୦ରେ ବିମାନବନ୍ଦର ଛାଡିବାର ଥିଲା, ମାତ୍ର ଏହା ଶୁକ୍ରବାର ରାତି ସୁଦ୍ଧା ଉଡ଼ାଣ ଆରମ୍ଭ କରିନାହିଁ। ଏଥିପାଇଁ ଏହି ବିମାନରେ ଯାତ୍ରା କରିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି। ସୂଚନା ଅନୁଯାୟୀ ଏଆଇର ବିମାନ (ଏଆଇ ୧୮୩)ରେ ଶିଶୁ, ବୃଦ୍ଧଙ୍କ ସମେତ ୨୦୦ ଯାତ୍ରୀ ଥିଲେ। ଗୁରୁବାର ସମସ୍ତ ଯାତ୍ରୀ ବିମାନରେ ବସି ସାରିଥିଲେ। ଏହା ପରେ ବିମାନର ଏୟାର କଣ୍ଡିସନିଂ ବ୍ୟବସ୍ଥା କାମ କରୁନଥିବା ଜଣା ପଡ଼ିଥିଲା। ଯାତ୍ରୀ ପ୍ରାୟ ୬ ଘଣ୍ଟା ପର୍ଯ୍ୟନ୍ତ ବିମାନର ଏସି ଠିକ୍ ହେବାକୁ ଅପେକ୍ଷା କରିଥିଲେ। ଏହି ସମୟରେ ବିନା ଏସିରେ ବିମାନରେ ବସିଥିବା କିଛି ଲୋକ ଚେତା ହରାଇ ଥିଲେ। ଏହା ପରେ ବିମାନ ରାତି ୧୦ଟାରେ ଛାଡ଼ିବ ବୋଲି କୁହାଯାଇଥିଲା। ତେଣୁ ସମସ୍ତେ ବିମାନରୁ ଫେରି ଆସିଥିଲେ। ରାତି ୭ଟା୩୦ରେ ଯାତ୍ରୀ ପୁଣି ବିମାନରେ ଚଢ଼ିଥିଲେ। ଏହି ସମୟରେ ମଧ୍ୟ ଏସି ଠିକ୍ ହୋଇ ନ ଥିଲା। ଘଣ୍ଟାଏ ପରେ ଯାତ୍ରୀ ପୁଣି ବାହାରକୁ ଆସି ଯାଇଥିଲେ। ବିମାନବନ୍ଦରକୁ ଫେରିବା ପାଇଁ ଏରୋବ୍ରିଜ ଖୋଲିବାକୁ ଘଣ୍ଟାଏ ପର୍ଯ୍ୟନ୍ତ ଚାହିଁ ବସି ଥିଲେ। ଏହି ମାମଲାକୁ ନେଇ ଡିଜିସିଏ ପକ୍ଷରୁ ଏୟାର ଇଣ୍ଡିଆକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

## ମୋ ଜୀବନ ଚାଲିଗଲେ ଦୁଃଖ କରିବନି: କେଜ୍ରିୱାଲ

ନୂଆଦିଲ୍ଲୀ,୩୧।୫(ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ୨୧ ଦିନର ଜାମିନ ଅବଧି ଶନିବାର ଶେଷ ହେଉଛି। ଜେଲ୍‌ରେ ଆତ୍ମସମର୍ପଣ କରିବାର ଦିନକ ପୂର୍ବରୁ ସେ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ଏଥିରେ କେନ୍ଦ୍ର ସରକାର ଏବଂ ଜେଲ୍ ଅଧିକାରୀ ଉତ୍ପୀଡ଼ନ ଦେଉଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଦେଶକୁ ଏକଛତ୍ରଶାସନରୁ ବଞ୍ଚାଇବା ପାଇଁ ଜେଲ୍‌କୁ ଯାଉଛି। ରବିବାର ୩ଟାରେ ଆତ୍ମସମର୍ପଣ କରିବି। ଏହି ଥର ଯଦି ମୋ ଜୀବନ ଚାଲିଯାଏ ତେବେ ଦୁଃଖ କରିବେ ନାହିଁ। ଜେଲ୍‌ରେ ମୋତେ ଉତ୍ପୀଡ଼ନ ଦେବାକୁ ପୁଣି ପ୍ରୟାସ କରାଯିବ। ଏମାନେ ମୋତେ ନୁଆଁଇବାକୁ ପୂର୍ବରୁ ପ୍ରୟାସ କରିଆସିଛନ୍ତି। କିନ୍ତୁ ସଫଳ ହୋଇନାହାନ୍ତି। ଜେଲ୍‌ରେ ଥିବା ସମୟରେ ଅନେକ କଷ୍ଟ ଦେଇଥିଲେ। ଔଷଧ ଦେଇ ନ ଥିଲେ। ଯେଉଁଠି ରହିଲେ ବି ମୋତେ କିଛି ଫରକ ପଡିବ ନାହିଁ।

● ପୁନେ ପୋର୍ସେ ମାମଲାରେ ସତ ମାନିଲେ ସାଙ୍ଗ

## ମଦ ପିଇ ଡ୍ରାଇଭିଂ କରୁଥିଲେ ଅଭିଯୁକ୍ତ

ବେଙ୍ଗାଲୁରୁ,୩୧।୫(ଏଜେନ୍ସି): ବହୁ ଚର୍ଚ୍ଚିତ ପୁଣେ ପୋର୍ସେ କାର୍ ଦୁର୍ଘଟଣା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଅଭିଯୁକ୍ତ ନାବାଳକ ମଦ ପିଇ ଗାଡ଼ି ଚଲାଉ ଥିଲେ ବୋଲି ତାଙ୍କ ସାଙ୍ଗମାନେ ପୁଲିସକୁ କହିଛନ୍ତି। ସେମାନେ ସ୍ୱୀକାର କରିଛନ୍ତି ଯେ, ଦୁର୍ଘଟଣା ସମୟରେ ଗାଡିର ବେଗ ଘଣ୍ଟା ପ୍ରତି ୨୦୦ କିଲୋମିଟର ଥିଲା। ନାବାଳକଙ୍କୁ ଦୋଷମୁକ୍ତ କରିବା ପାଇଁ ତାଙ୍କ ପରିବାର ଏକାଧିକ ଷଡ଼ଯନ୍ତ୍ର ରଚିଥିଲେ। ଡ୍ରାଇଭର ଗାଡ଼ି ଚଲାଉଥିଲା ଦାବି କରିବା ସହ ଏଥିପାଇଁ ତାଙ୍କୁ ଲାଞ୍ଚ ମଧ୍ୟ ଦେଇଥିଲେ। ଏପରିକି ନାବାଳକଙ୍କ ରକ୍ତ ନମୂନା ପରୀକ୍ଷା ପାଇଁ ଯେତେବେଳେ କୁହାଯାଇଥିଲା, ତାଙ୍କ ମାଆ ରକ୍ତ ଦେଇଥିଲେ। ଏସବୁ ମାମଲା ସାମ୍ନାକୁ ଆସିବା ପରେ ଗୋଟିଏ ମିଛକୁ ଲୁଚାଇବା ପାଇଁ କେତେ ପ୍ରକାର ମିଛ କାହାଣୀ ଲେଖାଯାଉଛି ତାହା ସ୍ପଷ୍ଟ ହୋଇଯାଉଛି।

## ଆମେରିକା ଅସ୍ତ୍ରଶସ୍ତ୍ରରେ ରୁଷ୍ ଉପରେ ଆକ୍ରମଣ କରିବ ୟୁକ୍ରେନ

ୱାଶିଂଟନ, ୩୧।୫ (ଏଜେନ୍ସି): ରୁଷ୍-ୟୁକ୍ରେନ ଯୁଦ୍ଧ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ରୁଷ୍ ବିରୋଧରେ ଆମେରିକା ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାକୁ ୟୁକ୍ରେନକୁ ଅନୁମତି ଦେଇଛନ୍ତି। ଆମେରିକା ଅଧିକାରୀମାନେ କହିଛନ୍ତି ଯେ ରୁଷ୍ ସେନା ଦାଉରୁ ଖାରକିଭକୁ ସୁରକ୍ଷିତ ରଖିବା ପାଇଁ ୟୁକ୍ରେନ ଏଟିଏସିଏମଏସ କ୍ଷେପଣାସ୍ତ୍ର ବ୍ୟବହାର କରିପାରିବ। ଏହା ମାଧ୍ୟମରେ ୩୦୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିହେବ। ଏହି କ୍ଷେପଣାସ୍ତ୍ର ଦ୍ୱାରା ସିଧାସଳଖ ରୁଷ୍ ଉପରେ ମଧ୍ୟ ଆକ୍ରମଣ କରାଯାଇପାରିବ। ତେବେ ରୁଷ୍ ସୀମା ଭିତରେ ଏହାକୁ ବ୍ୟବହାର କରାଯାଇପାରିବ ନାହିଁ। ସୂଚନାଯୋଗ୍ୟ ଯେ ରୁଷ୍ ଗତ ୧୦ ତାରିଖରେ ଖାରକିଭରେ ଜୋରଦାର ଆକ୍ରମଣ କରିଥିଲା। ଏହା ପରେ ଆମେରିକା ସହିତ ପଶ୍ଚିମ ଦେଶଗୁଡିକୁ ଦେଇଥିବା ଅସ୍ତ୍ରଶସ୍ତ୍ରକୁ ରୁଷ୍ ବିରୋଧରେ ବ୍ୟବହାର କରିବାକୁ ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେନ୍‌ସ୍କି ଏହି ଦେଶଗୁଡିକୁ ଅନୁମତି ମାଗିଥିଲେ।

### କନ୍ୟାକୁମାରୀରେ ମୋଦୀଙ୍କ ଧ୍ୟାନକୁ ବିରୋଧ

## ହାଇକୋର୍ଟ ଗଲା ତାମିଲନାଡୁ କଂଗ୍ରେସ

କନ୍ୟାକୁମାରୀ, ୩୧।୫ (ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କନ୍ୟାକୁମାରୀର ବିବେକାନନ୍ଦ ଶିଳା ସ୍ମାରକରେ ଧ୍ୟାନ କରୁଛନ୍ତି। ଶୁକ୍ରବାର ସକାଳେ ସେ ଧ୍ୟାନ କରୁଥିବାର ଫଟୋ ସାମ୍ନାକୁ ଆସିଥିଲା। ସେ ଶନିବାର ସକାଳ ୧୦ଟା ପର୍ଯ୍ୟନ୍ତ ଏଠାରେ ରହିବେ। ଅନ୍ୟପକ୍ଷରେ ବିରୋଧୀ ଦଳ ଏହାକୁ ଆଦର୍ଶଆଚରଣବିଧି(ଏମସିସି)ର ଉଲ୍ଲଙ୍ଘନ କହୁଛନ୍ତି। ପ୍ରଧାନମନ୍ତ୍ରୀ ନିଜ ପଦର ଅପବ୍ୟବହାର କରୁଛନ୍ତି ବୋଲି ତାମିଲନାଡୁ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏହା ବିରୋଧରେ ରାଜ୍ୟ କଂଗ୍ରେସ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏହି ଆବେଦନରେ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଉପରେ କେହି ଆପତ୍ତି ଉଠାଇ ପାରିବେ ନାହିଁ, ମାତ୍ର ଅନ୍ତିମ ପର୍ଯ୍ୟାୟ ମତଦାନର ନିରବତା ଅବଧିରେ ଏଭଳି ଗସ୍ତ ଏମସିସି ଉଲ୍ଲଙ୍ଘନ କରୁଛି। ସେ ହିନ୍ଦୁ ଭାବନାକୁ ଉସୁକାଇବାକୁ ପ୍ରୟାସ କରୁଛନ୍ତି। ନିଜ ପଦର ଅପବ୍ୟବହାର କରି ଭୋଟ୍ ହାସଲ ଲାଗୁ ଉଦ୍ୟମ କରୁଛନ୍ତି। ତେଣୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ। ଅନ୍ୟପଟେ ମୋଦୀଙ୍କ ଗସ୍ତକୁ ବିରୋଧ କରି ଥନ୍ଥାଇ ପେରିୟର ଦ୍ରାବିଡ଼ର କଡ଼ଗମ ସଂଗଠନ ମଦୁରାଇରେ କଳା ପତାକା ଉଡ଼ାଇଛି। ଏହି ସଂଗଠନ ମୋଦୀ ଫେରିଯାଅ ସ୍ଲୋଗାନ ଦେଇଛି।



■ ପଦର ଅପବ୍ୟବହାର କରୁଛନ୍ତି ପ୍ରଧାନମନ୍ତ୍ରୀ

## ବିଭବ କୁମାରଙ୍କୁ ହାଜତ ମିଆଦ ବୃଦ୍ଧି

ନୂଆଦିଲ୍ଲୀ, ୩୧।୫(ଏଜେନ୍ସି): ସ୍ୱାତୀ ମାଲିୱାଲଙ୍କୁ ମାଡମାରିବା ମାମଲାରେ ଶୁକ୍ରବାର ଦିଲ୍ଲୀ କୋର୍ଟ ଅରବିନ୍ଦ କେଜ୍ରିୱାଲଙ୍କ ବ୍ୟକ୍ତିଗତ ସଚିବ ବିଭବ କୁମାରଙ୍କୁ ଆଉ ୧୪ ଦିନ ପାଇଁ ହେପାଜତକୁ ପଠାଇ ଦେଇଛନ୍ତି। ବିଭବଙ୍କର ତିନିଦିନିଆ ପୁଲିସ ହେପାଜତ ସରିବା ପରେ ତାଙ୍କୁ ଆଜି ତିସ୍ ହାଜିର କୋର୍ଟରେ ହାଜର କରାଯାଇଥିଲା। ଦିଲ୍ଲୀ ପୁଲିସ ଆଉ ୧୪ ଦିନିଆ ରିମାଣ୍ଡରେ ନେବାପାଇଁ ଆବେଦନ କରିଥିଲେ। ମାତ୍ର ଏହାକୁ ବିଭବଙ୍କ ଓକିଲ ରଜତ ଭରଦ୍ୱାଜ ବିରୋଧ କରିଥିଲେ।

## ଦିଲ୍ଲୀ ହସ୍ପିଟାଲ ଅଗ୍ନିକାଣ୍ଡ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି

ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ଦିଲ୍ଲୀ ବିବେକ ବିହାର ସ୍ଥିତ ଚାଇଲ୍ଡ ହସ୍ପିଟାଲ ଅଗ୍ନିକାଣ୍ଡ ଜନିତ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଛି। ଶୁକ୍ରବାର ୫୦ ଦିନର ଶିଶୁ ପ୍ରାଣ ହରାଇଛି। ପୁଲିସ ଏବଂ ହସ୍ପିଟାଲ ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ୨୫ ତାରିଖ ରାତିରେ ହସ୍ପିଟାଲ କୋଠାରେ ଥିବା ଜେନେରେଟରୁ ସର୍ଟ ସର୍କିଟ ହୋଇ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିଯିବା ପରେ ହସ୍ପିଟାଲ କର୍ମଚାରୀ ନବଜାତକଙ୍କୁ ଛାଡ଼ି ପଳାଇ ଥିଲେ। ସେହି ଦିନ ୬ ନବଜାତକଙ୍କ ମୃତ୍ୟୁ ହୋଇଥିଲା।

## ଶ୍ରୀକୃଷ୍ଣ ଜନ୍ମଭୂମି ମାମଲାର ରାୟ ସଂରକ୍ଷିତ

ପ୍ରୟାଗରାଜ, ୩୧।୫ (ଏଜେନ୍ସି): ଶ୍ରୀକୃଷ୍ଣ ଜନ୍ମଭୂମି-ସାହି ଇଦଗାହ ବିବାଦ ମାମଲାର ୧୮ ଆବେଦନ ଉପରେ ଆହ୍ଲାବାଦ ହାଇକୋର୍ଟରେ ଶୁକ୍ରବାର ଶୁଣାଣି ଶେଷ ହୋଇଛି। ଜଷ୍ଟିସ ମୟଙ୍କ କୁମାର ଜୈନଙ୍କ ଏକକ ଖଣ୍ଡପୀଠ ଏହି ମାମଲାର ରାୟକୁ ସଂରକ୍ଷିତ ରଖି ଦେଇଛନ୍ତି। ଖରା ଛୁଟି ପରେ କୋର୍ଟ ରାୟ ଶୁଣାଇ ପାରନ୍ତି। ଏଥିରେ ହିନ୍ଦୁ ପକ୍ଷ ଦାଏର କରିଥିବା ସବୁ ଆବେଦନ ଶୁଣାଣି ପାଇଁ ଯୋଗ୍ୟ କି ନୁହେଁ ତାହା ଧାର୍ଯ୍ୟ ହୋଇଯିବ। ତେବେ ଏହାକୁ ସାହି ଇଦଗାହ କମିଟିର ଓକିଲ ବିରୋଧ କରିଥିଲେ। ଏହି ସବୁ ମାମଲା ଶୁଣାଣି ଯୋଗ୍ୟ ନୁହେଁ ବୋଲି ଯୁକ୍ତି ବାଢ଼ିଥିଲେ। ମାମଲା ପୂଜା ସ୍ଥଳ ନିୟମ, ୧୯୯୧ ଏବଂ ୱାକଫ ଆଇନ ସହ ଜଡ଼ିତ ରହିଛି।

### କର୍ଣ୍ଣାଟକ ସେକ୍ସ ସ୍କାଣ୍ଡାଲ ମାମଲା

## ସାଂସଦ ପ୍ରଜ୍ୱଳଙ୍କୁ ଗିରଫ କଲା ମହିଳା ପୁଲିସ ଟିମ୍

ବାଙ୍ଗାଲୁରୁ, ୩୧।୫(ଏଜେନ୍ସି)

ଜନତା ଦଳ ସେକୁଲାର (ଜେଡିଏସ) ସାଂସଦ ତଥା ହାସନ ଆସନର ଏନ୍‌ଡିଏ ପ୍ରାର୍ଥୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବେଗୌଡ଼ାଙ୍କ ନାତି ପ୍ରଜ୍ୱଳ ରେଭନ୍ନାଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଜର୍ମାନୀର ମ୍ୟୁନିଚ୍‌ରୁ ଗୁରୁବାର ଅପରାହ୍ନରେ ବାହାରି ଆଜି ପ୍ରତ୍ୟୁଷରେ ସେ ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚି ଥିଲେ। ଏହା ପରେ ସଙ୍ଗେ ସଙ୍ଗେ କର୍ଣ୍ଣାଟକ ପୁଲିସ୍‌ର ମହିଳା ଆଇପିଏସ୍ ଅଧିକାରୀଙ୍କ ନେତୃତ୍ୱାଧୀନ ଏକ ମହିଳା ଟିମ୍ ତାଙ୍କୁ ଗିରଫ କରିଥିଲା। ପ୍ରଜ୍ୱଳଙ୍କ ମୋବାଇଲ୍ ଓ ଦୁଇଟି ଚେକ୍-ଇନ୍ ବ୍ୟାଗ ଜବତ କରାଯାଇ ତାଙ୍କୁ ସିଆଇଡି କାର୍ଯ୍ୟାଳୟକୁ ନିଆଯାଇଥିଲା। ମହିଳାଙ୍କୁ ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୁକ୍ତଙ୍କୁ ମହିଳା ପୁଲିସ୍ ଟିମ୍ ଦ୍ୱାରା ଗିରଫ କରାଯିବା ଭିନ୍ନ ଏକ ବାର୍ତ୍ତା ଦେଇଛି। ସିଆଇଡି ଦପ୍ତରରେ ପ୍ରଜ୍ୱଳ ମହିଳାମାନଙ୍କୁ ଯୌନ ଉତ୍ପୀଡ଼ନ ଦେଇ ଦୁଇ ହଜାରରୁ ଅଧିକ ସଂଖ୍ୟକ ଅଶ୍ଳୀଳ ଭିଡିଓ ତିଆରି କରିଥିବା ସମ୍ପର୍କରେ ଜେରାର ସମ୍ମୁଖୀନ ହୋଇଛନ୍ତି। ଏସ୍‌ଆଇଟି ବେଙ୍ଗାଲୁରୁର ବାଓରିଂ ହସପିଟାଲରେ ପ୍ରଜ୍ୱଳଙ୍କ ଡାକ୍ତରୀ ପରୀକ୍ଷା କରାଇ ତାଙ୍କୁ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ସମ୍ମାରେ ହାଜର କରାଇଥିଲା। ଅଧିକ ପଚରାଉଚରା ପାଇଁ ରିମାଣ୍ଡରେ ନେବାକୁ ଏସଆଇଟି ଆବେଦନ କରିବାରୁ ଅଦାଲତ ପ୍ରଜ୍ୱଳଙ୍କୁ



୬ଦିନିଆ ରିମାଣ୍ଡରେ ପୁଲିସ୍ ହେପାଜତକୁ ପଠାଇଛନ୍ତି। ୩୩ ବର୍ଷୀୟ ପ୍ରଜ୍ୱଳଙ୍କ ପୁରୁଷତ୍ୱ ବା ଯୌନ ସକ୍ଷମତା ପରୀକ୍ଷଣ(ପୋଟେନ୍ସି ଟେଷ୍ଟ) କରାଇବାକୁ ମଧ୍ୟ ଏସ୍‌ଆଇଟି ଯୋଜନା ରଖିଛି। ପ୍ରଜ୍ୱଳଙ୍କ ପୂର୍ବତନ ଘରୋଇ ସହାୟିକା ପୁଲିସ୍‌ରେ ଲିଖିତ ଅଭିଯୋଗ କରିଥିଲେ ଯେ ପ୍ରଜ୍ୱଳ ତାଙ୍କୁ ବହୁବାର ଯୌନ ଉତ୍ପୀଡ଼ନ ଦେଇଛନ୍ତି। ରେଭନ୍ନାଙ୍କ ଘରେ ଘରୋଇ ସହାୟିକାଭାବେ କାର୍ଯ୍ୟରେ ଯୋଗ ଦେବାର ୪ମାସ ପରେ ପ୍ରଜ୍ୱଳ ତାଙ୍କୁ ତାଙ୍କ କୋଠରୀକୁ ଡ଼କାଇବା ଆରମ୍ଭ କରିଥିଲେ। ପ୍ରଜ୍ୱଳଙ୍କ ମା' ଘରେ ନଥିବା ବେଳେ ପ୍ରଜ୍ୱଳ ମହିଳା କର୍ମଚାରୀଙ୍କୁ ଷ୍ଟୋର୍ ରୁମ୍‌କୁ ଡକାଇ ଫଳ ଦେବା ବାହାନାରେ ଛୁଁଅନ୍ତି, ଶାଢ଼ି ପିନ୍ ବାହାର କରିଦିଅନ୍ତି ଓ ଯୌନ ଉତ୍ପୀଡ଼ନ ଦିଅନ୍ତି। ୪୭ ବର୍ଷ ବୟସ୍କା ମହିଳା ଜଣଙ୍କ ପ୍ରଜ୍ୱଳଙ୍କ ପିତା ଏଚ୍‌ଡି ରେଭନ୍ନାଙ୍କୁ ମଧ୍ୟ ସହଅଭିଯୁକ୍ତ ଦର୍ଶାଇଛନ୍ତି। ଏଚ୍‌ଡି ରେଭନ୍ନା ହୋଲିନାରାସିପୁର'ର ବିଧାୟକ ଅଛନ୍ତି। ପୋଲିସ୍ ଆଇପିସିର ଧାରା ୩୫୪(ଏ), ୩୫୪(ଡି), ୫୦୬ ଓ ୫୦୯ରେ ପ୍ରଜ୍ୱଳ ଓ ତାଙ୍କ ପିତାଙ୍କ ବିରୋଧରେ କେସ୍ ପଞ୍ଜିକୃତ କରି ତଦନ୍ତ ଚଳାଇଛି। ମହିଳା ଏତଲା ଦେବାର କିଛି ଘଣ୍ଟା ପରେ ପ୍ରଜ୍ୱଳ ଗତ ଏପ୍ରିଲ ୨୭ ତାରିଖରେ ଜର୍ମାନୀ ଚାଲି ଯାଇଥିଲେ। ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ପାଇଁ କର୍ଣ୍ଣାଟକ ସରକାର ଏସ୍‌ଆଇଟି ଗଠନ କରିଛନ୍ତି। ଜର୍ମାନୀରେ ପ୍ରାୟ ଏକ ମାସ ରହିବା ପରେ ପ୍ରଜ୍ୱଳ ଆଜି ଫେରିଛନ୍ତି ଓ ତାଙ୍କୁ ଗିରଫ କରାଯାଇଛି।





# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-335 ◆BHUBANESWAR ◆SATURDAY ◆1 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୩୫ ◆ଭୁବନେଶ୍ୱର ◆ଶନିବାର ◆୧ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


**ନିର୍ବାଚନର ଅନ୍ତିମ ପର୍ଯ୍ୟାୟ**

# ଭୋଟ ଆଜି

## ୫୭ ସଂସଦୀୟ କ୍ଷେତ୍ରରେ ମତଦାନ

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ଗଣତନ୍ତ୍ରର ବଡ଼ ପର୍ବ ଶେଷ ହେବାକୁ ବସିଛି। ଶନିବାର ଲୋକସଭା ନିର୍ବାଚନର ଅନ୍ତିମ ପର୍ଯ୍ୟାୟ (ସପ୍ତମ) ମତଦାନ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ୧ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଲୋକସଭା ଆସନରେ ଭୋଟରମାନେ ମତଦାନ କରିବେ। ଏଥିରେ ଉତ୍ତର ପ୍ରଦେଶର ୧୩ , ପଞ୍ଜାବର ୧୩, ବିହାରର ୮, ପଶ୍ଚିମବଙ୍ଗର ୯, କେନ୍ଦ୍ର ଶାସିତ ଅଞ୍ଚଳ ଚଣ୍ଡିଗଡ଼ର ୧, ହିମାଚଳ ପ୍ରଦେଶର ୪, ଓଡ଼ିଶାର ୬, ଝାଡ଼ଖଣ୍ଡର ୩ ଲୋକସଭା ଆସନ ସାମିଲ ରହିଛି। ଏହି ୫୭ ଲୋକସଭା ଆସନରେ ପଞ୍ଜାବର ୩୨୮ , ଉତ୍ତର ପ୍ରଦେଶର ୧୪୪, ବିହାରର ୧୩୪, ଓଡ଼ିଶାର ୬୬, ଝାଡ଼ଖଣ୍ଡର ୫୨, ହିମାଚଳ ପ୍ରଦେଶର ୩୭ ଓ ଚଣ୍ଡିଗଡ଼ର ୪- ଏହିଭଳି ମୋଟ ୯୦୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବାରାଣସୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ(ବାରାଣସୀ) ଏବଂ କଂଗ୍ରେସର ଅଜୟ ରାୟ, ମଣ୍ଡିରୁ କଙ୍ଗନା ରାଣାୱତ ଏବଂ କଂଗ୍ରେସର ବିକ୍ରମାଦିତ୍ୟ ସିଂହ, ଗୋରଖପୁରରୁ ରବି କିଷନ ଏବଂ କାଜଲ ନିଷାଦ (ସମାଜବାଦୀ ପାର୍ଟି), ହମିରପୁରରୁ ଅନୁରାଗ ଠାକୁର ଏବଂ ସତପାଲ ସିଂହ ରାଏଜାଦା(କଂଗ୍ରେସ), ଡାଏମଣ୍ଡ ହାର୍ବରରୁ ଟିଏମ୍‌ସିର ଅଭିଷେକ ବାନାର୍ଜୀ ଲଢୁଛନ୍ତି।

## ୬ ଲୋକସଭା ଓ ୪୨ ବିଧାନସଭା ନିର୍ବାଚନମଣ୍ଡଳୀରେ ଶେଷ ଲଢ଼େଇ

**୪୬୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ ୯୯.୬୧ଲକ୍ଷ ମତଦାତା**


**୧୦୮୮୨ ବୁଥରେ ୭୨ ହଜାର ପୋଲିଂ କର୍ମଚାରୀ ନିୟୋଜିତ**


■ **ଭୁବନେଶ୍ୱର, ୩୧।୫ (ସମିସ):** ଶନିବାର ରାଜ୍ୟରେ ହେବ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ମତଦାନ। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତସିଂହପୁର ଆଦି ୬ଟି ସଂସଦୀୟ କ୍ଷେତ୍ର ଓ ଏହା ଅଧୀନରେ ଥିବା ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟ୍ ଗ୍ରହଣ ହେବ। ଏଥି ନିମନ୍ତେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ବେଳେ ପୁଲିଂ ଅଧିକାରୀମାନେ ମଧ୍ୟ ସମସ୍ତ ପ୍ରକ୍ରିୟା ଶେଷ କରିଛନ୍ତି। ଏହି ୬ଟି ଲୋକସଭା କ୍ଷେତ୍ରରେ ମୋଟ ୬୬ ଜଣ ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୫୫ ଜଣ ପୁରୁଷ ଏବଂ ୧୧ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି।



ସେହିପରି ୪୨ ବିଧାନସଭା ଆସନ ପାଇଁ ମୋଟ ୩୯୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ସେମାନଙ୍କ ମଧ୍ୟରେ ପୁରୁଷ ୩୩୬ ଜଣ ଏବଂ ମହିଳା ୫୮ ଜଣ ରହିଛନ୍ତି। ମୋଟ ୪୬୦ ଜଣ ପ୍ରାର୍ଥୀ ନିର୍ବାଚନୀ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ବେଳେ ଏହି ପର୍ଯ୍ୟାୟରେ ମୋଟ ୯୯,୬୧,୦୫୭ ଜଣ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡ଼ିଛି।

ଏହି ପର୍ଯ୍ୟାୟରେ ମୋଟ ୧୦,୮୫୭ଟି ମତଦାନ କେନ୍ଦ୍ର ଓ ୨୫ଟି ଅତିରିକ୍ତ ମତଦାନ କେନ୍ଦ୍ରକୁ ମିଶାଇ ମୋଟ୍ ୧୦,୮୮୨ ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଏହି ସମସ୍ତ ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ଭୋଟ୍‌ଗ୍ରହଣ ପ୍ରକ୍ରିୟା ଆରମ୍ଭ ▶ପୃଷ୍ଠା-୯

ରଥଖଳାରୁ...

# କମାରଶାଳରେ ତିଆରି ଚାଲିଛି ଦଣ୍ଡା କଣ୍ଟା



ପୁରୀ, ୩୧।୫(ସମିସ): ରଥଖଳାରେ ତିନିରଥ ନିର୍ମାଣ କାମ ଜୋର୍‌ଦାର ଆଗେଇ ଚାଲିଛି। ତିନିରଥର ମୁଖ୍ୟ ମହାରଣାଙ୍କ ନେତୃତ୍ୱରେ ଚକ, ଅଖ ଏବଂ ଅନ୍ୟାନ୍ୟ କାମ କରାଯାଉଛି। ଭଉଁରୀରେ ଚକ ଡେରା ନୀତି ସମ୍ପନ୍ନ ପରେ ଏବେ ଚକ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମହାରଣା ସେବକ ଲାଗିପଡ଼ିଛନ୍ତି। ତିନିରଥର ୪୨ଟି ଚକ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦେବଦଳନ ୧୨) ମଧ୍ୟରୁ ରବିବାର ସୁଦ୍ଧା ୩୦ଟି ଚକ ନିର୍ମାଣ ଶେଷ ହୋଇଛି। ତେବେ ଆଉ ୩/୪ ଦିନ ମଧ୍ୟରେ ୪୨ଟି ଯାକ ଚକ ପ୍ରସ୍ତୁତ ହୋଇଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ କୁଡୁକା, ଜଳଯନ୍ତ୍ର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ତିନିରଥର ଭୂଇଁ ନିର୍ମାଣ ପାଇଁ (ପ୍ରତ୍ୟେକ ରଥର ତିନିଭୂଇଁ ନିର୍ମାଣରେ ୧୨ଗୋଟି ଭୂଇଁଚଉଡା ଲାଗିଥାଏ) ୫ଟି ଲେଖାଏ ଭୂଇଁ ଚଉଡା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏତଦ୍‌ବ୍ୟତୀତ ପ୍ରତ୍ୟେକ ରଥର ୪ଟି ଲେଖାଏ ନିରାଡ଼ି ମଧ୍ୟ ଶେଷ ପର୍ଯ୍ୟାୟରେ ହୋଇଛି। ରୂପକାର ସେବକମାନେ ଖୋଦେଇ କରୁଛନ୍ତି। ତିନିରଥ ୧୧ଟି ଲେଖାଏ ସାଲ ଗୁଜରେ ରୂପ ଖୋଦେଇ ଜାରି ରଖିବା ସହ ଖୋଦେଇ ସରିଥିବା ରୂପଗୁଡ଼ିକର ପୋଲିସ ମଧ୍ୟ କରୁଛନ୍ତି। ଏତଦ୍‌ବ୍ୟତୀତ ତିଖ ଗୁଜଗୁଡ଼ିକରେ ସିଂହ ବିରାଳ ରୂପ ଖୋଦେଇ କରୁଛନ୍ତି। ସେହିପରି ଦୋଳବେଦୀ ପରିସର କମାର ଶାଳରେ ଓଝା ସେବକମାନେ ତିନିରଥର ଦଣ୍ଡା ପାଇଁ ଘଡ଼ିମୁହଁ ଦଣ୍ଡା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର, ୩୧।୫(ସମିସ):

ଓଡ଼ିଶାରେ ଆସନ୍ତାକାଲି ଚତୁର୍ଥ ପର୍ଯ୍ୟାୟ ମତଦାନ ହେବ। ଏହି ପର୍ଯ୍ୟାୟକୁ ଶାନ୍ତିଶୃଙ୍ଖଳା, ଅବାଧ, ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ଅନୁଷ୍ଠିତ କରିବା ପାଇଁ ରାଜ୍ୟ ପୁଲିସ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

**୨୧ ପ୍ରତିଶତ ବୁଥ୍ ସମ୍ବେଦନଶୀଳ**

**ନିୟୋଜିତ ହେବେ ୩୬ ହଜାର ପୁଲିସ ଫୋର୍ସ**

**୮୪୩ ମୋବାଇଲ ପାଟ୍ରୋଲିଂ ପାର୍ଟି ମଧ୍ୟ ନିର୍ବାଚନକୁ ତତ୍ତ୍ୱାବଧାନ କରିବେ**

ପୁଲିସ ସେବା ଭବନରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ କହିଛନ୍ତି ଯେ, ଶେଷ ପର୍ଯ୍ୟାୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରପଡ଼ା, କଟକ ଗ୍ରାମାଞ୍ଚଳ, ଜଗତସିଂହପୁର, ପୁରୀ ଏବଂ କଟକ ସହରାଞ୍ଚଳରେ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହେବ। ବିଗତ ତିନି ପର୍ଯ୍ୟାୟରେ ୧୫ଟି ଲୋକସଭା ଏବଂ ୧୦୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ପ୍ରାୟ ୨୬ ହଜାରରୁ ଉର୍ଦ୍ଧ୍ୱ ବୁଥରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ପ୍ରକ୍ରିୟା ସମାପ୍ତ ହୋଇସାରିଛି।



ସେଥିମଧ୍ୟରୁ ବୌଦ୍ଧ ଜିଲ୍ଲାର କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀର ମାତ୍ର ଦୁଇଟି ବୁଥ୍‌ରେ ପୁନଃ ମତଦାନ ହୋଇଛି। ଏହି ଅବସରରେ ଡିଜିପି ଶ୍ରୀ ଷଡ଼ଙ୍ଗୀ କହିଥିଲେ ଯେ, ଚତୁର୍ଥ ପର୍ଯ୍ୟାୟରେ ୬ଟି ଲୋକସଭା ଓ ୪୨ଟି ବିଧାନସଭା କ୍ଷେତ୍ର ପାଇଁ ମତଗ୍ରହଣ କରାଯିବ। ସେଥିପାଇଁ ୯ ପୁଲିସ ଜିଲ୍ଲାରେ ୮୭୫୨ ସ୍ଥାନରେ ୧୦୮୮୨ ମତଦାନ କେନ୍ଦ୍ର ମଧ୍ୟରୁ ପାଖାପାଖି ୨୧ଧ ବୁଥ୍ ସମ୍ବେଦନଶୀଳ ଅଟେ। ନିର୍ବାଚନ ପରିଚାଳନାର ସୁରକ୍ଷା ଲାଗି ବିଭିନ୍ନ ପାହ୍ୟାର ୩୬ ହଜାର ପୁଲିସ କର୍ମଚାରୀଙ୍କ ମୁତୟନ କରାଯାଇଛି। ଯେଉଁଥିରେ ୧୨୬ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ, ୮୬ ପ୍ଲାଟୁନ ଆର୍ମଡ୍ ପୁଲିସ ଫୋର୍ସ ଅଛନ୍ତି। ୪୪ ଜଣ ଅତିରିକ୍ତ ଏସ୍‌ପି, ୯୯ ଡିଏସ୍‌ପି, ୨୧୦ ଇନ୍ସପେକ୍ଟର, ୨୫୮୩ ଏସଆଇ/ ଏଏସ୍‌ଆଇ ସହ ୯୪୭୬ କନଷ୍ଟେବଳ, ହାବିଲଦାର, ୮୦୮୩ ଗୃହରକ୍ଷୀ ଓ ଗ୍ରାମରକ୍ଷୀ ନିର୍ବାଚନ ପରିଚାଳନାରେ ନିୟୋଜିତ ହୋଇଛନ୍ତି। ୪ ଜଣ ଯୁବ ଆଇପିଏସ ଅଧିକାରୀଙ୍କୁ ଜଗତସିଂହପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲାରେ ମୁତୟନ କରାଯାଇଛି। ସେହିପରି ୮୪୩ ମୋବାଇଲ ପାଟ୍ରୋଲିଂ ପାର୍ଟି ମଧ୍ୟ ନିର୍ବାଚନକୁ ତତ୍ତ୍ୱାବଧାନ କରିବେ ବୋଲି ଡିଜିପି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି।

ସେହିପରି ଆଇନଶୃଙ୍ଖଳା ରକ୍ଷା ଓ ନିର୍ବାଚନ ପରିଚାଳନା ପାଇଁ ୯ ପୁଲିସ ଜିଲ୍ଲାରେ ୬୦ଟି ନତଖି ଫାଟକ ରହିଛି। ସୀମାଗୁଡିକୁ ସିଲ୍ କରାଯାଇ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ଫ୍ଲାଇଙ୍ଗ ସ୍କ୍ୱାଡ୍ ଗଠନ କରାଯାଇଛି। ନିର୍ବାଚନ ହେବାକୁ ଥିବା ୯ ଜିଲ୍ଲାରେ ୨୫୫ଟି ଫ୍ଲାଇଙ୍ଗ ସ୍କ୍ୱାଡ୍ ରହିଛନ୍ତି। ଏହାବ୍ୟତୀତ ୨୫୫ଟି ଷ୍ଟାଟିକ ସର୍ଭେଲାନ୍ସ ଟିମ ପରିଭ୍ରମଣ କରୁଛନ୍ତି। ଏହି ୯ ଟି ଜିଲ୍ଲାରେ ୧୩ଟି ଇଭିଏମ ଷ୍ଟ୍ରଙ୍ଗରୁମ୍ ରହିଛି। ନିର୍ବାଚନ ପରେ ସେଠାରେ ଇଭିଏମଗୁଡିକ ରଖାଯିବ। ଏହି ଇଭିଏମ ସୁରକ୍ଷା ଲାଗି ଦୁଇସ୍ତରରେ ସୁରକ୍ଷା ଦାୟିତ୍ୱ ବିଭକ୍ତ କରାଯାଇଛି ବୋଲି ଡିଜିପି କହିଛନ୍ତି।

ନିର୍ବାଚନ ପାଇଁ ସାରା ରାଜ୍ୟରେ ଜୋର୍‌ଦାର୍ ଚେକିଂ ଚାଲିଛି। ଜାନୁୟାରୀ ପହିଲାରୁ ବର୍ତ୍ତମାନ ସୁଦ୍ଧା ୬.୦୭ କୋଟି ଟଙ୍କା ଜବତ କରାଯାଇଛି। ପ୍ରାୟ ୯୧.୩ କୋଟି ମୂଲ୍ୟର ପ୍ରଲୋଭନ ସାମଗ୍ରୀ ଧରାପଡ଼ିଛି। ୭ ଲକ୍ଷ ୧୩୦ ଲିଟର ମଦ ଜବତ କରା ଯାଇଥିବା ବେଳେ ୪୦୩୦ ବେପାରୀଙ୍କୁ ଗିରଫ କରାଯାଇଛି। ୧୧ ଜଣଙ୍କୁ ଏନଏସଏରେ ବୁକିଂ କରାଯାଇଛି। ୮୬୦.୭୮ କୁଇଣ୍ଟାଲ ଗଞ୍ଜେଇ, ୫ କେଜି ବ୍ରାଉନ ସୁଗର, ୪୬୩୦ ଲିଟର କଫ ସିରପ ଜବତ କରାଯାଇଛି। ୧୨୦୫ ଟି ମାମଲା ପଞ୍ଜିକରଣ କରାଯାଇଥିବା ବେଳେ ୧୨୫୮ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ କମିସନରେଟ ପୁଲିସ ଅଞ୍ଚଳରୁ ୩ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ତଡ଼ିପାର୍ କରାଯାଇଛି ବୋଲି ଡିଜିପି ଶ୍ରୀ ଷଡ଼ଙ୍ଗୀ କହିଥିଲେ।

ନିର୍ବାଚନ ପ୍ରକ୍ରିୟାକୁ ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରାଯିବା ନିମନ୍ତେ ସମସ୍ତ କ୍ଷେତ୍ରରେ ନିରପେକ୍ଷ ଭୂମିକା ଗ୍ରହଣ କରାଯାଉଛି। ଏହି ଅବସରରେ ନିର୍ଦ୍ଦେଶକ (ଏସସିଆରବି) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଅପରେସନ) ଶ୍ରୀ ଏସ. ଦେବଦତ୍ତ ସିଂ, ଆଇଜିପି (ବିପିଏସପିଏ) ଶ୍ରୀମତୀ ଏସ. ସାଇନୀ, ଆଇଜିପି (କ୍ରାଇମ ବ୍ରାଞ୍ଚ) ସଫିନ ଅହମ୍ମଦ, ଏଆଇଜିପି (ମୁଖ୍ୟାଳୟ) ବାତୁଳା ଗଙ୍ଗାଧର ଉପସ୍ଥିତ ଥିଲେ।

ଧର୍ମେନ୍ଦ୍ରଙ୍କ ମୁଣ୍ଡ କାମ କରୁନାହିଁ: ପ୍ରଣବ ପ୍ରକାଶ

# ବିଜେପିର ଶୋଚନୀୟ ପରାଜୟ ନିଶ୍ଚିତ ଜାଣି ଧର୍ମେନ୍ଦ୍ର ପ୍ରଧାନ ହତାଶ

ଭୁବନେଶ୍ୱର ୩୧।୫(ସମିସ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜାଣି ସାରିଲେଣି ଯେ ଚଳିତ ନିର୍ବାଚନରେ ବିଜେପି ଶୋଚନୀୟ ପରାଜୟ ଭୋଗିବାକୁ ଯାଉଛି। ତିନି ଚତୁର୍ଥାଂଶ ଆସନ ସହିତ ବିଜେଡି ପୁଣି ଥରେ ଓଡ଼ିଶାରେ ସରକାର ଗଢ଼ିବା ପ୍ରାୟ ନିଶ୍ଚିତ। ସେଥିପାଇଁ ଶ୍ରୀ ପ୍ରଧାନଙ୍କ ମୁଣ୍ଡ



**ମଞ୍ଚରୁ ଲୋକଙ୍କୁ ଧମକ ଦେଉଛନ୍ତି, ଟଙ୍କା ବଣ୍ଟା ଅଭିଯୋଗ କରୁଛନ୍ତି**

କାମ କରୁନାହିଁ; ତାଙ୍କୁ ହତାଶା ସମ୍ପୂର୍ଣ୍ଣ ଭାବେ ଗ୍ରାସ କରିଗଲାଣି ବୋଲି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି।

ଶ୍ରୀ ଦାସ ଆଜି ଟୁଇଟ୍ କରି କହିଛନ୍ତି ଯେ ଚଳିତ ନିର୍ବାଚନରେ ବିଜେପି ଶୋଚନୀୟ ପରାଜୟ ବରଣ କରିବାକୁ ଯାଉଛି। ଏହା ଜାଣିବା ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ମୁଣ୍ଡ କାମ କରିବା ବନ୍ଦ କରି ଦେଇଛି। ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଅପମାନସୂଚକ ମନ୍ତବ୍ୟ ଦେବା ଏବଂ ଅଶାଳୀନ ଭାଷା ପ୍ରୟୋଗ କରିଛନ୍ତି। ଏବେ ଆସନ୍ନ ପରାଜୟକୁ ଦେଖି ମଞ୍ଚ ଉପରୁ ନିଜ ଭାଷଣରେ ଲୋକଙ୍କୁ ପ୍ରତ୍ୟକ୍ଷ ଭାବେ ଧମକ ଦେବାକୁ ମଧ୍ୟ ସେ ପଛାଇ ନାହାନ୍ତି। ଆଉ ଏବେ ଶେଷରେ ଟଙ୍କା ବାଣ୍ଟିବାର ଅଭିଯୋଗ ଆଣୁଛନ୍ତି। ସେ କେତେ ହତାଶ ଓ ନିରାଶ ହୋଇଯାଇଛନ୍ତି ତାହା ଏଥିରୁ ସ୍ପଷ୍ଟ ବାରିହୋଇ ପଡୁଛି ବୋଲି ଶ୍ରୀ ଦାସ କହିଛନ୍ତି।

# ସିଇଓଙ୍କୁ ଫେରାଦ ହୋଇ ତଦନ୍ତ ଦାବି କଲା ବିଜେଡି


## ବାରମ୍ବାର ଅଭିଯୋଗ ପରେ ବି ଅର୍ଗସ୍ ନ୍ୟୁଜ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ

ଭୁବନେଶ୍ୱର ୩୧।୫(ସମିସ): ଅର୍ଗସ ନ୍ୟୁଜ ଚ୍ୟାନେଲ ବିରୋଧରେ ପୁଣି ଆସିଛି ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗ। ଭାରତୀୟ ନିର୍ବାଚନ କମିସନଙ୍କ ଆଦେଶକୁ ବେଖାତିର କରି ଏହି ନ୍ୟୁଜ୍ ଚ୍ୟାନେଲ ବିଜେପି ସପକ୍ଷରେ ଓପିନିଅନ ପୋଲ୍ ପ୍ରସାରଣ କରୁଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି ବିଜେଡି। ଆଜି ଅର୍ଗସ ଟିଭି ଏବଂ ଏହାର ୱେବ୍ ପୋର୍ଟାଲରେ ବିଜେପି ସପକ୍ଷରେ ଅଧିକ ଆସନ ମିଳିବ ବୋଲି ଓପିନିଅନ୍ ପୋଲ୍ ପ୍ରସାରଣ କରାଯାଇଛି। ଏହାର ପ୍ରମାଣ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ପ୍ରତିନିଧି ଦଳ ପକ୍ଷରୁ ଦାଖଲ କରାଯାଇଛି। ଆସନ୍ତା ୧ ତାରିଖରେ ଯାଜପୁରରେ ନିର୍ବାଚନ ହେବାକୁ ଯାଉଥିବା ବେଳେ ଗତକାଲି ଅର୍ଗସ୍ ନ୍ୟୁଜ୍ ଚ୍ୟାନେଲ ଫଳାଫଳ ପୂର୍ବାନୁମାନ କରି ବିତର୍କ କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା। ଏହାକୁ ନେଇ ମଧ୍ୟ ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲା। ଏହି ଚ୍ୟାନେଲକୁ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ବିଜେପି ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଚଳାଉଛନ୍ତି। ତେଣୁ ଏହି ଚ୍ୟାନେଲ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ବିଜେଡି ଦାବି କରିଛି।

**କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚଳାଉଛନ୍ତି ଏହି ଚ୍ୟାନେଲ୍**

ଦଳ ପକ୍ଷରୁ କୁହାଯାଇଛି ଯେ ଅର୍ଗସ୍ ଟିଭିର ବେଆଇନ୍ କାର୍ଯ୍ୟ ବିରୋଧରେ ବାରମ୍ବାର ଅଭିଯୋଗ କରାଯାଉ ଥିଲେ ସୁଦ୍ଧା ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନାହିଁ। ସେଥିପାଇଁ ଉକ୍ତ ନ୍ୟୁଜ୍ ଚ୍ୟାନେଲ ବାରମ୍ବାର ନିୟମ ବର୍ହିଭୂତ କାର୍ଯ୍ୟ କରି ଚାଲିଛି। ଯଦି ଅର୍ଗସ୍ ନ୍ୟୁଜ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଉଛି ତା ହେଲେ ଆମେ ମଧ୍ୟ ନିୟମ ଭଙ୍ଗ କରି ଖବର ପ୍ରସାରଣ କରିବା ପାଇଁ ବାଧ ହେବୁ ବୋଲି ଅନ୍ୟ ନ୍ୟୁଜ୍ ଚ୍ୟାନେଲ କହିବା ଆରମ୍ଭ କଲେଣି। ତେଣୁ ବିଳମ୍ବ ନ କରି ଅର୍ଗସ୍ ନ୍ୟୁଜ୍ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଜେଡି ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ରାଜ୍ୟସଭା ସାଂସଦ ଡ଼ ସସ୍ମିତ ପାତ୍ର, ତୁମ୍ବନାଥ ପଣ୍ଡା, ଓମ୍ ପ୍ରକାଶ ସାହୁ, ମାହିକ୍ଷୀତା ମିଶ୍ର, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ସୋଫିଆ ଆଲାମ ପ୍ରମୁଖ ସାମିଲ ହୋଇଥିଲେ।

## ଭୋଟରଙ୍କୁ ଟଙ୍କା ବାଣ୍ଟୁଛନ୍ତି ମନମୋହନ ସାମଲ



ଭୁବନେଶ୍ୱର ୩୧।୫(ସମିସ): ଚାନ୍ଦବାଲିରେ ବିଜେପି ବିଧାୟକ ପ୍ରାର୍ଥୀ ମନମୋହନ ସାମଲ ନିଜ ସମର୍ଥକଙ୍କ ଜରିଆରେ ଭୋଟରମାନଙ୍କୁ ଟଙ୍କା ବାଣ୍ଟୁଥିବା ନେଇ ପୁଣି ଥରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି ବିଜୁ ଜନତା ଦଳ। ଗତ ରାତିରେ ଶ୍ରୀ ସାମଲଙ୍କ ଦୃଢ଼ ସମର୍ଥକ ଦେବେନ୍ଦ୍ର ନାୟକ ଦୋଶିଙ୍ଗା ପଞ୍ଚାୟତରେ ଲୋକଙ୍କୁ ଟଙ୍କା ବାଣ୍ଟୁଥିଲେ। ରାଜ୍ୟରେ ଅବାଧ ନିର୍ବାଚନ ପାଇଁ ଯେଉଁ ଉଦ୍ୟମ ଚାଲିଛି ତାକୁ ବିଜେପି ନେତାମାନେ ବାରମ୍ବାର ପ୍ରଭାବିତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଏହା ପୂର୍ବରୁ ମଧ୍ୟ ଶ୍ରୀ ସାମଲଙ୍କ ବିରୋଧରେ ଟଙ୍କା ବଣ୍ଟା ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା ବିଜେଡି। ଆସନ୍ତା କାଲି ନିର୍ବାଚନ ହେବାକୁ ଥିବା ବେଳେ ଚାନ୍ଦବାଲି ବିଧାୟକ କ୍ରମାଗତ ଭାବେ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରି ଚାଲିଛନ୍ତି। ତେଣୁ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ମାହିକ୍ଷୀତା ମିଶ୍ର, ଓମ୍ ପ୍ରକାଶ ସାହୁ, ଇପ୍ସିତା ସାହୁ, ସୋଫିଆ ଆଲାମ, ମଧୁସ୍ମିତା ନାୟକ, ମିହିର ରାୟ ଏବଂ ତୁମ୍ବନାଥ ପଣ୍ଡା ସାମିଲ ଥିଲେ।

## ମଦ ଓ ଟଙ୍କା ବାଣ୍ଟି ଧରାପଡ଼ିଛନ୍ତି ବସ୍ତା ବିଜେପି ବିଧାୟକ ପ୍ରାର୍ଥୀ

ଭୁବନେଶ୍ୱର ୩୧।୫(ସମିସ): ରାତି ପାହିଲେ ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ହେବ। ସେଥିପାଇଁ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। କିନ୍ତୁ ବିଜେପି ନେତାମାନେ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ମଦ ଆଉ ଟଙ୍କା ବାଣ୍ଟିବାରେ ବ୍ୟସ୍ତ ଅଛନ୍ତି। ଏପରି ମାଳ ମାଳ ଅଭିଯୋଗ ଆସୁଥିବା ବେଳେ ବସ୍ତା ବିଜେପି ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଅନ୍ଦିଆଙ୍କ ବିରୋଧରେ ଅନୁରୂପ ଅଭିଯୋଗ କରିଛି ବିଜେଡି। ଦଳ କହିଛି ଯେ ବାଲିଆପାଳ ବ୍ଲକ ଅଧିନ ବରକାଉର୍ଦା ଗ୍ରାମରେ ବିଜେପି ବିଧାୟକ ପ୍ରାର୍ଥୀ ଗତ ରାତିରେ ସ୍ଥାନୀୟ ଲୋକଙ୍କୁ ଟଙ୍କା ଓ ମଦ ବାଣ୍ଟୁଥିଲେ। ଏହା ଜଣାପଡ଼ିବା ପରେ ବାଲିଆପାଳ ଥାନାରେ ଶ୍ରୀ ଅନ୍ଦିଆଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଲୋକଙ୍କୁ ମଦ ଓ ଟଙ୍କାରେ କିଣିବା ପାଇଁ ଶ୍ରୀ ଅନ୍ଦିଆ ଯେଉଁ ଉଦ୍ୟମ କରିଛନ୍ତି ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜୁ ଜନତା ଦଳ ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ସୁଲତା ଦେଓ, ସସ୍ମିତ ପାତ୍ର, ଅମିତ ମଲ୍ଲିକ୍, ସ୍ୱୟମ୍ ପ୍ରକାଶ ମହାପାତ୍ର, ତୁମ୍ବନାଥ ପଣ୍ଡା, ମିହିର ରାୟ, ଓମ୍ ପ୍ରକାଶ ସାହୁ, ମାହିକ୍ଷୀତା ମିଶ୍ର, ମଧୁସ୍ମିତା ନାୟକ, ସୋଫିଆ ଆଲାମ ଏବଂ ଇପ୍ସିତା ସାହୁ ଉପସ୍ଥିତ ଥିଲେ।

# ଟଙ୍କା ବାଣ୍ଟିବା ବେଳେ ବିଜେପି ପ୍ରାର୍ଥୀ ଅଟକ



ବାଲେଶ୍ୱର, ୩୧।୫(ସମିସ): ଚଳିତ ସାଧାରଣ ନିର୍ବାଚନରେ ବସ୍ତା ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦିତା କରୁଥିବା ବିଜେପି ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ ଗୁରୁବାର ରାତିରେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡକୌଦା ଗ୍ରାମରେ ମତଦାତାମାନଙ୍କୁ ଟଙ୍କା ବାଣ୍ଟୁଥିଲେ। ଏଡି ସମୟରେ ବିପକ୍ଷ ଦଳର ସମର୍ଥକମାନେ ତାଙ୍କୁ ଧରି ପୁଲିସକୁ ହସ୍ତାନ୍ତର କରିବା ସହିତ ଆଚରଣବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ ପ୍ରାର୍ଥୀ ଶ୍ରୀ ଅଣ୍ଡିଆଙ୍କ ବିରୁଦ୍ଧରେ ଥାନାରେ ଏତଲା ଦିଆଯାଇଛି। ଚଳିତ ନିର୍ବାଚନର ଶେଷ ମତଦାନ ଦିବସ ଶନିବାର ଥିବା ଯୋଗୁ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ ଗତ ଗୁରୁବାର ଦିନ ସନ୍ଧ୍ୟା ପାଞ୍ଚଟା ଥିଲା ନିର୍ବାଚନ ପ୍ରଚାରର ଶେଷ ସମୟ। ହେଲେ ବସ୍ତା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ଥାନା ବଡକୌଦା ଗ୍ରାମକୁ ଗତ ଗୁରୁବାର ରାତି ଦଶଟା ବେଳେ ଯାଇ ସେହି ଗ୍ରାମର ମତଦାତାମାନଙ୍କୁ ଟଙ୍କା ବାଣ୍ଟୁଥିଲେ। ଏହି ସମୟରେ ସେହି ଗ୍ରାମର ଦିଲ୍ଲୀପ କୁମାର ରାଉତ ଓ ଅନ୍ୟ କେତେକ ବ୍ୟକ୍ତି ସେଠାରେ ପହଞ୍ଚି ବିଜେପି ପ୍ରାର୍ଥୀ ଶ୍ରୀ ଅଣ୍ଡିଆଙ୍କୁ ଅଟକ ରଖି ଥାନାକୁ ଖବର ଦେଇଥିଲେ। ବାଲିଆପାଳ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ଶ୍ରୀ ଅଣ୍ଡିଆଙ୍କୁ ପୁଲିସକୁ ହସ୍ତାନ୍ତର କରିବା ସହିତ ଦିଲ୍ଲୀପ କୁମାର ରାଉତଙ୍କ ତରଫରୁ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ ପ୍ରାର୍ଥୀ ଅଣ୍ଡିଆଙ୍କ ବିରୁଦ୍ଧରେ ଏତଲା ମଧ୍ୟ ଦିଆଯାଇଛି।

**ପୁଲିସକୁ ହସ୍ତାନ୍ତର କଲେ ଗ୍ରାମବାସୀ**

ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ଟଙ୍କା ବାଣ୍ଟୁଛନ୍ତି ପୁଲିସ କନଷ୍ଟେବଳ

# ନିର୍ବାଚନ କମିଶନଙ୍କ ନିକଟରେ ଦ୍ୱାରସ୍ଥ ହେଲା ବିଜେଡି



ଭୁବନେଶ୍ୱର ୩୧।୫(ସମିସ): କମିସନରେଟ୍ ପୁଲିସ୍‌ରେ କନେଷ୍ଟବଳ ଚାକିରି; କିନ୍ତୁ ଡ୍ୟୁଟି ଛାଡ଼ି ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିବାରେ ବ୍ୟସ୍ତ। ଏହି କନେଷ୍ଟବଳ ଜଣକ ହେଉଛନ୍ତି ୭ମ ବାଟାଲିଅନ୍‌ରେ କାର୍ଯ୍ୟରତ ସଞ୍ଜୟ କୁମାର ବଳ। ଏ ସମ୍ପର୍କରେ ଖବର ମିଳିବା ପରେ ତଥ୍ୟ ପ୍ରମାଣ ସହ ରାଜ୍ୟ ମୁଖ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି।

ଅଭିଯୋଗ ଅନୁସାରେ ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉଷୁମା ଗ୍ରାମପଞ୍ଚାୟତର ବାସିନ୍ଦା ଶ୍ରୀ ବଳ ଗତ ୭ ଦିନ ହେଲା ସ୍ୱାଧୀନ ବିଧାୟକ ପ୍ରାର୍ଥୀ ସାରଦା ପ୍ରଧାନଙ୍କ ପାଇଁ ନିର୍ବାଚନ ପ୍ରଚାର ଚଳାଇଛନ୍ତି। ଜଣେ ସରକାରୀ କର୍ମଚାରୀ ହୋଇ ସୁଦ୍ଧା ଶ୍ରୀ ବଳ ନିର୍ବାଚନ ପ୍ରଚାର କରିବା ସହିତ ଲୋକଙ୍କୁ ଟଙ୍କା ବାଣ୍ଟୁଛନ୍ତି। ଏପରିକି ଶ୍ରୀ ପ୍ରଧାନଙ୍କୁ ଭୋଟ ଦେବା ପାଇଁ ଗ୍ରାମବାସୀଙ୍କୁ ଧମକାଉଛନ୍ତି। ପୁଲିସ ଭୟ ଦେଖାଇ ସମଗ୍ର ପଞ୍ଚାୟତରେ ସେ ଆତଙ୍କ ସୃଷ୍ଟି କରିଛନ୍ତି। ତାଙ୍କର କାର୍ଯ୍ୟ ଆଦର୍ଶ ଆଚରଣ ବିଧିର ପରିପନ୍ଥୀ। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ଦଳ ଦାବି କରିଛି।

# 'ନନ୍ଦିଘୋଷ ଟିଭି'ରେ ନିଜ ବହିକିଣା ଖବର ଦେଖିଲେ ନବୀନ

ଭୁବନେଶ୍ୱର, ୩୧।୫(ସମିସ): ସରିଛି ଝାଳବୁହା ନିର୍ବାଚନ ପ୍ରଚାର। ଆସନ୍ତାକାଲି ଶେଷ ପର୍ଯ୍ୟାୟ ମତଦାନ ପରେ ତିନିଦିନ ବିରତି। ଚାରି ତାରିଖରେ ପ୍ରକାଶ ପାଇବ ଫଳ। ଏହି ଫୁରସତ ସମୟରେ ବହି କିଣିବା ସହ ଟିଭି ଦେଖି ସମୟ ଅତିବାହିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସନ୍ଧ୍ୟାରେ ରାଜଧାନୀର ପଥପ୍ରାନ୍ତ ବହି ଦୋକାନରୁ ବହି କିଣିବା ଓ ପିଲାଙ୍କ ସହ ସେଲ୍‌ଫି ଦେବା ପରେ ନିଜ ବାସଭବନ ନବୀନ ନିବାସରେ ଟିଭି ଦେଖି ସମୟ କାଟିଛନ୍ତି ମୁଖ୍ୟମନ୍ତ୍ରୀ। 'ନନ୍ଦିଘୋଷ ଟିଭି'ରେ ନିଜର ବହି କିଣା ସମ୍ପର୍କିତ ଖବର ମୁଖ୍ୟମନ୍ତ୍ରୀ ଦେଖିଛନ୍ତି। ଯାହାର ଭିଡିଓ ବିଜେଡିର ବିଭିନ୍ନ ସୋସିଆଲ ମିଡିଆ ଆକାଉଣ୍ଟରେ ଛଡ଼ାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଜୀବନଚର୍ଯ୍ୟା ଦେଖି ସାଧାରଣ ଲୋକେ ବେଶ୍ ଖୁସିବ୍ୟକ୍ତ କରିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ଏହି ହାଲ୍‌କା ଫୁଲ୍‌କା ଅବସର ରାଜ୍ୟବାସୀଙ୍କୁ ଯେତିକି ଖୁସି ଦେଇଛି, ବିରୋଧୀଙ୍କ ପାଇଁ ସେତିକି ଗାତ୍ରଦାହ ହୋଇଛି। ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ବ୍ୟକ୍ତିଗତ ଆକ୍ଷେପ ଓ ଅପଶବ୍ଦ ପ୍ରୟୋଗ କରିଥିବା ବିଜେପି ନେତାମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଏହି ମିଜାଜ ହଜମ ହୋଇନାହିଁ। ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ସେମାନଙ୍କ ଅପପ୍ରଚାର, ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ମିଛ କାହାଣୀ ସୃଷ୍ଟି, ସେ ଓଡ଼ିଆ ଟିଭି ଚ୍ୟାନେଲ୍ ଦେଖୁ ନ ଥିବା, ତାଙ୍କ କୋଠରିରେ ଟେଲିଫୋନ୍ ନ ଥିବା ପରି ଅତ୍ୟନ୍ତ ଅବାନ୍ତର କାହାଣୀ କହି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରୁଥିବା ବିଜେପିର ସବୁ ହୀନ ଷଡ଼ଯନ୍ତ୍ର ଧରାପଡ଼ି ଯାଇଛି। ବିଜେପି ନେତାଙ୍କ ଅବାନ୍ତର ଓ କଳ୍ପନାପ୍ରସୂତ କାହାଣୀ ସମ୍ପର୍କରେ ଶବ୍ଦଟିଏ ଉଲ୍ଲେଖ ନ କରି ମୁଖ୍ୟମନ୍ତ୍ରୀ ନିରବରେ ବିରୋଧୀଙ୍କ ମିଛ ମୁଖାକୁ ରାଜ୍ୟବାସୀଙ୍କ ଆଗରେ ଖୋଲି ଦେଇଛନ୍ତି।

# ଶିମିଳିପାଳରେ ଶିକାର ଶିଖୁଛି କଳାବାଘ ଛୁଆ

**ନିଜ ଏକ୍ସ ଆକାଉଣ୍ଟରେ ପୋଷ୍ଟ କଲେ ପିସିସିଏଫ୍**

ବାରିପଦା, ୩୧।୫(ସମିସ): ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ଜୈବମଣ୍ଡଳ ଶିମିଳିପାଳ ଅଭୟାରଣ୍ୟରେ ଶିକାର କୌଶଳ ଶିଖୁଛି କଳାବାଘ ଛୁଆ। ଖାଦ୍ୟ ନିମନ୍ତେ ଶିକାର କରିଥିବା ଏକ ଫଟୋ ସହ କଳାବାଘ ଛୁଆର ଏକ ଫଟୋ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ) ୱାଇଲ୍ଡ ଲାଇଫ ସୁଶାନ୍ତ ନନ୍ଦଙ୍କ 'ଏକ୍ସ' ଆକାଉଣ୍ଟରେ ପୋଷ୍ଟ ହୋଇଥିବା ଏହି ଫଟୋଟି ପରିବେଶବିତ୍ ଓ ପଶୁ ଗବେଷକଙ୍କୁ ଉତ୍ସାହିତ କରିଛି। ଶିମିଳିପାଳ ଅଭୟାରଣ୍ୟରେ କଳାବାଘର ଉପସ୍ଥିତି ରାଜ୍ୟବାସୀଙ୍କୁ ଆନନ୍ଦିତ କରିଛି।

ଶିମିଳିପାଳର ବନ୍ୟଜନ୍ତୁମାନଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିବା ପାଇଁ ଲାଗିଥିବା ଟ୍ରାପ୍ କ୍ୟାମେରାରେ କଳାବାଘ ଛୁଆର ଫଟୋ ରେକର୍ଡ଼ ହୋଇଛି। ଏକ କଳାବାଘ ଛୁଆ ଶିକାର କୌଶଳ ଶିଖି ହରିଣକୁ କାମୁଡ଼ି କରି ନେଉଥିବାର ଚିତ୍ର ସମ୍ମୁଖକୁ ଆସିଛି। ଯାହାକି କଳାବାଘଙ୍କ ଉପସ୍ଥିତ ସହ ତାଙ୍କ ପରିବାର ବୃଦ୍ଧିକୁ ନେଇ



ଚର୍ଚ୍ଚା ଆରମ୍ଭ ହୋଇଛି। କଳାବାଘ ବିରଳ ମେଲାନିଷ୍ଟ ପ୍ରଜାତିର ଓ ସାରା ବିଶ୍ୱରେ ଏମାନଙ୍କ ସଂଖ୍ୟା ବହୁତ୍ କମ୍। କିଛି ଦିନ ପୂର୍ବେ ଏକ କଳାବାଘ ଓ ସାଧାରଣ ବାଘ ଛୁଆ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଏକା ସାଙ୍ଗରେ ବିଚରଣ କରୁଥିବାର ଫଟୋ ପିସିସିଏଫ ସେୟାର କରିଥିଲେ। ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କଡାକଡି ହେବା ପରେ କାଠ ମାଫିଆ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କଫୋର୍ସ ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଯାହା ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘମାନେ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି। ଫଳରେ ବିରଳ ଦୃଶ୍ୟ ସମ୍ମୁଖକୁ ଆସିଛି। ସମଗ୍ର ଭାରତରେ ରହିଥିବା ସମସ୍ତ ୧୦ଟି କଳାବାଘ କେବଳ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏନେଇ କେନ୍ଦ୍ର ପରିବେଶ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଗତ ଡିସେମ୍ବର ମାସରେ ସଂସଦରେ ତଥ୍ୟ ଉପସ୍ଥାପନ କରିଥିଲେ।

ଶିମିଳିପାଳ ଅଭୟାରଣ୍ୟରେ ଥିବା ଉକ୍ତ ୧୦ଗୋଟି କଳାବାଘ ଦେଶର ବିରଳ 'ମେଲାନିଷ୍ଟିକ' ପ୍ରଜାତିର ଅଟନ୍ତି। ୨୦୨୨ର ପାନ୍-ଇଣ୍ଡିଆ ବାଘ ଗଣନା ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ୧୦ଟି କଳା ବାଘ ରହିଛନ୍ତି।


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-335 ♦BHUBANESWAR ♦SATURDAY ♦1 JUNE 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୩୫ ♦ଭୁବନେଶ୍ୱର ♦ଶନିବାର ♦୧ ଜୁନ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ୩୪ ମାମଲାରେ ଟ୍ରମ୍ପ ଦୋଷୀ



■ **ୱାଶିଂଟନ, ୩୧।୫ (ଏଜେନ୍ସି):** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟ୍‌କା ଲାଗିଛି। ନ୍ୟୁୟର୍କର ଏକ କୋର୍ଟ ୩୪ଟି ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆମେରିକା ଇତିହାସରେ ପ୍ରଥମ ଥର ପାଇଁ ରାଷ୍ଟ୍ରପତି ଥିବା କୌଣସି ବ୍ୟକ୍ତି ଭାବେ ଟ୍ରମ୍ପ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଜୁଲାଇ ୧୧ ତାରିଖରେ କୋର୍ଟ ତାଙ୍କ ଉପରେ ଦଣ୍ଡ ଘୋଷଣା କରିବେ। ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଥିବାବେଳେ ଏବେ ଟ୍ରମ୍ପଙ୍କ ନିର୍ବାଚନ ଲଢ଼ିବା ଉପରେ ସଂଶୟ ସୃଷ୍ଟି ହୋଇଛି। ଆଜି କୋର୍ଟ ଦଣ୍ଡ ଶୁଣାଇବା ସମୟରେ ଟ୍ରମ୍ପ ଆଖି ବୁଜି ଦେଇଥିଲେ। ପରେ ସେ କହିଥିଲେ ଯେ ଜାଲିଆତି କରି ତାଙ୍କୁ ଫସାଇ ଦିଆଯାଇଛି। ଏହି ବିଚାରପତି ଦୁର୍ନୀତିଗ୍ରସ୍ତ। ନଭେମ୍ବର ୫ରେ ଲୋକେ ଅସଲ ନିଷ୍ପତ୍ତି ଶୁଣାଇବେ। ଏଠାରେ କ'ଣ ହୋଇଥିଲା ତାହା ସମସ୍ତେ ଜାଣିଛନ୍ତି। ସୂଚନାଯୋଗ୍ୟ ଯେ ଟ୍ରମ୍ପଙ୍କ ବିରୋଧରେ ପର୍ଣ୍ଣ ଷ୍ଟାର ଷ୍ଟର୍ମି ଡାନିଏଲଙ୍କୁ ଟଙ୍କା ଦେଇ ଚୁପ୍ କରାଇବା ଏବଂ ନିର୍ବାଚନ ପ୍ରଚାର ସମୟରେ ବ୍ୟବସାୟ ରେକର୍ଡରେ ଜାଲିଆତି ସହିତ ୩୪ଟି ମାମଲା ଚାଲିଥିଲା। ଏହି ସବୁ ମାମଲା ସେ ରାଷ୍ଟ୍ରପତି ନିର୍ବାଚିତ ହେବା ପୂର୍ବର ଥିଲା।






### ୨୦୨୪ ମହାଯୁଦ୍ଧର ଶେଷ ଲଢ଼େଇ ଆଜି

# ହେଭିୱେଟ୍‌ଙ୍କ ଭାଗ୍ୟ ପରୀକ୍ଷା

■ **ଭୁବନେଶ୍ୱର, ୩୧।୫ (ସମିସ):** ରାଜ୍ୟରେ ଶେଷ ପର୍ଯ୍ୟାୟ ନିର୍ବାଚନରେ ବହୁ ହେଭିୱେଟ୍‌ଙ୍କ ଭାଗ୍ୟ ପରୀକ୍ଷା ହେବାକୁ ଯାଉଛି। ଶେଷ ପର୍ଯ୍ୟାୟରେ ୬ ଟି ଯାକ ଲୋକସଭା ଓ ୪୨ ଟି ବିଧାନସଭା ଆସନରୁ ଅଧିକାଂଶ ଆସନରେ ହେଭିୱେଟ୍‌ଙ୍କ ଲଢ଼େଇ ଦେଖିବାକୁ ମିଳୁଛି। ଏହି ପର୍ଯ୍ୟାୟ ନିର୍ବାଚନରେ ପ୍ରାର୍ଥୀଙ୍କ ପାଇଁ ୩ ପ୍ରମୁଖ ରାଜନୈତିକ ଦଳର ଶୀର୍ଷ ନେତୃତ୍ୱମାନେ ଭୋଟ୍ ଭିକ୍ଷା କରିଥିବା ବେଳେ ଏବେ ପ୍ରାର୍ଥୀମାନଙ୍କ ରାଜନୈତିକ ଭାଗ୍ୟ ଓ ଭବିଷ୍ୟତ ମତଦାତାମାନେ ନିର୍ଣ୍ଣୟ କରିବାକୁ ଯାଉଛନ୍ତି। କେନ୍ଦ୍ରାପଡାରୁ ବୈଜୟନ୍ତ ପଣ୍ଡା ଓ ଅଂଶୁମାନ ମହାନ୍ତି, ବାଲେଶ୍ୱରରେ ଶ୍ରୀକାନ୍ତ ଜେନା, ପ୍ରତାପ ଷଡଙ୍ଗୀ ଓ ଲେଖାଶ୍ରୀ ସାମନ୍ତସିଂହାର, ମୟୁରଭଞ୍ଜରେ ନବ ଚରଣ ମାଝି ଓ ସୁଦାମ ମାରାଣ୍ଡି, ଭଦ୍ରକରେ ମଞ୍ଜୁଲତା ମଣ୍ଡଳ, ଅନନ୍ତ ପ୍ରସାଦ ସେଠୀ ଓ ଅଭିମନ୍ୟୁ ସେଠୀ, ଯାଜପୁରରେ ଶର୍ମିଷ୍ଠା ସେଠୀ ଓ ରବି ନାରାୟଣ ବେହେରା ଏବଂ ଜଗତସିଂହପୁରରେ ଡାକ୍ତର ରାଜଶ୍ରୀ ମଲ୍ଲିକ ଓ ବିଭୁ ପ୍ରସାଦ ତରାଇ ପ୍ରମୁଖ ରହିଛନ୍ତି। ଏହି ୬ ଟି ଲୋକସଭା ଆସନରୁ ୨୦୧୯ ନିର୍ବାଚନରେ ମୟୂରଭଞ୍ଜ ଓ ବାଲେଶ୍ୱରରୁ ବିଜେପି ବିଜୟୀ ହୋଇଥିବା ବେଳେ ବାକି ୪ ଟି ଆସନ ବିଜେଡି ଖାତାକୁ ଯାଇଥିଲା। ତେବେ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ବିଜେଡିର ପ୍ରଦର୍ଶନ ଆଶାତୀତ ସଫଳ ରହିଥିବାରୁ ଦଳ ଏଥର ଏହି ସମସ୍ତ ୬ ଟି ଯାକ ଆସନକୁ ଦଖଲ କରିବା ଲକ୍ଷ୍ୟରେ ରହିଛି। ଅନ୍ୟପଟେ ବାଲେଶ୍ୱରରେ ଆସନରେ ତ୍ରିକୋଣୀୟ ଲଢ଼େଇ ହେଉଥିବାରୁ ଏହି ଆସନ ବିଜୟ ସହ କଂଗ୍ରେସ ଉପକୂଳରେ ନିଜର ଖାତା ଖୋଲିବା ଲକ୍ଷ୍ୟ ରଖିଛି।

**ବାଜିରେ ଲାଗିଛି ନେତାଙ୍କ ସମ୍ମାନ ଓ ପତିଆରା**



ଲୋକସଭା ଆସନ ଭଳି ୪୨ଟି ବିଧାନସଭା ଆସନ ମଧ୍ୟରୁ ପ୍ରାୟ ଅଧିକାଂଶ ଆସନରେ ନୂଆ ମୁହଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପାରାଦୀପ, ବାଙ୍ଗିରିପୋଷି ଓ ମୋରଡ଼ା ଭଳି କେତେକ ସ୍ଥାନରେ ବିଧାୟକଙ୍କ ପତ୍ନୀମାନେ ନିର୍ବାଚନ ଲଢୁଥିବାରୁ ଏହି ଆସନ ଉପରେ ମଧ୍ୟ ରାଜ୍ୟବାସୀଙ୍କ ନଜର ରହିଛି। ଅନ୍ୟପକ୍ଷରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ପାଟକୁରାରୁ ପ୍ରାର୍ଥୀ ହୋଇଥିବା ବେଳେ, ମାହାଙ୍ଗାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପୁଅ ଅଙ୍କିତ ପ୍ରତାପ ଜେନା ଓ ଭଦ୍ରକରେ ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ପୁଅ ଅସିତ ପଟ୍ଟନାୟକ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଏମାନଙ୍କ ଛଡା ବାଚସ୍ପତି ପ୍ରମିଳା ମଲ୍ଲିକ, ମନ୍ତ୍ରୀ ଅଶ୍ୱିନୀ ପାତ୍ର, ପ୍ରୀତି ରଞ୍ଜନ ଘଡାଇ, ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ, ତୁଷାର କାନ୍ତି ବେହେରା ପ୍ରମୁଖ ପୁନର୍ବାର ବିଜେଡି ଟିକଟରୁ ଲଢ଼େଇ କରୁଛନ୍ତି। ସେହିପରି ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଦେବାଶିଷ ନାୟକ, ଗଣେଶ୍ୱର ବେହେରା ମଧ୍ୟ ଲଢ଼େଇ କରୁଛନ୍ତି।

ଅପରପକ୍ଷରେ ବିଜେଡି ନେତା ରବି ଜେନାଙ୍କ ପତ୍ନୀ ସୁବାସିନୀ ଜେନା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଝିଅ ଡାକ୍ତର ଦେବସ୍ମିତା ଶର୍ମା, ସିପ୍ରା ମଲ୍ଲିକ, ଗୀତାଞ୍ଜଳି ସେଠୀ, ତେଜେଶ୍ୱର ପରିଡ଼ା, ଅମରେନ୍ଦ୍ର ଦାସ, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଏବଂ ବିଜେଡିର ସାଂଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ମା' ସଂଧ୍ୟାରାଣୀ ଦାସ ପ୍ରମୁଖଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବାକୁ ଥିବାରୁ ସମସ୍ତଙ୍କର ଏହି ନେତା ଓ ନେତ୍ରୀମାନଙ୍କ ଆସନ ଉପରେ ନଜର ରହିଛି। ଏହି ଆସନଗୁଡ଼ିକରେ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ଦୁଇ ନମ୍ବର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ପ୍ରଚାର କରି ଭୋଟ୍ ମାଗିଛନ୍ତି। ସେହିପରି ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଅମିତ ଶାହଙ୍କ ସମେତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଭୋଟ୍ ମାଗିଥିବା ବେଳେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ରାହୁଲ ଗାନ୍ଧୀ ଓ ସଚିନ ପାଇଲଟ୍ ପ୍ରମୁଖ ମଧ୍ୟ ପ୍ରଚାର କରିଥିବାରୁ ଏହି ପର୍ଯ୍ୟାୟରେ ଲଢ଼େଇ ରୋଚକ ହେବ ବୋଲି ଆଶା କରାଯାଉଛି।

# ବିଜେଡିର ବିଜୟ ଦମ୍ଭୋକ୍ତି

■ **ଭୁବନେଶ୍ୱର, ୩୧।୫ (ସମିସ):** ଆସନ୍ତାକାଲି ଶେଷ ହେବ ବିଧାନସଭା ଓ ଲୋକସଭା ନିର୍ବାଚନର ଅନ୍ତିମ ପର୍ଯ୍ୟାୟ ମତଦାନ। ତେବେ ବିଜେଡି ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସରକାର ଗଠନ ନିମନ୍ତେ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ହାସଲ କରି ସାରିଛି ଓ ଆସନ୍ତାକାଲି ମତଦାନ ପରେ ଦଳ ତିନି ଚତୁର୍ଥାଂଶ ବିଧାନସଭା ଆସନରେ ବିଜୟ ହେବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ମାନସରଞ୍ଜନ ମଙ୍ଗରାଜ। ଏହା ସହିତ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ଶେଷ ପରେ ଲୋକସଭାରେ ବିଜେଡି ୧୫ ଆସନରେ ବିଜୟୀ ହେବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।



**ଲୋକସଭାରେ ୧୫ ଆସନ, ବିଧାନସଭାରେ ୧୧୫ ଜିତିବୁ**



ନିଜ 'ଏକ୍ସ' ହ୍ୟାଣ୍ଡଲରେ କରିଥିବା ପୋଷ୍ଟରେ ସେ ଉଲ୍ଲେଖ କରିଛନ୍ତି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଶାବାସୀଙ୍କ ଆକୁଣ୍ଠ ସମର୍ଥନରେ ତୃତୀୟ ପର୍ଯ୍ୟାୟ ମତଦାନ ସୁଦ୍ଧା ବିଜୁ ଜନତା ଦଳ ୮୫ଟି ବିଧାନସଭା ଆସନରେ ବିଜୟ ଲାଭ କରି ସାରିଛି। ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ଏହି ସଂଖ୍ୟା ୧୧୫ରେ ପହଞ୍ଚିବ। ବହୁମତ ସହିତ ବିଜେଡି ତିନି ଚତୁର୍ଥାଂଶ ଆସନରେ ବିଜୟ ଲାଭ କରି ଇତିହାସ ସୃଷ୍ଟି କରିବ। ଶନିବାର ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ବିଜେଡି ଅନ୍ୟୂନ ୩୦ ଆସନରେ ସୁନିଶ୍ଚିତ ବିଜୟ ଲାଭ କରିବ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ବିଜେଡି ପୁଣି ଥରେ ସ୍ଥିର ସରକାର ଦେବ। ଏଥିସହ ୨୧ ଲୋକସଭା ଆସନରୁ ୧୫ଟି ଆସନରେ ବିଜୟ ସହିତ ଦିଲ୍ଲୀରେ ରାଜ୍ୟର ସ୍ୱାର୍ଥ ପାଇଁ ସ୍ୱର ଶାଣିତ କରିବ ବିଜେଡି। ଉଭୟ ଲୋକସଭା ଏବଂ ବିଧାନସଭାରେ ଓଡ଼ିଶାର ଜନସାଧାରଣ ବିଜୁ ଜନତା ଦଳକୁ ନିର୍ଣ୍ଣାୟକ ସମର୍ଥନ ଦେଇଛନ୍ତି। ଓଡ଼ିଶାବାସୀଙ୍କ ଆଶା ଆଉ ଭରସାକୁ ଅକ୍ଷୁଣ୍ଣ ରଖିବା ସହିତ ଆହୁରି ପ୍ରତିବଦ୍ଧତାର ସହ ଓଡ଼ିଶାବାସୀଙ୍କ ସେବା କରିବା ଲାଗି ବିଜେଡି ବଦ୍ଧପରିକର ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। ଅପରପକ୍ଷେ ବିଜେଡି ରାଜ୍ୟସଭା ସାଂସଦ ଡ଼ ସସ୍ମିତ ପାତ୍ର ମଧ୍ୟ ଅନୁରୂପ ବିଶ୍ୱାସବ୍ୟକ୍ତ କରିଛନ୍ତି।




## ସମ୍ବଲପୁରରେ ବଢୁଛି ଅଂଶୁଘାତ ମୃତ୍ୟୁ ସଂଖ୍ୟା

# ୮ ମୃତ୍ୟୁ ଅଭିଯୋଗ, ୬ ଡାକ୍ତରଖାନାରେ ଭର୍ତ୍ତି








**ସମ୍ବଲପୁର, ୩୧।୫(ସମିସ)**

ଭୀଷଣ ଗ୍ରୀଷ୍ମପ୍ରବାହରେ ଆଉଟୁଆଉଟୁ ହେଉଛି ଜନଜୀବନ। ଏହାରି ସହିତ ରାଜ୍ୟରେ ବଢ଼ିବାରେ ଲାଗିଛି ଅସ୍ୱାଭାବିକ ମୃତ୍ୟୁ ସଂଖ୍ୟା। ମୃତକ ପରିବାର ଏହାକୁ ଏହାକୁ ଅଂଶୁଘାତ ଜନିନ ମୃତ୍ୟୁ ବୋଲି ଅଭିଯୋଗ ଆଣୁଛନ୍ତି। ଆଜି ଧନକଉଡ଼ା ଗେଙ୍ଗୁଟିପାଲି ସ୍ଥିତ ଟୁନି ସାମଲ (୫୫)ଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ତାଙ୍କ ଵାଇଁ ଅଜୟ କୁମାର ସାହୁ ଅଭିଯୋଗ କରିଛନ୍ତି। ଅଜୟଙ୍କ ଅଭିଯୋଗ କ୍ରମେ ନିର୍ବାଚନ ଦିନ ଟୁନି ଲାଇନରେ ଛିଡ଼ା ହୋଇ ଅଚେତ ହୋଇ ପଡ଼ି ଯାଇଥିଲେ। ସେହି ଦିନ ଠାରୁ ସେ ଘରେ ଚିକିତ୍ସିତ ହେଉଥିଲେ। ଆଜି ସକାଳେ ପୁଣି ତରଳଝାଡ଼ା ହେବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି। ସେହିପରି ରେମେଡର ରମେଶ ମହାକୁଡ଼(୫୦)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି ତାଙ୍କ ପରିବାର। ଅନ୍ୟପଟେ ଧମା ଥାନା ସାହାସପୁର - ଅର୍ଡା ଗ୍ରାମ ରାସ୍ତା କଡ଼ରେ ପଡ଼ିଥିବା ଜଣେ ଅଜଣା ବୃଦ୍ଧଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଛି। ଜୟଘଣ୍ଟ ଗ୍ରାମର ଶ୍ରୀଚରଣ ଖଣ୍ଡାୟତ (୫୫)ଙ୍କ ପୂର୍ବରୁ ମୃତ୍ୟୁ ଘଟିଥିଲା। ଠେଲକୋପଡ଼ାର ରାଜେଶ ବାଗ(୪୫), ବରେଇପାଲିର ପପୁ ଯାଦବ(୩୮), ସୁବଳପୁର ଗ୍ରାମର ଏଭେରେନ୍ ମୁଣ୍ଡ (୩୦)ଙ୍କ ମୃତ୍ୟୁ ଗଟିଛି। ଅନ୍ୟ ଦୁଇ ଜଣଙ୍କ ପରିଚୟ ମିଳି ପାରିନାହିଁ। ଅନ୍ୟ ପଟେ ଜିଲ୍ଲା ସଦର ମେଡିକାଲରେ ପୁଣି ଆଜି ୬ ଜଣ ରୋଗୀ ଗୁରୁତର ଅବସ୍ଥାରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ ସଦରଥାନା ହପ୍ରିୟାବାହାଲ ଗ୍ରାମର ରାଇମତି ଓରାମ (୪୬), ରେଙ୍ଗାଲିର ଉତ୍ତମ ମେହେର। ଗତକାଲି ୬ ଜଣଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିବା ବେଳେ ଆଜି ମଧ ୮ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସମସ୍ତଙ୍କର ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ହେଲେ ଏନେଇ କିଛି ସ୍ପଷ୍ଟ ହୋଇନି ବୋଲି ଏଡିଏମଓ ଡା. ଆଶୋକ ଦାସ କହିଛନ୍ତି। ଅସ୍ୱାଭାବିକ ପ୍ରାଣ ହରାଇଥିବା ସମସ୍ତଙ୍କ ମୃତଦେହର ପୋଷ୍ଟମର୍ଟମ କରାଯିବ। ପୋଷ୍ଟମର୍ଟମ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ଅନ୍ୟପଟେ ପ୍ରଶାସନ ପକ୍ଷରୁ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ଜାରି ରହିଥିବାରୁ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଲୋକମାନେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜାରି ଅଂଶୁଘାତ ଗାଇଡଲାଇନକୁ ମାନିବା ପାଇଁ ମଧ ନିବେଦନ କରାଯାଇଛି। ପ୍ରତ୍ୟେକ ଦିନ ଅଂଶୁଘାତ ଦ୍ୱାରା ଅସୁସ୍ଥ ବ୍ୟକ୍ତି ହସ୍ପିଟାଲକୁ ଆସୁଛନ୍ତି। ସେମାନଙ୍କୁ ମେଡିକାଲରେ ଉତ୍ତମ ଚିକିତ୍ସା ସହ ଓଆରଏସ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଛ ଅଂଶୁଘାତର ଶିକାର ଲୋକଙ୍କୁ ହସ୍ପିଟାଲ ଆଣିବା ପୂର୍ବରୁ ତୁରନ୍ତ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବାର ଆବଶ୍ୟକତା ରହିଛି। ପ୍ରଥମେ ବ୍ୟକ୍ତିଙ୍କ ଶରୀରକୁ ଓଦା କପଡ଼ାରେ ଘୋଡ଼ାଇ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟ ନେଇଯିବା ଆବଶ୍ୟକ। ଅଂଶୁଘାତ ପାଇଁ ସତର୍କ ରହିବାକୁ ସମସ୍ତ ଡାକ୍ତରଖାନାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବରୁ ଅଂଶୁଘାତ ପାଇଁ ସ୍ୱତନ୍ତ୍ର ଭାବେ ୮ ଗୋଟି ଶଯ୍ୟା ରହିଥିଲା। ଏବେ ତାହା ୧୫କୁ ବୃଦ୍ଧି କରାଯାଇଛି। ୨୪ ଘଣ୍ଟା ମେଡିକାଲରେ ଡାକ୍ତର ନିୟୋଜିତ ରହିଛନ୍ତି। ଆବଶ୍ୟକୀୟ ମେଡିସିନ ପ୍ରସ୍ତୁତ ରଖାଯାଇଛି। ଗ୍ରୀଷ୍ମ ଲହରୀରେ ଶିକାର ହେଉଥିବା ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ଦିଆଯିବା ପାଇଁ ମେଡିକାଲ ପ୍ରସ୍ତୁତ ରହିଛି ବୋଲି ମେଡିକାଲ ପକ୍ଷରୁ କୁହାଯାଇଛି। ଅଂଶୁଘାତ ହେଲେ ଜିଭ ଶୁଖିଯିବା, ବାନ୍ତି ଲାଗିବା, ବ୍ଲଡପ୍ରେସର କମିବା, ଦେହ ହାତ ଘୋଳାବିନ୍ଧା ହେବା, ଗମଗମ ଝାଳ ବୋହିବା ଭଳି ଲକ୍ଷଣ ଦେଖାଯାଇଥାଏ। ତେଣୁ ଏନେଇ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି।

**ମେଡିକାଲରେ ଶଯ୍ୟା ସଂଖ୍ୟା ବୃଦ୍ଧି**

**୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସେବା**

## ଅଂଶୁଘାତ ମୁକାବିଲା ପାଇଁ କୁଚିଣ୍ଡା ଡାକ୍ତରଖାନା ପ୍ରସ୍ତୁତ

**କୁଚିଣ୍ଡା, ୩୧।୫(ସମିସ):** ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ମୁଣ୍ଡଫଟା ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ସମଗ୍ର ଜୀବଜଗତକୁ କଲବଲ କରୁଛି। ଏପରି ସ୍ଥଳେ କୁଚିଣ୍ଡାରେ ପାରଦ ଉପର ମୁହାଁ ହୋଇ ୪୨ /୪୩ ଡିଗ୍ରୀ ଉପରେ ରହୁଛି। ଗ୍ରୀଷ୍ମ ପ୍ରବାହ ଅଞ୍ଚଳରେ ଲାଗି ରହୁଥିବା ବେଳେ ପ୍ରତ୍ୟେକ ଦିନ ଡାକ୍ତରଖାନାକୁ ଅସୁସ୍ଥଙ୍କ ଭିଡ଼ ଦେଖିବାକୁ ମିଳୁଛି। କିଛି ବ୍ୟକ୍ତି ଅଂଶୁଘାତ କକ୍ଷରେ ଚିକିତ୍ସିତ ହେଉଛନ୍ତି। ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଗତ କାଲି ୨ ଜଣ ଅଂଶୁଘାତରେ ଚିକିତ୍ସିତ ହୋଇ ଆରୋଗ୍ୟ ହୋଇ ଫେରଛନ୍ତି। ଗତ ୩ ଦିନ ଭିତରେ ବିଭିନ୍ନ ଅଞ୍ଚଳରୁ ୩ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ। ଅଂଶୁଘାତ ମୁକାବିଲା ପାଇଁ କୁଚିଣ୍ଡା ଡାକ୍ତରଖାନା ପକ୍ଷରୁ ତତ୍ପର ହୋଇ ଅଂଶୁଘାତ ରୋଗୀଙ୍କ ପାଇଁ କେବଳ ୨ଟି ଏସି ରୁମ ସର୍ବଦା ପ୍ରସ୍ତୁତ ହୋଇରହିଛି। ଏଥି ପାଇଁ ଡାକ୍ତର, ନର୍ସ ମଧ ତୁରନ୍ତ ସେବା ଯୋଗାଇବା ପାଇଁ ପ୍ରସ୍ତୁତ ଅଛନ୍ତି। ହେଲେ ଦିନ କୁ ଦିନ କୁଚିଣ୍ଡା ଡାକ୍ତରଖାନାରେ ଶଯ୍ୟା ତୁଳନାରେ ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରାୟ ଅଧିକାଂଶ ରୋଗୀ ଖରା ଓ ଗୁଳୁଗୁଳି ରେ ଅସୁସ୍ଥ ହୋଇ ଡାକ୍ତରଙ୍କ ପାଖକୁ ଆସୁଛନ୍ତି।



## ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ସମ୍ବଲପୁର, ୩୧।୫(ସମିସ):** ବ୍ୟାଡମିଣ୍ଟନ ଆସୋସିଏସନ ସମ୍ବଲପୁର ତରଫରୁ ସ୍ଥାନୀୟ ଭିଏସଏସ ଇଣ୍ଡୋର ଷ୍ଟାଡିୟମ ଠାରେ ୟୋନେକ୍ସ ସନରାଇଜ ଅଲ ଓଡ଼ିଶା ସିନିୟର ଷ୍ଟେଟ ର୍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୩୧ ମଇ ଠାରୁ ଆରମ୍ଭ ହୋଇ ଆସନ୍ତା ଜୁନ୍ ୨ ପର୍ଯ୍ୟନ୍ତ ୩ ଦିନ ପାଇଁ ଜାରି ରହିବ। ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ମୋଟ ୧୬୦ ଖେଳାଳୀ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ସମାରୋହରେ ସମାଜସେବୀ ତଥା ବରିଷ୍ଠ ଗଣମାଧମ ପ୍ରତିନିଧି ଜୁକତା ହେମନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ସଚିବ ନୀଲିନ କୁମାର ଏବଂ ବ୍ୟାଡମିଣ୍ଟନ୍ ଆସୋସିଏସନ୍ ସମ୍ବଲପୁର ଚିଫ ରେଫ୍ରୀ ବିଜୟ କୁମାର ବାଗ, ବରଗଡ଼ ଜିଲ୍ଲା ବ୍ୟାଡମିଣ୍ଟନ ସମ୍ପାଦକ ଶୀବମ ଅଗ୍ରୱାଲ, ଝାରସୁଗୁଡ଼ା ଜିଲ୍ଲା ବ୍ୟାଡମିଣ୍ଟନ ସମ୍ପାଦକ ଶୁଭମ ଶର୍ମା, ପୂର୍ବତନ ବ୍ୟାଡମିଣ୍ଟନ ଖେଳାଳୀ ଦେବଦତ୍ତ ମିଶ୍ର, ଡାକ୍ତର ବେନୁଧର ପାଣ୍ଡେ, ସଲିମ ନିଜାମ ଖାନ, ବ୍ୟାଡମିଣ୍ଟନ୍ ଆସୋସିଏସନ୍ ସମ୍ବଲପୁରର ଉପସଭାପତି ପ୍ରବୀଣ ବେହେରା, ବ୍ୟାଡମିଣ୍ଟନ୍ ଆସୋସିଏସନ୍ ସମ୍ବଲପୁର ସଦସ୍ୟ ରଞ୍ଜିତ ମେହେର, ଅଭିଷେକ ବିଶ୍ୱାସ, ସାଙ୍ଗଠନିକ ସମ୍ପାଦକ ଲକ୍ଷ୍ମୀପତି ନନ୍ଦା ପ୍ରମୁଖ ଯୋଗଦେଇଥିଲେ। ଟିକଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ।




## କୁଚିଣ୍ଡା ଅଞ୍ଚଳରେ ସାପ କାମୁଡାରେ ୨ ଗୁରୁତର

**କୁଚିଣ୍ଡା, ୩୧।୫ (ସମିସ) :** କୁଚିଣ୍ଡା ଅଞ୍ଚଳରେ ଦୁଇ ଜଣ ସର୍ପାଘାତରେ ଗୁରୁତର ହୋଇଥିବା ଅଭିଯୋଗ ହେଉଛି। ମହୁଲପାଲି ଥାନା ଅଧୀନସ୍ଥ ରାଉତବାହାଲ ଗ୍ରାମର ପଦ୍ମଲୋଚନ





ଗଉଡ଼(୭୦) ଗତ ଗୁରୁବାର ସନ୍ଧ୍ୟା ୭ଟା ୩୦ରେ ନିଜ ବାରିରେ ଲଙ୍କା ଚାଷ ଦେଖି ଘରକୁ ଫେରିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ଶୁକ୍ରବାର ପୂର୍ବାହ୍ନ ରେ କୁଚିଣ୍ଡା ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲେ। ସେହିପରି ଜମନକିରା ବ୍ଲକ କଟଙ୍ଗପାଣି ନିକଟସ୍ଥ ମୟୁରନାଚେନ ଗ୍ରାମର କିଶୋର ଛତ୍ରିଆଙ୍କ ପୁଅ ମାନସ ଛତ୍ରିଆ (୧୬) ଶୁକ୍ରବାର ସକାଳ ୬ ଟା ସମୟରେ ଭେଣ୍ଡି ଚାଷ କରିଥିବା ବାରିରେ ଭେଣ୍ଡି ତୋଳୁ ଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାକୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାଯାଇଛି।

## ଜମନକିରା ବ୍ଲକରେ ବିଦାୟ ସମ୍ବର୍ଦ୍ଧନା

**ଜମନକିରା, ୩୧।୫(ସମିସ):** ଜମନକିରା ବ୍ଲକର ୩ ଜଣ ଶିକ୍ଷକ ଅବସର ଗ୍ରହଣ କରିଛନ୍ତି। ସେମାନେ ହେଲେ ବିଶ୍ୱସେବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁଲୁଣ୍ଡିର ପ୍ରଧାନଶିକ୍ଷକ ମୋତିଲାଲ ସାହୁ, ସର୍ଡା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କ୍ଷମାନିଧି ସାହୁ ଓ ଜମନକିରା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶୀଲ କୁମାର ସାହୁ। ବିଶ୍ୱସେବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସାହୁଙ୍କୁ ସ୍କୁଲ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବରେ ଜମନକିରା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦେବକୀ ନାଏକ, ମୁଖ୍ୟବକ୍ତା ଭାବରେ ବିଶ୍ୱସେବା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଜମନକିରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଶ୍ରୀକାନ୍ତ କୁମାର ପଟେଲ ଓ ସମ୍ପାଦକ କାର୍ତ୍ତିକ କିସାନ ଯୋଗ ଦେଇଥିଲେ। ସଭାରେ ସ୍କୁଲ ପରିଚାଳନା କମିଟିର ସଭାପତି, ସମସ୍ତ ସଭ୍ୟସଭ୍ୟା ଗ୍ରାମବାସୀ, ଛାତ୍ର ଛାତ୍ରୀ ତଥା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସ୍କୁଲର ସହକାରୀ ଶିକ୍ଷକ ଅମୂଲ୍ୟ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ଏଚ୍‌ଜି ମହିଳାଙ୍କ ଅଜାଣତରେ ଦେଢଲକ୍ଷ ଟଙ୍କା ଆତ୍ମସାତ

**ସମ୍ବଲପୁର, ୩୧।୫(ସମିସ):** ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ମହିଳାମାନେ କିଛି କାମ କରି ନିଜ ଗୋଡ଼ରେ ନିଜେ ଛିଡ଼ା ହେବାକୁ କଷ୍ଟ ଅର୍ଜିତ



ଅର୍ଥକୁ ସଞ୍ଚୟ କରି ରଖୁଛନ୍ତି। କିନ୍ତୁ ଦଳରେ ଥିବା କିଛି ପଦାଧିକାରିଣୀ ନିଜର ସ୍ୱାର୍ଥ ସାଧନ ପାଇଁ ମହିଳାଙ୍କ ଆଖିରେ ଧୂଳିଦେଇ ଟଙ୍କା ଆତ୍ମସାତ କରୁଛନ୍ତି। ଶୁକ୍ରବାର ଦିନ ଏଭଳି ଏକ ଅଭିଯୋଗ ଆସି ଜିଲ୍ଲାପାଳଙ୍କ ପାଖରେ ପହଞ୍ଚିଛି। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅର୍ନ୍ତଗତ ମହଦା ପଞ୍ଚାୟତ ସ୍ଥିତ ଗଙ୍ଗାଡିହି ଗ୍ରାମର ମହିଳାମାନଙ୍କ ଦ୍ୱାରା ଗଠନ କରାଯାଇଥିବା ସମଲେଶ୍ୱରୀ 'ଏ' ସ୍ୱୟଂ ସହାୟକ ଦଳର ବ୍ୟାଙ୍କ ଆକାଉଣ୍ଟରୁ ଦେଢ଼ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି।

ସେମାନଙ୍କ ଅଭିଯୋଗକ୍ରମେ ସମଲେଶ୍ୱରୀ ସ୍ୱୟଂ ସହାୟକ ଦଳର ମହିଳାମାନେ କିଛି କାମ କରିବାକୁ ଲକ୍ଷ୍ୟ ରଖି ବ୍ୟାଙ୍କରେ ଅଳ୍ପଅଳ୍ପ ଟଙ୍କା ଜମା କରିଆସୁଥିଲେ। ଦୀର୍ଘ ବର୍ଷ ସଞ୍ଚୟ କରିବା ପରେ ଜମାଖାତା ଦେଢଲକ୍ଷ ଟଙ୍କା ରହିଥିଲା। କିନ୍ତୁ ଗତ କିଛିଦିନ ତଳେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଦେଢଲକ୍ଷ ଟଙ୍କା ଉଠାଣ କରାଯାଇଥିବା ସେମାନେ ଜାଣିବାକୁ ପାଇଥିଲେ। ମହିଳାମାନଙ୍କ ଅଜାଣତରେ ଟଙ୍କା ଉଠିଥିବା ଜାଣିବା ପରେ ସେମାନେ ଫାସିମାଲ ସ୍ଥିତ ୟୁଜିବି ବ୍ୟାଙ୍କ ଶାଖାକୁ ଯାଇ ଶାଖା ପରିଚାଳକଙ୍କୁ ଭେଟିଥିଲେ। କିନ୍ତୁ ସଞ୍ଚୟ ଖାତାରୁ ପର୍ଯ୍ୟାୟକ୍ରମେ ଟଙ୍କା ଉଠାଣ କରିଥିବା ମହିଳାମାନେ ଜାଣିବାକୁ ପାଇଥିବା କହିଥିଲେ। ତେବେ ମହଦା ପଞ୍ଚାୟତ ଅଞ୍ଚଳରେ କାମ କରୁଥିବା ସିଆରପି ସିଏମ ଚଞ୍ଚକତା ପୂର୍ବକ ସେମାନଙ୍କ ଖାତାରୁ ଦେଢଲକ୍ଷ ଟଙ୍କା ଉଠେଇ ନେଇଥିବା ମହିଳାମାନେ ସନ୍ଦେହ କରି ଅଭିଯୋଗ କରିଛନ୍ତି। ସଭାଖାତାରେ ସଭ୍ୟାମାନଙ୍କର ବିନା ଦସ୍ତଖତରେ ସିଆରପି ସିଏମ ଅଧିବେଶନ ଲେଖିଛନ୍ତି। ଏବଂ ଅଲଗା ସିଲ ଷ୍ଟାମ୍ପ ଲଗାଇ ବ୍ୟାଙ୍କକୁ ପଠାଇ ଟଙ୍କା ଉଠାଇଥିବା ସେମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଶୁକ୍ରବାର ସକାଳେ ସମଲେଶ୍ୱରୀ ଏସଏଚଜି ଦଳର ସଭାପତି ଦେବକି ବାରିକ ଓ ସମ୍ପାଦିକା ବୈଜୟନ୍ତୀ ଛୁରାଙ୍କ ନେତୃତ୍ୱରେ ଦଳର ସଦସ୍ୟାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ପରିବାରର ଭରଣପୋଷଣ ବ୍ୟୟରୁ ସଞ୍ଚୟ କରି ବ୍ୟାଙ୍କରେ ଟଙ୍କା ଜମା କରିଥିଲେ। ଭାବିଥିଲେ କିଛି କାମ କରି ଆଗକୁ ବଢ଼ିପାରିବେ। କିନ୍ତୁ ସେମାନଙ୍କ ଆଖିରେ ଧୂଳିଦେଇ ସବୁତକ ଟଙ୍କା କାଢ଼ିନେବା ଫଳରେ ମହିଳାମାନେ ଏବେ ହତାଶ ହୋଇଛନ୍ତି। କିଏ ଏବଂ କେଉଁ ବାବଦକୁ ଏହି ଟଙ୍କା ଉଠାଣ କରିନେଲା ତାହା ତଦନ୍ତ କରିବା ସହିତ ଦୋଷୀକୁ ଶୀଘ୍ର ଧରିବାକୁ ମହିଳାମାନେ ଦାବି କରଇଛନ୍ତି।

## ରାଜ୍ୟ ଦୌଡ଼କୁଦରେ ୩୩ ଜଣିଆ ସମ୍ବଲପୁର ଦଳ

**ସମ୍ବଲପୁର, ୩୧।୫(ସମିସ):** ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ୭୦ ତମ ରାଜ୍ୟ ଦୌଡ଼କୁଦ ସମାବେଶରେ ସମ୍ବଲପୁର ଜିଲ୍ଲାରୁ ୩୩ ଜଣିଆ ଦଳ ଭାଗନେଇଛି। ଉଭୟ ପୁରୁଷ ଓ ମହିଳା ବିଭାଗର ୧୪, ୧୫ ଓ ୧୮ ବର୍ଷ ବର୍ଗରେ ଏହି ଆଥଲେଟ ମାନେ ଭିନ୍ନଭିନ୍ନ ଆଥଲେଟିକ ଶୃଙ୍ଖଳାରେ ଭାଗ ନେବେ। ଏହି ଦଳର ମ୍ୟାନେଜର ଭାବରେ ରେଖା ଦେ ଦାୟିତ୍ୱ ନେଇଥିବାବେଳେ କୋଚ ପ୍ରିତୀ ଗୌଡ ରହିଛନ୍ତି। ରାଜ୍ୟ ଦୌଡକୁଦ ସମାବେଶରେ ଉତ୍ତମ ପ୍ରଦର୍ଶନ କରି ସମ୍ବଲପୁର ପାଇଁ ଗୌରବ ଆଣିବାକୁ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ ଏବଂ ଆଥଲେଟିକ ସମ୍ପାଦକ ବିକାଶ ମିଶ୍ର ଶୁଭକାମନା ଜଣାଇଛନ୍ତି।



## ବାପ ଛେଉଣ୍ଡ ପୁଅର ବଢୁଛି ଦୁଃଖ

**ପଡ଼ିଆବାହାଲ, ୩୧।୫(ସମିସ):** ଯୋଜନା ଉପରେ ଯୋଜନା। ବିଜୁ ସୁରକ୍ଷା କଲ୍ୟାଣ ଠାରୁ ରାଷ୍ଟ୍ରୀୟ ବାଳ ସୁରକ୍ଷା ଯୋଜନା। ହେଲେ ଜଣେ କୋମଳମତି ୧୨ ବର୍ଷର କିଶୋର ବାଳକର ୩ ବର୍ଷ ହେଲା ଘା' ଶୁଖୁନି। ବରଂ ଏହି ଘା' ଭବିଷ୍ୟତରେ ତା ପାଇଁ କାଳ ସାଜିବା ଆଶଙ୍କା ଥିଲେବି ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗର ନିଘା ନାହିଁ। ଯୁଯୋମୁରା ବ୍ଲକ ନୂଆବରଙ୍ଗାମାଲ ଗ୍ରାମ ପଞ୍ଚାୟତର କନ୍ଧା ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ର ଏଭଳି ଦୁଃଖରେ ନୀବନ କଟାଉଥିବା ନଜରକୁ ଆସିଛନ୍ତି।ଛାତ୍ରଙ୍କ ନାମ ହେଉଛି ରସାଲ ଡୁଙ୍ଗଡୁଙ୍ଗ(୧୨) ।ପିଲାଟି ଦିନରୁ ବାପଛେଉଣ୍ଡର ସାହା ଭରସା ତା ମାଁ ନିରୂପମା ଡୁଙ୍ଗଡୁଙ୍ଗ ।ନିଜ ବୟୋବୃଦ୍ଧା ମାଁ ଓ ରସାଲକୁ ନେଇ ନିରୂପମାର ସଂସାର ।ଖଟିଲେ ଘର ଚଳେ ।ବହୁ କଷ୍ଟରେ ଜୀବନ ଅତିବାହିତ କରୁଥିବା ଏହି ପରିବାରର ଏକ ମାତ୍ର ପୁଅର ଦୁଃଖରେ ଭାଙ୍ଗିପଡ଼ିଲେଣି ପରିବାର। ମିଳିଥିବା ସୂଚନା ମତେ ୩ ବର୍ଷ ତଳେ ବାମ ଗୋଡର ଆଣ୍ଠୁ ପାଖରେ ଏକ ବ୍ରଣ ଉଠିଥିଲା ।ଏହାର ଚିକିତ୍ସା ବି ହୋଇଥିଲା ।କିନ୍ତୁ ଦିନକୁ ଦିନ ଏହା ବଢ଼ିଲା ସିନା ଛାଡିଲାଣି ।ଏବେ ସେହି ଘାରୁ ଝରୁଛି ଲସା ପାଣି ।ଆଣ୍ଠୁ ଲାଗିଛି ଫୁଲିବାକୁ ।ଏଥିପାଇଁ ସ୍କୁଲର ଶିକ୍ଷକ ରାଷ୍ଟ୍ରିୟ ବାଳ ସୁରକ୍ଷା ଯୋଜନାରେ ସ୍କୁଲ ଦ୍ୱାରରେ ସେବା ଯୋଗାଇଥିବା ଭ୍ରାମ୍ୟମାଣ ଚିକିତ୍ସା ୟୁନିଟ ସହିତ ଯୋଗାଯୋଗ କରିଥିଲେ ।ପିଲାଟିର ଏଭଳି ଅବସ୍ଥା ଦେଖି ଯୁଯୋମୁରା ସିଏଚସିକୁ ତାକୁ ପ୍ରେରଣ କରାଯାଇଥିଲା। ଯୁଯୋମୁରା ଡାକ୍ତର ତାକୁ ପୁଣି ସମ୍ବଲପୁର ପ୍ରେରଣ କରିଥିଲେ। ପିଲାଟିର ରକ୍ତ ପରୀକ୍ଷା କରି ଔଷଧ ଦେଇ ଛାଡିଦେଲେ ସିନା ସ୍ଥାୟୀ ଚିକିତ୍ସା ପାଇଁ କୌଣସି ପଦକ୍ଷେପ ନେଲେନାହିଁ। ବିଏସକେୱାଇ କାର୍ଡ ଧରି ମାଁ ପୁଅ ଏ ଦାଣ୍ଡରୁ ସେ ଦାଣ୍ଡ ଧାଇଁଲେ ସିନା ଉପକାରରେ ଆସିଲାନି କାର୍ଡ କିମ୍ବା କାର୍ଯ୍ୟ ଦକ୍ଷତା ଦେଖାଇପାରିଲାନି ସ୍ୱାସ୍ଥ୍ୟ ବିଭାଗ ।ଅବଶ୍ୟ ରାଷ୍ଟ୍ରିୟ ବାଳ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଏହି କୋମଳମତି ଛାତ୍ରର ସୁରକ୍ଷା ପାଇଁ ସମସ୍ତ ଯୋଜନା ଥାଇବି ରସାଲ ପାଉଛି ଦୁଃଖ। ସତରେ ଯୋଜନା ଉପରେ ଯୋଜନା ଥାଇବି ଏହି ଭବିଷ୍ୟତର ନାଗରୀକ ପାଇଁ କ'ଣ କୌଣସି ରାସ୍ତା ନାହିଁ।ନାଁ ସ୍ୱାସ୍ଥ୍ୟ ବିଭାଗ ତାର ଉତ୍ତର ଦାୟିତ୍ୱ ନିର୍ବାହ କରି ରସାଲ ପରିବାରରେ ହସ ଫୁଟାଇବ ତାହାହିଁ ବର୍ତ୍ତମାନ ପାଇଁ ବଡ ପ୍ରଶ୍ନ ହୋଇଛି।








## ଚାଷୀଙ୍କୁ ସ୍ୱାବଲମ୍ବୀ କରିଛି ପୋଟଳ ଚାଷ

**ଜମନକିରା, ୩୧।୫(ସମିସ)**

ଚାଷ କାମ ଯାହାର କେଡ଼େ ଆନନ୍ଦ ତାହାର। ଏହି ଲୋକ କଥାକୁ ସତ୍ୟ କରି ଦେଖାଇଛନ୍ତି ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କଟଙ୍ଗପାଣି ଗାଁର ଚାଷୀମାନେ। ଜଳସେଚନ ସୁବିଧା ନଥିବାରୁ ପାରମ୍ପରିକ ଧାନ ଚାଷରେ ବାରମ୍ବାର କ୍ଷତି ସହି ଶେଷରେ ଆଧୁନିକ ପଦ୍ଧତିରେ ପୋଟଳ ଚାଷ କରି ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ କରିପାରିଛନ୍ତି ଚାଷୀ। ଏଥିରେ ଉତ୍ସାହିତ କରିଛନ୍ତି ପୁରା ପରିବାର। କଟଙ୍ଗପାଣି ଗାଁ ଏକ ଆଦିବାସୀ ବହୁଳ ଗାଁ। ପ୍ରାୟ ଶତପ୍ରତିଶତ ପରିବାରଙ୍କ ଜୀବନ ଜୀବିକା ହେଉଛି ଚାଷ। ତେବେ ପାରମ୍ପରିକ ଚାଷ ଛାଡି ଗାଁର କିଛି ଚାଷୀ ଆଧୁନିକ ପଦ୍ଧତିରେ ପୋଟଳ ଚାଷ କରି ଅଞ୍ଚଳରେ ଏବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ଅଞ୍ଚଳର ଅନ୍ୟ କ୍ଷୁଦ୍ର ଚାଷୀଙ୍କ ପାଇଁ ମଧ ସେମାନେ ପ୍ରେରଣା ସାଜିଛନ୍ତି। ବର୍ଷସାରା ପୋଟଳ ଚାଷକରି ସେମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏକର ପ୍ରତି ଯେତିକି ଖର୍ଚ୍ଚ ହୋଇଥାଏ ତାର ଦୁଇ ଗୁଣା ରୋଜଗାର କରିବାରେ ସକ୍ଷମ ହୋଇପାରିଛନ୍ତି। ଚାଷୀମାନେ ଜଙ୍ଗଲ ରୁ ରାଞ୍ଜି ସଂଗ୍ରହ କରି ପୋଟଳ ଚାଷ କରୁଛନ୍ତି। ଯଦି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ନୂତନ ପଦ୍ଧତିରେ ଚାଷ କରିବା ପାଇଁ ପ୍ରୋତ୍ସାହିତ କରାଗଲେ ଚାଷୀମାନେ ରାଞ୍ଜି ବଦଳରେ ଗ୍ରୀନ ନେଟ ଟ୍ରଲି ସହ ଡ୍ରିପ ପାଇପ ଜଳ ସିଞ୍ଚନ ପଦ୍ଧତିରେ ପୋଟଳ ଚାଷ କରିପାରନ୍ତେ। ଏହି ପ୍ରଣାଳୀରେ ଗଛ ସଠିକ ସୂର୍ଯ୍ୟ କିରଣ ପାଇବା ସହ ଜଳ ଓ ଔଷଧ ସିଞ୍ଚନରେ କମ୍ ଖର୍ଚ୍ଚ ହୁଅନ୍ତା। ଯାହା ଫଳରେ ଅଧିକ ଉତ୍ପାଦନ ସହ ଦୀର୍ଘ ଦିନ ପର୍ଯ୍ୟନ୍ତ ଅମଳ ହୁଅନ୍ତା ବୋଲି ଚାଷୀ କ୍ଷୀର ପଧାନ କହିଛନ୍ତି। ଏଠିକାର ଅମଳ ହେଉଥିବା ପୋଟଳ ଦେଶୀ କିସମର ହୋଇଥିବାରୁ ସ୍ଥାନୀୟ ବଜାରରେ ଏହାର ଚାହିଦା ବେଶି ରହିଛି। ଜମନକିରା, କୁଚିଣ୍ଡା, ପଡ଼ିଆବାହାଲ, ଭୋଜପୁର, କଂସର ଓ ତିଳେଇବଣୀ ସାପ୍ତାହିକ ବଜାରରେ ବିକ୍ରି କରି ବେଶ ଦୁଇ ପଇସା ରୋଜଗାର କରି ନିଜେ ସ୍ୱାବଲମ୍ବୀ ହେବା ସହିତ ନିଜ ପିଲାଛୁଆଙ୍କୁ ଭଲ ଶିକ୍ଷା ଯୋଗାଇ ଦେବାରେ ସକ୍ଷମ ହୋଇଛନ୍ତି। ଝିଅ ମାନଙ୍କ ବିବାହ ବେଳେ ମଧ କୌଣସି ଆର୍ଥିକ ପ୍ରତିବନ୍ଧକ ଦେଖା ଦେଇନାହିଁ। ଏ ସମ୍ପର୍କରେ ଜମନକିରା ବ୍ଲକ ଉଦ୍ୟାନ କୃଷି ଅଧିକାରୀ ହିତେଶ ବଢେଇ କହିଛନ୍ତି, ଏ ଅଞ୍ଚଳ ଅଣ ଜଳସେଚିତ ଅଞ୍ଚଳ ଅଟେ। ଏଠି ବର୍ଷା ଜଳ ଉପରେ ହିଁ ଧାନ ଚାଷ ନିର୍ଭର କରେ। ବର୍ଷା ର ଅନିୟମିତତା ପାଇଁ ପାରମ୍ପରିକ ଚାଷ ଛାଡି କିଭଳି ଉନ୍ନତମାନର ନୂଆ କିସମ ଚାଷ ହୋଇପାରିବ ସେ ନେଇ ଚାଷୀଙ୍କୁ ପରାମର୍ଶ ସହ ଜ୍ଞାନକୌଶଳ ପ୍ରଦାନ କରାଯାଉଛି। ଫଳରେ ଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିଛି। ସରକାର ଉନ୍ନତ କିସମ ଚାଷ ପାଇଁ ବିଭିନ୍ନ ଯୋଜନାରେ ସବସିଡି ଯୋଗାଇ ଦେଉଛନ୍ତି। ଅନ୍ୟ ଚାଷୀମାନେ ମଧ ସରକାରଙ୍କ ଯୋଜନାକୁ ଆପଣାଇ ବିଭିନ୍ନ ଚାଷ କରି ଲାଭବାନ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି।

# ଅଂଶୁଘାତ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ସମନ୍ୱୟ ବୈଠକ

**ବରଗଡ଼, ୩୧।୫(ସମିସ)**

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ଉପଯୁକ୍ତ ମୁକାବିଲା ପାଇଁ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଅଧକ୍ଷତା କରିବା ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେବା ସହ ସକାଳେ କିମ୍ବା ଉପରବେଳା ଖରା କମ ଥିବାବେଳେ ବାହାରକୁ ବାହାରିବା, ଘରୁ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଇବା, ହାଲୁକା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରିବା, ଖରାରେ ଶାରୀରିକ ପରିଶ୍ରମ କିମ୍ବା ଅଧିକ ଦୂର ନଚାଲିବା ଏବଂ ଛାଇରେ ବିଶ୍ରାମ ନେବା ଭଳି ସତର୍କତା ଅବଲମ୍ବନ କରିବା ପାଇଁ ଜିଲାପାଳ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଗତ ମାର୍ଚ୍ଚ ମାସରୁ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀଙ୍କୁ ନେଇ ଆୟୋଜିତ ହୋଇଥିବା ଏକ କର୍ମଶାଳାରେ ଗ୍ରୀଷ୍ମ ପ୍ରବାହ ସମୟରେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ମନୁଷ୍ୟ ଶରୀରରେ ଦେଖା ଦେଉଥିବା ବିଭିନ୍ନ



■ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରୁହ
■ ସକାଳ ୧୧ରୁ ୩ ଟା ପଦାକୁ ନବାହାରିବା ପାଇଁ ପରାମର୍ଶ

ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଅଂଶୁଘାତ ଭଳି ସମସ୍ୟା ଦେଖା ଦେଇଛି। ଗୃହପାଳିତ ପଶୁ, ଚାଷବାସ ଉପରେ ପଡୁଥିବା କୁପ୍ରଭାବକୁ ନଜରରେ ରଖି ଏହାର ସଠିକ ମୁକାବିଲା ପାଇଁ ବିଭନ୍ନ ପଦକ୍ଷେପ ନିଆଯାଇଛି ଓ ଜିଲ୍ଲାର ସମସ୍ତ ବିଡିଓ ଏବଂ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ଜଳ ସଙ୍କଟ ଦେଖା ଦେଉଥିବା ଅଞ୍ଚଳ ଗୁଡ଼ିକୁ ଚିହ୍ନଟ କରିବା ସହିତ ସେଠାରେ ସ୍ୱଛ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଚଳ ନଳକୂପ ଗୁଡ଼ିକୁ ମରାମତି କରିବା ଏବଂ ହସ୍ପିଟାଲ, ବସଷ୍ଟାଣ୍ଡ, ବଜାର ଭଳି ସର୍ବସାଧାରଣ ସ୍ଥାନରେ ଜଳସେବା କେନ୍ଦ୍ର ଖୋଲି ଓଆରଏସ ପାକେଟ ଏବଂ ଆଶୁ ଚିକିତ୍ସା ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଥିଲେ। ଗ୍ରୀଷ୍ମଋତୁରେ ଲୋକଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇବା ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଔଷଧ ସହ ଆବଶ୍ୟକ ସୁବିଧା କରିବା ଲାଗି ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ଓ ଯାତ୍ରୀଙ୍କ ଯାତାୟାତ ସୁବିଧା ନିମନ୍ତେ ସମସ୍ତ ଯାନବାହନରେ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ରଖିବା, ବସିବା କ୍ଷମତା ଅନୁଯାୟୀ ଯାତ୍ରୀଙ୍କୁ ନେବା, ଗାଡ଼ିକୁ ଗୋଟିଏ ସ୍ଥାନରେ ଅଧିକ ସମୟ ନରଖିବା ସହ ଗ୍ରୀଷ୍ମ ପ୍ରବାହରେ ଯାତ୍ରୀମାନେ ଅବଲମ୍ବନ କରିବାକୁଥିବା ସତର୍କତା ବିଷୟରେ ସଚେତନ କରିବା ପାଇଁ ପରିବହନ ବିଭାଗ କାର୍ଯ୍ୟକରୁଛି ଓ ଦୈନିକ ମଜୁରିଆଙ୍କ ସୁରକ୍ଷା ନିମନ୍ତେ କାର୍ଯ୍ୟ ସମୟର ପୁନଃ ନିର୍ଦ୍ଧାରଣକରି ମଧାହ୍ନ ସମୟ ତଥା ସକାଳ ୧୧ ରୁ ୩ ଟା ମଧ୍ୟରେ କାମ ବନ୍ଦ କରିବା ସହ କର୍ଯ୍ୟସ୍ଥଳରେ ପାନୀୟ ଜଳ, ଛାଇ, ଓଆରଏସ ଏବଂ ଆଶୁ ଚିକିତ୍ସା ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଶ୍ରମ ଅଧିକାରୀ ଏହାର ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ନଦୀପଠାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର



**ଭେଡେନ, ୩୧।୫/(ସମିସ):** ଭେଡେନ ଥାନା ଅନ୍ତର୍ଗତ ଜାମଡୋଲ ଗ୍ରାମ ନିକଟରେ ପ୍ରବାହିତ ଜିରା ନଦୀ ବାଲି ପଠାରେ ଏକ ଅଜଣା ବୃଦ୍ଧଙ୍କ ମୃତ ଦେହ ପଡ଼ିଥିବାର ସୂଚନା ପାଇ ଭେଡେନ ସରପଞ୍ଚ ଅକ୍ଷୟ ନାଏକ ଭେଡେନ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ଓ ଶବକୁ ଉଦ୍ଧାର କରିଥିଲେ। ମୃତକଙ୍କ ନାକରୁ ରକ୍ତବାହାରି ଜମାଟ ବାନ୍ଧି ଯାଇଥିବା ଦେଖିବାକୁ ମିଳିଥିଲା। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲେ। ବୃଦ୍ଧ ଜଣକ ଆରେଇଗୁଡି ଗ୍ରାମର ମୁନି ପାତ୍ର(୭୦)ବୋଲି ଜଣାପଡ଼ିଛି। ସେ ନଦୀ ପରିହେଉଥିବା ବେଳେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଅଂଶୁଘାତରେ ପ୍ରାଣ ହରାଇଥିବାର ନେଇ ସଂଦେହ କରାଯାଉଛି। ବ୍ୟବଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

**ଅଂଶୁଘାତ ସନ୍ଦେହ**

## ବରଗଡ଼ରେ ୫୮ ଅଂଶୁଘାତ ଆକ୍ରାନ୍ତ ଚିକିତ୍ସିତ, ଜଣେ ଯୁବକଙ୍କ ମୃତ୍ୟୁ

**ବରଗଡ଼, ୩୧।୫(ସମିସ):** ବରଗଡ଼ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଅଂଶୁଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ବରଗଡ଼ ସହରର ହାଟପଦା ୱାର୍ଡ ନମ୍ବର ୩ ର ସୁବଳ ବେହେରା (୩୧) ବୋଲି ସୂଚନା ଦିଆଯାଇଛି। ମୃତ ସୁବଳଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଏ ନେଇ ସୂଚନା ଦେଇଛନ୍ତି। ବିଗତ କିଛି ଦିନ ଧରି ଜିଲ୍ଲାରେ ଗ୍ରୀଷ୍ମର ପ୍ରକୋପ ଜାରି ରହିଥିବା ବେଳେ ପାରଦ ଉପରମୁହାଁ ରହିଛି। ଏ ପରିସ୍ଥିତିରେ ସକାଳ ୧୧ ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଘରୁ ନ ବାହାରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଇଛି। ଅଂଶୁଘାତରେ ମୃତ ସୁବଳ ବେହେରାଙ୍କ ପରିବାରକୁ ଜିଲ୍ଲା ପ୍ରଶାସନ ତରଫରୁ ରେଡ଼କ୍ରସରୁ ୧୦ ହଜାର ଟଙ୍କା ଦିଆଯାଇଛି। ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୮ ଜଣ ଅଂଶୁଘାତ ପ୍ରଭାବିତ ରୋଗୀ ଚିକିତ୍ସିତ ହେଉଛନ୍ତି।

## ଅଂଶୁଘାତରେ ମହିଳା ଗୁରୁତର



**ଗୁଦେରପାଲି, ୩୧।୫ (ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ଗାଁ ୱାର୍ଡ ନମ୍ବର ୭ର କହ୍ନେଇ ପ୍ରଧାନଙ୍କ ପତ୍ନୀ ଅହଲ୍ୟା ପଧାନ (୬୩) ଆଜି ସକାଳ ସାଢେ ୧୦ଟା ସମୟରେ ଅଂଶୁଘାତର ଶିକାର ହୋଇ ଗୁରୁତର ହୋଇ ଯାଇଥିଲେ। ତାଙ୍କ ଏକମାତ୍ର ୧୨ବର୍ଷର ଝିଅ ଘରେ ଏକା ଥିଲେ। ମାଙ୍କ ମୁର୍ଚ୍ଛିତ ଅବସ୍ଥା ଦେଖି ପଡ଼ିଶା ଲୋକଙ୍କୁ ଡାକିଥିଲେ। ପଡ଼ିଶା ଲୋକେ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବା ସହ କିଛି ଆର୍ଥିକ ସହଯୋଗ କରି ଗୁରୁତର ଅହଲ୍ୟା କୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ।

## ତତଲା କଡ଼େଇରେ ପଦ୍ମପୁର ସହର



**ପଦ୍ମପୁର, ୩୧।୫ (ସମିସ):** ପ୍ରବଳ ଗ୍ରୀଷ୍ମପ୍ରବାହରେ ଜଳୁଛି ପଦ୍ମପୁର ଉପଖଣ୍ଡ। ଏହା ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଅତିଷ୍ଠ ହୋଇ ପଡ଼ିଲେଣି। ଗତ ୩ଦିନ ହେବ ତାପମାତ୍ରା ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ପଦ୍ମପୁର ଉପଖଣ୍ଡରେ ଏମିତି ତାତି ଗତ ୫୦ ବର୍ଷ ଭିତରେ କେବେ ଅନୁଭୂତ ହେଉ ନ ଥିଲା ବୋଲି ବରିଷ୍ଠ ବ୍ୟକ୍ତି ମାନେ ମତ ପ୍ରକାଶ କରିଛନ୍ତି। ବିଭିନ୍ନ ସରକାରୀ କାମରେ ପଦ୍ମପୁର ସହରକୁ ଆସୁଥିବା ଲୋକମାନେ ତାତିରେ କଳବଳ ହେଉଛନ୍ତି। ଆଗରୁ ଏହି ଅଞ୍ଚଳରେ ଖରାର ପ୍ରକୋପ ଏତେ ଅନୁଭବ ହେଉ ନଥିଲା ବୋଲି ବୁବୁଡା ଅଞ୍ଚଳର ବହୁ ବରିଷ୍ଠ ନାଗରିକ କହିଛନ୍ତି। ପ୍ରବଳ ତାତି ଯୋଗୁଁ ଦୋକାନ ବଜାର ସହିତ ରାସ୍ତାଘାଟ ମଧ୍ୟ ଶୂନଶାନ ହୋଇଯାଇଛି। ସହରରେ ଲସି ଓ ଥଣ୍ଡା ପାନୀୟ ଦୋକାନରେ ଭିଡ଼ ଲାଗି ରହୁଛି। କେବେ ଏହି ତାତିରୁ ନିସ୍ତାର ମିଳିବ ବୋଲି ସବୁଠି ଚର୍ଚ୍ଚା ଚାଲିଛି।

## ପଞ୍ଚାୟତ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ବରଗଡ଼,. ୩୧।୫ (ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଷଷ୍ଠ ସେମିଷ୍ଟାର ରସାୟନ ବିଜ୍ଞାନ ପରୀକ୍ଷାରେ ପଞ୍ଚାୟତ ମହାବିଦ୍ୟାଳୟ ଦୁଇ ଛାତ୍ରଛାତ୍ରୀ ପ୍ରଥମ ଦଶ ଜଣଙ୍କ ମଧ୍ୟରୁ ତୃତୀୟ ଓ ଦଶମ ସ୍ଥାନ ଅଧିକାର କରିଛନ୍ତି। ପ୍ରଭାସ ସାହୁ ତୃତୀୟ ସ୍ଥାନ ଓ ସୁଶ୍ରୀ ଶିଖା ସେନାପତି ଦଶମ ସ୍ଥାନ ଅଧିକାର କରି ଅଞ୍ଚଳ ତଥା ଅନୁଷ୍ଠାନକୁ ଗୌରବାନ୍ୱିତ କରିଥିବାରୁ ଅଧକ୍ଷ ଡ. ନକୁଳ ସେଠ୍, ବିଭାଗୀୟ ଅଧକ୍ଷ ଡ.ସିପୁନ ସେଠୀ, ମାନସ ଭୋଇ, ଶଶିଭୂଷଣ ସେଠ୍, ଡ.ସୁଶାନ୍ତ କୁମାର ପ୍ରଧାନ ଓ ତ୍ରିନାଥ ପ୍ରସାଦ ତ୍ରିପାଠୀ ପ୍ରମୁଖ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଖେଳୁଥିବା ବାଳକର ପିଠିରେ ପଶିଲା ଲୁହାରଡ଼୍

**ଭଟଲି, ୩୧।୫(ସମିସ):** ବରଗଡ଼ ଜିଲ୍ଲା ଭଟଲି ରଥଦାଣ୍ଡ ପଡ଼ିଆ ନିକଟରେ ରହୁଥିବା ଗୋଟିଏ ବାଳକର ପିଠିରେ ଲୁହାରଡ଼୍ ପଶିଯାଇ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଆଜି ସକାଳେ ସେହି ଅଞ୍ଚଳର କିଛି ପିଲା ରଥଦାଣ୍ଡପଡ଼ିଆରେ ଖେଳୁଥିବା ବେଳେ ଏହି ଅଘଟଣା ଘଟିଥିବା କୁହାଯାଉଛି। ଆହତ ବାଳକର ନାମ ଜୀବନ ପାତିକା(୯) ବୋଲି ଜଣାପଡ଼ିଛି। ଜୀବନ ଅନ୍ୟ ସାଙ୍ଗପିଲା ମାନଙ୍କ ସହିତ ଖେଳୁଥିବା ବେଳେ କୌଣସି କାରଣକୁ ନେଇ ଅନ୍ୟ ଦୁଇ ଜଣ ସାଙ୍ଗପିଲା ସହିତ ତାର ଗଣ୍ଡଗୋଳ ହୋଇଥିଲା। ଠେଲାପେଲା ବେଳେ ଜୀବନ ତଳେ ପଡ଼ି ଯିବା ବେଳେ ତାର ପିଠିରେ ଏକ ଲୁହାରଡ଼୍ ପଶି ଯାଇଥିଲା।



ଏହି ଘଟଣା ଦେଖି କିଛି ଲୋକ ତାକୁ ସେଠାରୁ ଉଦ୍ଧାର କରିଥିଲେ ଓ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ସାହାଯ୍ୟରେ ବରଗଡ଼ ଖେଦାପାଲି ସ୍ଥିତ ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ବରଗଡ଼ ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁର ସୁବିଧା ନଥିବାରୁ ଆହତ ବାଳକର ଚିକିତ୍ସା ହୋଇପାରିନଥିଲା। ଫଳରେ ବରଗଡ଼ ସଂକଳ୍ପ ପରିବାରର ପକ୍ଷରୁ ବିକାଶ ଅଗ୍ରୱାଲ ଓ ତାଙ୍କ ସହଯୋଗୀଙ୍କ ମାନେ ଶିଶୁଟିକୁ ବୁର୍ଲା ଭିମ୍‌ସାରକୁ ନେଇଥିଲେ। ଭିମସାର ଡାକ୍ତରମାନଙ୍କ ସଫଳ ଅସ୍ତ୍ରୋପଚାର ପରେ ବାଳକ ଦେହରୁ ପଶିଯାଇଥିବା ଲୁହାରଡ଼୍‌ଟି ବାହାରିଥିଲା। ବାଳକଟିର ସ୍ୱାସ୍ଥ୍ୟ ଏବେ ସ୍ଥିର ଥିବା ବେଳେ ବୁର୍ଲା ଭିମସାରର ଶଲ୍ୟ ବିଭାଗରେ ଚିକିତ୍ସିତ ହେଉଛି।

## ଟାଟାପାୱାର ଗ୍ରୀଡ୍ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ପାଇକମାଳ, ୩୧।୫ (ସମିସ) :** ପାଇକମାଳ ଟାଟାପାୱାର ଗ୍ରୀଡ ପରିସରରେ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ଏସ ଡି ଓ ମନରଞ୍ଜନ ନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥିଭା ଜେ ଇ ଶ୍ରୀକାନ୍ତ କୁମାର ସାହୁ, ଜେଇ ଅମରେଶ କନ୍ଧ, ଭରତ ଚନ୍ଦ୍ର ଭୋଇ ସାମାଜିକ କର୍ମୀ ବଡ଼ ଶତପଥି, ଆର୍ ଡବ୍ଲୁଏସଏସ ଜେଇ ସତ୍ୟଜିତ ମାଝୀ ଯୋଗଦେଇ ବିଦାୟୀ ଲାଇନମେନ ସୁଧାକର ଗଡ଼ତୀୟାଙ୍କ ଦୀର୍ଘ ୪୨ ବର୍ଷ ଚାକିରୀ ଜୀବନୀ ବିଷୟରେ ସ୍ମୃତି ଚାରଣ କରି ଥିଲେ। ଶ୍ରୀ ଗଡ଼ତିଆ ଙ୍କୁ ମାନପତ୍ର, ସର୍ଭିସ ବୁକ, ସହ ଉପଢୌକନ ପ୍ରଦାନ କରାଯାଇଥିଲା। ସଭାର ଉଦ୍ଦେଶ୍ୟ ଜ୍ଞାପନ ପାଇକମାଳ ସେକ୍ସନ ଲାଇନମେନ ଗ୍ରେଡ଼ ଏ ଶଶାଙ୍କ କୁମାର ସାହୁ କରିଥିବା ବେଳେ ସଭା ପରିଚାଳନା ସୁଧୀର କୁମାର ତ୍ରିପାଠୀ ଓ ଶେଷରେ ଧନ୍ୟବାଦ ଅର୍ପଣ ପ୍ରକାଶ ସିଂ କରିଥିଲେ। ପାଇକମାଳ ସେକସନର ୪୫ ଜଣ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ।

## ଧାନକଟା ମେସିନ ଚଢ଼ି ଯାଇ ଜଣେ ମହିଳାଙ୍କ ମୃତ୍ୟୁ, ୩ ଗୁରୁତର

**ଭେଡେନ, ୩୧।୫(ସମିସ):** ଭେଡେନ ଥାନା ଅନ୍ତର୍ଗତ ରଖୁଡା ଗ୍ରାମରେ ଧାନକଟା ମେସିନ ଚଢ଼ି ଯାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ସନ୍ଧ୍ୟାରେ ମେସିନ ଦ୍ୱାରା ଧାନକଟା ଚାଲିଥିବା ବେଳେ ମେସିନଟି ହଠାତ ସେଠାରେ କାମ କରୁଥିବା ଶ୍ରମିକଙ୍କ ଉପରେ ଚଢ଼ି ଯାଇଥିଲା ଫଳରେ ଘଟଣା ସ୍ଥଳରେ ରଖୁଡା ଗ୍ରାମର ମହିଳା ଭାରତୀ ଭୂଇଁ((୪୦)ଙ୍କ ମୃତ୍ୟୁ ହୋଇଥିବା ବେଳେ ସେହି ଗ୍ରାମର ଅଲେଖ ରନବିଡା(୪୦), କୁନ୍ତୀ ସେଟ(୩୫) ଓ ମଧୁସ୍ମିତା ଦେହେରି(୨୭) ଗୁରୁତର ଆହତ ହୋଇଥିଲେ। ଉପସ୍ଥିତ ଲୋକମାନେ ସେମାନଙ୍କୁ ଡାକ୍ତରଖାନାକୁ ନେଇଥିଲେ।

## ଅତିଷ୍ଠ କରୁଛି ବିଜୁଳି ବିଭ୍ରାଟ

**ଝାରବନ୍ଧ, ୩୧।୫(ସମିସ):** ପ୍ରଚଣ୍ଡ ରୌଦ୍ର ତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଉଛି। ପୂର୍ବାହ୍ନ ୯ ଟାରୁ ପଦାକୁ ବାହାରିବା କଷ୍ଟକର ହୋଇ ପଡୁଛି। ଘର ଭିତରେ ରହିଲେ ମଧ୍ୟ ମୁକ୍ତି ନାହିଁ। ବାରମ୍ବାର ବିଦ୍ୟୁତ ବିଭ୍ରାଟ ଘର ଭିତରେ ଆହୁରି ଅତିଷ୍ଠ କରି ପକାଉଛି। ପ୍ରଚଣ୍ଡ ଗରମ ସହିତ ପ୍ରବଳ ଗୁଳୁଗୁଳିରେ ରହିବାକୁ ବାଧ ହେଉଛନ୍ତି। ଅଘୋଷିତ ବିଦ୍ୟୁତ କାଟ ଓ ବିଦ୍ୟୁତ ବିଭାଗର ମନମୁଖି କାର୍ଯ୍ୟ ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ବିଳମ୍ବିତ ରାତ୍ର, ମଧାହ୍ନ ସମୟରେ ବିଦ୍ୟୁତ କାଟ ଅସହ୍ୟ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

## କମ୍ୟୁନିଟି ଶିକ୍ଷକଙ୍କ ଅଣଆବାସିକ ଶିବିର

**ବରଗଡ଼, ୩୧।୫(ସମିସ):** ପତଙ୍ଗର ଯୁବ ଓ ଶିକ୍ଷା ସମ୍ବଳ କେନ୍ଦ୍ର ଠାରେ ବରଗଡ଼ ଓ ଭଟଲି ବ୍ଲକର ୧୩ଟି ବିଦ୍ୟାଳୟର ୧୬ଜଣ କମ୍ୟୁନିଟି ଶିକ୍ଷକଙ୍କୁ ନେଇ ଦୁଇଦିନିଆ ଶିକ୍ଷା ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କମ୍ୟୁନିଟି ଶିକ୍ଷକମାନେ ପିଲାମାନଙ୍କ ସ୍ଥିତିକୁ ବୁଝିବା ଓ ପିଲାର ଅନ୍ତର୍ନିହିତ ଦକ୍ଷତାକୁ ଚିହ୍ନି ବିକଶିତ କରିବା ଉଦ୍ଦେଶ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। କମ୍ୟୁନିଟି ଶିକ୍ଷକମାନେ ନିଜ ଗ୍ରାମ ତଥା ପାଖଗ୍ରାମର ବିଦ୍ୟାଳୟରେ ସେଚ୍ଛାକୃତ ହିସାବରେ ଶିକ୍ଷାଦାନ କରିଆସୁଛନ୍ତି। ସେମାନଙ୍କ ପାଇଁ ଆନୁଷ୍ଠାନିକ ବା ଅଣ ଆନୁଷ୍ଠାନିକ ଭାବରେ ଶିଶୁ ଓ ଶିକ୍ଷା ସମ୍ବନ୍ଧୀୟ କୌଣସି ତାଲିମର ସୁଯୋଗ ସୃଷ୍ଟି କରାଯାଉନାହିଁ। ଯାହା ଫଳରେ ତାଙ୍କର ଦକ୍ଷତା ବୃଦ୍ଧିରେ ସହାୟକ ହୋଇପାରୁନାହିଁ। ଯାହାକୁ ନେଇ ପତଙ୍ଗ ଅନୁଷ୍ଠାନ ତରଫରୁ ଦୁଇଦିନିଆ ଅଣଆବାସିକ ଶିବିର କରାଯାଇ କମ୍ୟୁନିଟି ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମର କ୍ୟାମ୍ପ ଉଦଯାପିତ

**ବରଗଡ଼, ୩୧।୫(ସମିସ):** ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ସମରକ୍ୟାମ୍ପ ଉଦଯାପିତ ହୋଇଯାଇଛି। ଗତ ୨୨ ତାରିଖରୁ ଏହି ସମରକ୍ୟାମ୍ପ ଆରମ୍ଭ ହୋଇଥିଲା। ଏ ଅବସରରେ ବରପାଲି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ଭୁଏ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷୟତ୍ରୀ ଶାନ୍ତି ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ସାଧନାକର୍ମୀ ଅନୁପମ କୁମ୍ଭାର, ଅନନ୍ୟା ଗୁପ୍ତା, ସୁଶ୍ରୀ ସଙ୍ଗୀତା ମହାନ୍ତିଙ୍କୁ ସ୍ମୃତି ଫଳକ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଦଶ ଦିନ ଧରି ଆୟୋଜିତ ଏହି ଶିବିରରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନା ମିଶ୍ର, ଗୀତାଞ୍ଜଳୀ ପ୍ରଧାନ, ଶିକ୍ଷକ ଚନ୍ଦନ ପଟେଲ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିବା ବେଳେ ପରିଶେଷରେ ବରିଷ୍ଠ ଶିକ୍ଷକ ବିବେକାନନ୍ଦ ଅଦାବର ଧନ୍ୟବାଦ ଅର୍ପଣ କରିଥିଲେ।

## ବଗର୍ଡିପାଲି ଫଡ଼ିରେ ନିଆଁ ଲାଗି ହଜାର ହଜାର ଟଙ୍କାର କେନ୍ଦୁପତ୍ର ପୋଡ଼ିଗଲା



**ଭେଡେନ, ୩୧।୫(ସମିସ)**

ଗୁରୁବାର ରାତିରେ ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ବଗର୍ଡିପାଲି କେନ୍ଦୁପତ୍ର ଫଡ଼ିରେ ନିଆଁ ଲାଗି ହଜାର ହଜାର ଟଙ୍କାର କେନ୍ଦୁପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସମ୍ବଲପୁର ଡିଭିଜନ ଅନ୍ତର୍ଗତ ଏହି ଫଡ଼ିରେ ରାତି ପ୍ରାୟ ୧୨ ଟାରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଫଡ଼ିରେ ପ୍ରାୟ ୪୩ ହଜାର କେରି କେନ୍ଦୁପତ୍ର ଗଛିତ ଥିବା ବେଳେ ଯାର ଆନୁମାନିକ ମୂଲ୍ୟ ୭୦ ହଜାର ଟଙ୍କା ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ଖବର ପାଇ ସମ୍ବଲପୁର ଡିଭିଜନ ଡିଏଫଓ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏହି ଫଡ଼ିରେ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ପଦ୍ମପୁର, ୩୧।୫ (ସମିସ):** ବରଗଡ଼ ଜିଲ୍ଲା ଗାଇସିଲାଟ ବ୍ଲକ ଅନ୍ତର୍ଗତ ତାଲପାଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନୀଳକଣ୍ଠ ସାହୁଙ୍କୁ ବ୍ରାହ୍ମଣମାଲ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗାଇସିଲାଟ ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରିଥିବା ଶ୍ରୀ ସାହୁ ଯୁବାଖୋଲ, ଅଏଁଲାଭଟା, ଜନକେଡା, ଚଙ୍ଗରିଆରେ ମଧ୍ୟ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କରିଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବରେ ସେ ବେଶ ପରିଚିତ ଥିଲେ। ବୁଢ଼ାସମ୍ବର ଧନୁଯାତ୍ରା କମିଟ ସମ୍ପାଦକ ଦାୟିତ୍ୱ ଦୀର୍ଘ ବର୍ଷ ଧରି ତୁଲେଇ ଆସିଥିଲେ। ଦୁଲଦୁଲି ବଜା ସହିତ ଗ୍ରାମରେ ପ୍ରତି ଘରେ କୁମ୍ଭ କଳସ ସ୍ଥାପନ କରିଥିଲେ। ଫୁଲମାଲ ସହିତ ଉପଢ଼ୌକନ ଦେଇଥିଲେ। ବ୍ରାହ୍ମଣମାଲ ଗ୍ରାମ ପରିକ୍ରମା କରିସାରିଲା ପରେ ବିଭିନ୍ନ ଦେବାଦେବୀଙ୍କ ଦର୍ଶନ କରିଥିଲେ। ନୀଳକଣ୍ଠ ସାହୁଙ୍କୁ ତାଙ୍କର ନିଜସ୍ୱ ଗ୍ରାମ ବସଷ୍ଟାଣ୍ଡ ସମ୍ମୁଖରୁ ତାଙ୍କର ଘର ଯାଏ ବାଣ, ବାଜା କୀର୍ତ୍ତନ କରି ପାଛୋଟି ନିଆଯାଇଥିଲା।



ଶିକ୍ଷାର ପରିସର କେବଳ ସ୍କୁଲ୍ ଯିବା କିମ୍ବା ଡିଗ୍ରୀ ହାସଲରେ ସୀମିତ ନୁହେଁ। ଜ୍ଞାନ ପରିସୀମାକୁ ବୃଦ୍ଧି କରି ଜୀବନର ସତ୍ୟତା ଉପଲବ୍ଧି କରିବା ହେଉଛି ଏହାର ମୂଳ ଲକ୍ଷ୍ୟ।
-ଶକୁନ୍ତଳା ଦେବୀ

ସକାଳ
THE SAKALA

## ଓଡ଼ିଶାରେ ଅଭୂତପୂର୍ବ ଗ୍ରୀଷ୍ମପ୍ରବାହ

# ଅଂଶୁଘାତକୁ ସାବଧାନ!

ସୁନ୍ଦରଗଡ଼ ଜିଲ୍ଲାରେ, ବିଶେଷକରି ରାଉରକେଲା ଓ ଏହାର ଆଖପାଖ ଅଞ୍ଚଳରେ ଗୁରୁବାର ମାତ୍ର କେଇ ଘଣ୍ଟା ବ୍ୟବଧାନରେ ୧୮ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ପ୍ରାୟ ୨୦ ଜଣ ଅସୁସ୍ଥ ହୋଇ ଡାକ୍ତରଖାନାରେ ଏବେ ଚିକିତ୍ସାଧୀନ ଅଛନ୍ତି। କେବଳ ରାଉରକେଲା ସରକାରୀ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିବା ଲୋକଙ୍କ ମଧ୍ୟରୁ ଆସିବା ବାଟରେ ଆଠଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଛ'ଜଣ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଏହାଛଡ଼ା ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଚିକିତ୍ସାଧୀନ ଥିବା ଏକାଭଳି ୪ଜଣଙ୍କର ମୃତ୍ୟୁ ଘଟିଛି। ଆମେ ଲେଖା ଲେଖିବା ବେଳ ସୁଦ୍ଧା ମୃତ୍ୟୁର କାରଣ ଜଣାପଡ଼ିନାହିଁ ଏବଂ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଝାରସୁଗୁଡ଼ା ମୁଖ୍ୟ ହସ୍ପିଟାଲରେ ମଧ୍ୟ କିଛି ଏଭଳି ରୋଗୀ ଭର୍ତ୍ତି ହୋଇଛନ୍ତି।

ଚିକିତ୍ସକ ଓ ବିଶେଷଜ୍ଞଙ୍କ କହିବା କଥା ଯେ ମୃତ ଓ ଅସୁସ୍ଥମାନେ ସମସ୍ତେ ଅଂଶୁଘାତରେ ଆକ୍ରାନ୍ତ ହୋଇଥାଇପାରନ୍ତି। ଏବେ ପଶ୍ଚିମ ଓଡ଼ିଶାରେ ନାହିଁ ନଥିବା ଗ୍ରୀଷ୍ମ ପ୍ରବାହ ଚାଲିଛି। ଆକ୍ରାନ୍ତମାନଙ୍କ ଶରୀରର ତାପମାତ୍ରା ୧୦୩ ଡିଗ୍ରୀ ଫାରେନହାଇଟ୍ ରେକର୍ଡ କରାଯାଇଛି। ଅତଏବ ଏହା ଅଂଶୁଘାତ ହୋଇପାରେ। ଗୁରୁବାରଠାରୁ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରା ୪୫ ରୁ ୪୮ ଡିଗ୍ରୀ ସେଲ୍ସିୟସ ମଧ୍ୟରେ ରହୁଛି। ଏହି ଗ୍ରୀଷ୍ମପ୍ରବାହ ଆହୁରି ତିନିଦିନ ଅବ୍ୟାହତ ରହିବ। ତେଣୁ ଖରାକୁ ନ ବାହାରିବାକୁ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ଲୋକଙ୍କୁ ସତର୍କ କରାଇ ଦିଆଯିବା ସହିତ ଖରା ସମୟରେ ବାହାରେ କାମ କରିବାକୁ ଶ୍ରମିକମାନଙ୍କୁ ନିଷିଦ୍ଧ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଅଂଶୁଘାତରେ ସାତଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି। ତେବେ ସୁନ୍ଦରଗଡ଼ ଓ ରାଉରକେଲା ଘଟଣା ଆତଙ୍କ ସୃଷ୍ଟି କରିଛି।

ଖଣିଖାଦାନ ଭରା ପଶ୍ଚିମ ଓଡ଼ିଶାରେ ଶ୍ରମିକମାନେ ପ୍ରଚଣ୍ଡ ଖରାରେ କାମ କରିବାକୁ ବାଧ୍ୟ ହୋଇଥା'ନ୍ତି। ସୁନ୍ଦରଗଡ଼ ଜିଲ୍ଲାର ସନ୍ଦିଗ୍ଧ ଅଂଶୁଘାତ ମୃତାହତଙ୍କ ମଧ୍ୟରୁ ଅଧିକାଂଶ ଏହି ଶ୍ରମିକ ଶ୍ରେଣୀର ଏବଂ ସେମାନଙ୍କ ମଧ୍ୟରେ ଅନେକ ମହିଳା ଅଛନ୍ତି। ଏହା ସମ୍ଭାବ୍ୟ ଅଂଶୁଘାତ ଘଟଣା ହୋଇଥିବାରୁ ସରକାର ଓ କର୍ତ୍ତୃପକ୍ଷଙ୍କୁ ଅଧିକ ସତର୍କ ରହିବାକୁ ପଡ଼ିବ। ସୂଚନାଯୋଗ୍ୟ ଯେ ୧୯୯୮ ମସିହାରେ ରାଜ୍ୟରେ ଅଭୂତପୂର୍ବ ତାପ ପ୍ରବାହ ଫଳରେ ସରକାରୀ ଭାବେ ୨୦୪୨ ଲୋକଙ୍କର ମୃତ୍ୟୁ ଘଟିଥିଲା। ତେବେ ବେସରକାରୀ ଭାବେ ଏହି ସଂଖ୍ୟା ବହୁ ଅଧିକ ଥିଲା। ସେତେବେଳେ ଏହି ଅଂଶୁଘାତ ମୃତ୍ୟୁ ପ୍ରଥମେ ରାଜ୍ୟର ପଶ୍ଚିମାଞ୍ଚଳରୁ ଆରମ୍ଭ ହୋଇ ସାରା ରାଜ୍ୟକୁ ବ୍ୟାପିଥିଲା। ସେ ବର୍ଷ କ୍ରମାଗତ ଛ'ମାସ ଧରି ବର୍ଷା ନଥିଲା ଏବଂ ଖରାଦିନିଆ ବର୍ଷା ଆଦୌ ହୋଇନଥିଲା। ଖରାଦିନିଆ ବର୍ଷା ବାୟୁମଣ୍ଡଳକୁ ଅପେକ୍ଷାକୃତ ଥଣ୍ଡା ରଖେ। ଏଥର ସେଭଳି ଅବସ୍ଥା ନଥିଲେ ମଧ୍ୟ ଖରାଦିନିଆ ବର୍ଷାର ଅଭାବ ରହିଛି।

ଓଡ଼ିଶା ଏକ ଉପକୂଳବର୍ତ୍ତୀ ରାଜ୍ୟ ହୋଇଥିଲେ ମଧ୍ୟ ଏହାର ପଶ୍ଚିମ ଓ ଆଭ୍ୟନ୍ତରୀଣ ଅଞ୍ଚଳ ଗ୍ରୀଷ୍ମପ୍ରବଣ। ପ୍ରତିବର୍ଷ ପ୍ରବଳ ଖରା ଓ ଝାଞ୍ଜି ଯୋଗୁଁ ଏଠାରେ ଲୋକ ମରନ୍ତି। ୨୦୦୫ରେ ମଧ୍ୟ ରାଜ୍ୟରେ ୨୩୬ ଲୋକ ଅଂଶୁଘାତରେ ପ୍ରାଣ ହରାଇଥିଲେ। ରାଜ୍ୟର ଉପକୂଳ ଅଞ୍ଚଳ ଏବର୍ଷ ଏପ୍ରିଲ ଦ୍ୱିତୀୟ ଭାଗରେ ଅସହ୍ୟ ଗ୍ରୀଷ୍ମପ୍ରବାହର ସମ୍ମୁଖୀନ ହୋଇଥିଲା ଏବଂ ତାପମାତ୍ରା ୪୭ ଡିଗ୍ରୀ ସେଲସିୟସ ଛୁଇଁଥିଲା। ଏବେ ପାଗରେ ସାମାନ୍ୟ ପରିବର୍ତ୍ତନ ଘଟିଛି। ଦୁଇଦିନ ଧରି ଆକାଶ ମେଘାଚ୍ଛନ୍ନ ରହିଥିଲେ ମଧ୍ୟ ଆର୍ଦ୍ରତା ୮୦ ଭାଗରୁ ଅଧିକ ଥିବାରୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଆଶ୍ୱସ୍ତିକର ଖବର ହେଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଇତିମଧ୍ୟରେ ଆଗୁଆ କେରଳ ଓ ଉତ୍ତର-ପୂର୍ବାଞ୍ଚଳରେ ପ୍ରବେଶ କରିଛି। ଏହା ସ୍ୱାଭାବିକ ଗତିରେ ଆଗକୁ ବଢୁଥିବାରୁ ଜୁନ୍ ୧୦ ବେଳକୁ ଓଡ଼ିଶାରେ ପହଞ୍ଚି ଯାଇପାରେ। ତା'ଛଡ଼ା ଏହାର ପ୍ରଭାବରେ ରାଜ୍ୟରେ ପ୍ରାକ୍-ମୌସୁମୀ ବର୍ଷା ହୋଇପାରେ।

ଏସବୁ ସତ୍ତ୍ୱେ ଆଗାମୀ ଦଶ/ବାର ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପଶ୍ଚିମରେ ତାପ ପ୍ରବାହ ସହିତ ଉପକୂଳରେ ଗୁଳୁଗୁଳି ଅସହ୍ୟ ହେବ। ସରକାର ତାଙ୍କ ସାଧ୍ୟମତେ ଅଂଶୁଘାତର ମୁକାବିଲା କରିବେ ସିନା; ସମସ୍ତଙ୍କୁ ସୁରକ୍ଷା ଦେଇପାରିବେ ନାହିଁ। ଏଥିପାଇଁ ବ୍ୟକ୍ତିଗତ ସତର୍କତା ଓ ସଚେତନତା ଲୋଡ଼ା। ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜକୁ ଖରା ଗରମଠାରୁ ଦୂରେଇ ରଖିବା ଉଚିତ। ଜୀବିକା ଅପେକ୍ଷା ଏବେ ଜୀବନ ରକ୍ଷା ପ୍ରଥମ ଆବଶ୍ୟକତା। ଛାଇରେ ରହିବା, ପ୍ରଚୁର ପାଣି, ତୋରାଣି ପିଇବା, ନିହାତି ଦରକାର ପଡ଼ିଲେ ଛତା, ଜୋତା, ପାଣିବୋତଲ ଓ ଓଦା ଗାମୁଛା ଧରି ପଦାକୁ ଯିବା। ସୂଚନା ଯୋଗ୍ୟ ଯେ ଏନ୍‌ଡିଆର୍‌ଏଫ୍‌ର ନିୟମ ଅନୁସାରେ ଅଂଶୁଘାତ ମୃତ୍ୟୁ ପାଇଁ କେନ୍ଦ୍ର ସରକାରୀ କ୍ଷତିପୂରଣ ଦେବାର ନିୟମ ନାହିଁ। ଅବଶ୍ୟ ଓଡ଼ିଶା ସରକାର ଏଥିପାଇଁ କ୍ଷତିପୂରଣ ଦେଉଛନ୍ତି।

ରାଜ୍ୟରେ ଆଗାମୀ ପାଞ୍ଚ/ଛଅ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଥିବାରୁ ଅଂଶୁଘାତ ଆଶଙ୍କା ଆହୁରି ଘନୀଭୂତ ହୋଇଛି। ଏହି ପରିପ୍ରେକ୍ଷୀରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମସ୍ତ ଜିଲ୍ଲା, ବ୍ଲକ ଓ ଗ୍ରାମସ୍ତରର ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କୁ ଆବଶ୍ୟକ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଂଶୁଘାତ ରୋଗୀଙ୍କ ଚିକିତ୍ସାରେ ଯେପରି ଅବହେଳା ନ ହୁଏ ତାହା ନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେବା ସହିତ ତୃଣମୂଳ ସ୍ତରରେ ସଚେତନତା ବ୍ୟାପକ କରିବାକୁ କୁହାଯାଉଛି।

# ଉଚ୍ଚଶିକ୍ଷା ଓ ବେରୋଜଗାରୀ



ଦୁର୍ଗାପ୍ରସାଦ ଆଚାର୍ଯ୍ୟ
ଜଗତସିଂହପୁର, ମୋ: ୯୮୫୩୩୫୫୧୦୭

କିଛିଦିନ ତଳେ ଏ ଲେଖକ ଦୁଇଜଣ ଅବସରପ୍ରାପ୍ତ ବନ୍ଧୁଙ୍କ ସହ ଆଳାପ ଆଲୋଚନା କରୁଥିଲା। ଜଣେ ଦର୍ଶନଶାସ୍ତ୍ରର ଓ ଆର ଜଣକ ଥିଲେ ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପକ। ନାନା କଥା, ନାନା ପ୍ରସଙ୍ଗ ଉପରେ ପରସ୍ପର ମଧ୍ୟରେ ମତ ମନ୍ତବ୍ୟ ବିନିମୟ ଚାଲିଥିବା ବେଳେ ପଚାରିଲି, 'ଆପଣମାନେ ଦୀର୍ଘବର୍ଷ ଧରି ଅନେକ ଛାତ୍ରଛାତ୍ରୀଙ୍କୁ ପଢ଼ାଇଛନ୍ତି। ସେହି ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବେଶ୍ କେତେଜଣଙ୍କ ସହ ଆପଣମାନେ ଯୋଗାଯୋଗରେ ଥିବେ ନିଶ୍ଚୟ'। ମୋର ଏଇ ସରଳ, ସାଧାରଣ ପ୍ରଶ୍ନଟି ଦର୍ଶନଶାସ୍ତ୍ରର ଅଧ୍ୟାପକ ବନ୍ଧୁକୁ ଏତେ ବ୍ୟଥିତ, ଆନ୍ଦୋଳିତ କରିଦେବ ବୋଲି ମୁଁ ଭାବି ନଥିଲି। ସେଦିନ ସେ ଅତି ଆବେଗିକ ସ୍ୱରରେ ଯାହା କହିଥିଲେ, ତାହା ମୋତେ ଖୁବ୍ ପ୍ରାସଙ୍ଗିକ, ମହତ୍ତ୍ୱପୂର୍ଣ୍ଣ ଓ ଚିନ୍ତାଜନକ ମନେ ହୋଇଥିଲା। ଆମ ବୁଦ୍ଧିଜୀବୀମାନେ, ବିଶେଷ କରି ଆମ ଦେଶ ଓ ରାଜ୍ୟର ଶିକ୍ଷାନୀତି, ଶିକ୍ଷାପ୍ରକ୍ରିୟା ତଥା ଶିକ୍ଷାର ମାନଦଣ୍ଡ ସମ୍ପର୍କରେ ବିଚାର ବିମର୍ଶ କରୁଥିବା ପ୍ରତ୍ୟେକ ସେଦିନ ଦର୍ଶନଶାସ୍ତ୍ରର ସେ ଅଧ୍ୟାପକ ବନ୍ଧୁ ଯାହା କହିଥିଲେ, ଯେଉଁ କାରଣରୁ ବ୍ୟଥା ଓ କ୍ଷୋଭ ପ୍ରକାଶ କରିଥିଲେ, ତାହା ନିତାନ୍ତ ଜାଣିବା ଆବଶ୍ୟକ ମନେକରୁଛି।

ଦର୍ଶନଶାସ୍ତ୍ରର ପ୍ରାକ୍ତନ ଅଧ୍ୟାପକ ତାଙ୍କ ପଢ଼ା ଟେବୁଲ ଉପରେ ଥିବା କେତୋଟି ପୁସ୍ତକ ପ୍ରତି ପ୍ରଥମେ ମୋର ଦୃଷ୍ଟି ଆକର୍ଷଣ କଲେ। ଦେଖାଇଲେ ସେଇଠି ଇମାନୁଏଲ୍ କାଣ୍ଟ, ହେଗେଲ୍, କିରକେଗାର୍ଡ଼ ଓ ପ୍ଲାଟୋଙ୍କ ପୁସ୍ତକ ସହ ଅଛି ଶଙ୍କର, ଅଭିନବଗୁପ୍ତ ଓ ନାଗାର୍ଜୁନଙ୍କ ଧର୍ମଦର୍ଶନ ଆଧାରିତ ପୁସ୍ତକ। ପୁନଶ୍ଚ ସେ ମୋର ଦୃଷ୍ଟି ଆକର୍ଷଣ କଲେ ତାଙ୍କ ପଢ଼ାଘରେ ଥିବା ଦୁଇଟି କାଚ ଆଲମାରୀର ବହିଥାକ ଆଡ଼କୁ। ଟିକିଏ ଦୂରରେ ବସିଥିଲେ ବି ମୁଁ ସ୍ପଷ୍ଟ ଦେଖିପାରୁଥାଏ କେତେଜଣ ମହାନ ଦାର୍ଶନିକ ଚିନ୍ତକଙ୍କ ପ୍ରସିଦ୍ଧ କୃତିମାନ। ଏହି ଯେପରି ସୋଫେନହାୱାରଙ୍କ 'ଦି ୱାର୍ଲ୍ଡ ଆଜ୍ ଉଇଲ୍', ଉଇଟଗେନ୍‌ଷ୍ଟାଇନଙ୍କ 'ଟ୍ରାକଟାକସ୍' ଓ 'ଫିଲୋସଫିକାଲ ଇନଭେଷ୍ଟିଗେସନ୍ସ', ପ୍ଲାଟୋଙ୍କର 'ଆପୋଲଜି', ବିଦ୍ୟାରଣ୍ୟଙ୍କର 'ପଞ୍ଚଦଶୀ' ଓ ଅଭିନବ ଗୁପ୍ତଙ୍କ ପୁସ୍ତକ 'ତନ୍ତ୍ରଲୋକ'। ମନେ ମନେ ମୁଁ ପ୍ରଶଂସା କରି ଚାଲିଥାଏ ଅଧ୍ୟାପକଙ୍କ ଜ୍ଞାନ ଓ ପଠନସ୍ପୃହାକୁ, କିନ୍ତୁ ଶୁଣିଲି ଏକପ୍ରକାର ସ୍ୱପ୍ନବିଷ୍ଟ ହେଲାପରି ସେ କହୁଥା'ନ୍ତି, 'ବର୍ଷ ବର୍ଷ ଧରି ମୁଁ ମୋର ଛାତ୍ରଛାତ୍ରୀଙ୍କୁ ବହୁ ଜଟିଳ ଦର୍ଶନର ସାରମର୍ମ ବୁଝାଇଛି। ଶ୍ରେଣୀଗୃହରେ କାଣ୍ଟ ବା ଡେକାର୍ଟ, ହେଗେଲ ବା ଶଙ୍କରଙ୍କ ଉପରେ କହିଲାବେଳେ ମୁଁ ନିଜେ ହଜିଯାଇଛି ସେମାନଙ୍କ ଗହନ ଚିନ୍ତା ଚେତନାର ରାଜ୍ୟରେ, ସେମାନଙ୍କ ତତ୍ତ୍ୱମୀମାଂସା ଓ ଜ୍ଞାନମୀମାଂସାର ବିସ୍ତାରିତ ଦିଗବଳୟରେ। ଇଚ୍ଛା ବି କରିଛି ମୋର ଛାତ୍ରଛାତ୍ରୀମାନେ ବି ମୋରି ପରି ହଜି ଯାଆନ୍ତୁ, ମୋରି ପରି ଗୂଢ଼ ଦର୍ଶନତତ୍ତ୍ୱ ପଢ଼ି, ଜାଣି ଆନନ୍ଦବିଭୋର ହୋଇଯାଆନ୍ତୁ। ଶ୍ରେଣୀକକ୍ଷରେ ଯେବେ କେଉଁ ଛାତ୍ର ବା ଛାତ୍ରୀର ତନ୍ମୟଭାବ ମୋ ଆଖିରେ ପଡ଼ିଛି, ଗର୍ବରେ ମୋର ଛାତି ଫୁଲି ଉଠିଛି। ମୋ ଅଧ୍ୟାପକ ଜୀବନ ସାର୍ଥକ ହେଲା ବୋଲି ମନେ କରିଛି। ମୋ ଅଧ୍ୟାପନାର ସାଫଲ୍ୟରେ ଚମତ୍କୃତ ବି ହୋଇଛି।' ଏତିକି କହି ହଠାତ୍ ନିରବ ହୋଇଗଲେ ଅଧ୍ୟାପକ ବନ୍ଧୁ। ମୁହଁରେ ତାଙ୍କର ବେଦନାର ଛାପ ସ୍ପଷ୍ଟ ବାରି ହୋଇ ପଡୁଥାଏ। ମୁଁ ବୁଝିପାରୁ ନ ଥାଏ କ'ଣ କହିବାକୁ ଚାହୁଁଛନ୍ତି ସେ। ମାତ୍ର କେତୋଟି ସେକେଣ୍ଡର ଛମଛମ ନିରବତା ଭଙ୍ଗ କରି କହିଲେ, 'ଅଧ୍ୟାପକ ମହାଶୟ ବନ୍ଧୁ! ପାଞ୍ଚବର୍ଷ ତଳୁ ଅବସର ନେଇ ସାରିଲିଣି। ଅବସରର ପ୍ରଥମ ବର୍ଷଟି ଯାକ ମୁଁ ଫୋନ୍, ହ୍ୱାଟ୍‌ସଆପ୍, ଫେସବୁକ୍ ମାଧ୍ୟମରେ ମୋର କେତେଜଣ ପ୍ରିୟ ଛାତ୍ରଛାତ୍ରୀଙ୍କ ସହ ସମ୍ପର୍କ ରଖୁଥିଲି। ସେମାନଙ୍କର ମୋ ପ୍ରତି ଥିବା ଅନାବିଳ ଭକ୍ତି, ସମ୍ମାନ, ଶ୍ରଦ୍ଧା ଓ ମୋ ଅଧ୍ୟାପନା ଶୈଳୀର ସେମାନେ ଯେପରି ମୁକ୍ତ ପ୍ରଶଂସା କରୁଥିଲେ ସେଥିରେ ମୁଁ ମୁଗ୍ଧ ହେଉଥିଲି। ସେମାନଙ୍କ ସହିତ ଏଇ ଏକ ବର୍ଷର ଆଭାସି (ଭର୍ଚୁଆଲ) ସାନିଧ୍ୟ ମୋତେ ଫେରାଇ ନେଉଥିଲା ମୋର ଦୁର୍ଲଭ ଅତୀତକୁ। ଯେତେବେଳେ ମୁଁ ଏକପ୍ରକାର ଆବିଷ୍ଟ ଚିତ୍ତରେ ଶ୍ରେଣୀଗୃହରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଦର୍ଶନ, ଚିନ୍ତନ ଐତିହ୍ୟ ଉପରେ ବକ୍ତବ୍ୟ ରଖୁଥିଲି, ମୋ ଛାତ୍ରଛାତ୍ରୀମାନଙ୍କୁ ଏକ ଆଲୋକିତ ଭାବଜଗତ ସହିତ ପରିଚିତ କରାଉଥିଲି। ମାତ୍ର ଅବସରର ସେହି ପ୍ରଥମ ବର୍ଷର ସ୍ମୃତିପଖଳା ଦିନଗୁଡ଼ିକ ଏବେ ମୋତେ ସ୍ୱପ୍ନ ପରି ଲାଗୁଛି। ବିରଳ ସୌଭାଗ୍ୟ ଯୋଗୁଁ ହେଉ ବା ନିଛକ ଦୈବ ଆଶୀର୍ବାଦ ଯୋଗୁଁ ହେଉ, ଯେଉଁ ମୁଷ୍ଟିମେୟ ଛାତ୍ରଛାତ୍ରୀ ଅଧ୍ୟାପନା ବୃତ୍ତିରେ ରହି ପାରିଛନ୍ତି ଓ ସେଥିପାଇଁ ଏକ ସ୍ୱଚ୍ଛନ୍ଦ ଜୀବନ ବଞ୍ଚିପାରିବାରେ ସକ୍ଷମ ହୋଇଛନ୍ତି, ସେହିମାନଙ୍କୁ ଛାଡ଼ି ଆଉ ଅନ୍ୟ କାହାରି ସହିତ ମୋର ସାମାନ୍ୟ ଯୋଗାଯୋଗ ନାହିଁ।' ଦୀର୍ଘ ନିଃଶ୍ୱାସଟିଏ ନେଇ କହିଲେ, 'ସେ କେମିତି କେଉଁ ଆଧାରରେ, କେଉଁ ନୈତିକ ସାହସ ନେଇ ମୁଁ ଅନ୍ୟ କାହା ସହିତ ସମ୍ପର୍କ ରଖିବାକୁ ଚେଷ୍ଟା କରିବି କୁହନ୍ତୁ ତ! ଜାଣନ୍ତି, ମୋ ଅଧ୍ୟାପକ ଜୀବନର ଶେଷ ପାଞ୍ଚ ବର୍ଷରେ ମୁଁ ପଢ଼ାଇଥିବା ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ପ୍ରାୟ ପାଞ୍ଚଶହ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ହାତଗଣତି କେତେଜଣଙ୍କୁ ଛାଡ଼ିଦେଲେ ଅନ୍ୟମାନେ ସମ୍ପୂର୍ଣ୍ଣ ବେକାର, ସମ୍ପୂର୍ଣ୍ଣ ରୋଜଗାରହୀନ। ସ୍ନାତକୋତ୍ତର ଦର୍ଶନ ପରୀକ୍ଷାରେ ଈର୍ଷଣୀୟ କୃତିତ୍ୱ ଲାଭ କରିଥିବା ମୋର ପ୍ରିୟ ଛାତ୍ରଛାତ୍ରୀ ଏବେ ଚାକିରି ଖଣ୍ଡେ ପାଇଁ ଯେଉଁ ସଂଘର୍ଷ କରୁଛନ୍ତି, ଯେଉଁ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି...।' ଗଳାରୁଦ୍ଧ ହୋଇଗଲା ବନ୍ଧୁଙ୍କର। ଆଖିରୁ ତାଙ୍କର ବହି ଆସିଲା ଧାର ଧାର ଲୁହ। ପାଖରେ ବସି ଆମ ଦୁଇଜଣଙ୍କ ବାକ୍ୟାଳାପ ଶୁଣୁଥିବା ଇଂରାଜୀ ଭାଷା ସାହିତ୍ୟର ଅବସରପ୍ରାପ୍ତ ଅଧ୍ୟାପକ ବନ୍ଧୁଙ୍କ ଆଖି ବି ଲୁହରେ ଛଳଛଳ ହୋଇଯାଇଥାଏ। ବୁଝିଲି, ସେ ବି କହିବେ ସେଇ ଏକା କଥା। ସେ ବି କହିବେ ଇଂରାଜୀ ସମ୍ମାନ ଶ୍ରେଣୀ ଓ ଇଂରାଜୀ ସ୍ନାତକୋତ୍ତର ଶ୍ରେଣୀରେ ସେ କେତେ ଭାବବିହ୍ୱଳ ହୋଇ ପଢ଼ାଉଥିଲେ ସେକ୍ସପିୟର ଓ କୀଟ୍ସଙ୍କ ସନେଟ୍, ଟି.ଏସ ଇଲିୟଟ୍‌ଙ୍କ 'ଦି ୱେଷ୍ଟ ଲାଣ୍ଡ', ଡ଼ି.ଏଚ୍ ଲରେନ୍ସଙ୍କ 'ଓମେନ୍ ଇନ୍ ଲଭ୍', ସାମୁଏଲ କଲେରିଜଙ୍କ 'କୁବ୍ଲା ଖାଁ' ଓ 'ଆନସିଏଣ୍ଟ ମରିନର' କିମ୍ବା କାଳିଦାସଙ୍କ 'ମେଘଦୂତ'ର ଇଂରାଜୀ ମର୍ମାନୁବାଦ ଓ ଭବଭୂତିଙ୍କ ନାଟକ। ସେ ବି କହିବେ ସେ ତାଙ୍କ ଶ୍ରେଣୀକକ୍ଷରେ କେମିତି ହଜି ଯାଉଥିଲେ ରୋମାଣ୍ଟିକ ଭାବପ୍ରାବଲ୍ୟରେ, କେମିତି ଧନ୍ଦି ହେଉଥିଲେ ମେଟାଫିଜିକାଲ ଚିନ୍ତନରେ। ସେ ହୁଏତ କହିବେ ତାଙ୍କରି ପ୍ରେରଣାରେ ମନ୍ତ୍ରବିମୋହିତ ହୋଇ ତାଙ୍କର କେଉଁ ଛାତ୍ର ବା ଛାତ୍ରୀ ଯଦି କେବେ ଉଚ୍ଚାଙ୍ଗରସର କବିତା ଲେଖି ଦେଉଥିଲେ, ସେ କିପରି ଅଜସ୍ର ଆଶିଷ ବର୍ଷି ଦେଉଥିଲେ ତା' ଉପରେ ଓ ତା'ର ଭବିଷ୍ୟତ ନିଶ୍ଚୟ ଗୌରବୋଜ୍ଜ୍ୱଳ ହେବ ବୋଲି ନିର୍ଭର ଭରସା ବି ଦେଉଥିଲେ। ଆଉ ଠିକ୍ ଦର୍ଶନର ଅଧ୍ୟାପକଙ୍କ ଭଳି ସେ ବି ବାଷ୍ପରୁଦ୍ଧ ସ୍ୱରରେ ଜଣାଇବେ ତାଙ୍କର ସେହି ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଶତକଡ଼ା ନବେ ଏବେ ବି ଖୋଜି ଚାଲିଛନ୍ତି କିଛି ଗୋଟାଏ ବୃତ୍ତି, ସେ ବୃତ୍ତି ଯାହା ଯେଉ ପଛେ।

ପାଠକେ! ଦର୍ଶନ ବା ଇଂରାଜୀ ସାହିତ୍ୟରେ ଉଚ୍ଚଶିକ୍ଷିତ ଯୁବକ ଯୁବତୀ ନିଜର ଯୋଗ୍ୟତା ଅନୁରୂପ କୌଣସି ଚାକିରିଟିଏ ନ ପାଇ ଯଦି ଗୋଟିଏ ମଲରେ ସାତ, ଆଠ ହଜାରରେ ମାସିକ ଦରମାରେ ନିଯୁକ୍ତିଟିଏ ପାଇବା ପାଇଁ ବାରଦୁଆର ଘୂରି ବୁଲେ, ତେବେ ଏହାଠାରୁ ଅଧିକ ବେଦନାଦାୟକ ଆଉ କ'ଣ ଅଛି, ଭାବନ୍ତୁ ତ! ଏଇ ହେଉଛି ଆମ ଦେଶ ଓ ରାଜ୍ୟର ଉଚ୍ଚଶିକ୍ଷିତମାନଙ୍କ ଅବସ୍ଥା। ନିକଟରେ ଗୋଟିଏ ପ୍ରତିଷ୍ଠିତ ସର୍ବେକ୍ଷଣ ସଂସ୍ଥାର ରିପୋର୍ଟରୁ ଜଣାଯାଇଛି ଯେ ଆମ ଦେଶର ଶିକ୍ଷିତ ବା ଉଚ୍ଚଶିକ୍ଷିତ ଯୁବାବର୍ଗଙ୍କ ବେକାରି ହାର ସର୍ବାଧିକ। ହ୍ୟୁମାନିଟିଜ୍ ବା ମାନବିକ ବିଷୟସମୂହ ହେଉ ବା ବିଜ୍ଞାନ, ବାଣିଜ୍ୟ ବିଷୟ ସମୂହ ହେଉ - ଯେଉଁଥିରେ ଜଣେ ଉଚ୍ଚଶିକ୍ଷାପ୍ରାପ୍ତ ହେଲେ ବି ତା'ପାଇଁ କର୍ମସଂସ୍ଥାନର ସମ୍ଭାବନା ଦିନକୁ ଦିନ ହ୍ରାସ ପାଇ ଚାଲିଛି। ପୁନଶ୍ଚ, ବର୍ତ୍ତମାନର ଏଇ କୃତ୍ରିମ ବୁଦ୍ଧିମତ୍ତାସମ୍ପନ୍ନ ରୋବଟମାନଙ୍କର କ୍ରମବର୍ଦ୍ଧିଷ୍ଣୁ ବ୍ୟବହାର ଯୋଗୁଁ ବୌଦ୍ଧିକ ଦକ୍ଷତା ସମ୍ପନ୍ନ ମାନବ କର୍ମଚାରୀଙ୍କର ଆବଶ୍ୟକତା ବି ହ୍ରାସ ହୋଇ ଚାଲିଛି। ଏହାର ନକାରାତ୍ମକ ପ୍ରଭାବ ସର୍ବପ୍ରଥମେ ଆମ ଶିକ୍ଷିତ ଉଚ୍ଚଶିକ୍ଷିତ ଯୁବାବର୍ଗ ଭୋଗିବା ସ୍ୱାଭାବିକ।

ଏହି ବିବ୍ରତକର ସ୍ଥିତିରୁ ରକ୍ଷା ପାଇବାକୁ ଆମକୁ ହୁଏତ ଗୋଟିଏ ଅତି ଅପ୍ରୀତିକର ବୋଧ ହେଉଥିବା ପଦକ୍ଷେପଟିଏ ସମ୍ପର୍କରେ ବିଚାରବିମର୍ଶ କରିବାକୁ ହେବ। ବର୍ତ୍ତମାନ ଉପଲବ୍ଧ ହେଉଥିବା ବିଭିନ୍ନ ପରିସଂଖ୍ୟାନ ରିପୋର୍ଟରୁ ଯେତେବେଳେ ଆମେ ଜାଣୁଛେ ଯେ ଆମ ଦେଶ ଓ ରାଜ୍ୟର ଶିକ୍ଷିତ, ଉଚ୍ଚଶିକ୍ଷିତମାନଙ୍କ ବେକାରୀ ହାର ସର୍ବାଧିକ, ଆମକୁ ନିଶ୍ଚୟଚିନ୍ତା କରିବାକୁ ହେବ ଆମେ ଏପର୍ଯ୍ୟନ୍ତ ଉଚ୍ଚଶିକ୍ଷା ପ୍ରଦାନକୁ ଯେପରି ସାର୍ବଜନୀନ କରି ଦେଇଛେ, ତାହା କେତେଦୂର ସ୍ପୃହଣୀୟ। ଆମ ଶିକ୍ଷାନୁଷ୍ଠାନରୁ ପ୍ରତିବର୍ଷ ଯେଉଁ ଲକ୍ଷାଧିକ ତଥାକଥିତ ଶିକ୍ଷିତ ବା ଉଚ୍ଚଶିକ୍ଷିତ ବାହାରି ଚାଲିଛନ୍ତି, ସେମାନଙ୍କ ମଧ୍ୟରୁ କେତେଜଣଙ୍କ ପାଖରେ ଆବଶ୍ୟକ ବୁଦ୍ଧିମତ୍ତା, ଆବଶ୍ୟକ ପ୍ରତିଭା ଥିଲା ବା ଅଛି ଆମକୁ ଚିନ୍ତା କରିବାକୁ ହେବ। ଯେନତେନ ପ୍ରକାରେ ସ୍ନାତକ ବା ସ୍ନାତକୋତ୍ତରଟିଏ ହୋଇସାରିଲା ପରେ ଜଣଙ୍କ ମନରେ, ତା'ର ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ, ଭିତ୍ତିହୀନ ଗର୍ବ ଓ ଅହମିକା ସୃଷ୍ଟି ହୋଇଯାଇଥାଏ। ପରବର୍ତ୍ତୀ ଅବସ୍ଥାରେ କୌଣସି ଧନ୍ଦାଭିତ୍ତିକ ଦକ୍ଷତା ବା କୌଶଳରେ ପ୍ରଶିକ୍ଷିତ ହୋଇ ଭିନ୍ନ କେଉଁ ବୃତ୍ତି ଆପଣାଇବାକୁ ସେ ଅନିଚ୍ଛୁକ ହୋଇଥାଏ। ତାର ଅବସ୍ଥା ତେଣୁ 'ବେଣାକୁ ଛୋଟ, ଘାସକୁ ମୋଟ' ଭଳି ହୋଇଯାଇଥାଏ। ନା ସେ ଆପଣା ଶିକ୍ଷାଗତ ଯୋଗ୍ୟତା ଅନୁସାରେ ନିଯୁକ୍ତିଟିଏ ହାସଲ କରିପାରେ, ନା ଅଳ୍ପଶିକ୍ଷିତ କି ପୂରାପୂରି ଅଶିକ୍ଷିତମାନେ ଯେଉଁ ଯେଉଁ କର୍ମସଂସ୍ଥାନ ବାଛି ନେଇ କିଛି କିଛି ରୋଜଗାର କରି ପାରୁଛନ୍ତି, ତାହା କରିପାରିଥାଏ। ଶାରୀରିକ ଶ୍ରମ ଲୋଡ଼ା ପଡୁଥିବା କୌଣସି କର୍ମ କରିବାକୁ ସେ ବିମୁଖ ହୋଇଥାଏ। ଆପଣା ପରିବାରର କୌଳିକ ବୃତ୍ତିକୁ ଗ୍ରହଣ କରିବାକୁ ସେ ସ୍ୱପ୍ନରେ ବି ଭାବି ପାରି ନଥାଏ।

ଏହି ବିମର୍ଷକର ପରିସ୍ଥିତିରୁ ଉଦ୍ଧାର ପାଇବାର ଏକମାତ୍ର ମାର୍ଗ ହେଉଛି ବର୍ତ୍ତମାନ ଅତିମାତ୍ରାରେ ସୁଲଭ ହୋଇଥିବା ଉଚ୍ଚଶିକ୍ଷା ପ୍ରଦାନର କ୍ଷେତ୍ରକୁ ଯଥେଷ୍ଟ ସଂକୁଚିତ କରିବା। ଆମକୁ ସୁନିଶ୍ଚିତ କରିବାକୁ ହେବ ଯେ ଉପଯୁକ୍ତ ମେଧାସମ୍ପନ୍ନ ଯୁବାବର୍ଗ ହିଁ କେବଳ ଉଚ୍ଚଶିକ୍ଷା ଲାଭ କରନ୍ତୁ ଓ ଯେଉଁମାନେ ଏହା ଲାଭ କରୁଛନ୍ତି, ସେମାନଙ୍କ ପାଇଁ ସେମାନଙ୍କ ଯୋଗ୍ୟତା ଅନୁରୂପ କର୍ମସଂସ୍ଥାନ ଉପଲବ୍ଧ କରାଯାଉ। ତାହା ଯଦି ଆମେ କରିବା, ତେବେ ସମୟ ଆସିବ, ଦୀର୍ଘ ବର୍ଷ ଧରି ସ୍ନାତକ ବା ସ୍ନାତକୋତ୍ତର ଶ୍ରେଣୀମାନଙ୍କରେ ଅଧ୍ୟାପନା କରି ଅବସର ନେଇଥିବା ଅଧ୍ୟାପକ ଓ ଅଧ୍ୟାପିକାମାନେ ସେମାନଙ୍କ ପ୍ରତିଭାଦୀପ୍ତ ଛାତ୍ରଛାତ୍ରୀଙ୍କ ଦୁର୍ଦ୍ଦଶା ଦେଖି ବ୍ୟଥିତ ହେବେ ନାହିଁ। ଦର୍ଶନ ଶାସ୍ତ୍ରର ଅଧ୍ୟାପକ ତାଙ୍କର ପୁରାତନ ଛାତ୍ରଛାତ୍ରୀଙ୍କ ସହ ପୁନଶ୍ଚ ଡେକାର୍ଟ ବା ଡେରିଡାଙ୍କ ଦର୍ଶନ ଆଲୋଚନା କରିପାରିବେ ବିନା ସଂକୋଚରେ। ବିନା ସଂକୋଚରେ ବି ଇଂରାଜୀ ଭାଷା ସାହିତ୍ୟର ଅବସରପ୍ରାପ୍ତ ଅଧ୍ୟାପକ, ଅଧ୍ୟାପିକା ସେମାନଙ୍କ ପୁରାତନ ଛାତ୍ରଛାତ୍ରୀଙ୍କ ସହ ଏଜ୍ରା ପାଉଣ୍ଡ ବା ଡବ୍ଲ୍ୟୁ, ବି ଇୟେଟ୍ସ ବା କାଫ୍‌କାଙ୍କ ସାହିତ୍ୟକୃତି ଆଲୋଚନା କରି ପାରିବେ।

# ଶ୍ରୀରାଧାକୃଷ୍ଣ ତତ୍ତ୍ୱ



ଡ. ଅଜିତ କୁମାର ତ୍ରିପାଠୀ
ଭୁବନେଶ୍ୱର, ମୋ: ୯୯୩୭୮୪୪୩୪୭

ବୈଷ୍ଣବମାନଙ୍କ ମତରେ ଶ୍ରୀକୃଷ୍ଣ ହେଉଛନ୍ତି ସ୍ୱୟଂ ଭଗବାନ। ଅନ୍ୟ ସମସ୍ତେ ତାଙ୍କର କଳା ଓ ଅଂଶ। ବୈଷ୍ଣବ ଧର୍ମର ଧର୍ମଗୁରୁମାନେ ଶ୍ରୀକୃଷ୍ଣଙ୍କୁ ଶ୍ରେଷ୍ଠ ପ୍ରତିପାଦନ କରିଛନ୍ତି। ଶ୍ରୀକୃଷ୍ଣ ହେଉଛନ୍ତି ସକଳ ମାଧୁର୍ଯ୍ୟର ଘନୀଭୂତ ସାର। ସେ ସକଳ ଶକ୍ତିର ଆଧାର, ସମସ୍ତ କାରଣର କାରଣ। ସେ ସ୍ୱୟଂ ପରମ ଈଶ୍ୱର ଏବଂ ଅନ୍ୟାନ୍ୟ ଅବତାରମାନେ ତାଙ୍କର କଳା ବା ଅଂଶମାତ୍ର। ଅନନ୍ତ ବୈକୁଣ୍ଠ, ଅନନ୍ତ ବ୍ରହ୍ମାଣ୍ଡ ଓ ଅନନ୍ତ ଅବତାର ଭାବେ ସେ ବର୍ତ୍ତମାନ ମଧ୍ୟ ବ୍ରଜରେ ମଦନ ଗୋପାଳ ନାମରେ ଏବଂ ପୁରୀରେ ଶ୍ରୀଜଗନ୍ନାଥ ଭାବେ ଅଧିଷ୍ଠିତ।

ବ୍ରହ୍ମପୁରାଣ ଓ ସ୍କନ୍ଦ ପୁରାଣରେ ଶ୍ରୀଜଗନ୍ନାଥଙ୍କୁ କୃଷ୍ଣ ରୂପେ ଓ ଜୟଦେବଙ୍କ ଦଶାବତାର ଗୀତରେ ଅବତାରୀ ରୂପରେ ବର୍ଣ୍ଣନା କରାଯାଇଛି। ଗଙ୍ଗରାଜା ରାଜାରାଜ ଦେବ ଓ ଅନଙ୍ଗଭୀମ ଦେବଙ୍କ କନ୍ୟା ଚନ୍ଦ୍ରିକା ଦେବୀ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ରୂପେ ବର୍ଣ୍ଣନା କରିଛନ୍ତି। ସାରଳା ଦାସ 'ମୂଷଳୀ ପର୍ବ'ରେ କହିଛନ୍ତି ଭଗବାନ କୃଷ୍ଣ ହିଁ ଶ୍ରୀଜଗନ୍ନାଥ। ଦିବାକର ଦାସଙ୍କ ଜଗନ୍ନାଥ ଚରିତାମୃତରେ ଏବଂ ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟ ସଂହିତା'ରେ ଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କୁ ଅଭିନ୍ନ ଭାବେ ବର୍ଣ୍ଣନା କରାଯାଇଛି। ଷୋଡ଼ଶ ଶତାବ୍ଦୀର ନରସିଂହ ସେଣଙ୍କ 'ଗୋପକଳ' କାର୍ତ୍ତିକ ଦାସଙ୍କର 'ରୁକ୍ମିଣୀ ବିଭା' ଏବଂ ଦେବ ଦୁର୍ଲଭ ଦାସଙ୍କ 'ରହସ୍ୟମଞ୍ଜରୀ'ରେ ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଅଭେଦତ୍ୱ ପରିକଳ୍ପିତ ଓ ବର୍ଣ୍ଣିତ। ଶ୍ରୀ ବ୍ରଜକିଶୋର ସାହୁଙ୍କ ରଚିତ 'ଶ୍ରୀଚୈତନ୍ୟ ଓ ଶ୍ରୀଜଗନ୍ନାଥ' ପୁସ୍ତକରେ ୨୬ପୃଷ୍ଠାରେ ବର୍ଣ୍ଣିତ ହୋଇଛି କିପରି ଚୈତନ୍ୟ ଭାବାବେଗରେ ଦ୍ୱାରପାଳର ହାତ ଧରି ପ୍ରଶ୍ନ କରିଥିଲେ, 'ମୋ ପ୍ରାଣନାଥ କୃଷ୍ଣ କେଉଁଠାରେ? ମୋ କୃଷ୍ଣଙ୍କୁ ଦେଖାଅ।' ଦ୍ୱାରୀର କଥାରେ ଚୈତନ୍ୟଦେବ ଆନନ୍ଦରେ ଅଧିର ହୋଇ ଜଗମୋହନରେ ପ୍ରବେଶ କଲେ। ଦ୍ୱାରୀ ତାଙ୍କୁ କହିଲେ, 'ଏଇ ଦେଖ ପୁରୁଷୋତ୍ତମ, ନେତ୍ର ଭରିୟା ତୁମି କରହେ ଦର୍ଶନ।' ଶ୍ରୀଚୈତନ୍ୟ ଜଗନ୍ନାଥଙ୍କ ଆଡ଼େ ଅନାଇ ଦେଖିଲେ, ଭକ୍ତବତ୍ସଳ ଜଗନ୍ନାଥ ଶ୍ରୀକୃଷ୍ଣ ରୂପେ ରୂପାୟିତ ହୋଇଛନ୍ତି। ପଞ୍ଚସଖା ଅନେକ ସମୟରେ ଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ସ୍ୱରୂପରେ ଦର୍ଶନ କରି ପ୍ରଣତି ଅର୍ଘ୍ୟ ଅର୍ପଣ କରିଛନ୍ତି। ଜଗନ୍ନାଥଙ୍କଠାରେ ବୈଷ୍ଣବ ସାହିତ୍ୟର ଅନେକ ସ୍ଥାନରେ ରାଧାକୃଷ୍ଣଙ୍କ ମିଳିତ ତନୁ ଆରୋପ କରାଯାଇଛି। ବୃନ୍ଦାବନର ଶ୍ରୀକୃଷ୍ଣ ଜଗନ୍ନାଥ ରୂପୀ କୃଷ୍ଣଙ୍କର ଅଂଶବିଶେଷ ରୂପେ ଉତ୍କଳୀୟ ବୈଷ୍ଣବ ଗ୍ରନ୍ଥମାନଙ୍କରେ ଗୃହୀତ। ଜଗନ୍ନାଥ ଦାସଙ୍କର 'ଷୋଳ ଚଉପଦୀ' ନାମକ ଗ୍ରନ୍ଥର ସମସ୍ତ ଗୀତରେ ଶ୍ରୀକ୍ଷେତ୍ରକୁ ନିତ୍ୟଧାମ, ନିତ୍ୟ ଗୋଲକସ୍ଥଳୀ ଓ ଶ୍ରୀଜଗନ୍ନାଥଙ୍କୁ ରାଧାକୃଷ୍ଣଙ୍କର ମିଳିତ ବିଗ୍ରହ ରୂପେ ବର୍ଣ୍ଣନା କରାଯାଇଛି।



ବ୍ରହ୍ମ ବୈବର୍ତ୍ତ ପୁରାଣରେ ଅଛି ଯେ 'ର'କାର ଉଚ୍ଚାରଣ କଲେ ଜୀବର କୋଟିଜନ୍ମ ଅର୍ଜିତ ପାପତାପ ଓ ଅଶୁଭ ସଞ୍ଚିତ କର୍ମ ନଷ୍ଟ ହୁଏ। 'ଆ'କାର, ଉଚ୍ଚାରଣରେ ଜୀବ ଗର୍ଭଯାତନା ମୃତ୍ୟୁ ଓ ରୋଗରୁ ମୁକ୍ତ ହୁଏ। 'ଧ' ଉଚ୍ଚାରଣ କଲେ ଜୀବ ଆୟୁଷ୍ମାନ ହୁଏ ଏବଂ 'ଆ'କାର ଉଚ୍ଚାରଣରେ ଜୀବ ବନ୍ଧନ ମୁକ୍ତ ହୁଏ। 'ରାଧା'ନାମ ଶ୍ରବଣ କୀର୍ତ୍ତନରେ ଜୀବର ପାପତାପ ନଷ୍ଟ ହୁଏ। ରାଧା ହେଉଛନ୍ତି କୃଷ୍ଣପ୍ରେମର ଘନୀଭୂତ ମୂର୍ତ୍ତି। ଶ୍ରୀକୃଷ୍ଣଙ୍କର ତ୍ରିବିଧ ଶକ୍ତି ସନ୍ଧିନୀ, ସମ୍ବିତ୍ ଓ ହ୍ଲାଦିନୀ। ହ୍ଲାଦିନୀ ଶକ୍ତି ଦ୍ୱାରା ହିଁ ଶ୍ରୀକୃଷ୍ଣ ନିଜେ ଆନନ୍ଦ ଭୋଗ କରନ୍ତି। ରାୟ ରାମାନନ୍ଦ କହିଥିଲେ, ଶ୍ରୀରାଧା ହେଉଛନ୍ତି ମୂର୍ତ୍ତିମତୀ ହ୍ଲାଦିନୀ ଶକ୍ତି। ପ୍ରେମରେ ହିଁ ପ୍ରକୃତ ଆନନ୍ଦ। ଏହି ପ୍ରେମ ପରାକାଷ୍ଠା ପ୍ରାପ୍ତ ହୁଏ ମହାଭାବରେ। ଶ୍ରୀରାଧା ଏହି ମହାଭାବ ସ୍ୱରୂପିଣୀ। ସମ୍ପୂର୍ଣ୍ଣ ସଂସାର ଶ୍ରୀକୃଷ୍ଣଙ୍କ ଦ୍ୱାରା ଆହ୍ଲାଦିତ ହୋଇଥା'ନ୍ତି; କିନ୍ତୁ ସେହି କୃଷ୍ଣ ରାଧାଙ୍କ ଠାରୁ ଆହ୍ଲାଦିତ ହୋଇଥା'ନ୍ତି।

## ଲୋକମତ

### ପାଚେରି ସୌନ୍ଦର୍ଯ୍ୟ ଅକ୍ଷୁଣ୍ଣ ରହୁ

ଆମ ସହରଗୁଡ଼ିକର ସୌନ୍ଦର୍ଯ୍ୟକରଣ ପାଇଁ ମ୍ୟୁନିସିପାଲିଟି/ନିଗମ ତରଫରୁ ଅନେକ ପାଚେରିକୁ ସୁନ୍ଦର ଭାବରେ ଚିତ୍ରିତ କରାଯାଇଛି। ଉକ୍ତ ଚିତ୍ରଗୁଡ଼ିକରେ ଓଡ଼ିଶାର ଖାଦ୍ୟ ଏବଂ ବେଶଭୂଷା, ମନ୍ଦିର ଏବଂ ଐତିହାସିକ ସ୍ଥାନ, ଆଦିବାସୀ ସଭ୍ୟତା, ଇତିହାସ, ପର୍ବପର୍ବାଣି, କଳା ଓ ସଂସ୍କୃତି, ହସ୍ତଶିଳ୍ପ, ସଙ୍ଗୀତ ଓ ନୃତ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସମ୍ବଳ, ପ୍ରାଚୀନ କଳାକୃତି, ବିଶିଷ୍ଟ ବ୍ୟକ୍ତିଙ୍କ ଚିତ୍ର ତଥା ସଚେତନତା ବାର୍ତ୍ତା ଆଦି ସ୍ଥାନ ପାଇଛି। ଏହା ସମ୍ପ୍ରଦାୟର ସଦସ୍ୟମାନଙ୍କ ମଧ୍ୟରେ ଗର୍ବ ଓ ମାଲିକାନାର ଭାବନା ସୃଷ୍ଟି କରିବା ସହିତ ଜୀବନର ମୂଲ୍ୟବୋଧକୁ ପ୍ରକାଶ କରିବାରେ ସାହାଯ୍ୟ କରିଥାଏ। ଏହି ଚିତ୍ରଗୁଡ଼ିକ ପାଣିପାଗ ପ୍ରତିରୋଧକ ରଙ୍ଗ ଦ୍ୱାରା ଚିତ୍ରଣ କରାଯାଇଥାଏ। ଏହି ଚିତ୍ରିତ କାନ୍ଥଗୁଡ଼ିକରେ ବିଜ୍ଞାପନ ବାରଣ ଥିବା ସତ୍ତ୍ୱେ ଅନେକ ଜାଗାରେ ଏହାର ବ୍ୟତିକ୍ରମ ଦୃଷ୍ଟିଗୋଚର ହୋଇଥାଏ। ଯେପରିକି କିଛି ସଂସ୍ଥା ନିଜର ବିଜ୍ଞାପନ ଏବଂ ପ୍ରଚାରପତ୍ର ଆଦି ଏହି ଚିତ୍ରିତ କାନ୍ଥରେ ଲେପନ କରାଯାଇଥିବା ଦେଖିବାକୁ ମିଳିଥାଏ। ଫଳସ୍ୱରୂପ ଶିଳ୍ପୀର ଅପମାନ ହେବା ସହିତ ସମୟ ଓ ଧନର ଅପଚୟ ହୋଇଥାଏ ତଥା ସ୍ଥାନୀୟ ସଂସ୍କୃତି ଉପରେ ଏକ ଖରାପ ଭାବନା ସୃଷ୍ଟି ହୋଇଥାଏ। ଏହି ପରିପ୍ରେକ୍ଷୀରେ କର୍ତ୍ତୃପକ୍ଷ ସମ୍ପୃକ୍ତ ବ୍ୟକ୍ତିବିଶେଷ ଓ ସଂସ୍ଥାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଚିତ୍ରକଳାଗୁଡିକର ସୌନ୍ଦର୍ଯ୍ୟ ତଥା ମର୍ଯ୍ୟାଦା ଅକ୍ଷୁଣ୍ଣ ରହିବ।

ନବ୍‌ନିତ୍ ପାଣିଗ୍ରାହୀ
ରାୟଗଡ଼ା, ମୋ: ୯୮୬୧୧୩୮୮୩୬

### ଗାଁରେ କମ୍ପୋଷ୍ଟ ପ୍ରସ୍ତୁତି ପ୍ରୋତ୍ସାହନ

ସ୍ୱଚ୍ଛ ଭାରତ ଯୋଜନା ଅଂଶସ୍ୱରୂପ, ସରକାରଙ୍କ ତରଫରୁ ପ୍ରତ୍ୟେକ ଗାଁ ମୁଣ୍ଡରେ ଏବଂ ଅଧିକାଂଶ ଘରବାରିରେ ଅଳିଆ କୁଣ୍ଡମାନ ସ୍ଥାପନ କରାଯାଇଛି କିମ୍ବା ପ୍ରସ୍ତାବ ରହିଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂର୍ବରୁ ପାରମ୍ପରିକ ଭାବେ ଗାଁଗଣ୍ଡାରେ ପ୍ରାୟ ପ୍ରତ୍ୟେକ ଘରେ ଗୋବର ଗାଡ଼ିଆ ସହିତ ଅଳିଆ ଗଦା/ଖତ ଗଦା ଥିଲା, ଯାହାକୁ ସାଧାରଣତଃ ଚାଷୀମାନେ କମ୍ପୋଷ୍ଟ ଭାବେ ଖରା ଦିନେ ଚାଷ ଜମିରେ ନେଇ ପକାଉଥିଲେ ଏବଂ ପରବର୍ତ୍ତୀ ସମୟରେ ଜମି ହଳ କରିବା ସମୟରେ ଏହା ଜମିରେ ମିଶି ଯାଇ ଜୈବିକ ଖତ ଭାବେ କାମ ଦେଉଥିଲା। ବର୍ତ୍ତମାନ ପରିପ୍ରେକ୍ଷୀରେ ଅଳିଆଗୁଡ଼ିକ ଅନେକ ପଲିମର ଏବଂ ରାସାୟନିକ ପଦାର୍ଥରେ ଭରପୂର, ଯାହା ମାଟିରେ ମିଶିବା କଷ୍ଟକର। ତେଣୁ ଏଗୁଡ଼ିକୁ ଅଲଗା କରି ପୂର୍ବବତ ଲୋକମାନେ ଅଳିଆକୁ କମ୍ପୋଷ୍ଟ ଭାବେ ବ୍ୟବହାର କରିବାର ସମୟ ଉପଗତ। କେବଳ ରାସାୟନିକ ସାର ବ୍ୟବହାର କରି ଉଭୟ ମାଟି ଏବଂ ଜନସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇବା ଅପେକ୍ଷା ଏ ପ୍ରକାର ସାଧୁ ଉଦ୍ୟମ ଉଭୟ ପରିବେଶ ଓ ମାନବ ସମାଜ ପାଇଁ ହିତକର ହୋଇ ପାରିବ। ସରକାର ଜିଆ ଖତକୁ ଯେମିତି ପ୍ରାଧାନ୍ୟ ଦେଇ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି, ଠିକ୍ ସେହିଭଳି ଢଙ୍ଗରେ ଉକ୍ତ ଅଳିଆକୁଣ୍ଡଗୁଡ଼ିକର ସଦବ୍ୟବହାର ଗୋଷ୍ଠୀଗତ ସହଭାଗିତାରେ ହେଉ। ସେଥିପାଇଁ ସରକାର ଦୃଷ୍ଟି ଦେବାକୁ ଅନୁରୋଧ।

ଡ. ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଜଗତସିଂପୁର ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ହେଲେ ଆଦିତ୍ୟ

ଭୁବନେଶ୍ୱର, ୩୧।୫(ସମିସ): ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଆଦିତ୍ୟ ନନ୍ଦନ ଦାସ୍‌ଙ୍କୁ ଜଗତସିଂପୁର ଜିଲ୍ଲା ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଭାବେ ନିଯୁକ୍ତ କରାଯାଇଛି। ସେହିପରି ସାଶ୍ୱତ ନାୟକଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଭାବେ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି।

## ସସ୍ମିତା ଓ ସରୋଜିନୀ ବିଜେଡିରୁ ବହିଷ୍କୃତ

ଭୁବନେଶ୍ୱର, ୩୧।୫(ସମିସ): ଜଗତସିଂପୁର ଜିଲ୍ଲା ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ସସ୍ମିତା ଦାସ୍‌ଙ୍କୁ ବିଜୁ ଜନତା ଦଳରୁ ବହିଷ୍କାର କରାଯାଇଛି। ଦଳ ବିରୋଧି କାର୍ଯ୍ୟ ପାଇଁ ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ସେହିପରି ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ବାରଗାଡ଼ିଆର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସରୋଜିନୀ ରାଜ୍‌ଙ୍କୁ ମଧ୍ୟ ଦଳ ବିରେଧି କାର୍ଯ୍ୟ ପାଇଁ ବିଜେଡିରୁ ବହିସ୍କାର କରାଯାଇଛି। ଏନେଇ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି।

# ପିକ୍ ଆୱାରରେ ଘରୁ ନ ବାହାରିବାକୁ ଏସ୍‌ଆରସିଙ୍କ ପରାମର୍ଶ

ଭୁବନେଶ୍ୱର, ୩୧।୫(ସମିସ): ରାଜ୍ୟରେ ପ୍ରଚଣ୍ଡ ଖରା ଓ ଗୁଲୁଗୁଳିକୁ ନେଇ ତତ୍‌ପରତା ପ୍ରକାଶ କରିଛନ୍ତି ରାଜ୍ୟ ସରକାର। ଅଂଶୁଘାତ ଜନିତ ସନ୍ଦିଗ୍ଧ ମୃତ୍ୟୁ ଓ ଲୋକମାନଙ୍କ ସୁରକ୍ଷା ଉପରେ ଚିନ୍ତା ପ୍ରକଟ କରି ଶୁକ୍ରବାର ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନର ସତ୍ୟବ୍ରତ ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟବାସୀଙ୍କୁ ସତର୍କ କରାଇଛନ୍ତି। ବିଶେଷ କରି ପଶ୍ଚିମ ଓଡ଼ିଶାରେ ଅଧିକାଂଶ



ସ୍ଥାନରେ ତାମପାତ୍ରା ଅଧିକ ରହୁଥିବାରୁ ପଶ୍ଚିମ ଓଡ଼ିଶାବାସୀଙ୍କୁ ସତର୍କତା ଅବଲମ୍ବନ କରିବାକୁ ଏସ୍‌ଆରସି ପରାମର୍ଶ ଦେଇଛନ୍ତି। ବିଶେଷ କରି ପିକ୍ ଆୱାର ୧୧-୩ ମଧ୍ୟରେ ବାହାରେ କାମ କରାଇବା ଉପରେ ଏସ୍‌ଆରସି ସମ୍ପୂର୍ଣ୍ଣ କଟକଣା ଜାରି କରିଥିବା ବେଳେ ଏହି ସମୟରେ ନିୟମ ଉଲ୍ଲଙ୍ଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଛନ୍ତି। ସେହିପରି ଅତି ଆବଶ୍ୟକ ନ ଥିଲେ ସାଧାରଣ ଲୋକ ମଧ୍ୟ ୧୧-୩ ଟା ମଧ୍ୟରେ ବାହାରକୁ ନ ଯିବାକୁ ଏସ୍‌ଆରସି କହିଛନ୍ତି।

ରାଜ୍ୟରେ ସୁନ୍ଦରଗଡ଼ ଜିଲ୍ଲାରେ ୧୨ ଜଣ ଓ ଝାରସୁଗୁଡ଼ାରେ ୬ ଜଣଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ଅଂଶୁଘାତ ମୃତ୍ୟୁ ଦାବି କରାଯାଉଥିବା ବେଳେ ଏହି ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି। ଏହି ଅସ୍ୱାଭାବିକ ମୃତ୍ୟୁ ଅଂଶୁଘାତ ଯୋଗୁ ହୋଇଛି ନା ଏହା ପଛରେ ଅନ୍ୟ କାରଣ ଅଛି ତାହା ସ୍ପଷ୍ଟ ହୋଇ ନାହିଁ। ତେବେ ଏବେ ପ୍ରବଳ ଖରା ହେଉଥିବାରୁ ସତର୍କତା ସ୍ୱରୂପ ବାହାରକୁ ନ ଯିବାକୁ ଏଆସଆରସି ପରାମର୍ଶ ଦେଇଛନ୍ତି। ଗତକାଲି ମୃତ୍ୟୁର ଶିକାର ହୋଇଥିବା ବ୍ୟକ୍ତି ମୁଖ୍ୟତଃ ଶ୍ରମିକ ଶ୍ରେଣୀର ବୋଲି ଜଣାଯାଇଛି। ସେମାନେ ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ୩ ଟା ମଧ୍ୟରେ ବାହାରେ କାମ କରୁଥିବା ବେଳେ ଅଚାନକ ସେମାନଙ୍କ ଶରୀର ଅସୁସ୍ଥ ହୋଇ ମୃତ୍ୟୁ ହୋଇଥିବା ଜଣାଯାଇଛି। ଏହା ଅଂଶୁଘାତଜନିତ ମୃତ୍ୟୁ ନା ନୁହେଁ ତାହାର ତଦନ୍ତ ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ସରକାରୀ ଭାବେ ବର୍ତ୍ତମାନ ସୁଦ୍ଧା ବାଲେଶ୍ୱର, ଢେଙ୍କାନାଳ, ମୟୂରଭଞ୍ଜ, ସୋନପୁର ଓ ବଲାଙ୍ଗୀର ଆଦିରୁ ଜଣେ ଲେଖାଏଁ ଅଂଶୁଘାତରେ ପ୍ରାଣ ହରାଇଥିବା ନେଇ ଏସଆର୍‌ସି କହିଛନ୍ତି।

ବର୍ତ୍ତମାନ ସ୍କୁଲ, କଲେଜ ବନ୍ଦ ଥିବା ବେଳେ, ନିର୍ବାଚନୀ ପ୍ରକ୍ରିୟା ପଶ୍ଚିମ ଓଡ଼ିଶାରେ ସରି ଯାଇଛି। ତେଣୁ ପିକ୍ ଆୱାରରେ ଘରୁ ନ ବାହାରିଲେ ଏହାର ପ୍ରତିକାର କରି ହେବ ବୋଲି ସେ କହିଛନ୍ତି। ଯଦି ଏହି ସମୟରେ କେହି ବାହାରକୁ ଯାଉଛନ୍ତି, ତେବେ ଆବଶ୍ୟକୀୟ ପ୍ରତିଶେଧକ ବ୍ୟବସ୍ଥା ଆପଣାଇବା ପାଇଁ ଏସ୍‌ଆରସି କହିଛନ୍ତି।

# ମତଦାନକୁ ପ୍ରଭାବିତ କରିପାରେ ପ୍ରଚଣ୍ଡ ତାତି ଓ ଗ୍ରୀଷ୍ମ ପ୍ରବାହ

ଭୁବନେଶ୍ୱର ୩୧।୫(ସମିସ): ଆସନ୍ତା କାଲି ରାଜ୍ୟରେ ଚତୁର୍ଥ ଅବା ଶେଷ ପର୍ଯ୍ୟାୟ ନିର୍ବାଚନ। ୬ ଲୋକସଭା କ୍ଷେତ୍ର ଅନ୍ତର୍ଗତ ୪୨ଟି ବିଧାନସଭା କ୍ଷେତ୍ର ପାଇଁ ମତଦାନ ହେବ। ଗତ ତିନି ପର୍ଯ୍ୟାୟ ନିର୍ବାଚନରେ ମତଦାନ ହାର ୭୩%ରୁ ୭୪.୫% ମଧ୍ୟରେ ମତଦାନ ହୋଇଥିବା ବେଳେ ଉପକୂଳ ଓଡ଼ିଶାରେ ମତଦାନ ହାର ଉପରେ ସମସ୍ତଙ୍କ ନଜର ରହିଛି।

**୨୩ ଲକ୍ଷ ଯୁବ ଭୋଟରଙ୍କ ଉପରେ ନଜର**

ଦୁଇ ଦିନ ହେଲା ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି ଏବଂ ଆଉ କିଛି ଦିନ ପର୍ଯ୍ୟନ୍ତ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ହେବା ନେଇ ପୂର୍ବାନୁମାନ କରାଯାଇଛି। ଏପରିସ୍ଥଳେ ଉପକୂଳ ଓଡ଼ିଶାରେ ମତଦାନ ହାର ବୃଦ୍ଧି କରିବା ଏକ ଆହ୍ୱାନ ପାଲଟିଛି। ଶନିବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ସକାଳ ୭ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ। ଏଥିରେ ୧୮-୧୯ ବର୍ଷ ମଧ୍ୟରେ ୨,୫୭,୩୪୫ ଜଣ ଓ ୨୦-୨୯ ବର୍ଷ ମଧ୍ୟରେ ୨୦,୫୧,୫୦୫ ଜଣ ଭୋଟର ମତାଧିକାର ସାବ୍ୟସ୍ତ କରିବେ। ପ୍ରାୟ ମତଦାନ କେନ୍ଦ୍ର ପିଛା ହାରାହାରି ୯୧୫ ମତଦାତା ଅଛନ୍ତି। କହିବାକୁ ଗଲେ ଯୁବ ଭୋଟରଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ୨୦୧୯ରେ ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୭୭.୦୨% ମତଦାନ ହୋଇଥିଲା। ୪ର୍ଥ ପର୍ଯ୍ୟାୟ ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲା ପ୍ରମୁଖ ରାଜନୈତିକ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ଏଥର ପୂର୍ବ ତୁଳନାରେ ଅଧିକ ମତଦାନ ହେବ ବୋଲି ରାଜନୈତିକ ବିଷାରଦମାନେ ମତବ୍ୟକ୍ତ କରିଛନ୍ତି। ତେବେ ଗତ ତିନି ପର୍ଯ୍ୟାୟ ନିର୍ବାଚନରେ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ମତଦାନ ହାର ଆଶାନୁରୂପ ହୋଇପାରିନଥିଲା। ସହରାଞ୍ଚଳରେ ପ୍ରାୟ ୫୦% ଲୋକ ମତଦାନ କରିବାକୁ ଯାଇ ନାହାନ୍ତି। ଏପରିସ୍ଥଳେ ଉପକୂଳ ଓଡ଼ିଶାରେ ମତଦାନ ହାର ବୃଦ୍ଧି ପାଇବ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଆସନ୍ତା କାଲି ସମସ୍ତ ଭୋଟର ନିଶ୍ଚିତ ଭାବେ ଭୋଟ ଦେବା ପାଇଁ ଆସନ୍ତୁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଭୋଟର ମାନଙ୍କୁ ନିବେଦନ କରିଛନ୍ତି। ମତଦାନ କେନ୍ଦ୍ରରେ ସୁରୁଖୁରୁରେ ଭୋଟ ଗ୍ରହଣ ପାଇଁ ସବୁ ବ୍ୟବସ୍ଥା ହୋଇଛି। ତେଣୁ କୌଣସି ବାହାନା ନ କରି ନିଜ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ପୂର୍ବ ପର୍ଯ୍ୟାୟ ନିର୍ବାଚନ ତୁଳନାରେ ଶେଷ ପର୍ଯ୍ୟାୟରେ ଗ୍ରୀଷ୍ମ ପ୍ରବାହ ପ୍ରତିବନ୍ଧକ ସାଜିବାର ଆଶଙ୍କା ରହିଛି। ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ମତଦାନ କେନ୍ଦ୍ରରେ ବ୍ୟାପକ ବ୍ୟବସ୍ଥା ହୋଇଛି। ଗରମ, ଗୁଳୁଗୁଳି ଜାରି ରହିବା ସମ୍ଭାବନା ଥିବାରୁ ସକାଳୁ ସାକଲୁ ଆସି ଭୋଟ ଦେବା ପାଇଁ ଅନୁରୋଧ କରାଯାଇଛି। ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ସବୁ ରାଜନୈତିକ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଅନେକ ନିର୍ବାଚନମଣ୍ଡଳୀ ଉପରେ ସମସ୍ତଙ୍କ ନଜର ରହିଛି। ଏପରିସ୍ଥଳେ ମତଦାନ ହାର ବୃଦ୍ଧି ପାଇବା ଜରୁରୀ ବୋଲି କୁହାଯାଉଛି।

### ବେଲପାଳ ଗ୍ରାମରେ ପୁଲିସକୁ ଆକ୍ରମଣ ଘଟଣା

# ବିଚାର ବିଭାଗୀୟ ହାଜତକୁ ଗଲେ ୨୨ ମହିଳା ସମେତ ୩୮ ଜଣ

ବାରିପଦା, ୩୧।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅନ୍ତର୍ଗତ ବେଲପାଳ ଗ୍ରାମରେ ପୁଲିସକୁ ଆକ୍ରମଣ ଘଟଣାରେ ଶୁକ୍ରବାର ୨୨ଜଣ ମହିଳା ସମେତ ୩୮ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ସମସ୍ତଙ୍କୁ

**ଅନ୍ୟ ଅଭିଯୁକ୍ତମାନେ ଗିରଫ ଭୟରେ ଗାଁ ଛାଡ଼ି ଫେରାର**

ବାରିପଦା କୋର୍ଟରେ ହାଜର କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବଡ଼ସାହି ଥାନା ସବ୍‌ଇନ୍ସପେକ୍ଟର ଅରୁଣ ଟୁଡୁଙ୍କ ଅଭିଯୋଗ କ୍ରମେ ରୁଜୁ ହୋଇଥିବା ମାମଲାର ତଦନ୍ତ ପରେ ରାସ୍ତା ଅବରୋଧକାରୀ ଓ ପ୍ରବର୍ତ୍ତାଇଥିବା ୪୧ଜଣଙ୍କୁ ପୁଲିସ ଗାଁରୁ ଉଠାଇ ନେଇ ଅଜ୍ଞାତ ସ୍ଥାନରେ ପୃଥକ ଜେରା କରିଥିଲା। ପରେ ୩୮ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ମୀନା ସିଂ, ସୋମବାରୀ ସିଂ, ଶୁକ୍ରି ସିଂ, ରଜନୀ ସିଂ, ଫୁଲମଣି ସିଂ, କେଉଟୁଣୀ ପଲେଇ, ଲିବୁ ସିଂ, ମାଳତୀ ସିଂ, ସୁମି ସିଂ, ମିନି ସିଂ, ଭାରତୀ ବିଶୋଇ, ଶିବ ସିଂଙ୍କ ସ୍ତ୍ରୀ ସୋମବାରୀ, ରାଜେନ୍ଦ୍ର ସିଂଙ୍କ ସ୍ତ୍ରୀ ସୋମବାରୀ, ନନ୍ଦିନୀ ପଲେଇ, ଯଶୋଦା ସିଂ, ସାରଥି ବାଗ, ସଞ୍ଜୁଲତା ବାଗ, ବୁଲୁ ନାଏକ, ରାଜେଶ ପଲେଇ, ବିନୋଦ ବାଗ, ଚନ୍ଦନ ସିଂ, ସୁଜିତ ସିଂ, ଅରୁଣ ପଲେଇ, ବିକ୍ରମ ସିଂ, ବିଶ୍ୱନାଥ ନାଏକ, ରୋହିତଶ୍ୱର ନାଏକ, ଝାଡ଼େଶ୍ୱର ନାଏକ,



ଅରୁଣ ପାତ୍ର, ରାଧାମୋହନ ସିଂ, ଶ୍ୟାମସୁନ୍ଦର ସିଂ, ଭାଗିରଥି ଦଣ୍ଡପାଟ, ସୁମନ ଦିଗାର, ଦେବସ୍ମିତା ଦାସ, ରୀନା ନାଏକ, ସୁଲୋଚନା ନାଏକ, ସୁଶୀଳା ଜେନା, ରାଜେନ୍ଦ୍ର ସିଂ ଓ ପ୍ରବୋଧ କୁମାର ଭୂୟାଁ। ଗତ ୨୯ ତାରିଖରେ ଜମି ଜମା ବିବାଦକୁ କେନ୍ଦ୍ରକରି ଦୁଇ ପକ୍ଷ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ତେବେ ଗୋଟିଏ ପକ୍ଷ ଅପରପକ୍ଷର ଦୁଇ ଅଭିଯୁକ୍ତକୁ ଗିରଫ ଦାବିରେ ବଡ଼ସାହି-ବେତନଟୀ ରାସ୍ତାର ବେଲପାଳ ଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଶତାଧିକ ପୁରୁଷମହିଳା ରାସ୍ତା ଅବରୋଧରୁ କ୍ଷାନ୍ତ ପାଇଁ ବଡ଼ସାହି ବିଡିଓ, ଅତିରିକ୍ତ ତହସିଲଦାର ଓ ପୁଲିସ ପହଞ୍ଚି ବୁଝାସୁଝା ପରେ ମଧ୍ୟ ଗ୍ରାମବାସୀ ବୁଝି ନଥିଲେ।

ବିକ୍ଷୋଭକାରୀ ଉତ୍ୟକ୍ତ ହୋଇ ପୁଲିସକୁ ଆକ୍ରମଣ କରିବା ସହ ଗାଡ଼ିଗୁଡ଼ିକ ଭଙ୍ଗାରୁଜା କରିଥିଲେ। ଆକ୍ରମଣରେ ବେତନଟୀ ଏସଡିପିଓ ସୁଦର୍ଶନ ଦାଶ, ବଡ଼ସାହି ଥାନା ଅଧିକାରୀ ଉମାଶଙ୍କର ନାୟକ ଗୁରୁତର ଆହତ ହୋଇଥିବା ବେଳେ ବେତନଟୀ ଥାନା ଅଧିକାରୀଣି ସସ୍ମିତା ମହାନ୍ତ, ବଡ଼ସାହି ଥାନାର ସବ ଇନିସପେକ୍ଟର ନିବେଦିତା ନାୟକ ଓ ଅରୁଣ ଟୁଡୁ ଆହତ ହୋଇଥିଲେ। ସରକାରୀ ସମ୍ପତ୍ତିକୁ ନଷ୍ଟ କରିବା ଓ କାର୍ଯ୍ୟରତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୁଲିସ ମାମଲା ରୁଜୁ କରି ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଘଟଣାରେ ଶହେରୁ ଉର୍ଦ୍ଧ୍ୱ ଜଡ଼ିତ ଥିବାବେଳେ ଆଗକୁ ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ବେଲପାଳରେ ପର୍ଯ୍ୟାପ୍ତ ସିଆରପିଏଫର ଯବାନ ମୁତୟନ ଅଛନ୍ତି ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ କହିଛନ୍ତି। ଅପରପକ୍ଷରେ ଆଇସିୟୁରେ ଚିକିତ୍ସାଧୀନ ୨ ପୁଲିସ ଅଧିକାରୀ ଡାକ୍ତରଖାନାରୁ ଘରକୁ ଫେରିଛନ୍ତି।

# +୨ ରିଚେକିଂ ପାଇଁ ଆଜିଠୁ ଆବେଦନ


ଭୁବନେଶ୍ୱର, ୩୧।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପରିଚାଳିତ +୨ ପରୀକ୍ଷା ଫଳ ରିଚେକିଂ ପାଇଁ ଆସନ୍ତାକାଲି ବା ଶନିବାର ଠାରୁ ଆବେଦନ ଆରମ୍ଭ ହେବ। କଳା, ବାଣିଜ୍ୟ, ବିଜ୍ଞାନ ଓ

**୧୫ ଯାଏଁ ଆବେଦନ ଅବଧି**

ଧନ୍ଦାମୂଳକ ବର୍ଗର ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଅନ୍‌ଲାଇନ୍‌ରେ ମୂଲ୍ୟାୟନ ହୋଇଥିବା ବିଷୟଗୁଡିକର ସଫ୍ଟ କପି ଆବେଦନକାରୀଙ୍କୁ ମେସେଜ ଓ ମେଲ୍‌ରେ ଲିଙ୍କ୍ ମାଧ୍ୟମରେ ଜୁନ୍ ୧୦ରୁ ୨୦ ତାରିଖ ମଧ୍ୟରେ ପ୍ରଦାନ କରାଯିବ। ଆବେଦନକାରୀ ଏହି ସମୟ ମଧ୍ୟରେ ଲିଙ୍କ୍ ନପାଇଲେ ବା ଅନ୍ୟ ବୈଷୟିକ ତ୍ରୁଟି ପାଇଁ ୨୨ ତାରିଖ ମଧ୍ୟରେ coechserecheck@gmail.com ରେ ମେଲ୍ କରି ପରୀକ୍ଷା ନିୟନ୍ତ୍ରକଙ୍କ ଦୃଷ୍ଟିକୁ ଆଣିବାକୁ କୁହାଯାଇଛି। ଅଫ୍‌ଲାଇନ୍‌ରେ ମୂଲ୍ୟାୟନ ହୋଇଥିବା ବିଷୟଗୁଡିକର ରେଜଲ୍ଟ ପ୍ରକାଶ ପରେ ଆବେଦନକାରୀଙ୍କୁ ଫଟୋକପି ପ୍ରଦାନ କରାଯିବ। ରିଚେକିଂ ପାଇଁ ଗୋଟିଏ ବିଷୟ ପ୍ରତି ୨ଶହ ଟଙ୍କା ଫି' ଧାର୍ଯ୍ୟ କରାଯାଇଥିବା ପରିଷଦ ପକ୍ଷରୁ ଦର୍ଶାଯାଇଛି।

# ଟ୍ରକ୍ ଭିତରୁ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର

ବଡ଼ବିଲ/ଯୋଡ଼ା, ୩୧।୫(ସମିସ): କେନ୍ଦୁଝର ଜିଲ୍ଲା, ରଗୁଡ଼ି ଥାନା, ରାଜପଥ ୫୨୦ର ବାରବାଙ୍କ ଘାଟି ରାସ୍ତାରେ ଏକ ଟ୍ରକ୍ ଭିତରୁ ଆଜି ଜଣେ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର ହୋଇଛି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ମୃତକ ଝାଡ଼ଖଣ୍ଡ ଚାତ୍ରା ଜିଲ୍ଲାର ସୁରେନ୍ଦ୍ର ଚୌଧୁରୀ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଟ୍ରକ୍ ଡ୍ରାଇଭର ସୁରେନ୍ଦ୍ର ଚୌଧୁରୀ ଯୋଡ଼ା ଅଞ୍ଚଳର ସୁନୀତା ଦେବୀଙ୍କ ଓଡି୦୯ଭି ୪୪୮୯ ନଂ. ଟ୍ରକ୍‌ରେ ଡ୍ରାଇଭର ଭାବରେ କାମ କରୁଥିଲେ। ଗତକାଲି ସେ ଜିଳିଂ ଖଣିରୁ ଲୁହାପଥର ବୋଝେଇ କରି ରାଉରକେଲା ଅଭିମୁଖେ ଯାଉଥିଲେ। ତେବେ



**ଅଂଶୁଘାତରେ ମୃତ୍ୟୁ ହୋଇଥିବା ସନ୍ଦେହ**

ଗନ୍ତବ୍ୟ ସ୍ଥଳକୁ ଯିବା ବେଳେ ତାଙ୍କର ଆକସ୍ମିକ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଟ୍ରକ୍‌ଟି ରାସ୍ତା କଡ଼ରେ ଛିଡ଼ା ହୋଇଥିଲା ବେଳେ, ଷ୍ଟିୟରିଂ ଉପରେ ହିଁ ସେ ମରି ପଡ଼ିଥିବାର ଦେଖିବାକୁ ମିଳିଛି। କିଛି ଦିନ ହେବ ଖଣି ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ପାରଦ ୪୦ ଡିଗ୍ରୀ ଉପରେ ରହୁଛି। ଦିନବେଳେ ଘରୁ ବାହାରି ହେଉନାହିଁ। ତେଣୁ ଏହାକୁ ଅଂଶୁଘାତ ବୋଲି କୁହାଯାଉଛି। ଖବର ପାଇ ରୁଗୁଡ଼ି ପୁଲିସ ମୃତଦେହକୁ ଜବତ୍ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ତେବେ କେଉଁ ପରିସ୍ଥିତିରେ ଏଭଳି ଅସ୍ୱାଭାବିକ ମୃତ୍ୟୁ ଘଟିଲା ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସ୍ପଷ୍ଟ ହୋଇପାରିବ ବୋଲି ପୁଲିସ କହିଛି।

# ଅବଶିଷ୍ଟାଂଶ...

## ଅଂଶୁଘାତ...

ଜିଲ୍ଲା ହସ୍ପିଟାଲରେ ଗୁରୁବାର ମାତ୍ର ୨ ଘଣ୍ଟା ଭିତରେ ଅଂଶୁଘାତରେ ୧୬ ଜଣ ଲୋକଙ୍କ ଜୀବନ ଯାଇଛି। ଆହୁରି ୩୬ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଅଛି ବୋଲି ଜଣେ ଡାକ୍ତର କହିଛନ୍ତି। ଏହି ଜିଲ୍ଲାର ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ହୋଇଛି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ଝାଡ଼ଖଣ୍ଡର ୧୫ ଜଣ, ଓଡ଼ିଶାର ୧୦ ଜଣ, ରାଜସ୍ଥାନର ୫ ଜଣ, ଛତିଶଗଡ଼ର ୩ ଜଣ, ଉତ୍ତର ପ୍ରଦେଶ ଏବଂ ଦିଲ୍ଲୀର ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି।

## ଜଳୁଛି ପଶ୍ଚିମ...

ଶୁକ୍ରବାର ପଶ୍ଚିମ ଓଡ଼ିଶାର ୮ ଟି ସହରର ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ ବା ତା' ଉପରେ ରେକର୍ଡ କରାଯାଇଛି। ୪୬.୫ ଡିଗ୍ରୀ ସହ ଟିଟିଲାଗଡ଼ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ବଲାଙ୍ଗିରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୬.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସୋନପୁରରେ ୪୬.୨, ବରଗଡ଼ରେ ୪୬, ସମ୍ବଲପୁରରେ ୪୫.୨, ଝାରସୁଗୁଡ଼ାରେ ୪୫, ଭବାନୀପାଟଣାରେ ୪୫ ଓ ନୂଆପଡ଼ାରେ ୪୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଏହା ବ୍ୟତୀତ ହୀରାକୁଦରେ ତାପମାତ୍ରା ୪୪.୭ ଡିଗ୍ରୀ ରହିଥିବା ବେଳେ ବୌଦ୍ଧରେ ୪୪, ମାଲକାନଗିରିରେ ତାପମାତ୍ରା ୪୩.୭, ଫୁଲବାଣୀରେ ୪୩ ଡିଗ୍ରୀ ରେକର୍ଡ କରାଯାଇଛି। ଏହି ସହରଗୁଡ଼ିକୁ ମିଶାଇ ରାଜ୍ୟର ମୋଟ୍ ୧୨ ଟି ସହରରେ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଥିବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

ଅନ୍ୟପଟେ ରାଜ୍ୟର ଉପକୂଳ ଓଡ଼ିଶା ଗୋପାଳପୁର, ପୁରୀ, ଭୁବନେଶ୍ୱର, ପାରାଦୀପ, କେନ୍ଦୁଝର, ଚାନ୍ଦବାଲି ଓ ବାଲେଶ୍ୱର ଆଦି ସ୍ଥାନରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ତଳକୁ ରହିଥିଲେ ହେଁ ଆର୍ଦ୍ରତା ଅଧିକ ରହିଥିବାରୁ ପ୍ରଚଣ୍ଡ ଗୁଳୁଗୁଳି ଅନୁଭୂତ ହୋଇଛି। ଦିନ ୨ ସୁଦ୍ଧା ଭୁବନେଶ୍ୱରରେ ୭୫ ପ୍ରତିଶତ, କେନ୍ଦୁଝରରେ ୮୦ ପ୍ରତିଶତ, ପାରାଦୀପରେ ୮୫ ପ୍ରତିଶତ,ଚାନ୍ଦବାଲିରେ ୮୧ ପ୍ରତିଶତ ଓ ବାଲେଶ୍ୱରରେ ୮୭ ପ୍ରତିଶତ ଆର୍ଦ୍ରତା ରହିଥିବା ହେତୁ ଏଠାରେ ପ୍ରବଳ ଗୁଳୁଗୁଳି ହୋଇ ତାପମାତ୍ରା ପ୍ରାୟ ୫୦ ଡିଗ୍ରୀ ଉପରେ ରହିଥିବା ଭଳି ସ୍ଥିତି ଅନୁଭୂତ ହୋଇଛି। ଅନ୍ୟପଟେ ପ୍ରଚଣ୍ଡ ତାତି ଓ ଗୁଳୁଗୁଳିରୁ ଲୋକେ ତ୍ରାହି ତ୍ରାହି ଡାକୁଥିବା ବେଳେ ଆହୁରି ୨ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ ଜାରି କରିଛି। ୨ ଦିନ ମଧ୍ୟରେ ପଶ୍ଚିମ ଓଡ଼ିଶାରେ ଭୀଷଣ ଗ୍ରୀଷ୍ମ ଲହରୀ ସହ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଜନିତ ସ୍ଥିତି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ଏହି ସମୟରେ ମଧ୍ୟରେ ଅନେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଆଶଙ୍କା ମଧ୍ୟ ରହିଛି। ଏଥିପାଇଁ ଦୁଇ ଦିନ ପରେ ଯଦିଓ ଗ୍ରୀଷ୍ମ ଲହରୀ ପ୍ରକୋପ ହ୍ରାସ ହୋଇପାରେ କିନ୍ତୁ ଗୁଳୁଗୁଳି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଶନିବାର ରାଜ୍ୟରେ ମିଶ୍ରିତ ପାଗ ଅନୁଭୂତ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ପାଣିପାଗ କେନ୍ଦ୍ର କହିଛି ଯେ ଶନିବାର ବଲାଙ୍ଗିର, ସମ୍ବଲପୁର, କଳାହାଣ୍ଡି ଓ ସୋନପୁର ଆଦିରେ ଭୀଷଣ ଗ୍ରୀଷ୍ମ ଲହରୀ ଅନୁଭୂତ ହେବାକୁ ଥିବା ବେଳେ ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ବୌଦ୍ଧ ଓ କନ୍ଧମାଳରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ କେନ୍ଦୁଝରରେ ପ୍ରବଳ ଗୁଳୁଗୁଳି ଯୋଗୁଁ ଉଷ୍ମ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନର ବେଗ ଘଣ୍ଟା ପ୍ରତି ୪୦-୫୦ କିମି ପର୍ଯ୍ୟନ୍ତ ରହିପାରେ ବୋଲି ପାଣିପାଗ କେନ୍ଦ୍ର କହିଛି।

## ସନ୍ଦିଗ୍ଧ ମୃତକଙ୍କ...

ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଆଉ କିଛି ଦିନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବା ନେଇ ପୂର୍ବାନୁମାନ କରାଯାଇ ଥିବା ବେଳେ ବିଭିନ୍ନ ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି। ଗତକାଲି ରାଉରକେଲାରେ ୧୨ ଜଣ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିବା ବେଳେ ଆଜି ଆଉ ଚାରି ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଗତ ୨୪ ଘଣ୍ଟା ଭିତରେ ବିଭିନ୍ନ ଜିଲ୍ଲାରେ ପ୍ରାୟ ୨୫ ଜଣଙ୍କର ଅଂଶୁଘାତ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଅଂଶୁଘାତ ମୃତ୍ୟୁରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ମେଡିକାଲ କଲେଜ ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଉର୍ଦ୍ଧ୍ୱମୁଖୀ ଥିବା ବେଳେ ଅଂଶୁଘାତ ହେବାର ଆଶଙ୍କା ରହିଛି। ଗ୍ରୀଷ୍ମପ୍ରବାହ ଜନିତ ଅସୁସ୍ଥତା ମାମଲାର ମୁକାବିଲା ପାଇଁ ଜାତୀୟ ଓ ରାଜ୍ୟସ୍ତରୀୟ ମାର୍ଗଦର୍ଶୀକା ଅନୁସରଣ କରି ପଦକ୍ଷେପ ନେବା ଜରୁରୀ। ଅଂଶୁଘାତ ପିଡୀତଙ୍କ ଚିକିତ୍ସା ପାଇଁ ଡାକ୍ତରଖାନାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଯଦି ଅଂଶୁଘାତ ପିଡୀତଙ୍କ ମୃତ୍ୟୁ ହୁଏ ତେବେ ଶବ ବ୍ୟବଚ୍ଛେଦ କରିବା ଏକାନ୍ତ ଆବଶ୍ୟକ। ମେଡିକାଲ ଅଫିସର ଏବଂ ରାଜସ୍ୱ ବିଭାଗ ଅଧିକାରୀ ଅଂଶୁଘାତ ମୃତ୍ୟୁ ନେଇ ସ୍ପଷ୍ଟ କରିବା ପରେ ସ୍ୱତନ୍ତ୍ର ରିଲିଫ୍ କମିଶନର କିମ୍ବା ଜିଲ୍ଲାପାଳ ସେ ନେଇ ବିଜ୍ଞପ୍ତି ପ୍ରକାଶ କରିବେ। ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ମାର୍ଗଦର୍ଶୀକା ଅନୁସାରେ ଡାକ୍ତରଖାନାରେ ସବୁ ବ୍ୟବସ୍ଥା ହେବା ସହିତ ଆବଶ୍ୟକ ସାମଗ୍ରୀ ମହଯୁଦ ଅଛି କି ନାହିଁ ତାହା ସମ୍ପୃକ୍ତ ଅଧିକାରୀ ସୁନିଶ୍ଚିତ କରିବେ। ଡାକ୍ତରଖାନାରେ ୨୪ ଘଣ୍ଟିଆ ବିଦ୍ୟୁତ ସଂଯୋଗ ସୁନିଶ୍ଚିତ କରାଯିବ। ସମ୍ପୃକ୍ତ ବ୍ୟକ୍ତି ଅଂଶୁଘାତ ପୀଡିତ ବୋଲି ଆଗୁଆ ଜାଣିବା ଏବଂ ଚିକିତ୍ସା ସମ୍ପର୍କରେ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ତୃଣମୂଳ ସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବା ଜରୁରୀ ବୋଲି କୁହାଯାଇଛି।

## ଜଗଦ୍ଦେବଙ୍କୁ ମିଳିଲାନି...

ଦୌରାଜଜ୍ ଦ୍ୱିତୀୟଙ୍କ କୋର୍ଟରେ ମାମଲାର ଶୁଣାଣି ହୋଇଥିଲା। ଜଗଦ୍ଦେବଙ୍କ ପକ୍ଷରୁ ହାଇକୋର୍ଟ ଓକିଲ ପିତାମ୍ବର ଆଚାର୍ଯ୍ୟ ଓ ପ୍ରଭାତ ଦାସ ଏବଂ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ରଜନୀକାନ୍ତ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ। ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ଶୁଣିବା ଓ କାଗଜପତ୍ର ଦେଖିବା ପରେ କୋର୍ଟ ଶ୍ରୀ ଜଗଦ୍ଦେବଙ୍କ ଜାମିନ ଆବେଦନକୁ ଖାରଜ କରିଥିବା ଜଣାଯାଇଛି। ଏ ସମ୍ପର୍କରେ ସରକାରୀ ଓକିଲ ଶ୍ରୀ ପଟ୍ଟନାୟକ କୁହନ୍ତି, ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଏବଂ ନିର୍ବାଚନ ପ୍ରକ୍ରିୟା ଚାଲିଥିବାରୁ ତାଙ୍କ ଜାମିନକୁ ଜଜ୍ ଖାରଜ କରିଛନ୍ତି। ସରକାରଙ୍କ ପକ୍ଷରୁ ଆମେ ଜାମିନକୁ ବିରୋଧ କରିଥିଲୁ ବୋଲି କହିଛନ୍ତି ଶ୍ରୀ ପଟ୍ଟନାୟକ।

ଅନ୍ୟପକ୍ଷରେ ପ୍ରଶାନ୍ତ ଜଗଦ୍ଦେବଙ୍କ ଜାମିନ୍ ହେବା ଆଶା ନେଇ ସମର୍ଥକମାନେ ହାତରେ ଫୁଲ ଧରି କୋର୍ଟ ନିକଟକୁ ଆସିଥିବା ଦେଖାଯାଇଥିଲା। କିନ୍ତୁ ଅପରାହ୍ନରେ ଜାମିନ୍ ଖାରଜ ହେବା ପରେ ଫୁଲଧରି ଆସିଥିବା ସମର୍ଥକମାନେ ନିରାଶ ହୋଇ ଫେରିଥିବା ଦେଖାଯାଇଛି।

## ବହି କିଣିଲେ...

ଏଭଳି ଆହୁରି ଅନେକ ବହି କିଣିବା ପାଇଁ ଆସିବେ ବୋଲି ସେ କହିଗଲେ।

ଦୀର୍ଘ ୨୪ ବର୍ଷ ଧରି ନିରବଚ୍ଛିନ୍ନ ମୁଖ୍ୟମନ୍ତ୍ରୀ ରହିଥିବା ନବୀନ ପଟ୍ଟନାୟକ ରାଜନୀତରେ ପ୍ରବେଶ ପୂର୍ବରୁ ଜଣେ ବିଖ୍ୟାତ ଲେଖକ ଭାବେ ବେଶ ସୁଖ୍ୟାତି ଲାଭ କରିଛନ୍ତି। ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ବେଶ୍ ପ୍ରସିଦ୍ଧି ପାଇଛି। ପଢ଼ିବା ଓ ଲେଖିବା ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ରହିଛି। ଓଡ଼ିଶାବାସୀ ସୁଖ ଦୁଃଖ, ଭଲ ମନ୍ଦ ବୁଝିବାରୁ ଅବସର ମିଳିଲେ ସେ ବହି ପଢ଼ିବାକୁ ବେଶ୍ ଭଲପାଇଥାନ୍ତି। ଏବେ ମଧ୍ୟ ନିର୍ବାଚନ ପ୍ରଚାର ଶେଷ ହେବା ପରେ ହଠାତ୍ ଏକ ସନ୍ଧ୍ୟାରେ ବହି ଦୋକାନରେ ତାଙ୍କର ଏଭଳି ଆବିର୍ଭାବ ପୁସ୍ତକ ପ୍ରତି ଥିବା ତାଙ୍କ ଭଲପାଇବାକୁ ସ୍ପଷ୍ଟ କରିଛି। ପୂର୍ବରୁ ତାଙ୍କ ଭଉଣୀ ପ୍ରଖ୍ୟାତ ଲେଖିକା ଗୀତା ମେହେଟ୍ଟାଙ୍କ ସହ ଆସି ପୁସ୍ତକ କିଣିବାର ନଜିର୍ ମଧ୍ୟ ରହିଛି। ସେ ବିଶେଷକରି ପ୍ରକୃତିକୁ ବେଶ ଭଲପାଆନ୍ତି। ସବୁବେଳେ ପ୍ରକୃତି ଓ ଇତିହାସକୁ ନେଇ ରଚିତ ପୁସ୍ତକ ପଢ଼ିବାକୁ ଭଲପାଆନ୍ତି। ବହି ଦୋକାନରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖି ବହି କିଣିବା ପାଇଁ ଆସିଥିବା ଲୋକମାନେ ବେଶ୍ ଖୁସି ହୋଇଯାଇଥିଲେ। ସେଠାରେ ଉପସ୍ଥିତ ଥିବା ପିଲାଠୁ ବୟସ୍କ ତାଙ୍କ ସହ ସେଲ୍‌ଫି ଉଠାଇଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ହାତ ହଲାଇ ସମ୍ବୋଧିତ କରି ନବୀନ ନିବାସ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ତାଙ୍କ ସହ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ଉପସ୍ଥିତ ଥିଲେ।

## ୬ ଲୋକସଭା...

ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜାରି ରହିବ ବୋଲି କାର୍ଯ୍ୟସୂଚୀ ସ୍ଥିର ହୋଇଛି। ୧୪୦୦ରୁ ଉଦ୍ଧ୍ୱର୍ ମତଦାନ କେନ୍ଦ୍ର ସଂପୂର୍ଣ୍ଣ ରୂପେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ। ଏହି ପର୍ଯ୍ୟାୟରେ ପ୍ରାୟ ୨୦ ପ୍ରତିଶତ ଆଦର୍ଶ ମତଦାନ କେନ୍ଦ୍ର (ମଡେଲ୍ ବୁଥ୍) ରହିଛି। ମତଦାନ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପାଦନ ପାଇଁ ପ୍ରାୟ ୭୨ ହଜାର ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସମସ୍ତ ପୋଲିଂ ଷ୍ଟେସନ୍ ଲୋକେସନ୍‌ରେ ଅନ୍ୟୂନ ଜଣେ ସ୍ୱେଚ୍ଛାସେବୀ ଓ ଜଣେ ଲେଖାଏଁ ଆଶାକର୍ମୀ ନିୟୋଜିତ ହୋଇଛନ୍ତି। ଅପରପକ୍ଷେ ଏହି ପର୍ଯ୍ୟାୟ ନିର୍ବାଚନରେ ଲୋକସଭା କ୍ଷେତ୍ର ପାଇଁ ୧୩୪୬୨ଟି ବାଲାଟ ୟୁନିଟ୍, ୧୩୪୬୨ଟି କଣ୍ଟ୍ରୋଲ ୟୁନିଟ୍ ଓ ୧୪୬୦୬ଟି ଭିଭିପାଟ୍‌ର ବ୍ୟବସ୍ଥା ହୋଇଛି। ବିଧାନସଭା କ୍ଷେତ୍ର ମତଦାନ ପାଇଁ ମୋଟ ୧୪୧୨୨ଟି ବାଲାଟ୍ ୟୁନିଟ୍, ୧୩୪୪୭ଟି କଣ୍ଟ୍ରୋଲ ୟୁନିଟ୍ ଓ ୧୪୬୩୮ ଟି ଭିଭିପାଟ ବ୍ୟବସ୍ଥା କରାଯାଇଛି। ସଂପୂର୍ଣ୍ଣ ସୁରକ୍ଷିତ ପରିବେଶ ମଧ୍ୟରେ ଯେପରି ମତଦାନ ହୋଇପାରିବ ସେଥିପାଇଁ ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ପର୍ଯ୍ୟାୟରେ ମୋଟ ୧୨୬ କମ୍ପାନୀ ସିଏପିଏଫ୍ ନିୟୋଜିତ ହୋଇଥିବା ଜଣାପଡ଼ିଛି।

# ନିର୍ବାଚନ ପାଇଁ ବସ୍ ଭଡ଼ା ତିନିଗୁଣ

ଭୁବନେଶ୍ୱର, ୩୧।୫(ସମିସ): କଟକରୁ କେନ୍ଦ୍ରାପଡ଼ା, ତିନିଗୁଣା ବଢ଼ିଲା ବସ୍ ଭଡା। କଣ୍ଡକ୍ଟରଙ୍କ ପାଟିରୁ ବାହାରୁଥିବା ଭଡ଼ା ସମସ୍ତେ ମାନି ନେଉଥିଲେ। କେହି ପ୍ରତିବାଦ କରିବା ଦେଖାଯାଉ ନଥିଲା। ଯାତ୍ରୀଙ୍କ ସଂଖ୍ୟା ଏତେ ଅଧିକ ଥିଲା ଯେ, କଣ୍ଡକ୍ଟର ଟଙ୍କା ଧରିପାରୁ ନ ଥିଲେ। ଭିଡ଼ ଭିତରେ ଟଙ୍କା ଉଡ଼ି ଯାଉଥିଲା। ଟଙ୍କା ଗୋଟାଇବାକୁ ଯାତ୍ରୀଙ୍କ ମଧ୍ୟରେ ଟଣାଓଟରା ପରି ରୋଚକ ସ୍ଥିତି କଟକ ନେତାଜୀ ବସ୍ ଟର୍ମିନାଲ୍‌ରେ ଶୁକ୍ରବାର ଦେଖିବାକୁ ମିଳିଥିଲା। ସେହିପରି ୧୬ ନମ୍ବର ଜାତୀୟ ରାଜପଥରେ ବା ଭୁବନେଶ୍ୱରରୁ କଟକ ଦେଇ ଯାଜପୁର, ଭଦ୍ରକ୍, ବାଲେଶ୍ୱର ଓ ମୟୁରଭଞ୍ଜ ଯାଉଥିବା ଗାଡ଼ିରେ ମଧ୍ୟ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଏହି ସମସ୍ତ ଅଞ୍ଚଳରେ ଶନିବାର ନିର୍ବାଚନ ହେଉଛି। ଏଣୁ ବହୁ ସଂଖ୍ୟାରେ ଯାତ୍ରୀ ଯାତ୍ରା କରୁଥିବାରୁ ବସ୍‌ଗୁଡିକ ମନଇଚ୍ଛା ଭଡ଼ା ଆଦାୟ କରୁଥିଲେ।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

By virtue of an affidavit before Notary Public, Khordha. I Puspalata Behera, D/O of Sanatan Behera, Plot no -1348, Chintamaniswar, Lane no-9, Bhubaneswar, Khorda, Odisha-751006 have Changed my Name from Puspalata Behera to Subhashree Behera and also my Date of Birth from 17/08/2002 to 17/08/2003 . By this Affidavit no 918, dated 31/05/2024 I shall be known as Subhashree Behera instead of **Puspalata Behera** along with the date of birth for all future purposes.

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

REF. NO. – ER&C / 407 — DATE: 16.05.2024

**NOTICE INVITING APPLICATIONS FOR ALLOTMENT OF KIOSK INSIDE ROURKELA STEEL PLANT**

The application forms containing of the terms and conditions for allotment of kiosk (B.F-I kiosk near B.F-I old personnel office area) on license basis is available in the office of GM (PL – IR, ER, C, T & M) on payment of Rs.200/- (Rupees two hundred only) including all taxes towards cost of application papers. The application papers can also be downloaded from our website https://sailtenders.co.in. In such case, the duly filled in application form shall be treated as valid application and should be sent along with the receipt of Rs.200/- (Online deposit through SB collect).

Applications will be accepted up to 3.00 P.M of 18-06-2024.

**GM (PL – IR, ER, C, T & M)**

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

There's a little bit of SAIL in everybody's life

# ସଲ୍ୟୁସନ ନିଶାପାଇଁ ବଢୁଛି ଅପରାଧ

ଝାରସୁଗୁଡ଼ା, ୩୧।୫(ସମିସ)

ଝାରସୁଗୁଡ଼ା ସହର ଦିନକୁ ଦିନ ଅପରାଧ ପ୍ରବଣ ହେବାରେ ଲାଗିଛି। ରାତିରେ ନିଛାଟିଆ ରାସ୍ତାରେ ଯାଉଥିବା ଲୋକଙ୍କ ଠାରୁ ଲୁଟପାଟ କରି ଏମିତିକି କେତେକଙ୍କୁ ଆକ୍ରମଣ କରିବା ଘଟଣା ମଧ୍ୟ ନଜିର ରହିଛି। ଏହି ନିଶାଖୋରମାନେ ଏକ ଶସ୍ତା ଓ ଭିନ୍ନ ପ୍ରକାର ନିଶାରେ ଲିପ୍ତ ରହୁଛନ୍ତି। ସୋଲ୍ୟୁସନ ନିଶା। ସଲ୍ୟୁସନ ଏକ ପ୍ରକାର ଆଧେସିଭ ବା କେମିକାଲଯୁକ୍ତ ଅଠା। ଏହାକୁ ଗ୍ଲୁ ମଧ୍ୟ କୁହାଯାଏ। ଏହି ଅଠା ଅଣଧାତବ ପଦାର୍ଥକୁ ଯୋଡ଼ିବାରେ ସାହାଯ୍ୟ କରିଥାଏ। ବିଶେଷ କରି ଏହା ସାଇକଲ, ଗାଡ଼ି ମଟରରେ ଲାଗୁଥିବା ଟ୍ୟୁବର କଣା ବନ୍ଦ କରିବାରେ ବ୍ୟବହାର ହୁଏ। ଫୁଟୱେର୍, ଅଟୋମୋବାଇଲ୍ସ, ଏଗ୍ରିକଲଚର ମେସିନାରି ଶିଳ୍ପରେ ଏହାର ବହୁଳ ବ୍ୟବହାର ହୋଇଥାଏ। ଏଥିରୁ ବାହାରୁ ଥିବା ଗନ୍ଧରେ ବହୁବ୍ୟକ୍ତି ଆକୃଷ୍ଟ ହୋଇଥାନ୍ତି ଓ ଏହି ଗନ୍ଧ ଆଘ୍ରାଣ କରିବା ଏକ ନିଶାରେ ପରିଣତ ହୋଇଥାଏ। ଏହି ସଲ୍ୟୁସନ ଗନ୍ଧର ନିଶା ଏତେ ପ୍ରଖର ହୋଇଥାଏ ଯେ ବହୁ ଯୁବକ/ ଯୁବତୀ ଏହି ଗନ୍ଧ ଆଘ୍ରାଣ କରିବା ପାଇଁ ସବୁବେଳେ ବ୍ୟାକୁଳ ହୋଇଥାନ୍ତି। ଏହି ଗନ୍ଧର ନିଶା ଏତେ ଭୟଙ୍କର ଯେ ଏହି ନିଶା ସେବନ କରୁଥିବା ବ୍ୟକ୍ତି ନିଜର ହିତାହିତ ଜ୍ଞାନ ଭୁଲି ଅପରାଧ ପୃଷ୍ଠଭୂମିକୁ ଚାଲି ଯାଇଥାଏ। କିଛି ବର୍ଷ ତଳେ ବ୍ରଜରାଜନଗର ଥାନା ଅଞ୍ଚଳରେ ଜଣେ ରାଜସ୍ୱ ଅଧିକାରୀଙ୍କୁ ହତ୍ୟା କରାଯାଇଥିଲା। ଦୁଇଜଣ ସଲ୍ୟୁସନ ନିଶାସକ୍ତ ଯୁବକ ସମ୍ପୃକ୍ତ ରାଜସ୍ୱ ଅଧିକାରୀ ଏଟିଏମ୍‌ରୁ ଟଙ୍କା ଉଠାଣ କରୁଥିବାବେଳେ ତାଙ୍କୁ ପିଛା କରିଥିଲେ ଓ ଆମଦରହ ଠାରେ ଛୁରି ଭୁସି ହତ୍ୟା କରିବା ପରେ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ହତ୍ୟାକାରୀମାନେ ସଲ୍ୟୁସନ ନିଶାରେ ଏତେ ନିଶାଗ୍ରସ୍ତ ଥିଲେ ଯେ ପୁଲିସ ସେମାନଙ୍କୁ ଧରିବା ପରେ ବି ଦୁଇ ଦିନ ପର୍ଯ୍ୟନ୍ତ ସେମାନଙ୍କ ନିଶା କମି ନ ଥିଲା। ଝାରସୁଗୁଡ଼ା ଜିଲ୍ଲା ଏକ ଶିଳ୍ପ ଓ ଖଣି ଖାଦାନ ଭରା ଅଞ୍ଚଳ ହୋଇଥିବା ବେଳେ ପର୍ଯ୍ୟାପ୍ତ ରେଳ ସଂଯୋଗ ଏହି ନିଶାସକ୍ତ ଲୋକଙ୍କୁ ଖୁବ ସହାୟ ହୋଇଥାଏ। ଜିଲ୍ଲାରେ ବାହାର ରାଜ୍ୟରୁ ଆସୁଥିବା ଅସଂଖ୍ୟ ପରିଚୟହୀନ ଯୁବକ/ଯୁବତୀ ରେଳ ଷ୍ଟେସନ ଅଞ୍ଚଳରେ ଦଳ ଦଳ ହୋଇ ବୁଲୁଥିବା ଦେଖା ଯାଇଥାଏ। ଏମାନେ ୨୪ ଘଣ୍ଟା ସଲ୍ୟୁସନ ଗନ୍ଧ ଆଘ୍ରାଣ କରୁଥିବା ଦେଖା ଯାଇଥାଏ। ନିଶା ସେବନ ଦ୍ୱାରା ଭୋକ ହୋଇ ନ ଥାଏ। ଏହି ନିଶାଶକ୍ତ ଯୁବକମାନେ ବହୁ ଅପରାଧିକ କାର୍ଯ୍ୟରେ ସଂଶ୍ଳିଷ୍ଟ ରହୁଥିବା ପୁଲିସ ପାଖରେ ଅନେକ ଅଭିଯୋଗ ରହିଛି। ସଲ୍ୟୁସନ କିଣିବା ପାଇଁ ଏମାନେ ଟ୍ରେନ୍ ଓ ବସ୍ ଯାତ୍ରୀଙ୍କଠାରୁ ବହୁ ମୂଲ୍ୟବାନ ସାମଗ୍ରୀ ଲୁଟ କରୁଥିବାବେଳେ ସଲ୍ୟୁସନ ନେବା ପରେ ଅଧିକ ଅପରାଧିକ କାର୍ଯ୍ୟ କରୁଥିବା ଦେଖାଯାଉଛି। ରାତି ହେଲେ ଏମାନେ ମୁଖ୍ୟ ସଡ଼କରେ ଥିବା ଦୋକାନ ବଜାର ପିଣ୍ଡାରେ ଶୋଇ ପଡ଼ିଥାନ୍ତି। ପୁଲିସ ପ୍ରଶାସନ ଏହି ସ୍ଲୁ୍ୟସନ ନିଶାସକ୍ତଙ୍କୁ ସାବାଡ଼ କରିବା ପାଇଁ ଦୃଢ଼ ପଦକ୍ଷେପ ନେବା ଜରୁରି ହୋଇପଡ଼ିଛି। ଏହା ସହିତ ଦୋକାନୀମାନଙ୍କୁ ମଧ୍ୟ କୌଣସି ଅଜଣା ଓ ନାବାଳକୁ ସଲ୍ୟୁସନ ବିକ୍ରି କରିବାକୁ ବାରଣ କରିବାକୁ ଲୋକେ ଦାବି କରିଛନ୍ତି।

## ମୋବାଇଲ ଚୋରି; ଜଣେ ଗିରଫ

**ଝାରସୁଗୁଡ଼ା, ୩୧।୫(ସମିସ):** ଜଣେ ବ୍ୟବସାୟୀଙ୍କ ଠାରୁ ମୋବାଇଲ ଚୋରି କରିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ବେଲପାହାଡ଼ ପୁଲିସ। ଗିରଫ ଅଭିଯୁକ୍ତ ଜଣକ ଝାରସୁଗୁଡ଼ା ସଦରଥାନା ଅଧୀନ ତଳିଭଟାର ୟାକୁବ ହୁସେନ୍ (୨୬) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ଗୁମାଡେରା ଡେଲି ମାର୍କେଟରେ ପରିବା ଓ ଲଣ୍ଡ୍ରି ଦୋକାନ କରିଥିବା ମହମ୍ମଦ ଅଲି ହୁସେନ ଗୁରୁବାର ଅପରାହ୍ଣରେ ଦୋକାନ ସମ୍ମୁଖରେ ଶୋଇଥିବା ସମୟରେ ୟାକୁବ ମହମ୍ମଦ ଅଲିର ରିୟଲମି ସି-ଆଇ ମଡେଲର ମୋବାଇଲ ଫୋନଟିକୁ ଚୋରି କରିନେଇଥିଲା। ଶୋଇଥିବା ମହମ୍ମଦ ଅଲି ହୁସେନନିଦ ଭାଙ୍ଗିଯିବା ଓ ପାଖରେ ଥିବା ୟାକୁବ ହୁସେନ ତାର ମୋବାଇଲ ଫୋନଟି ଚୋରି କରିନେଇଥିବା ଜାଣିପାରିଥିଲା। ଅନ୍ୟ ଦୋକାନୀ ମାନଙ୍କ ଉପସ୍ଥିତିରେ ମହମ୍ମଦ ଅଲି ହୁସେନକୁ କାବୁକରି ବେଲପାହାଡ଼ ପୁଲିସକୁ ହସ୍ତାନ୍ତର କରିଥିଲେ। ବେଲପାହାଡ଼ ପୁଲିସ ଅଭିଯୁକ୍ତ ୟାକୁବ ହୁସେନଠାରୁ ଚୋରି କରିଥିବା ମୋବାଇଲ ଫୋନ ଜବତ କରିଥିଲା। ଅଭିଯୁକ୍ତ ୟାକୁବ ହୁସେନକୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି ବେଲପାହାଡ଼ ପୋଲିସ। ଅଭିଯୁକ୍ତ ୟାକୁବ ହୁସେନଙ୍କ ବିରୋଧରେ ଝାରସୁଗୁଡ଼ା ସଦର ଥାନା, ଟାଉନ ଥାନା ଓ ବଡ଼ମାଲ ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି।



## ଅଂଶୁଘାତରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

**କୋଲାବିରା, ୩୧।୫(ସମିସ):** ଜୀବନ ନେଉଛି ରୌଦ୍ରତାପ। ଅଂଶୁଘାତରେ ମୃତକଙ୍କ ସଂଖ୍ୟା ବଢ଼ିଚାଲିଛି। କୋଲାବିରା ତେଲେଙ୍ଗା ପଡ଼ାରେ ମଧ୍ୟ ଜଣେ ମହିଳାଙ୍କ ଶୁକ୍ରବାର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କୋଲାବିରା ତେଲେଙ୍ଗା ପଡ଼ାର ଲୋଚନ କୁମୁରାଙ୍କ ସ୍ତ୍ରୀ ସୁଲୋଚନା କୁମୁରା (୬୨)। ଝାଞ୍ଜି ପବନ ଯୋଗୁଁ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସାଲାଇନ ଦିଆଯିବା ପରେ ସାମାନ୍ୟ ସୁସ୍ଥ ଅନୁଭବ କରିଘରକୁ ଫେରି ଆସିଥିଲେ; ମାତ୍ର ପୁଣି ଅସହଜ ଲାଗିବାରୁ କୋଲାବିରା ଡାକ୍ତରଖାନାକୁ ନିଆଯାଉଥିଲା। ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା।

## ଯୁବକଙ୍କ ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

**ବ୍ରଜରାଜନଗର, ୩୧।୫ (ସମିସ):** ବ୍ରଜରାଜନଗର କୁଦୋପାଲି ଗ୍ରାମରେ ଜଣେ ଯୁବକଙ୍କ ଅଂଶୁଘାତ ଜନିତ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ମୃତକ ହେଲେ ଚିତ୍ତରଞ୍ଜନ ଲୁହାର (୩୦)। ଘରକୁ ଫେରିବା ପରେ ଘର ଲୋକଙ୍କୁ ପାଣି ମାଗି ପିଇଥିଲେ। ପାଣି ପିଇ ସାରିବା ପରେ ଅତ୍ୟଧିକ ଝାଳ ବୋହିବାରୁ ଶୋଇବା ପାଇଁ ଘର ଲୋକଙ୍କୁ କହିଥିଲେ। କିଛି ସମୟ ପରେ ଘର ଲୋକେ ଡାକିବାରୁ କୌଣସି ଉତ୍ତର ଦେଇ ନ ଥିଲେ। ଏହା ପରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହାକୁ ନେଇ ଥାନରେ ଅଭିଯୋଗ ପରେ ଏକ ମାମଲା ରୁଜୁ କରାଯାଇଛି।

## ଜିଲ୍ଲାପାଳଙ୍କ ଅସ୍ଥାୟୀ ପାର୍କିଂ ପରିଦର୍ଶନ

**ଝାରସୁଗୁଡ଼ା, ୩୧।୫(ସମିସ):** ବେଲପାହାଡ଼ ଥାନା ଯୋରାବଗାରେ ଛିଡ଼ାହୋଇ ଥିବା ବିଭିନ୍ନ ଟ୍ରକ୍ ପାର୍କିଂ ପରିଦର୍ଶନ କରିଛନ୍ତି ଝାରସୁଗୁଡ଼ା ଜିଲ୍ଲା।ପଲ ଅବୋଲି ସୁନିଲ ନରୱଣେ। ସକାଳ ୧୧ଟାରୁ ୩ ଟା ମଧ୍ୟରେ ଅତିଜରୁରୀ କାର୍ଯ୍ୟ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି। ଛତା, ଟୁପି, ଗାମୁଛା ବ୍ୟବହାର କରିବା, ସକାଳ ୧୧ଟା ପରେ ଶ୍ରମିକ ମାନେ ନିର୍ମାଣ କାର୍ଯ୍ୟ ନ କରିବା ସହିତ ଅଂଶୁଘାତରୁ ରକ୍ଷାପାଇବା ପାଇଁ ରାଜ୍ୟ ସରକାର ଜାରି କରିଥିବା ବିଭିନ୍ନ ପଦକ୍ଷେପ ଅନୁପାଳନ କରିବାକୁ କହିଛନ୍ତି।

## ଉପ ସହ କାରାପାଳଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



**ଦେବଗଡ଼, ୩୧।୫ (ସମିସ):** ଦେବଗଡ଼ ସ୍ୱତନ୍ତ୍ର ଉପକାରାଗାରରେ ନିଯୁକ୍ତ ଉପ ସହ କରାପାଳ ମଦନ ମୋହନ ସାମଲ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ସ୍ୱତନ୍ତ୍ର ଉପକାରାଗାର ଅଧିକ୍ଷକ ବିକାଶ ସାହୁଙ୍କ ଅଧ୍ୟକ୍ଷତାରେ ଅବସରକାଳୀନ ବିଦାୟ ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସାମଲଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାରାଗାରର ସମସ୍ତ କର୍ମଚାରୀ ଶ୍ରୀ ସାମଲଙ୍କ ଅବସରକାଳୀନ ଜୀବନ ନିରୋଗ ଓ ସୁଖମୟ କାମନା କରିଥିଲେ। କାରାରକ୍ଷୀ ଦିଲ୍ଲୀପ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଅଶ୍ଳୀଳ ଲେଖା ଭାଇରାଲ କରି ଯୁବକ ଗିରଫ

**ଝାରସୁଗୁଡ଼ା, ୩୧।୫(ସମିସ):** ବେଲପାହାଡ଼ ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟ ନାବାଳିକା ଝିଅ ନାମରେ ନକଲି ଇଷ୍ଟାଗ୍ରାମ ଆଇଡି କରି ଅଶ୍ଳୀଳ ଲେଖା ପୋଷ୍ଟ ତଥା ଭାଇରାଲ କରିବା ଅଭିଯୋଗରେ ପୁଲିସ ସମ୍ପୃକ୍ତ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ସାମାଜିକ ଗଣମାଧ୍ୟମର ଅପବ୍ୟବହାର କରିଥିଲା।



ସୂଚନା ଅନୁସାରେ ଅନ୍ୟ ସ୍ଥାନରୁ ଆସି ବେଲପାହାଡ଼ ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟ ନାବାଳିକା ଝିଅ ନିଜ ପରିବାର ଲୋକଙ୍କ ସହିତ ଏକ ଭଡ଼ାଘରେ ରହୁଛନ୍ତି। ତାଙ୍କ ବାପା କିଛି କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଗତ କିଛି ଦିନ ହେବ ସେହି ନାବାଳିକାକୁ ତାଙ୍କଘର ପାଖରେ ରହୁଥିବା ଜଣେ ୨୦ ବର୍ଷୀୟ ଯୁବକ ତାଙ୍କୁ ମୋବାଇଲ ନମ୍ବର ମାଗିଥିଲେ। ନାବାଳିକା ନମ୍ବର ଦେବାକୁ ମନା କରିଦେଇଥିଲେ। ଏହା ପରେ ଅଭିଯୁକ୍ତ ଯୁବକ ଇଷ୍ଟାଗ୍ରାମ ଓ ଫେସବୁକ ଆଦି ସାମାଜିକ ଗଣମାଧ୍ୟମରେ ନାବାଳିକାର ନାମ ଅନୁସନ୍ଧାନ କରି ନାବାଳିକା ନାମରେ ଥିବା ଏକ ଇଷ୍ଟାଗ୍ରାମ ଆଇଡି ପାଇଥିଲା। ଏହା ପରେ ଅଭିଯୁକ୍ତ ଯୁବକ ନାବାଳିକା ଝିଅର ନାମରେ ଏକ ନକଲି ଇଷ୍ଟାଗ୍ରାମ ଆଇଡି ତିଆରି କରି ବିଭିନ୍ନ ପ୍ରକାର ଅଶ୍ଳୀଳ ଶବ୍ଦ ବ୍ୟବହାର କରି ଷ୍ଟାଟସରେ ଲେଖା ପୋଷ୍ଟ ତଥା ଭାଇରାଲ କରିଚାଲିଥିଲା। ନାବାଳିକାର ନକଲି ଇଷ୍ଟାଗ୍ରାମ ଷ୍ଟାଟସକୁ ତାଙ୍କ ଜଣେ ଝିଅ ସାଙ୍ଗ ଏହିସବୁ ଅଶ୍ଳିଳ ପୋଷ୍ଟ ଦେଖି ନାବାଳିକାକୁ ତୁରନ୍ତ ଏଭଳି କାହିଁକି ପୋଷ୍ଟ କରୁଛୁ ବୋଲି ପଚାରିଥିଲା। ନାବାଳିକା ଜଣକ ଏଥିରେ ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟ ହୋଇ ତାଙ୍କ ନାମରେ ସେହି ଯୁବକ ଜଣକ ଏଭଳି ନକଲି ଆଇଡି କରିଥାଇପାରେ ବୋଲି ସନ୍ଦେହ କରିବା ସହ ସାଙ୍ଗକୁ ଦୁଃଖ ପ୍ରକାଶ କରିଥିଲା। ପରେ ନାବାଳିକା ଜଣକ ଏନେଇ ସମସ୍ତ କଥା ନିଜ ବାପା ଓ ପରିବାର ଲୋକଙ୍କୁ ଜଣାଇଥିଲେ। ନାବାଳିକାର ବାପା ଉତ୍ୟକ୍ତ ହୋଇ ସେହି ଯୁବକକୁ ଭେଟି ଏଭଳି କାହିଁକି କରୁଛୁ ବୋଲି ପଚାରିବାରୁ ପାଲଟା ଅଭିଯୁକ୍ତ ଯୁବକ ତାଙ୍କୁ ଧମକ୍ ଚମକ୍ ଦେଇ ଦୁର୍ବ୍ୟବହାର କରିଥିବା ଥାନାରେ ଅଭିଯୋଗ ହୋଇଛି। ନାବାଳିକାର ବାପା ବେଲପାହାଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଯୁବକକୁ ପୁଲିସ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେର ସୂଚନା ଦେଇଛନ୍ତି।

■ ଭୟଙ୍କର ହେଉଛି ଗ୍ରୀଷ୍ମ ପ୍ରବାହ

## ଆଉ ୩ ଗାଡ଼ି ଚାଳକଙ୍କ ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

**ଝାରସୁଗୁଡ଼ା, ୩୧।୫(ସମିସ):** ରାଜ୍ୟରେ ୨ ଦିନ ହେଲା ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ଏଣୁ ବିଭିନ୍ନ ଜାଗାରେ ଲୋକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟୁଛି। ଅଂଶୁଘାତରୁ ଜୀବନ ଯାଉଥିବା ମୃତକଙ୍କ ପରିବାର ଅଭିଯୋଗ କରୁଛନ୍ତି। ଝାରସୁଗୁଡ଼ା ଜିଲ୍ଲାରେ ମଧ୍ୟ ଗ୍ରୀଷ୍ମ ପ୍ରବାହ ଜରି ରହିଛି। ଗୁରୁବାର ଝାରସୁଗୁଡ଼ାରେ ୬ ଜଣ ଚାଳକଙ୍କ ଗାଡ଼ି ଭିତରେ ମୃତ୍ୟୁ ଘଟିଥିଲା। ଶୁକ୍ରବାର ମଧ୍ୟ ୩ଜଣ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ରେଙ୍ଗାଲି ଥାନା ଗୋବିନ୍ଦପୁରରେ ବିହାରର ଟ୍ରକ୍ ଚାଳକ ଗୁଡ୍ଡୁ ରାୟଙ୍କ ମୃତ୍ୟୁ ଘଟିଥିଲା। ବଡ଼ମାଳ ଥାନା ଅଞ୍ଚଳରେ ୨ ଜଣ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ପୁଲିସ କିନ୍ତୁ ମୃତକଙ୍କ ପରିଚୟ ଦେଇ ନାହିଁ। ଅନ୍ୟପକ୍ଷେ କୋଲାବିରା ଗ୍ରାମର ସୁଲୋଚନା କୁମରା (୬୨) ଓ ଲଖନପୁର ଥାନା ଠେବରା ଗ୍ରାମର ରଘୁନାଥ ଉର୍ଏଁଷା (୫୫)ଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି।

**ଝାରସୁଗୁଡ଼ାରେ ୨ ଦିନରେ ୧୧ ଜଣଙ୍କ ଜୀବନ ଗଲାଣି**

## କ୍ରୀଡ଼ାବିତ୍‌ଙ୍କ ଭୁବନେଶ୍ୱର ଯାତ୍ରା

**ଝାରସୁଗୁଡ଼ା, ୩୧।୫ (ସମିସ):** ଶନିବାରଠାରୁ କିଟ୍‌ସ ଷ୍ଟାଡିୟମ ଭୁବନେଶ୍ୱର ଠାରେ ଆନ୍ତଃଜିଲ୍ଲା ଜୁନିୟର (୧୪ବର୍ଷ-୧୬ବର୍ଷ ଓ ୧୮ ବର୍ଷ) ବୟସ ବର୍ଗର କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବ। ଝାରସୁଗୁଡା ଜିଲ୍ଲା କ୍ରୀଡ଼ା ସଂସ୍ଥାର ୨୪ ଜଣ ଜୁନିୟର ବାଳକ, ବାଳିକା କ୍ରୀଡା ପ୍ରତିଯୋଗୀ ଶୁକ୍ରବାର ସକାଳେ ଭୁବନେଶ୍ୱର ଯାତ୍ରା କରିଛନ୍ତି। ଏହି ଦଳରେ ପ୍ରଶିକ୍ଷକ କମ୍ପାଣ୍ଡର ବେହେରା ଓ ମ୍ୟାନେଜର ଭାବରେ ଦେବେନ୍ଦ୍ର ନାୟକ ଓ ପୁଷ୍ପା ସାହୁ ରହିଛନ୍ତି। ଏହି ପ୍ରତିଯୋଗିତା ୧ଜୁନ୍‌ରୁ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଝାରସୁଗୁଡା ଜିଲ୍ଲା କ୍ରୀଡା ସଂସ୍ଥାରସ୍ମ୍ପାଦକ ତାପସରାୟ ଚୌଧୁରୀ, କୋଷାଧ୍ୟକ୍ଷ ଗଣେଶ ଚନ୍ଦ୍ର ନାଏକ ଓ ଅନ୍ୟ ସଭ୍ୟମାନେ ଶୁଭେଚ୍ଛା କାମନା କରିଥିଲେ।




## ଦୁଇ ଟ୍ରକ୍ ଧକ୍କା; ଚାଳକ ଗୁରୁତର



**ଝାରସୁଗୁଡ଼ା, ୩୧।୫ (ସମିସ):** ୪୯ ନମ୍ବର ଜାତୀୟ ରାଜପଥ ୯ ନମ୍ବର ଛକ ନିକଟରେ ଦୁଇ ଟ୍ରକ୍ ମଧ୍ୟରେ ଧକ୍କା ହୋବରୁ ଜଣେ ଡ୍ରକ ଡ୍ରାଇଭର ଆହତ ହୋଇଛନ୍ତି। ଶୁକ୍ରବାର ସକାଳ ୬ଟା ସମୟରେ ୯ ନମ୍ବର ଛକ ନିକଟରେ ଦୁଇଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଜଣେ ଟ୍ରକ ଚାଳକ ଆହତ ହୋଇଥିଲା। ସ୍ଥାନୀୟ ଲୋକେ ଡ୍ରାଇଭରକୁ ଉଦ୍ଧାର କରି ଡାକ୍ତରଖାନାକୁ ପଠେଇଛନ୍ତି।

## ଅଂଶୁଘାତ ମୁକାବିଲା ସଚେତନତା




**ବ୍ରଜରାଜନଗର, ୩୧।୫ (ସମିସ):** ଝାରସୁଗୁଡା ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଗୁରୁବାର ଜିଲ୍ଲାରେ ସାତ ଜଣଙ୍କର ଅଂଶୁଘାତଜନିତ ମୃତ୍ୟୁ ଘଟିଛି। ଅଂଶୁଘାତର ମୁକାବିଲା ଓ ସତର୍କତା ଅବଲମ୍ବନ ପାଇଁ ଶୁକ୍ରବାର ବ୍ରଜରାଜନଗର ପୌରପରିଷଦ କାର୍ଯ୍ୟାଳୟରେ ଝାରସୁଗୁଡା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଝାରସୁଗୁଡା ଆର୍ଟିଓ, ଏସଡିପିଓ ଓ ଅନେକ ଟ୍ରକ୍ ମାଲିକ ଉପସ୍ଥିତ ରହିଥିଲେ। ଜିଲ୍ଲା ପ୍ରଶାସନର ସମସ୍ତ ନିର୍ଦ୍ଦେଶ ପାଳନ କରିବା ନେଇ ଟ୍ରକ୍ ମାଲିକ ସଙ୍ଘ ତରଫରୁ କୁହାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ବ୍ରଜରାଜନଗରରେ ଟ୍ରକ୍ ମାଲିକଙ୍କ ସହିତ ଆଲୋଚନା କରିଥିଲେ।

## ଗାଡିଚାଳକଙ୍କୁ ଓଆରଏସ୍ ବାଣ୍ଟିଲା ପୁଲିସ



**ଝାରସୁଗୁଡ଼ା, ୩୧।୫(ସମିସ) :** ୪୯ ନମ୍ବର ଜାତୀୟ ରାଜପଥରେ ଗ୍ରୀଷ୍ମ ପ୍ରବାହରେ ଅନେକ ଡ୍ରାଇଭରଙ୍କ ଜୀବନ ଚାଲି ଯାଇଥିବାବେଳେ ରେଙ୍ଗାଲି ଥାନା ପକ୍ଷରୁ ଡ୍ରାଇଭରଙ୍କୁ ଓଆର୍‌ଏସ ଦିଆଯାଇଛି। ଗତ ଦୁଇଦିନ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ୯ ଜଣ ଡ୍ରାଇଭରଙ୍କ ମୃତ୍ୟୁ ହୋଇସାରିଛି। ଶୁକ୍ରବାର ଅପରାହ୍ଣରେ ରେଙ୍ଗାଲି ପୁଲିସ ପକ୍ଷରୁ ପଞ୍ଚଗାଁ ଛକ ଠାରେ ଡ୍ରାଇଭରମାନଙ୍କୁ ଓଆରଏସ୍ ପାଉଡର ପ୍ରଦାନ କରିବା ସହିତ ଅଂଶୁଘାତରୁ ରକ୍ଷା ପାଇପାରିବେ ସେ ନେଇ ସଚେତନ କରାଯାଇଛି।

## ଭୋଟ୍ ଗଣତି ପାଇଁ ଦ୍ୱିତୀୟ ସମୀକ୍ଷା ବୈଠକ



**ଦେବଗଡ଼, ୩୧।୫(ସମିସ):** ଜୁନ୍ ୪ ତାରିଖ ଭୋଟ ଗଣତି ହେବ। ଏଥିପାଇଁ ଶୁକ୍ରବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ୨ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଏଜେଲିନ୍ ବାରା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ମମତାଜ ମହାରଣା, ସୂର୍ଯ୍ୟକାନ୍ତ ବରିହା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ତାପସ ମହାନ୍ତ, ସୁଶ୍ରୀ ରେଖା ମହନ୍ତ, ରାଜୀବ ଲୋଚନ ନାଏକ, ତହସିଲଦାର କର୍ଣ୍ଣ ମଲ୍ଲିକ, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ପାନୀୟ ଜଳ ଯୋଗାଣ ବିଭାଗ ଆସିଷ୍ଟାଣ୍ଟ ଇଞ୍ଜିନିୟର ନେତ୍ରାନନ୍ଦ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସରବାହାଲ ରେଳ ଫାଟକ ବନ୍ଦ ନ ରକରିବାକୁ ଦାବି

ଝାରସୁଗୁଡ଼ା, ୩୧।୫(ସମିସ)

ସରବାହାଲ ଓଭରବ୍ରିଜ୍ କାର୍ଯ୍ୟକ୍ଷମ ହେବାପରେ ରେଳ ଫାଟକ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି ରେଳବାଇ। ରେଳବାଇର ଏହି ନିଷ୍ପତ୍ତିକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଗତ ତିନି ମାସ ପୂର୍ବେ ସରବାହାଲ ଓଭରବ୍ରିଜକୁ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚ୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ସରବାହାଲ ରେଳ ଫାଟକ ବନ୍ଦ ନ କରିବାକୁ ଲୋକେ ଦାବି କରିଥିଲେ। ସହରର ସରବାହାଲ ମୁଖ୍ୟ ରାସ୍ତା କଡ଼ରେ ସରବାହାଲ ୟୁଜି ଏମି ସ୍କୁଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବାବେଳେ ଅନ୍ୟପଟେ ସରସ୍ୱତୀ ଶିଶୁ ମନ୍ଦିର ସ୍କୁଲ ଲିଟିଲ୍ ଷ୍ଟାର୍ ସ୍କୁଲ ଚମାରପଡ଼ା ପ୍ରାଥମିକ ବିଦ୍ୟାଳୟ ଅଙ୍ଗନବାଡ଼ି ରହିଛି। ରେଳଫାଟକ ବନ୍ଦ ହେଲେ ଦୁଇ ପାର୍ଶ୍ୱର ସ୍କୁଲ ଛାତ୍ରଛାତ୍ରୀମାନେ ଓଭର ବ୍ରିଜ ଦେଇ ପାଠ ପଢ଼ିବା ପାଇଁ ଯିବା ସମୟରେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେବେ। ଅନ୍ୟପଟେ ସରବାହାଲ ଗୋଟିଏ ପାର୍ଶ୍ୱରେ ଶହ ଶହ ଦୋକାନ ରହିଥିବାବେଳେ ଏମାନଙ୍କ ବ୍ୟବସାୟ ଉପରେ ପ୍ରଭାବ ପଡ଼ିବ। ରେଳ ଫାଟକ ମୁଖ୍ୟ ରାସ୍ତା କଡ଼ରେ ଶହ ଶହ ପନିପରିବା ଦୋକାନୀମାନେ ଗାଁ ଗାଁରୁ ପନିପରିବା ଆଣି ବିକ୍ରି କରୁଥିବାବେଳେ ତାଙ୍କ ବ୍ୟବସାୟ ଉପରେ ପ୍ରଭାବ ପଡ଼ିବ ବୋଲି ଅଭିଯୋଗ ହେଉଛି। ରାସ୍ତା ଗୋଟିଏ ପାର୍ଶ୍ୱରେ ହଜାର ହଜାର ଘର ଥିବା ବେଳେ ସହରକୁ ଆସିବା ପାଇଁ ଓଭରବିଜ ଦେଇ ପ୍ରତିଦିନ ଯିବାଆସିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ। ଓଭରବ୍ରିଜ ବନ୍ଦ ହେଲେ ଲୋକଙ୍କ ସୁବିଧା ବଦଳରେ ଅନେକ ଅସୁବିଧା ହେବ ବୋଲି କହିଛନ୍ତି। ଏଥିପ୍ରତି ରେଳ ଅଧିକାରୀ ବ୍ୟାପକ ପଦକ୍ଷେପ ନେବାକୁ ସରବାହାଲବାସୀ ଦାବି କରିଛନ୍ତି।



# ଅଂଶୁଘାତରେ ୩ଜଣଙ୍କ ମୃତ୍ୟୁ ଅଭିଯୋଗ

**ତରଭା/ବିନିକା/ ଲାଞ୍ଜିଗଡ଼, ୩୧।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ କୁମ୍ଭାରମୁଣ୍ଡା ପଞ୍ଚାୟତ ବଡଫଂଟାମୁଣ୍ଡା ଗ୍ରାମର ଜଣେ ମହିଳାଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତା ମହିଳା ଜଣଙ୍କ ହେଲେ ବଡଫଂଟାମୁଣ୍ଡା ଗ୍ରାମର କରୁଣା ଅମାତଙ୍କ ପତ୍ନୀ ରୁପକାନ୍ତି ଅମାତ (୫୦)। ସେ କେନ୍ଦୁପତ୍ର ତୋଳି ମଧ୍ୟାହ୍ନରେ ଘରକୁ ଫେରିବାର କିଛି ସମୟ ପରେ ଅସୁସ୍ଥତା ଅନୁଭବ କରି ବାନ୍ତି କରିଥିଲେ। ଅତ୍ୟଧିକ ଅସୁସ୍ଥତା ଅନୁଭବ କରି ଗୁରୁତର ହେବାରୁ ତାଙ୍କୁ ସନ୍ଧ୍ୟାରେ ଚିକିତ୍ସା ପାଇଁ ତରଭା ଡାକ୍ତରଖାନା ନିଆଯାଇଥିଲା; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା ତଦନ୍ତ ଦାୟିତ୍ୱ ନେଇଥିବା ଆଇଆଇସି ଅନିତା କିଡୋ ପ୍ରକାଶ କରିଛନ୍ତି।

ସେହିଭଳି ବିନିକା ବ୍ଲକ ସିଂହିଯୁବା ଗ୍ରାମର ଜଣେ ୪୫ବର୍ଷୀୟ ବ୍ୟକ୍ତିଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ସମାରୁ ବାଘ (୪୫)। ତାଙ୍କ ସ୍ତ୍ରୀ ଓ ପୁଅ ତାମିଲନାଡୁ ସହରକୁ ଦାଦନ୍ ଯାଇଛନ୍ତି। ଝିଅ ସୈରେନ୍ଦ୍ରି ବାଘ(୧୫) ସହ ସେ ରହୁଥିଲେ। ପ୍ରତିଦିନ ଭଳି କାମ ସାରି ସମାରୁ ସନ୍ଧ୍ୟାରେ ଘରକୁ ଫେରିଥିଲେ। ଗାଧୋଇ ସାରି ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ପଡ଼ା ଲୋକେ ଆମ୍ବୁଲାନ୍ସରେ ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

ସେହିପରି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଟେକରତୋଳା ଗାଁରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଏହି ବୃଦ୍ଧା ଜଣକ ହେଲେ ଯଶୋବନ୍ତୀ ପାଢ଼ୀ (୭୦)। ଅଂଶୁଘାତରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପ୍ରବଳ ଖରା ଯୋଗୁଁ ସେ ଅସୁସ୍ଥ ଅନୁଭବ କରି ଅଚେତ ହୋଇ ପଡ଼ିଯାଇଥିଲେ।

# କପିଳେଶ୍ୱର ବାବାଙ୍କ ମାଙ୍ଗଳିକ ଶ୍ରାଦ୍ଧ ସମ୍ପନ୍ନ

**ବିନିକା, ୩୧।୫(ସମିସ):** ବିନିକା ବ୍ଲକ ଚରଦା ବାବା କପିଳେଶ୍ୱର ମନ୍ଦିରରେ ଜୁନ୍ ୯ ଓ ୧୦ ଦୁଇ ଦିନ ଧରି ବାବା କପିଳେଶ୍ୱର ଓ ମା' ଚରଦେଇଙ୍କ ବିବାହ ମହୋତ୍ସବ (ଶୀତଳ ଷଷ୍ଠୀ) ଅନୁଷ୍ଠିତ ହେବ। ଏଥିପାଇଁ ମନ୍ଦିରରେ ମାଙ୍ଗଳିକ ଶ୍ରାଦ୍ଧ, ଦେବ ନୀମନ୍ତ୍ରଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡିତ ଭାସ୍କର ପୁରୋହିତ, ରମେଶ ପୁରୋହିତ, ମକୁନ୍ଦ୍ ପୁରୋହିତ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଚରଦା ଗ୍ରାମରେ ଥିବା ରାମମନ୍ଦିର, ପୂର୍ଣ୍ଣମାସୀ ମନ୍ଦିର, କରଦେଇ ମନ୍ଦିର ସହ ସମସ୍ତ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ଦେବ ନିମନ୍ତ୍ରଣ ଦିଆଯାଇଥିଲା। ଟ୍ରଷ୍ଟ ବୋର୍ଡ ସଭପତି ଅଶୋକ ପୃଷ୍ଟିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ମାଙ୍ଗଳିକ ଶ୍ରାଦ୍ଧ କାର୍ଯକ୍ରମରେ ସେବାୟତ ଲକ୍ଷ୍ମଣ ଥନାପତି, ରୁଦ୍ରଥନାପତି, ଲଳିତ ଥନାପତି, ରାମକୃଷ୍ଣ ଥନାପତି, ଭାଗ୍ୟ ଥନାପତି, ଅଭି ଥନାପତି, ପବିତ୍ର ଥନାପତିଙ୍କ ସମେତ ଧୀବର ବେରିହା, ମନ୍ଦିର କର୍ମଚାରୀ ମନ ଥନାପତି, ମାଧ ବିଶି, ସାମ୍ବାଦିକ ଅଶୋକ ପଣ୍ଡା ଏବଂ ଟ୍ରଷ୍ଟ ବୋର୍ଡର ସଭ୍ୟ ଉପସ୍ଥିତ ଥିଲେ। ଚଳିତ ବର୍ଷ କନ୍ୟା ପିତା ମାତା ଭାବେ ରବି ଥନାପତି, ନିରୂପମା ଥନାପତି ଓ ବର ପିତା ମାତା ଭାବେ ମକରନ୍ ଥନାପତି, ରୀନା ଥନାପତି ଦାୟିତ୍ୱ ତୁଲାଉଛନ୍ତି।

# ବାଇକ୍ ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

**କୋକସରା, ୩୧।୫(ସମିସ):** ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା କୋକସରା ଥାନା ଖୁଣ୍ଟିଆ ପଞ୍ଚାୟତ ତେନ୍ତୁଳିପଡ଼ାର ରାଜିନ୍ଦ୍ର ମାଝୀ(୩୫)ଙ୍କ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ରାଜିନ୍ଦ୍ର ଗ୍ରାମରୁ ତେନ୍ତୁଳିପଡ଼ାକୁ ଫେରୁଥିବାବେଳେ ଗାଁ ନିକଟସ୍ଥ କେନାଲ ଛକ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ ଡାକ୍ତର ବୁର୍ଲା ସ୍ଥାନାନ୍ତର କରିଥିଲେ। ତେବେ ବୁର୍ଲା ନେବା ସମୟରେ କେସିଙ୍ଗା ନିକଟରେ ମୃତ୍ୟୁ ଘଟିଥିଲା। ଖବର ପାଇ କୋକସରା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ କେସିଙ୍ଗା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କୋକସରା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# ମଦ କାରବାରରେ ଜଣେ ଗିରଫ

**ହରଭଙ୍ଗା, ୩୧।୫(ସମିସ):** ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ବଦଲା ସାହି ନିକଟରୁ ଶୁକ୍ରବାର ହରଭଙ୍ଗା ଅବକାରୀ ବିଭାଗ ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ହେଲା ପରାଶର ବେହେରା। ତା'ଠାରୁ ୧୨ଲିଟର ୩୫୦ଗ୍ରାମର ବିଦେଶୀ ମଦ ମିଳିଛି। ତା ବିରୋଧରେ ଏକ ମାମଲା ରୁଜୁ ହୋଇଛି।

# ନବବଧୂ ହତ୍ୟା ଅଭିଯୋଗ
# ସ୍ୱାମୀ, ଦେଢ଼ଶ୍ୱଶୁର, ଶଶୁରକୁ ଜେଲ୍

**ଶଗଡ଼ା, ୩୧।୫(ସମିସ)**

ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନା ଗିଧାମାଲ ଗ୍ରାମରେ ବଧୂ ହତ୍ୟା ଅଭିଯୋଗରେ ଗୋଟିଏ ପରିବାରର ୩ ଜଣଙ୍କୁ ଜେଲ୍ ଯିବାକୁ ପଡ଼ିଛି। ଏମାନେ ହେଲେ କେଶରାଜ ମାଝୀ (ସ୍ୱାମୀ), ଲିଙ୍ଗ ମାଝୀ (ଶଶୁର) ଓ ତେଜରାଜ୍ ମାଝୀ (ଦେଢ଼ଶ୍ୱଶୁର)।

କଳାହାଣ୍ଡି ଜିଲ୍ଲା ଏମ ରାମପୁର ଥାନା ଖରଜୁରା ଗ୍ରାମର ଧନେଶ୍ୱରୀ ମାଝୀ (୨୧) ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟା ପଡ଼ା ଥାନା ଗିଧାମାଲ୍ ଗ୍ରାମର କେଶରାଜ୍‌ଙ୍କୁ ୨୦୨୩ ଜାନୁଆରୀ ୧୦ରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଧନେଶ୍ୱରୀଙ୍କୁ ଯୌତୁକ ବାବଦରେ ୧ ଲକ୍ଷ ଟଙ୍କା ଓ ଏକ ଭରି ସୁନା ଗହଣା ଆଣିବାକୁ ବାଧ କରାଯାଉଥିବା ଝିଅର ବାପା ଅଭିଯୋଗ କରିଥିଲେ। ଯୌତୁକ ପାଇଁ ପାରିବାରିକ କଳହ ଲାଗି ରହିଥିଲା। ଧନେଶ୍ୱରୀ କିଛି ଦିନ ବାପ ଘରେ ରହି ୨ମାସ ହେବ ଗିଧାମାଳ ଗ୍ରାମକୁ ଆସିଥିଲେ। ଗତ ୨୮ ତାରିଖ ରାତିରେ ବାପ ଘର ସହ ସେ କଥା ହୋଇଥିଲେ। ୨୯ ତାରିଖ କିନ୍ତୁ ମୃତ୍ୟୁ ଘଟିଥିବା ବାପ ଘରକୁ ଫୋନ୍ ଯାଇଥିଲା। ଫୋନ୍ ପାଇବା ପରେ ବାପା ନିଜ ସମ୍ପର୍କୀୟଙ୍କ ସହ ଗିଧାମାଲ୍ ଗ୍ରାମରେ ପହଞ୍ଚି ଝିଅ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ଝିଅର ନାକ ଓ ମୁହଁରୁ ଫେଣ ବାହାରୁଥିଲା। ଏଣୁ ଯୌତୁକ ପାଇଁ ତଣ୍ଟି ଚିପି ହତ୍ୟା କରିଥିବା ବାପ ଘର ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା।



# ମାସକରେ ଓଭର ହେଡ୍ ଟ୍ୟାଙ୍କିରୁ ପାଣି ଗଳିଲା

**ବାଉଁଶୁଣି, ୩୧।୫(ସମିସ):** ବୌଦ୍ଧ ବ୍ଲକ ବାଉଁଶୁଣି ଗ୍ରାମ ପଞ୍ଚାୟତର ଯମଘାଟି ଗ୍ରାମରେ ବସୁଧା ଯୋଜନାରେ ପାଣି ଯୋଗାଇ ଦେବାର ମାସେ ନ ପୂରୁଣୁ ଓଭର ହେଡ୍ ଟ୍ୟାଙ୍କରୁ ପାଣି ଝରିବାରେ ଲାଗିଛି। ପାଣି ଟିକିଏ ପାଇଁ ବୈଦ୍ୟନାଥପୁର ଓ ଯମଘାଟି ଗ୍ରାମର ଗ୍ରାମବାସୀ ବାଉଁଶୁଣି ସରପଞ୍ଚଙ୍କଠୁ ଆରମ୍ଭ କରି ବୌଦ୍ଧ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଯାଇ ଅସୁବିଧା ଜଣାଇଥିଲେ ମଧ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ପିଇବାକୁ ପାଣି ପାଇ ପାରୁନାହାନ୍ତି। ଅତି ନିମ୍ନମାନର ଓଭର ହେଡ୍ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଯୋଗୁଁ ପାଣି ଗଳୁଛି।



# ମେଧାବୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



**ସୋନପୁର, ୩୧।୫ (ସମିସ):** ଚଳିତ ହାଇସ୍କୁଲ ପରୀକ୍ଷାରେ ଏ-୧ ଗ୍ରେଡରେ କୃତିତ୍ୱ ହାସଲ କରିଥିବା ଜିଲ୍ଲାର ୨୫ ଜଣ ମେଧାବୀ ବିଦ୍ୟାର୍ଥୀଙ୍କୁ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ତରଫରୁ ଏକ ବିଶେଷ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ପ୍ରଥମେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଉପସ୍ଥିତ ମେଧାବୀ ଛାତ୍ରଛାତ୍ରୀ ତଥା ସେମାନଙ୍କ ଅନୁଷ୍ଠାନର ମୁଖ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଲୋକ ମହଲା ଓ ସୁଲଗ୍ନା ଫରିକାର ପ୍ରମୁଖ ନିଜ ସଫଳତାର ରହସ୍ୟ ତଥା ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗତିକୃଷ୍ଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ଉପସ୍ଥିତ ଥିଲେ।

# ଉଠା ଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ୍ ଯୋଗାଣ ଦାବି
# ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ବୌଦ୍ଧ, ୩୧।୫(ସମିସ):** ହରଭଙ୍ଗା ବ୍ଲକ ବିଶିପାଲି ଗ୍ରାମର ଉଠା ଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ ଯୋଗାଣ ଦାବିରେ ଚାଷୀ ଜିଲ୍ଲାପାଳ ଓ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଶିପାଲି ଗ୍ରାମର ସୁନାରୀ ନାଳ ନିକଟରେ ଉଠା ଜଳ ସେଚନ ବିଭାଗ ପକ୍ଷରୁ ଏକ ପ୍ରକଳ୍ପ ପ୍ରତିଷ୍ଠା ହୋଇଥିଲା। ୨୦୧୮ରେ ଝଡ ବାତ୍ୟାରେ ପ୍ରକଳ୍ପକୁ ଯାଇଥିବା କିଛି ବିଦ୍ୟୁତ୍ ଖମ୍ବ ଭାଙ୍ଗି ଯାଇଥିଲା। ସେହି ଦିନଠାରୁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି। ବାରମ୍ବାର ବିଦ୍ୟୁତ୍ ବିଭାଗର ଯନ୍ତ୍ରୀଙ୍କୁ ଚାଷୀ ଗୁହାରି କରଛନ୍ତି। ଦୀର୍ଘ ୬ ବର୍ଷ ହେଲାଣି ଉକ୍ତ ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ କରାଯାଉନି। ସାମାଜିକ କର୍ମୀ ଇଂ ବିକାଶ ମହାକୁଳ ଓ ମନୋଜ ମହାକୁଡ଼ଙ୍କ ନେତୃତ୍ୱରେ ଶେଷରେ ଚାଷୀ ବୌଦ୍ଧ ଆସି ଜିଲ୍ଲାପାଳ ଓ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ଜିଲ୍ଲାପାଳ ଜେ ସୋନାଲ ୧୫ ଦିନ ମଧ୍ୟରେ ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ପ୍ରତିଶ୍ରୁତି ପୂରଣ ନ ହେଲେ ଚାଷୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।



# ସାହିତ୍ୟ ସଂସଦର ସର୍ବଶ୍ରୀ ତର୍ପଣ କାର୍ଯ୍ୟକ୍ରମ



**ଭବାନୀପାଟଣା, ୩୧।୫ (ସମିସ):** 'ଜାପାନୀ ଚାଷ, ବାନେରକୁ ଦେଖି ଆସ। ଧାଡିଧାଡି ଧାନ ରୁଆ କେମନ୍ତ ବଢ଼ିଆ ମଝିରେ ପଡ଼ିଛି ଘାସ'। ଏ ହେଉଛି ତତ୍କାଳୀନ ବ୍ୟବସ୍ଥା ଉପରେ ପରଶୁରାମ ମୁଣ୍ଡଙ୍କ ଏକ ଲୋକପ୍ରିୟ ତୀର୍ଯ୍ୟକ ତୀର। ଅନ୍ୟାୟ, ଅନୀତି, ଶୋଷଣ ବିରୋଧରେ ସମ୍ପର୍କ ନ ଦେଖି ସମୟୋପଯୋଗୀ ଶାଣିତ ସ୍ୱର ଉଠାଉଥିବା ସାହିତ୍ୟିକ, ଶାସକ, ଜମିଦାର, ଗୌନ୍ତିଆ, ଠିକାଦାର, ନେତା ତଥା ଆତ୍ମଘୋଷିତ ସମାଜ ସଂସ୍କାରକ ପରଶୁରାମ ସାହିତ୍ୟ କୃତିର ଚରିତ୍ର ଥିଲେ। ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦ ତରଫରୁ ଆୟୋଜିତ ସାହିତ୍ୟିକ ପରଶୁରାମଙ୍କ ପୁଣ୍ୟ ଦିବସ ପାଳନ ଅବସରରେ 'ତର୍ପଣ-୨୪' କାର୍ଯ୍ୟକ୍ରମରେ ଅତିଥି ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ପ୍ରକୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶିଶୁ ସାହିତ୍ୟିକ ବ୍ରହ୍ମାନନ୍ଦ ସାମଲଙ୍କ ପୌରୋହିତ୍ୟରେ ନେହେରୁ ଯୁବକ ସଂଗଠନର ଅବସରପ୍ରାପ୍ତ ଅଧିକାରୀ ଶୁଭଲକ୍ଷ୍ମୀ ନାୟକ ଆଲୋଚିକା ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାହୁ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଶିଳ୍ପୀ ପି. ମୋହନ ରାଓ ପାତ୍ର ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ। କବି ସ୍ୱର୍ଣ୍ଣକାନ୍ତି ବୈକାରଙ୍କ ସଂଯୋଜନାରେ ସର୍ବଶ୍ରୀ ସଂଘମିତ୍ରା କାନୁନଗୋ, ଆନନ୍ଦିନୀ ପାତ୍ର, କଳ୍ପନା ରଥ, ସୁଦେଷ୍ଣା ପଣ୍ଡା, ସବିତା ଶତପଥୀ, କୌସ୍ତୁବ ନାଗ, କିଶୋର ମହାନନ୍ଦ, ଅନିତା ମୁଣ୍ଡ, ଦୀପ୍ତି ମୁଣ୍ଡ, ପ୍ରାଞ୍ଜଳ ଠାକୁର, ପଲ୍ଲବୀ ଦାଶ, ତ୍ରିନାଥ ଶ୍ୟାମକୁମାର, ଦାମୋଦର ବେହେରା, ନବଘନ ସାହୁ, ଅଜୟ ଦାଶ ପ୍ରମୁଖ ତର୍ପଣ କବିତା ଆବୃତ୍ତି କରିଥିଲେ। ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିବାବେଳେ କବି ସୁଦେଷ୍ଣା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଟୋକୁ ପିଟିଲା ପିକ୍‌ଅପ୍
## ୭ ଆହତ, ୫ ଗୁରୁତର

**ପାଟଣାଗଡ଼ ୩୧।୫( ସମିସ):** ଏକ ଯାତ୍ରୀବାହୀ ଅଟୋକୁ ପିକ୍‌ଅପ୍ ଭ୍ୟାନ ଧକ୍କା ଦେବାରୁ ୭ଜଣ ଆହତ ହୋଇଥିବାବେଳେ ୫ ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରି ପାଟଣାଗଡ଼ ଡାକ୍ତରଖାନା ଅଣାଯାଇଥିଲା।

ସୂଚନା ଅନୁସାରେ ପାଟଣାଗଡ଼ ଥାନା ଚିଙ୍ଗେରବନ୍ଦ ଗାଁର ମହିଳା ଓ ଶିଶୁ ମିଶି ୧୨ ଜଣ ଉକ୍ତ ଥାନା ଅଧୀନ ବଙ୍ଗଳାବନ୍ଧ ଗାଁକୁ ଅଟୋରେ ପ୍ରହରୀ ଦେଖିବାକୁ ଯାଉଥିଲେ। ପାଟଣାଗଡ଼ ଧୁମାଭଟା ରାସ୍ତାରେ ଥିବା କପା ମିଲ ପାଖ ବ୍ରିଜ ନିକଟରେ ସାରସ କୁକୁଡ଼ା ଫାର୍ମର ଏକ ପିକ୍‌ଅପ୍ ଗାଡ଼ି ଅଟୋକୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ସମ୍ପୂର୍ଣ୍ଣ ଓଲଟି ପଡ଼ିଥିବା ବେଳେ ଅଟୋରେ ବସିଥିବା ମହିଳା ଶିଶୁ ଛିଟିକି ପଡ଼ି ରାସ୍ତା କଡ଼ରେ ଛଟପଟ ହେଉଥିଲେ। ସେହି ରାସ୍ତା ଦେଇ ଯାଉଥିବା କିଛି ବାଟୋଇ ପୁଲିସକୁ ଖବର ଦେବାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ପାଟଣାଗଡ଼ ଡାକ୍ତରଖାନା ନେଇଥିଲା। ସମସ୍ତଙ୍କ ମୁଣ୍ଡ ଓ ହାତରେ ଆଘାତ ଲାଗିଥିବା ବେଳେ ସେମାନଙ୍କ ମଧ୍ୟରୁ ଆହତ ପାଞ୍ଚାଳି ଧରୁଆ, ଯଶୋବନ୍ତୀ ଧରୁଆ, ନାଗେଶ ଭୋଇ, ରୁପେଶ କୁମ୍ଭାର ଓ ଦୁଇ ଶିଶୁ ସାହିଲ ଧରୁଆ ଓ ପ୍ରତିମା ଧରୁଆଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୫ ଗୁରୁତର ଗୀତାଞ୍ଜଳି ଧରୁଆ, ଅହଲ୍ୟା ମେହେର, ସୀମା ବାଗ, ସିମାଧରୁଆଙ୍କୁ ଭୀମଭୋଇ ଡାକ୍ତରଖାନା ବଲାଙ୍ଗିରକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଅଟୋ ଓ ପିକଅପ୍ ଭ୍ୟାନକୁ ଜବତ କରି ଥାନାକୁ ଆଣି ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

# ଦୁର୍ଘଟଣାରେ ଯୁବକର ମୃତ୍ୟୁ
# କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତାରୋକ

**ଭବାନୀପାଟଣା, ୩୧।୫(ସମିସ):** କାମସାରି ଘରକୁ ଫେରୁଥିବାବେଳେ କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପରିବାର ଲୋକେ ଶୁକ୍ରବାର ଶବ ରଖି ଭବାନୀପାଟଣା-କେସିଙ୍ଗା ରାସ୍ତା ଅବରୋଧ କରି କ୍ଷତିପୂରଣ ଦାବି କରିଛନ୍ତି। ଗୁରୁବାର ରାତିରେ ରାମନଗରପଡ଼ାର ପ୍ରେମାନନ୍ଦ ବଂଛୋର କାମସାରି ଘରକୁ ଫେରୁଥିବାବେଳେ ପୁରୁଣାପଡ଼ା ଚାରିଛକ ନିକଟରେ ଏକ କାର୍ ପଛପଟୁ ଧକ୍କାଦେଇ ଫେରାର ମାରିଥିଲା। ପ୍ରେମାନନ୍ଦଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଟାଉନ ଥାନାରେ ପରିବାର ତରଫରୁ ଏତଲା ଦିଆଯାଇଛି। ପରିବାରଙ୍କ ପକ୍ଷରୁ କ୍ଷତିପୂରଣ ଦାବିରେ ରାସ୍ତାରୋକ କରାଯାଇଥିଲା। ଶେଷରେ ଗାଡି ମାଲିକ ଦୁଇଲକ୍ଷ ଟଙ୍କା କ୍ଷତିପୂରଣ ଦେବାପରେ ରାସ୍ତା ଅବରୋଧ ହଟିଛି। ତେବେ ୨୬ନଂ ଜାତୀୟ ରାଜପଥ ଦୀର୍ଘ ୫ଘଣ୍ଟା ଧରି ଅବରୋଧ କରାଯିବା ଫଳରେ ଗାଡି ଚଳାଚଳ ପ୍ରଭାବିତ ହେବା ସହ ଲୋକେ ହଇରାଣ ହୋଇଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ

**ବୌଦ୍ଧ, ୩୧।୫(ସମିସ):** ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ତାଲିମ୍ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଛି। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କିଶୋର ପଟ୍ଟନାୟକ, ଦନ୍ତ ବିଶେଷଜ୍ଞ ଡାକ୍ତର ମନୋରଞ୍ଜନ ମହାକୁଡ଼ ଓ ଜିଲ୍ଲା ତମାଖୁ ନିୟନ୍ତ୍ରଣ ସେଲ୍‌ର ଉପଦେଷ୍ଟା ଆଲୋକ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ତମାଖୁ ସେବନର ଭୟାବହତା ଓ ସେଥିରୁ ହେଉଥିବା ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଆଶାକର୍ମୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ଯୁବ ବର୍ଗ ଅଂଶଗ୍ରହଣ କରିଥିଲେ।

# ଭବାନୀ ନିଆଲଙ୍କ କବିତା ଇଣ୍ଡୋନେସିଆ ଭାଷାରେ ଅନୁବାଦିତ

**ଭବାନୀପାଟଣା, ୩୧।୫ (ସମିସ):** ଇଣ୍ଡୋନେସିଆର କବି ପ୍ରଫେସର ଲେନି ମାର୍ଲିନା କବି ଭବାନୀ ଶଙ୍କର ନିଆଲଙ୍କ ଦୁଇଟି ଓଡ଼ିଆ କବିତା 'ଶବ୍ଦକୁ ବି ମରିବାକୁ ପଡେ' ଓ 'ଆଖିର ପୃଥିବୀ' କୁ ଇଣ୍ଡୋନେସିଆ ଭାଷାରେ ଅନୁବାଦ କରିଛନ୍ତି। ଏହି କବିତା ଗୁଡିକୁ ଇଂରାଜୀ ଭାଷାରେ ଡ. ତପନ ରଥ ଅନୁବାଦ କରିଥିଲେ।




# ସମ୍ବଲପୁରୀ ସର୍ଟଫିଲ୍ମ 'ଆସମାନ୍ ତାରା' ମୁକ୍ତିଲାଭ

**ସୋନପୁର, ୩୧।୫(ସମିସ)**

ନାଟ୍ୟକାର ଚନ୍ଦ୍ରାବତୀ ପାଣ୍ଡେଙ୍କ ଲିଖିତ, ନିର୍ଦ୍ଦେଶିତ ଓ ଅଭିନୀତ ସମ୍ବଲପୁରୀ ସର୍ଟଫିଲ୍ମ 'ଆସମାନ୍ ତାରା' ମୁକ୍ତିଲାଭ କରିଛି। ୟୁଟ୍ୟୁବ୍‌ରେ ଏହି ଫିଲ୍ମକୁ ଖୁବ୍ ଲୋକପ୍ରିୟତା ମିଳିଛି। ସମାଜରେ ଥିବା ଜାତି ସମାଜର ବିଧିବ୍ୟବସ୍ଥା ସାଙ୍ଗକୁ ଗରିବ ପରିବାରକୁ କିଭଳି ଏହା ନିଃଶେଷ କରିଦେଇଥାଏ ସେହି ବିଷୟବସ୍ତୁ ଉପରେ ପର୍ଯ୍ୟବେକ୍ଷିତ କରି ଏହି ସର୍ଟଫିଲ୍ମ ନିର୍ମାଣ କରାଯାଇଛି।

ଆସମାନ୍ ତାରା ଏକ ଶାଢ଼ି; ଯାହାକି ପଶ୍ଚିମ ଓଡ଼ିଶାର ଘରେ ଘରେ ମହିଳାଙ୍କ ପସନ୍ଦ ହୋଇଥାଏ। ମେହେର ବୁଣାକାରଙ୍କ ଦ୍ୱାରା ହାତବୁଣା ଏହି ଶାଢ଼ି ମହିଳାଙ୍କ ଖୁବ ପସନ୍ଦ। ଫିଲ୍ମରେ ଜଣେ ସ୍ୱାମୀ ତା ସ୍ତ୍ରୀର ଖୁସି ଦେଖିବା ପାଇଁ ତାର ସବୁ ସଂଗୃହିତ ଟଙ୍କା ଶାଢ଼ି କିଣିବାରେ ଖର୍ଚ୍ଚ କରିଦିଏ। ପରେ ବିଲକୁ କାମ କରିବାକୁ ଯାଇ ମୃତ୍ୟୁ ଘଟେ।। ପତ୍ନୀ ତା' ସ୍ୱାମୀ ଦ୍ୱାରା ପ୍ରଦତ୍ତ ମନପସନ୍ଦର ଶାଢ଼ିକୁ ସ୍ୱାମୀର ଶୁଦ୍ଧିକ୍ରିୟାରେ ଖର୍ଚ୍ଚ କରିବାକୁ ବନ୍ଧକ ଦିଏ। ମଣିଷ ଅଭାବ ସମୟରେ ଜମି, ସୁନା ବନ୍ଧକ ରଖେ; କିନ୍ତୁ ତା' ଶାଢ଼ିକୁ ଶେଷରେ କିଭଳି ବନ୍ଧକ ଦେବାକୁ ପଡେ ତାହାର ଏକ ନିଖୁଣ ଚିତ୍ର ଏଥିରେ ପ୍ରଦର୍ଶିତ ହୋଇଛି। ତେବେ ସବୁଠୁ ବିଦାରକ ଦୃଶ୍ୟ ଆମ ସମାଜିକ ବ୍ୟବସ୍ଥାରେ କିଭଳି ଜାତି ସମାଜ ଗୋଟିଏ ପରିବାରର ଅସହାୟତାକୁ ଦୃଷ୍ଟି ନ ଦେଇ ସେହି ସମୟରେ ଜାତି ଶୁଦ୍ଧି କରିବାକୁ କିଭଳି ଶୋଷଣ କରିଥାନ୍ତି ତାହା ନିଖୁଣ ଭାବରେ ପ୍ରଦର୍ଶିତ ହୋଇଛି। ମେଣ୍ଡା ଗାଁର ଗୋବିନ୍ଦ ଦଣ୍ଡସେନା ଏହି ଫିଲ୍ମର ପ୍ରଯୋଜକ ଥିବା ବେଳେ ତାଙ୍କ ପତ୍ନୀ ନାଟ୍ୟକାର ଚନ୍ଦ୍ରାବତୀ ପାଣ୍ଡେ ଫିଲ୍ମରେ ଅଭିନୟ ସହ ନିର୍ଦ୍ଦେଶନା ମଧ ଦେଇଛନ୍ତି। ଆର.କେ.ମିଡିଆ ପ୍ରସ୍ତୁତ ଏହି ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀ ବରାଇ, ନାରାୟଣ ମହାକୁର, ସୁବର୍ଣ୍ଣା ସାହୁ, ଫିରୋଜ ଦାସ, ଅବିନାଶ ଝାଙ୍କର, ଉମେଶ ପଧାନ, ପ୍ରଶାନ୍ତ ପଧାନ, ମାନସୀ ଭୁଏ, ସୁଭାଷ ଚିନ୍ଦା, ତ୍ରୀନାଥ ମହାକୁର, ଶିଶୁ କଳାକାର ଭାବେ ପିୟୂଷ ମହାକୁର, ପ୍ରିୟାଂଶୁ ଶେଖର ପଣ୍ଡା, ସିଦ୍ଧିବିନାୟକ ପଧାନ, ଶାଳିନୀ ମିଶ୍ର, ସିନ୍ଧୁସୂତା କୁଅଁର ପ୍ରମୁଖ ଅଭିନୟ କରିଛନ୍ତି। ପ୍ରକାଶଚନ୍ଦ୍ର ସାହୁ ଏଥିରେ କଳା ନିର୍ଦ୍ଦେଶନା ଦେଇଥିବା ବେଳେ ସୌମ୍ୟରଞ୍ଜନ ରଣା ସିନେମେଟୋଗ୍ରାଫି, ଏଡିଟିଂ ଓ ସାଉଣ୍ଡରେ ସହଯୋଗ କରିଛନ୍ତି।




# ବଳାତ୍କାର ଅଭିଯୋଗରେ ଜେଲ୍ ଗଲା ଅଭିଯୁକ୍ତ

**ଲାଞ୍ଜିଗଡ଼, ୩୧।୫(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଥାନା ଅଞ୍ଚଳରେ ଜଣେ ୩୪ ବର୍ଷୀୟା ବିବାହିତାଙ୍କୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତକୁ ଜେଲ୍ ଯିବାକୁ ପଡ଼ିଛି। ଅଭିଯୁକ୍ତ ହେଉଛି ଚମ୍ପାଦେଇପୁର ଗ୍ରାମର ମଧୁ ହରିଜନ (୩୧)। ରାତିରେ ମହିଳା ଜଣକ ଛାତ ଉପରେ ଏକୁଟିଆ ଶୋଇଥିବା ବେଳେ ସେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା।

# ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଉତିଷ୍ଠତ କାର୍ଯ୍ୟକ୍ରମ
# ଚନ୍ଦ୍ରମଣି ରଙ୍ଗମଞ୍ଚ ଓ ମ୍. ରାମପୁର ସାରସ୍ୱତ ଜଗତ ସମ୍ପର୍କରେ ଆଲୋଚନା

**ମ.ରାମପୁର, ୩୧।୫(ସମିସ):** ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରେରଣାଦାୟୀ ବକ୍ତୃତାମାଳା ଉତିଷ୍ଠତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି କର୍ଣ୍ଣେଲ ପ୍ରଫେସର ସଞ୍ଜୟ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ଚନ୍ଦ୍ରମଣି ରଙ୍ଗମଞ୍ଚ ଓ ମ.ରାମପୁରର ସାରସ୍ୱତ ଜଗତ' ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଣ୍ଠଶିଳ୍ପୀ ଲିପ୍ସା ମହାରଣା ସଙ୍ଗୀତ ପରିବେଷଣ କରିଥିବା ବେଳେ କାର୍ଯ୍ୟକ୍ରମକୁ ଔପନ୍ୟାସିକ ଡିଲେଶ୍ୱର ରଣା ସଞ୍ଚାଳନ କରିଥିଲେ। କବି ହେମନ୍ତ ସାହୁ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ କବି ପଦ୍ମଲୋଚନ ମିଶ୍ର ଆଲୋଚ୍ୟ ବିଷୟ ଉପରେ ବକ୍ତବ୍ୟ ରଖିଥିଲେ। କୁଳସଚିବ ପୀତାମ୍ବର ଭୋଇ, ଆବାହକ ମେଜର ଡ. ଜୟଦେବ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ନେହା ରଥ ଧନ୍ୟବାଦ୍ ଦେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ • ପାଉଣ୍ଡ ୧୦୬.୫୧
- ୟୁରୋ ୯୦.୪୧ • ୟେନ୍ ୦.୫୩

**ସୁନା, ରୁପା ଦର**
୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୭୦୦ (ଭୁବନେଶ୍ୱର)
- ରୁପା : ୧୦୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୯୬୧.୦୦
- ନିଫ୍ଟି ୨୨,୫୩୦.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ଇଂଲଣ୍ଡରୁ ୧୦୦ ଟନ୍ ସୁନା ଫେଂରାଇଆଣିଲା ଆର୍‌ବିଆଇ

**ନୂଆଦିଲ୍ଲୀ,୩୧।୫ (ଏଜେନ୍ସି)**



ଇଂଲଣ୍ଡରୁ ୧୦୦ ଟନ୍ ଅର୍ଥାତ ଏକ ଲକ୍ଷ କିଲୋଗ୍ରାମରୁ ଅଧିକ ସୁନା ଫେରାଇ ଆଣିଛି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)। ଭାରତର ଏହି ସୁନା ବ୍ୟାଙ୍କ ଅଫ୍ ଇଂଲଣ୍ଡ(ବିଓଆଇ)ରେ ଗଚ୍ଛିତ ରଖାଯାଇଥିଲା। ୧୯୯୧ ପରଠାରୁ ଏହା ପ୍ରଥମ ଥର ପାଇଁ ରିଜର୍ଭ ବ୍ୟାଙ୍କ ଏହାର ସ୍ଥାନୀୟ ରିଜର୍ଭରେ ଏତେ ପରିମାଣର ସୁନା ଜମା କରିଛି। ତେବେ ସମାନ ପରିମାଣର ସୁନା ଆସନ୍ତା କିଛି ମାସ ମଧ୍ୟରେ ଆରବିଆଇ ପୁଣି ଥରେ ଦେଶକୁ ଫେରାଇ ଆଣିପାରେ। ଲଣ୍ଡନରୁ ଏହି ସୁନାକୁ ଦେଶକୁ ଆଣି ନିଜ ଭଣ୍ଡାରରେ ରଖିବାକୁ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଛନ୍ତି। ରିଜର୍ଭ ବ୍ୟାଙ୍କ ବିଶ୍ୱର ଅନେକ ଦେଶରେ ଏହାର ସୁନା ରଖିଥାଏ। ୨୦୨୪ ମାର୍ଚ୍ଚ ସୁଦ୍ଧା ରିଜର୍ଭ ବ୍ୟାଙ୍କ ପାଖରେ ମୋଟ ୮୨୨.୧ ଟନ୍ ସୁନା ମହଜୁଦ ଅଛି। ଏଥିମଧ୍ୟରୁ ୪୧୩.୮ ଟନ୍ ସୁନା ବିଦେଶରେ ରଖାଯାଇଥିବାବେଳେ ୧୦୦.୩ ଟନ୍ ସୁନା ଭାରତରେ ରିଜର୍ଭ ଭାବରେ ରଖାଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ବିଶ୍ୱର ସେହି କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ୍ୟରେ ରହିଛି, ଯେଉଁମାନେ ବହୁ ପରିମାଣର ସୁନା କିଣିଛନ୍ତି। ରିଜର୍ଭ ବ୍ୟାଙ୍କ ଗତ ବର୍ଷ ୨୭.୫ ଟନ୍ ସୁନା କିଣିଥିଲା। ରିଜର୍ଭ ବ୍ୟାଙ୍କର ଜଣେ ଅଧିକାରୀଙ୍କ କହିବାନୁସାରେ, ବିଦେଶରେ ସୁନାର ମହଜୁଦ ପରିମାଣ ବଢ଼ିବାରେ ଲାଗିବାରୁ, ତେଣୁ ଭାରତ ଏହାର କିଛି ସୁନା ସ୍ୱଦେଶ ଆଣିବାକୁ ନିଷ୍ପତ୍ତି ନେଇଥିଲା। ରିପୋର୍ଟ ଅନୁଯାୟୀ ରିଜର୍ଭ ବ୍ୟାଙ୍କ ଗତ କିଛି ବର୍ଷ ଧରି କ୍ରମାଗତ ଭାବରେ ଏହାର ସୁନା ଭଣ୍ଡାରକୁ ବୃଦ୍ଧି କରିଆସୁଛି। ରିଜର୍ଭ ବ୍ୟାଙ୍କର ଜଣେ ଅଧିକାରୀଙ୍କ କହିବାନୁସାରେ, ରିଜର୍ଭ ବ୍ୟାଙ୍କ କିଛି ବର୍ଷ ପୂର୍ବରୁ ସୁନା କିଣିବା ଆରମ୍ଭ କରିଥିଲେ। ଅଣାଯାଇଥିବା ସୁନାକୁ କେଉଁଠାରେ ରଖାଯିବ ସେ ନେଇ ଏବେ ବିଚାର ଆଲୋଚନା ଚାଲିଛି।

ଏଥିସହିତ ବିଦେଶରୁ ସୁନା ଆଣିବାର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଗୁପ୍ତ ରଖାଯାଇ ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଏଥିପାଇଁ ଆରବିଆଇକୁ ସୀମା ଶୁଳ୍କରେ ରିଆତି ଦିଆଯିବା ସହିତ କେନ୍ଦ୍ରକୁ ରାଜସ୍ୱ ଛାଡ କରିବାକୁ ପଡ଼ିଥିଲା। କିନ୍ତୁ ଏକୀକୃତ ଜିଏସଟି ବା ଆଇଜିଏସଟି ଆଦାୟ ହୋଇଥିଲା। ୧ ଲକ୍ଷ କିଲୋଗ୍ରାମ ସୁନାକୁ ଆଣିବା ପାଇଁ ଏକ ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା କରାଯାଇଥିଲା। କାରଣ ଏହାକୁ ସାଧାରଣ ବିମାନରେ ଆଣିବା ସମ୍ଭବ ନ ଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ ସୁନାକୁ ମୁମ୍ବାଇ ମିଣ୍ଟ ରୋଡ୍ ସ୍ଥିତ ଆରବିଆଇ ଭବନ ତଥା ନାଗପୁରରେ ଥିବା ନିଜ ଟ୍ରେଜେରିରେ ରଖିଥାଏ। ଏହି ଦୁଇଟି ସ୍ଥାନରେ କଡା ସୁରକ୍ଷା ବ୍ୟବସ୍ଥା ରହିଛି। ସୁରକ୍ଷା କର୍ମୀମାନେ ଏଠାରେ ୨୪ ଘଣ୍ଟା ନିୟୋଜିତ ରହିଥାନ୍ତି। ଏଭଳି ପରିସ୍ଥିତିରେ ବ୍ରିଟେନରୁ ଅଣାଯାଇଥିବା ସୁନାକୁ ମଧ୍ୟ ଏଠାରେ ରଖାଯାଇଥାଇପାରେ ବୋଲି ଅନୁମାନ କରାଯାଉଛି। ତେବେ ଏ ପର୍ଯ୍ୟନ୍ତ ଏନେଇ କୌଣସି ସରକାରୀ ସୂଚନା ଦିଆଯାଇନାହିଁ।

**କେଉଁ ବର୍ଷ କେତେ ସୁନା କିଣିଛି ଆର୍‌ବିଆଇ**

| ବର୍ଷ | ସୁନା (ଟନ୍‌ରେ) |
|---|---|
| ୨୦୧୯ | ୬୧୮.୨ |
| ୨୦୨୦ | ୬୬୧.୪ |
| ୨୦୨୧ | ୬୯୫.୩ |
| ୨୦୨୨ | ୭୬୦.୪ |
| ୨୦୨୩ | ୭୯୪.୬ |
| ୨୦୨୪ | ୮୨୨.୧ |

**ବିଦେଶରେ ସୁନା ରଖିବାର ଫାଇଦା**

- ବିପର୍ଯ୍ୟୟ ସମୟରେ ଯଦି ଭାରତରେ ରଖାଯାଇଥିବା ସୁନା ନଷ୍ଟ ହୋଇଯାଏ, ତେବେ ବିଦେଶରେ ରଖାଯାଇଥିବା ସୁନା ସହିତ ଅର୍ଥନୀତି ପରିଚାଳନା ହୋଇପାରିବ।
- ଦେଶରେ ଅର୍ଥନୈତିକ ସଙ୍କଟ ହେଲେ ବିଦେଶରେ ରଖାଯାଇଥିବା ସୁନାକୁ ବନ୍ଧକ ରଖିବା ସହଜ ହୋଇଥାଏ।
- ଭାରତ ବିଶ୍ୱର ଅନେକ ଦେଶ ସହିତ ବାଣିଜ୍ୟ କାରବାର କରିଥାଏ। ବ୍ୟବସାୟ କାରବାର ଡଲାର କିମ୍ବା ସୁନାରେ କରାଯାଇଥାଏ। ବିଦେଶରେ ରଖାଯାଇଥିବା ସୁନା କାରବାରକୁ ସହଜ କରିଥାଏ

**ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଅଥରିଟି ସର୍ଭେ**

# ଜୟଆଲୁକାସ୍ ସମୂହ 'କାର୍ଯ୍ୟ କରିବାକୁ ଉତ୍ତମ ସ୍ଥାନ'

Joyalukkas World's favourite jeweller

**ଭୁବନେଶ୍ୱର,୩୧।୫ (ସମିସ)**

ସର୍ବଦା ଏକ ଉତ୍ତମ କାର୍ଯ୍ୟସ୍ଥଳର ପରମ୍ପରା ଅଭ୍ୟାସ କରିଆସୁଥିବା ବିଶ୍ୱସ୍ତରୀୟ ଭାରତୀୟ ଅଳଙ୍କାର ବ୍ରାଣ୍ଡ ଜୟଆଲୁକ୍କାସ୍ ସମୂହ 'କାର୍ଯ୍ୟ କରିବା ପାଇଁ ଉତ୍ତମ ସ୍ଥାନ'। ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଅଥରିଟି ଦ୍ୱାରା କରାଯାଇଥିବା ବିଭିନ୍ନ ସର୍ଭେ ମାଧ୍ୟମରେ ଜୟଆଲୁକ୍କାସ୍‌ଠାରେ କର୍ମକ୍ଷେତ୍ରର ପରମ୍ପରା ଏବଂ କର୍ମଚାରୀଙ୍କ ସନ୍ତୁଷ୍ଟିକୁ ପରଖି ହୃଦୟଙ୍ଗମ କରିବାପରେ ପରେ ଏହି ପ୍ରମାଣପତ୍ର ପ୍ରଦାନ କରାଯାଇଛି। କମ୍ପାନୀ ନିଜ କର୍ମଚାରୀଙ୍କ ପାଇଁ ଏକ ସପୋର୍ଟ ସିଷ୍ଟମ ଏବଂ ସେମାନଙ୍କ ପାଇଁ କ୍ୟାରିୟର ଅଭିବୃଦ୍ଧିର ସୁଯୋଗ ପ୍ରଦାନ ପାଇଁ ମଧ୍ୟ ମାନ୍ୟତା ପାଇଛି।ଗ୍ରାହକମାନଙ୍କୁ ସର୍ବୋତ୍ତମ ଅଳଙ୍କାର ସଂଗ୍ରହ ଉପଲବ୍ଧ କରାଇବାରେ ଜୟଆଲୁକ୍କାସ୍‌ର ଦଶନ୍ଧି ଧରି ଅଭିଜ୍ଞତା ରହିଛି । ଦେଶର ସବୁଠାରୁ ବଡ଼ ଅଳଙ୍କାର ବ୍ରାଣ୍ଡ ଭାବରେ ସେମାନଙ୍କର ପରମ୍ପରା ଲକ୍ଷ ଲକ୍ଷ ସନ୍ତୁଷ୍ଟ ଗ୍ରାହକଙ୍କ ପୃଷ୍ଠପୋଷକତାରେ ବୃଦ୍ଧି ପାଇଥାଏ । ଏହି ପ୍ରମାଣପତ୍ର ହାସଲ କରିବା ପରେ ଜୟଆଲୁକ୍କାସ୍ ସମୂହର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଜୟ ଆଲୁକ୍କାସ୍ କହିଛନ୍ତି ଯେ ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ମୁହୂର୍ତ୍ତ।

ଦୀର୍ଘ ଦଶନ୍ଧି ଧରି, ଆମେ ଗ୍ରାହକଙ୍କ ସନ୍ତୁଷ୍ଟି ପରି କର୍ମଚାରୀଙ୍କ ସନ୍ତୁଷ୍ଟିକୁ ପ୍ରାଥମିକତା ଦେଇଆସିଛୁ। ପରିଶ୍ରମୀ ଏବଂ ବଦ୍ଧପରିକର ସଦସ୍ୟମାନେ ଜୟଆଲୁକ୍କାସ୍ ସମୂହର ଏକ ସ୍ତମ୍ଭ। ଏହି ପ୍ରମାଣପତ୍ର ସାରା ଦେଶରେ ଜୟଆଲୁକ୍କାସ୍‌ର ୧୦ ହଜାରରୁ ଅଧିକ କର୍ମଚାରୀଙ୍କ କର୍ମକ୍ଷେତ୍ରରେ ସନ୍ତୁଷ୍ଟତା ର ଏକ ସଫଳ ପ୍ରତିବିମ୍ବ ସୃଷ୍ଟି କରିଛି। ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ହେଉଛି ଏକ ବିଶ୍ୱସ୍ତରୀୟ କର୍ତ୍ତୃପକ୍ଷ ଯେ କି ଆଜି ସୁଦ୍ଧା ବିଭିନ୍ନ କ୍ଷେତ୍ରରେ ୧୦୦ ନିୟୁତରୁ ଅଧିକ କର୍ମଚାରୀଙ୍କ ଉପରେ ସେମାନଙ୍କର କାର୍ଯ୍ୟ ଅଭିଜ୍ଞତାକୁ ବିଶ୍ଳେଷଣ ଏବଂ ବୁଝିବା ପାଇଁ ସର୍ଭେ କରିସାରିଛି।

**ମାର୍ଚ୍ଚ ତ୍ରୈମାସିକରେ ଜିଡିପି ୭.୮ ପ୍ରତିଶତ**

# ଅକ୍ଟୋବର-ଡିସେମ୍ବର ତୁଳନାରେ ଅଭିବୃଦ୍ଧି ହାର କମିଲା

**ନୂଆଦିଲ୍ଲୀ,୩୧।୫ (ଏଜେନ୍ସି)**

ପ୍ରକାଶ ପାଇଛି ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ତଥ୍ୟ। ଆର୍ଥିକ ବର୍ଷ ୨୦୨୩-୨୪ର ଚତୁର୍ଥ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ହାର ୭.୮ ପ୍ରତିଶତ ରହିଛି। ଗତ ବର୍ଷର ସମାନ ଅବଧିରେ ଜିଡିପି ଅଭିବୃଦ୍ଧି ହାର ୬.୨ ପ୍ରତିଶତ ରେକର୍ଡ କରାଯାଇଥିଲା। ତେବେ ଅକ୍ଟୋବର-ଡିସେମ୍ବର ୨୦୨୩ ତୁଳନାରେ ମାର୍ଚ୍ଚ ତ୍ରୈମାସିକରେ ଅଭିବୃଦ୍ଧି ହାର ସାମାନ୍ୟ କମ୍ ରହିଛି। କାରଣ ଡିସେମ୍ବର ତ୍ରୈମାସରେ ଦେଶର ଆର୍ଥିକ ଅଭିବୃଦ୍ଧି ୮.୬ ପ୍ରତିଶତ ରହିଥିଲା। ଭାରତର ଜିଡିପି ଅଭିବୃଦ୍ଧିରେ ଆର୍ଥିକବର୍ଷ ୨୦୨୩-୨୪ର ଶେଷ ତ୍ରୈମାସିକରେ ଉତ୍ସା ପରିଲକ୍ଷିତ ହୋଇଛି। ଅପରପକ୍ଷେ ଜିଡିପି ମାର୍ଚ୍ଚ ତ୍ରୈମାସରେ ୭.୮ ପ୍ରତିଶତ ରହିବା ପରେ କେନ୍ଦ୍ର ସରକାର ଏବେ ଆର୍ଥିକ ବର୍ଷ ୨୪ ପାଇଁ ଅଭିବୃଦ୍ଧି ୮.୨ ପ୍ରତିଶତ ରହିବା ନେଇ ଅନୁମାନ କରିଛନ୍ତି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଦ୍ୱାରା ଶୁକ୍ରବାର ଜାରି ତଥ୍ୟ ଅନୁସାରେ ୨୦୨୪ ମାର୍ଚ୍ଚ ୩୧ ଶେଷ ତ୍ରୈମାସିକରେ ଦେଶର ଜିଡିପି ଅଭିବୃଦ୍ଧି ଆରବିଆଇର ଅନୁମାନ ୬.୯ ପ୍ରତିଶତଠାରୁ ଅଧିକ ରହିଛି। ଶକ୍ତି ଏବଂ ଇସ୍ପାତ ଉତ୍ପାଦନରେ ଅଭିବୃଦ୍ଧି ଯୋଗୁଁ ଭାରତର ମୁଖ୍ୟ କ୍ଷେତ୍ରର ଅଭିବୃଦ୍ଧିରେ ସୁଧାର ଆସିଛି । ମୁଖ୍ୟ କ୍ଷେତ୍ର ଗୁଡିକରେ ଏପ୍ରିଲରେ ୬.୨ ପ୍ରତିଶତର ବୃଦ୍ଧି ରେକର୍ଡ ହୋଇଛି। ମାର୍ଚ୍ଚରେ କୋଇଲା ଉତ୍ପାଦନ ୮.୭ ପ୍ରତିଶତ ଏବଂ ଶକ୍ତି ଉତ୍ପାଦନ ୮.୬ ପ୍ରତିଶତ ବଢିଛି । ଉଲ୍ଲେଖଯୋଗ୍ୟ ଯେ ୮ ପ୍ରମୁଖ କ୍ଷେତ୍ରରେ କୋଇଲା, ତୈଳ, ପ୍ରାକୃତିକ ଗ୍ୟାସ୍, ବିଦ୍ୟୁତ୍, ରିଫାଇନାରୀ ସାମଗ୍ରୀ, ଇସ୍ପାତ, ସିମେଣ୍ଟ ଏବଂ ସାର ସାମିଲ ଅଛି।

# ଟ୍ରୁକଲର୍‌ର ଉପଭୋକ୍ତା ସଂଖ୍ୟା ୪୦୦ ନିୟୁତ ଟପିଲା

**ନୂଆଦିଲ୍ଲୀ,୩୧।୫ (ଏଜେନ୍ସି):** ଯୋଗାଯୋଗ ଯାଞ୍ଚ ଏବଂ ଅବାଞ୍ଛିତ ଯୋଗାଯୋଗକୁ ଅବରୋଧ କରିବା ପାଇଁ ଅଗ୍ରଣୀ ବୈଷୟିକ ପ୍ଲାଟଫର୍ମ, ଟ୍ରୁକଲର ମାସିକ ଉପଭୋକ୍ତାଙ୍କ ସଂଖ୍ୟା ୪୦୦ ନିୟୁତ ଅତିକ୍ରମ କରିଛି। ଟ୍ରୁକଲର ବିଭିନ୍ନ ଭୌଗୋଳିକ ବଜାରରେ ଦ୍ରୁତଗତିରେ ଆଗକୁ ବଢୁଛି ଏବଂ ଚଳିତ ବର୍ଷ ମାର୍ଚ୍ଚ ୩୧ରୁ ୧୦.୧ ନିୟୁତ ଉପଭୋକ୍ତା ବଢ଼ାଇଛି। ଟ୍ରୁକଲର ୨୦୨୪ ର ପ୍ରଥମ ତ୍ରୟମାସରେ ପ୍ରତିମାସରେ ହାରାହାରି ୩୮୩.୪ ନିୟୁତ ସକ୍ରିୟ ଉପଭୋକ୍ତା ଘୋଷଣା କରିଛି ଏବଂ ତ୍ରୟ ମାସ ଶେଷସୁଦ୍ଧା, ମାସିକ ସକ୍ରିୟ ଉପଭୋକ୍ତାଙ୍କ ସଂଖ୍ୟା ୩୮୯.୯ ନିୟୁତ ଥିଲା। ଟ୍ରୁକଲର ଅନ୍ତରୀଣ ରିପୋର୍ଟ ସଂକ୍ରାନ୍ତରେ ତ୍ରୈମାସିକ ଭିତ୍ତିରେ ମାସିକ ଏବଂ ଦୈନିକ ଉପଭୋକ୍ତାଙ୍କ ହାରାହାରି ସଂଖ୍ୟା ସୂଚିତ କରୁଥିବା ଟ୍ରୁକଲରର ସହପ୍ରତିଷ୍ଠାତା ଏବଂ ସିଇଓ, ଆଲାନ୍ ମାମେଦି କହିଛନ୍ତି।

# ତନେଇରା ପକ୍ଷରୁ ସାବିତ୍ରୀ, ରଜ ପର୍ବ ଅଫର

**ଭୁବନେଶ୍ୱର,୩୧।୫ (ସିମସ)**




**୨୦,୦୦୦ ଟଙ୍କାର ଶପିଙ୍ଗ୍‌ରେ ସ୍ୱତନ୍ତ୍ର ଗୋଲ୍ଡ କଏନ୍ ଅଫର**

ସାବିତ୍ରୀ ଓ ରଜ ପର୍ବର ଉତ୍ସାହ ବଢ଼ାଇବା ପାଇଁ ଟାଟା ପ୍ରଡକ୍ଟ ତନେଇରା ପକ୍ଷରୁ ଅଣାଯାଇଛି ସ୍ୱତନ୍ତ୍ର ଗୋଲ୍ଡ କଏନ୍ ଅଫର। ଏହା ଅନ୍ତର୍ଗତ ମେ' ୩୧ରୁ ଜୁନ୍ ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରର ଷ୍ଟେସନ ସ୍କୋୟାର୍‌ସ୍ଥିତ ତନେଇରା ଷ୍ଟୋରରୁ ଗ୍ରାହକ ଆକର୍ଷଣୀୟ ଅଫରର ଲାଭ ଉଠାଇପାରିବେ। ୨୦,୦୦୦ ଟଙ୍କା କିମ୍ବା ତଦୁର୍ଦ୍ଧ ମୂଲ୍ୟର ସପିଂ କଲେ ଗ୍ରାହକ ଉପହାର ଆକାରରେ ୦.୨ ଗ୍ରାମ ତନିସ୍କ ଗୋଲ୍ଡ କଏନ୍ ପାଇପାରିବେ। ଏହାସହିତ ବ୍ରାଣ୍ଡ ପକ୍ଷରୁ ଶାଢ଼ି ଉପରେ ୨୦% ପର୍ଯ୍ୟନ୍ତ ଏବଂ କୁର୍ତ୍ତା ଉପରେ ୪୦% ପର୍ଯ୍ୟନ୍ତ ରିଆତି ପ୍ରଦାନ କରାଯାଉଛି। ପର୍ବର ସାମାଜିକ ଏବଂ ସାଂସ୍କୃତିକ ମହତ୍ୱକୁ ମାନ୍ୟତା ଦେଇ ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଇବା ଦିଗରେ ବ୍ରାଣ୍ଡର ଅଦମ୍ୟ ପ୍ରତିବଦ୍ଧତାର ପ୍ରମାଣ ହେଉଛି ଏହି ଅଫର। ସାଧାରଣତଃ ସାବିତ୍ରୀରେ ବିବାହିତ ମହିଳାମାନେ ନୂଆ ବିଶେଷକରି ପାରମ୍ପରିକ ପୋଷାକ ପିନ୍ଧି ଉପବାସ କରି ଉତ୍ସବକୁ ପାଳିଥାନ୍ତି। ଗ୍ରାହକ ଶୁଦ୍ଧତା ଏବଂ ଆବେଗ ସହ ପ୍ରସ୍ତୁତ ହାତବୁଣା ଡ୍ରେପ୍‌ର ବ୍ୟାପକ ରେଞ୍ଜ୍ ତନେଇରା ଷ୍ଟୋରରୁ ପାଇପାରିବେ। ଗୋଟିଏ ଛାତ ତଳେ ଦେଶର କୋଣ ଅନୁକୋଣର ଶାଢ଼ି ରହିଛି। କାଞ୍ଜିବରମ ଏବଂ ବନାରସୀଠାରୁ ଆରମ୍ଭ କରି ବିଳାସପୂର୍ଣ୍ଣ ବେଙ୍ଗଲ୍ ସିଲ୍‌କ, ମୁର୍ସିଦାବାଦ ସିଲ୍, ସାଉମ୍ ସିଲ୍ ଏବଂ ଏୟୋଡୋରି ସିଲ୍ କଟନ ଆଦି ତନେଇରାର ସ୍ୱତନ୍ତ୍ର ଉତ୍ପାଦମାଳା ସାବିତ୍ରୀ ବ୍ରତ ଏବଂ ରଜପର୍ବର ପରମ୍ପରାକୁ ଏକଦମ୍ ଷ୍ଟାଇଲ୍‌ରେ ପାଳନ କରିବାର ସୁଯୋଗ ଦେଉଛି।




# ମାଲାବାର ପକ୍ଷରୁ ଏରା ଓ ପ୍ରିସିଅସ୍ ଜୁଏଲେରୀ ଫେଷ୍ଟିଭାଲ

**ଭୁବନେଶ୍ୱର,୩୧।୫ (ସମିସ)**

ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ପକ୍ଷରୁ ଏହାର ଚନ୍ଦ୍ରଶେଖର ପୁରସ୍ଥିତ ଷ୍ଟୋରରେ ଶୁକ୍ରବାର ଏରା ଓ ପ୍ରିସିଅସ୍ ଜୁଏଲେରୀ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ମିସେସ୍ ଗ୍ରାଣ୍ଡ ଇଣ୍ଟର ନ୍ୟାସନାଲ ୨୦୨୩-୨୪ ଡ. ସାଇ ପ୍ରସନ୍ନା ବେହେରା ଉଦ୍‌ଘାଟନ କରିଥିଲେ। ଏହି ଏକ୍ସକ୍ଲୁଶିଭ୍ ପ୍ରଦର୍ଶନରେ ସୁନା ଅଟ୍ କଟ୍ ଡାଏମଣ୍ଡ ଏବଂ ମୂଲ୍ୟବାନ ରତ୍ନପଥର ଅଳଙ୍କାର ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ପରିଚାଳନା ଟିମ୍ ସମେତ ମାର୍କେଟିଂ ମ୍ୟାନେଜର ସିଦ୍ଧେଶ୍ୱର ରଥ ଉପସ୍ଥିତ ଥିଲେ। ଏଥିରେ ଏରା ଓ ପ୍ରିସିଅସ୍ ଜୁଏଲେରୀ ପରିଧାନ କରି ମଡେଲମାନେ ର୍‍ୟାମ୍ପରେ ଚାଲି ବିଭିନ୍ନ ଅଳଙ୍କାର ପ୍ରଦର୍ଶନ କରିଥିଲେ। ଏହି ଶୋ' ଚଳିତମାସ ୩୧ରୁ ଜୁନ୍ ୯ ଯାଏ ଚାଲିବ।

# କମ୍‌ଫେନ୍ ପକ୍ଷରୁ ବିଶ୍ୱ ଋତୁସ୍ରାବକାଳୀନ ପରିଛନ୍ନତା ଦିବସ

**ମୁମ୍ବାଇ,୩୧।୫:** ମାସିକ ଋତୁସ୍ରାବକୁ ଅଧିକ ଭଲ କରିବା ପାଇଁ ନିରନ୍ତର ପ୍ରଚେଷ୍ଟାରେ ଏକ ଅଭିନବ ଋତୁସ୍ରାବକାଳୀନ ସ୍ୱଚ୍ଛତାର ପ୍ରୟୋଜନ ରହିଛି। କମଫେନ ବିଶ୍ୱ ଋତୁସ୍ରାବ କାଳୀନ ପରିଛନ୍ନତା ଦିବସରେ ଆନୁଷ୍ଠାନିକ ଭାବରେ ଏକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ଓସେନ ଲ୍ୟାବ ଦ୍ୱାରା ସମର୍ଥିତ, କମଫେନ ନବସୃଜନ ଓ ସାମାଜିକ ଦାୟିତ୍ୱ ଭାବରେ ପ୍ରତ୍ୟେକ ମହିଳାଙ୍କୁ ଯତ୍ନଶୀଳ ଅନୁସନ୍ଧାନ ଓ ବିକାଶ ମାଧ୍ୟମରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ସାନିଟାରୀ ପ୍ୟାଡ କ୍ଷେତ୍ରରେ କମଫେନ ପରିସର ହେଉଛି ଏକ ମାସିକ ବିପ୍ଳବ ଯାହାକି ଦୈନନ୍ଦିନ ଆରାମରେ ସାହାଯ୍ୟ କରେ। ଏଥିରେ ମେନଷ୍ଟ୍ରିମ ପ୍ୟାଡ ଓ ଖୁବଶୀଘ୍ର ଆରମ୍ଭ ହେବାକୁ ଥିବା ଅଗ୍ରଣୀ ଗ୍ରାଫେନର ଇନଫ୍ୟୁଜଡ ସାନିଟାରୀ ପ୍ୟାଡ ଅନ୍ତର୍ଭୁକ୍ତ, ଯାହା ପ୍ରକୃତରେ ଏକ ବୈପ୍ଳବିକ ସାମଗ୍ରୀ। ସାନିଟାରୀ ପ୍ୟାଡରେ ନୋବେଲ ପୁରସ୍କାର ପ୍ରାପ୍ତ ପ୍ରଯୁକ୍ତି ଗ୍ରାଫେନର ବ୍ୟବହାରରେ ଅଗ୍ରଗତି କରି ଏହା ଋତୁସ୍ରାବ କାଳୀନ ସୁସ୍ଥତାକୁ ସୂଚୀତ କରେ।

# ଏସିଆନ୍ ପେଣ୍ଟସ୍ ପକ୍ଷରୁ 'କ୍ରିକେଟ୍ ସ୍କଲାରସିପ୍ ପାୱାର୍ଡ ବାଇ ନିଓଭାରତ' ଆରମ୍ଭ

**ଭୁବନେଶ୍ୱର,୩୧।୫ (ସମିସ):** ଅଗ୍ରଣୀ ପେଣ୍ଟସ୍ ଓ ଡେକୋର କମ୍ପାନୀ ଏସିଆନ୍ ପେଣ୍ଟସ ୫ରୁ ୧୪ ବର୍ଷ ବୟସର ଯୁବ କ୍ରିକେଟ ଉତ୍ସାହୀଙ୍କ ପାଇଁ 'କ୍ରିକେଟ ସ୍କଲାରସିପ୍ ପାୱର୍‌ଡ ବାଇ ନିଓଭାରତ' ଶୁଭାରମ୍ଭ କରିଛି। ଏହି ପ୍ରୟାସ ତାହାର ବ୍ରାଣ୍ଡ ଉଦ୍ଦେଶ୍ୟ 'ହରଘର୍ ଖେଲେଗା, ହରଘର୍ ଖିଲେଗା'କୁ ପ୍ରତିଫଳିତ କରୁଛି, ଯାହା ପ୍ରତ୍ୟେକ ପରିବାରରେ ପ୍ରଗତି ଓ ଅଭିବୃଦ୍ଧି ନିମନ୍ତେ ସୁଯୋଗ ଯୋଗାଇଦେବାର ଆନ୍ତରିକ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ବ୍ରାଣ୍ଡ ଆମ୍ବାସାଡର ବିରାଟ କୋହଲିଙ୍କୁ ନେଇ ଏକ ପ୍ରଚାର ଅଭିଯାନ ସହିତ ଏସିଆନ୍ ପେଣ୍ଟସ ଉଭୟ ପିତା ମାତା ଓ ପିଲାମାନଙ୍କୁ ଏହି ସୁଯୋଗର ସଦ୍‌ବ୍ୟବହାର କରିବା ଏବଂ କ୍ରିକେଟ ସ୍କଲାରସିପ୍ ନିମନ୍ତେ ନାମ ଅନ୍ତର୍ଭୁକ୍ତ କରାଇବାକୁ ପ୍ରେରଣା ଦେବା ଲକ୍ଷ୍ୟ ରଖିଛି। ଏହି ପ୍ରୟାସ ଭାରତର ଟିୟର ୨ ଓ ଟିୟର ୩ ବଜାରଗୁଡିକରେ ଆକାଂକ୍ଷୀ ଭାରତୀୟଙ୍କୁ ସଶକ୍ତ କରିବା ନିମନ୍ତେ ନିଓଭାରତ ଲକ୍ଷ୍ୟର ଅଂଶବିଶେଷ। ଏହା ଉଦୀୟମାନ କ୍ରିକେଟ ପ୍ରତିଭା ଅନ୍ୱେଷଣ ଏବଂ ସେମାନଙ୍କର ପରିପୋଷଣ ସହିତ ସେମାନଙ୍କୁ ସେମାନଙ୍କର କୁଶଳତାକୁ ଅଧିକ ପରିପୁଷ୍ଟ କରିବା ଏବଂ ସେମାନଙ୍କର ଆଗ୍ରହକୁ ନେଇ ଆଗକୁ ବଢିବା ଲକ୍ଷ୍ୟ ରଖିଛି। ନିଓଭାରତ ସମର୍ଥନରେ ପରିଚାଳିତ ଏହି କ୍ରିକେଟ ସ୍କଲାରସିପ୍ ଅଧୀନରେ ୧୦୦ ଉଦୀୟମାନ ଯୁବ ବର୍ଗଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ୨ ଲକ୍ଷ ଟଙ୍କାର ସ୍କଲାରସିପ୍ ପ୍ରଦାନ କରାଯିବ।

# ଏୟାର ଇଣ୍ଡିଆକୁ ଡିଜିସିଏଙ୍କ କାରଣ ଦର୍ଶାଅ ନୋଟିସ୍

**ନୂଆଦିଲ୍ଲୀ ୩୧।୫ (ଏଜେନ୍ସି)**


ଏୟାର ଇଣ୍ଡିଆର ଏକ ବିମାନ ବୈଷୟିକ ତ୍ରୁଟି ଯୋଗୁ ଗୁରୁବାର ସାନଫ୍ରାନସିସ୍କୋ ଲାଗି ଉଡାଣ କରିପାରି ନ ଥିଲା। ଏଥିଯୋଗୁ ଯାତ୍ରୀଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା। ଏବେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆକୁ ଅନ୍ତର୍ଜାତୀୟ ଉଡାଣରେ ଅତ୍ୟଧିକ ବିଳମ୍ବ ଓ ଯାତ୍ରୀଙ୍କ ଯତ୍ନ ନ ନିଆଯିବା ମାମଲାରେ ଦୁଇଟି କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି।

**ଉଡ଼ାଣ ବିଳମ୍ବ ଓ ଯାତ୍ରୀଙ୍କ ସମସ୍ୟା ନେଇ ଅସନ୍ତୋଷ ପ୍ରକାଶ**

ଉଲ୍ଲେଖଯୋଗ୍ୟ ଯେ ସାନଫ୍ରାନସିସ୍କୋ ଯିବାକୁ ଥିବା ଏୟାର ଇଣ୍ଡିଆ ବିମାନ ଦିଲ୍ଲୀରୁ ଗୁରୁବାର ଅପରାହ୍ନ ପ୍ରାୟ ସାଢେ ୩ଟା ବେଳେ ଉଡାଣ କରିବାର ଥିଲା। ତେବେ ବୈଷୟିକ ତ୍ରୁଟି ଯୋଗୁ ବିମାନ ଉଡାଣରେ ବେଶ ବିଳମ୍ବ ହୋଇଥିଲା ଓ ଏଥି ଯୋଗୁ ଯାତ୍ରୀଙ୍କୁ ଗୁରୁତର ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା। ଏହା ପରେ ଏୟାର ଇଣ୍ଡିଆ ଅଧିକାରୀମାନେ ଉଡାଣ ସମୟ ଶୁକ୍ରବାର ମଧ୍ୟାହ୍ନକୁ ପୁନର୍ନିର୍ଦ୍ଧାରିତ ହୋଇଥିବା ଘୋଷଣା କରିଥିଲେ।



ଡିଜିସିଏ ପ୍ରଥମ କାରଣ ଦର୍ଶାଅ ନୋଟିସ୍ ମେ ୩୦ରେ ଦିଲ୍ଲୀରୁ ସାନଫ୍ରାନସିସ୍କୋ ଯିବାକୁ ଥିବା ଏୟାର ଇଣ୍ଡିଆ ବିମାନ ଏଆଇ-୧୮୩କୁ ଉଡାଣରେ ଅତ୍ୟଧିକ ବିଳମ୍ବ କାରଣରୁ ଜାରି କରିଥିଲେ। ଏହା ଛଡା ମୁମ୍ବାଇରୁ ସାନଫ୍ରାନସିସ୍କୋ ଯାଉଥିବା ବିମାନ ଏଆଇ-୧୭୯କୁ ମେ ୨୪ ତାରିଖ ଦିନ ଅତ୍ୟଧିକ ବିଳମ୍ବ ପାଇଁ କାରଣଦର୍ଶାଅ ନୋଟିସ୍ ଜାରି ହୋଇଥିଲା। ଡିଜିସିଏଙ୍କ ଜନୈକ ଅଧିକାରୀଙ୍କ ଅନୁସାରେ ବେସାମରିକ ବିମାନଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏୟାର ଇଣ୍ଡିଆ ବିମାନର ଉଡାଣରେ ବିଳମ୍ବ ଓ ଯାତ୍ରୀଙ୍କୁ ହୋଇଥିବା ସମସ୍ୟାର ସଂଜ୍ଞାନ ନେଇଛନ୍ତି। ଏହା ପରେ ଡିଜିସିଏ କାରଣ ଦର୍ଶାଅ ନୋଟିସ୍ ଜାରିକରିଛନ୍ତି। ଏୟାର ଇଣ୍ଡିଆ ବିନା ଏୟାରକଣ୍ଡିସନିଙ୍ଗରେ ଯାତ୍ରୀଙ୍କୁ ବିମାନରେ ଚଢାଇଥିଲା। ଯେଉଁଥି ପାଇଁ ଯାତ୍ରୀଙ୍କୁ ଭୀଷଣ ଗରମରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା। କାରଣଦର୍ଶାଅ ନୋଟିସ୍ରେ ବିମାନ କମ୍ପାନୀ ଡିଜିସିଏଙ୍କ ନିୟମର ଉଲ୍ଲଂଘନ କରିଥିବା କୁହାଯାଇଛି। ଏହା ଛଡା ନୋଟିସ୍ରେ ଏହା ମଧ୍ୟ କୁହାଯାଇଛି ଯେ ଏୟାର ଇଣ୍ଡିଆ ଯାତ୍ରୀଙ୍କ ଯତ୍ନ ନେବାରେ ବାରମ୍ବାର ବିଫଳ ହେଉଛି। ଉଡାଣରେ ବିଳମ୍ବ କାରଣରୁ ବିମାନରେ ଯାତ୍ରୀଙ୍କୁ ଦିଆଯାଉଥିବା ସୁବିଧା ମଧ୍ୟ ପ୍ରଦାନ କରୁନଥିବା କୁହାଯାଇଛି।



# ବିଶ୍ୱ ଦୁଗ୍ଧ ଦିବସ

ଦୁଗ୍ଧ ବା କ୍ଷୀର ମଣିଷ ପାଇଁ ସୃଷ୍ଟିର ଏକ ଅତୁଳନୀୟ ଉପହାର। ଆବାଳବୃଦ୍ଧବନିତା ସମସ୍ତଙ୍କ ପାଇଁ କ୍ଷୀରର ଆବଶ୍ୟକତା ରହିଛି । ମା' କ୍ଷୀର ହେଉ ବା ଗାଈ କ୍ଷୀର ତାହା ଅମୃତ ସମାନ । ହିନ୍ଦୁ ଧର୍ମରେ ଗୋମାତାର ସ୍ଥାନ ସ୍ୱତନ୍ତ୍ର । ଆଧୁନିକତାର ଛାପରେ ସମସ୍ତ କ୍ଷେତ୍ରରେ ପରିବର୍ତ୍ତନ ହୋଇ ଆସିଥିଲେ ମଧ୍ୟ ଦୁଗ୍ଧ ବା କ୍ଷୀରର ଚାହିଦା ସଦାସର୍ବଦା ରହି ଆସିଛି ଏବଂ ଭବିଷ୍ୟତରେ ରହିବ ମଧ୍ୟ । ଦୁଗ୍ଧ ତଥା ଦୁଗ୍ଧଜାତ ଖାଦ୍ୟପଦାର୍ଥର ମହତ୍ତ୍ୱ ବାବଦରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୧ ତାରିଖକୁ 'ବିଶ୍ୱ ଦୁଗ୍ଧ ଦିବସ' ଭାବେ ପାଳନ କରାଯାଏ। ଏହାବାଦ୍ ଦୁଗ୍ଧ ଉତ୍ପାଦନ ଉପରେ ଦୃଷ୍ଟି ଦେବା ତଥା ଏହାକୁ ମାଧ୍ୟମ କରି ଜୀବିକା ଉପାର୍ଜନ କରୁଥିବା ବ୍ୟକ୍ତିବିଶେଷଙ୍କୁ ସହାୟତା କରିବା ହେଉଛି ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ। ୨୦୦୧ରେ ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ଦ୍ୱାରା ଏହାକୁ ପ୍ରଥମେ ପାଳନ କରାଯାଇଥିଲା। ସେବେଠୁ ଏହାକୁ ପାଳନ କରାଯାଇ ଆସୁଛି। ଏକଦା କ୍ଷୀର ଅଭାବୀ ଦେଶମାନଙ୍କ ମଧ୍ୟରେ ଗଣାଯାଇଥିଲା, ଭାରତ ବର୍ତ୍ତମାନ ବିଶ୍ୱର ବୃହତ୍ତମ ଦୁଗ୍ଧ ଉତ୍ପାଦକ ଦେଶ। ବିଶ୍ୱ ଦୁଗ୍ଧ ଉତ୍ପାଦନର ୨୩ ପ୍ରତିଶତ ଅଂଶ ଭାରତର ରହିଛି । ଶରୀରକୁ ସୁସ୍ଥ ରଖିବା ପାଇଁ ଲୋକେ କ୍ଷୀର ପିଅନ୍ତି। କ୍ଷୀରରେ ଆଇରନ୍, କ୍ୟାଲସିୟମ୍, ଆୟୋଡିନ୍, ଜିଙ୍କ୍, ପୋଟାସିୟମ୍, ପ୍ରୋଟିନ୍, ଫସ୍‌ଫରସ୍, ମ୍ୟାଗ୍ନେସିୟମ୍, ଭିଟାମିନ୍-ଏ, ଭିଟାମିନ୍-ଡି, ଭିଟାମିନ୍-ବି୧୨ ଓ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଭରପୂର ପରିମାଣରେ ଥାଏ। ଶରୀରକୁ ସୁସ୍ଥ ରଖିବାରେ ଏହା ଗୁରୁତ୍ୱପୂର୍ଣ୍ଣ ନିର୍ବାହ କରେ। ସେହିପରି ଛୋଟ ବେଳୁ ପିଲାଙ୍କୁ କ୍ଷୀର ଦିଆଯାଏ। ଏହା ସେମାନଙ୍କ ଶରୀରର ବିକାଶ ଦିଗରେ ସାହାଯ୍ୟ କରେ। ତା'ସହ କ୍ଷୀର ଅସ୍ଥିକୁ ମଜଭୁତ ରଖିବା ସହ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରେ। ଏଣୁ ପ୍ରତିଦିନ ଗୋଟିଏ ଗ୍ଲାସ୍ କ୍ଷୀର ପିଇବା ଜରୁରି। ସେହିପରି କ୍ଷୀରରେ ଅପମିଶ୍ରଣ ବେଶ୍ ପୁରୁଣା। ଅବଶ୍ୟ ପୂର୍ବରୁ ଏହା କେବଳ ପାଣିରେ ହିଁ ସୀମିତ ଥିଲା। ଏବେ ମିଶ୍ରଣ କରିବାର ଶୈଳୀ ବଦଳିଗଲାଣି। କ୍ଷୀରରେ ଡିଟରଜେଣ୍ଟ, ୟୁରିଆ ଭଳି ମାରାତ୍ମକ ଜିନିଷ ଆଦି ମିଶୁଥିବା ଅନେକ ସମୟରେ ଅଭିଯୋଗ ହୁଏ। ଏହି କ୍ଷୀର ଶରୀର ପାଇଁ ବେଶ୍ କ୍ଷତିକାରକ ହୋଇଥାଏ। ଅମୃତ ଭଳି ପାନୀୟରେ କିଭଳି ଅପମିଶ୍ରଣକୁ ରୋକାଯିବ, ସେ ଦିଗରେ ସମସ୍ତଙ୍କୁ ଯତ୍ନବାନ ହେବା ଆବଶ୍ୟକ।

# ଦୁଗ୍ଧ ଉତ୍ପାଦନରେ ଭାରତ ପ୍ରଥମ



ଡା. ନିରାକାର ଜେନା

ଦୁଗ୍ଧ ହେଉଛି ସୁଷମ ଏବଂ ଅନ୍ୟତମ ପୁଷ୍ଟିକର ଖାଦ୍ୟ। ଯାହା ସହଜରେ ଓ ଶସ୍ତାରେ ସବୁଠି ଉପଲବ୍ଧ ଥାଏ। ଭାରତୀୟ ଭେଷଜ ଗବେଷଣା ସଂସ୍ଥାନ ବା ICMR ଅନୁସାରେ ଜଣେ ବ୍ୟକ୍ତି ସୁସ୍ଥ ଓ ନୀରୋଗ ରହିବା ପାଇଁ ଦୈନିକ ୩୦୦ ଗ୍ରାମ ଦୁଗ୍ଧ ଆବଶ୍ୟକ କରିଥାଏ । ମାତ୍ର ତଥ୍ୟ ଅନୁଯାୟୀ, ସହରାଞ୍ଚଳରେ ବସବାସ କରୁଥିବା ଭାରତୀୟମାନେ ଦୈନିକ ୧୮୫ ଗ୍ରାମ୍ ଦୁଗ୍ଧ ପାନ କରନ୍ତି। ଗ୍ରାମାଞ୍ଚଳରେ ଭାରତୀୟମାନଙ୍କ ମଧ୍ୟରେ ଏହାର ପରିମାଣ ମାତ୍ର ୧୪୬ ଗ୍ରାମ୍ । ଏହାର କାରଣ ହେଉଛି, ଲୋକମାନଙ୍କ ମଧ୍ୟରେ ଆଜି ବି ଦୁଗ୍ଧର ଉପକାରିତା ବିଷୟରେ ଜ୍ଞାନର ଅଭାବ ରହିଛି। ତେଣୁ ସୁସ୍ଥ, ସବଳ ଓ ନୀରୋଗ ଶରୀର ପାଇଁ ଦୁଗ୍ଧର ଆବଶ୍ୟକତା ଓ ଏହାର ଉପକାରିତା ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଜୁନ୍ ୧ ତାରିଖକୁ ବିଶ୍ୱ ଦୁଗ୍ଧ ଦିବସ ରୂପେ ୨୦୦୧ ମସିହାରୁ ପାଳନ କରାଯାଇ ଆସୁଅଛି । ଚଳିତ ବର୍ଷ ବିଷୟବସ୍ତୁ ହେଉଛି 'ଦୁଗ୍ଧ ସମଗ୍ର ବିଶ୍ୱମାନବ ସମାଜ ପାଇଁ ସହଜରେ , ଶସ୍ତାରେ ଉପଲବ୍ଧ ହେଇ ପାରୁଥିବା ଏବଂ ସୁଷମ ଏବଂ ପୁଷ୍ଟିକର ଖାଦ୍ୟ ।' ଭାରତ ହେଉଛି ସବୁଠାରୁ ଅଧିକ ଦୁଗ୍ଧ ଉତ୍ପାଦନ କରୁଥିବା ଦେଶ ଏବଂ ଏହା ସମଗ୍ର ବିଶ୍ୱରେ ଦୁଗ୍ଧ ଉତ୍ପାଦନରେ ପ୍ରଥମ । ବିଗତ ଦଶବର୍ଷର ଭାରତର ଦୁଗ୍ଧ ଉତ୍ପାଦନ ୫୮ ପ୍ରତିଶତ ବଢ଼ିଥିବାର ତଥ୍ୟ କହୁଛି । ତେଣୁ ଭାରତର ଦୁଗ୍ଧ ଉତ୍ପାଦନ ୧୯୯୧-୯୨ ରେ ମୁଣ୍ଡପିଛା ୧୭୯ ଗ୍ରାମ ଦୈନିକରୁ ଆସି ୨୦୨୨-୨୩ରେ ୪୫୯ ଗ୍ରାମର ଦୈନିକ ପହଞ୍ଚିଲାଣି । ଦୁଗ୍ଧ ଉତ୍ପାଦନରେ ବୈପ୍ଳବିକ ପରିବର୍ତ୍ତନ ଡା. ଭର୍ଗିସ୍ କୁରିଆନଙ୍କ ନେତୃତ୍ୱରେ ଶ୍ୱେତ ବିପ୍ଳବରୁ ମୂଳଦୁଆ ପଡ଼ିଥିଲା । ତାପରେ ସରକାରଙ୍କର ବିଭିନ୍ନ ଉନ୍ନତିମୂଳକ ଯୋଜନା ଓ ପଦକ୍ଷେପ ତଥା ପ୍ରାଣୀ ଚିକିତ୍ସକ, ପ୍ରାଣୀ ଚିକିତ୍ସା ବିଭାଗର ଅନବରତ ଚେଷ୍ଟା ଫଳରେ ଭାରତ ଦୁଗ୍ଧ ଉତ୍ପାଦନରେ ଆତ୍ମନିର୍ଭରଶୀଳ ରାଷ୍ଟ୍ରରେ ପରିଣତ ହୋଇପାରିଛି ।

**■ ଦୁଗ୍ଧର ଉପକାରିତା**

ଶିଶୁଟିଏ ଜନ୍ମ ହେବାପରେ ମା' କ୍ଷୀର ଖାଇଥାଏ । ମା' କ୍ଷୀର ଛାଡ଼ିବା ପରେ ଗାଈ, ମଇଁଷି, ଓ ଛେଳି କ୍ଷୀର ଆଦି ଖାଇଥାଏ। । ତେଣୁ ଏକ କପ୍ ଗାଈ କ୍ଷୀରରେ ୧୪୬ କ୍ୟାଲୋରୀ, ପ୍ରୋଟିନ୍ ୮ଗ୍ରାମ, ୮ଗ୍ରାମ ସ୍ନେହସାର, ୨୮ ପ୍ରତିଶତ କ୍ୟାଲସିୟମ୍, ଭିଟାମିନ୍-ଡି-୨୪%, ଭିଟାମିନ ବି୨, ୨୬%, ଭିଟାମିନ ବି୧୨- ୧୮%,ପୋଟାସିୟମ ୧୦%, ଫସ୍ଫରସ୍ ୨୨%, ସେଲେନିୟମ୍ ୧୩% ଥାଏ । ତେଣୁ ଦୁଗ୍ଧରେ ମନୁଷ୍ୟ ଶରୀର ପାଇଁ ଆବଶ୍ୟକ ସମସ୍ତ ପ୍ରକାର ଖାଦ୍ୟସାର ଭରପୂର ହୋଇଥାଏ ।

**■ ଦୁଗ୍ଧର ମୁଖ୍ୟ ଆବଶ୍ୟକତା**

ଦୁଗ୍ଧରେ ପ୍ରଚୁର ପରିମାଣର ପୁଷ୍ଟିସାର ବା ପ୍ରୋଟିନ୍ ଶରୀରର ବୃଦ୍ଧି, ବିକାଶ, ଗଠନରେ ସାହାଯ୍ୟ କରିବା ସହ,



କୋଷୀୟ ମରାମତି ସହ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ । ମାଂସପେଶୀ ଗଠନରେ ମଧ୍ୟ ସହାୟକ ହୋଇଥାଏ । ଦୁଗ୍ଧରେ ଥିବା କ୍ୟାଲସିୟମ୍, ଫସ୍‌ଫରସ୍, ପୋଟାସିୟମ୍, ପ୍ରୋଟିନ, ଭିଟାମିନ୍-କେ, ସୁସ୍ଥ ଶକ୍ତ ହାଡ଼ ଏବଂ ଦାନ୍ତ ଗଠନରେ ସହାୟକ ହୋଇଥାଏ । ଏହା ଅଷ୍ଟିଓପୋରସିସ୍ ହେବାକୁ ଦିଏନି। ସେହିପରି ଦୁଗ୍ଧରେ ଥିବା ପ୍ରୋଟିନ୍, ଲିନୋଲିକ ଏସିଡ୍, କ୍ୟାଲସିୟମ୍ ଆଦି ଓଜନ ହ୍ରାସ ତଥା ଶରୀରକୁ ମେଦ ବହୁଳତାରୁ ରକ୍ଷା କରିଥାଏ । ଦୁଗ୍ଧ ସବୁ ବୟସର, ସମସ୍ତ ବର୍ଗର, ସମସ୍ତ ଜାତିର, ସମସ୍ତ ଧର୍ମର ଲୋକମାନଙ୍କର ଏକ ମୁଖ୍ୟ ଖାଦ୍ୟ ଓ ପାନୀୟ । ଏହାକୁ ପିଇବା ସହ ଚା', କଫି, ଦହି, ପନିର, ଘିଅ, ଚକୋଲେଟ୍, ଆଇସକ୍ରିମ୍ ରାବିଡ଼ି ଆଦି କରି ଖାଇଥାଉ । ତେଣୁ ବିଶ୍ୱ ଦୁଗ୍ଧ ଦିବସ ଅବସରରେ ସମସ୍ତେ ଦୁଗ୍ଧପାନ କରି ସୁସ୍ଥ ସବଳ, ନୀରୋଗ ରହିବାର ସବୁଠାରୁ ସହଜ ଉପାୟ ।■

ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ, ତିହିଡ଼ି, ଭଦ୍ରକ



# ଦୁଗ୍ଧ ସଂଜୀବନୀ ଭଳି କାମ କରେ



ଡଃ ସରୋଜିନୀ ଷଡ଼ଙ୍ଗୀ

ମର୍ତ୍ତ୍ୟରେ ଅମୃତର ଚିରନ୍ତନ ଉତ୍ସ ହେଉଛି କ୍ଷୀର। ଏହା ଏମିତି ଏକ ଖାଦ୍ୟ, ଯାହା ସଂଜୀବନୀ ଭଳି କାମ କରିଥାଏ । ଶିଶୁଠାରୁ ବୟସ୍କ ସମସ୍ତଙ୍କୁ ଖାଦ୍ୟସାର ତଥା ପୁଷ୍ଟିସାର ଓ କ୍ୟାଲସିୟମ ଯୋଗାଇଥାଏ। ଶରୀର ଗଠନ ତଥା ହାଡ଼ ଓ ଦାନ୍ତକୁ ଶକ୍ତ ରଖିବାରେ ସାହାଯ୍ୟ କରିଥାଏ ଦୁଗ୍ଧ। ତେଣୁ ଖାଦ୍ୟ ଓ କୃଷି ବିଭାଗର ଆନୁକୂଲ୍ୟରେ ୨୦୦୧ ମସିହା ଜୁନ୍ ପହିଲାରୁ ଏହି ଦିବସ ପାଳନ କରାଯାଉଛି। ଦୁଗ୍ଧ ସମସ୍ତଙ୍କୁ ସୁସ୍ଥ ରଖିବା ସହ ଲକ୍ଷ ଲକ୍ଷ ଲୋକଙ୍କୁ ଜୀବିକା ଯୋଗାଇଥାଏ। ଅର୍ଥନୈତିକ କ୍ଷେତ୍ରରେ ଏହାର ଗୁରୁତ୍ୱ ରହିଛି। ଏବେ ସାରା ବିଶ୍ୱରେ ଅନେକ ଲୋକ ପ୍ରତ୍ୟେକ ଦିନ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଯଥା- ଛେନା, ଦହି, ଘିଅ ଏବଂ ଦୁଗ୍ଧ ନିର୍ମିତ ମିଠା, ଆଇସ୍କ୍ରିମ୍ ଆଦି ଖାଉଛନ୍ତି। ଏହାଛଡ଼ା ରୁଟି, ପାଉଁରୁଟି, କେକ୍ ଆଦି ଖାଇବା ବେଳେ କ୍ଷୀର ବ୍ୟବହାର ହୋଇଥାଏ। ଏଥିରେ ଥିବା ଲାକଟୋଜ୍ ସହଜରେ ହଜମ ହୋଇଥାଏ। ଭାରତବର୍ଷରେ ଏହାର ବହୁଳ ବ୍ୟବହାର ହିଁ କ୍ଷୀରକୁ ବେଶୀ ପ୍ରାଧାନ୍ୟ ଦେଇଛି। ଏହାକୁ ବେଶୀ ଲୋକପ୍ରିୟ କରାଇବା ତଥା ବହୁଳ ଭାବରେ ଦୁଗ୍ଧ ବ୍ୟବହାର କରିବା ପାଇଁ ସଚେତନତା ସୃଷ୍ଟି କରି ପୃଥିବୀର କୋଣ ଅନୁକୋଣରେ ପହଞ୍ଚାଇବା ହେଉଛି ଏହି ଦିବସର ମୁଖ୍ୟ ଲକ୍ଷ୍ୟ।

ପୁରାତନ ଯୁଗରେ ଗାଈ କ୍ଷୀର ବ୍ୟତୀତ ଛେଳି କ୍ଷୀର ଓ ମଇଁଷି କ୍ଷୀର ମଧ୍ୟ ବ୍ୟବହାର କରାଯାଉଥିଲା। ଅନେକଙ୍କ ମନରେ ବଦ୍ଧଧାରଣା ଥିଲା ଯେ, ଛେଳିକ୍ଷୀର ଖାଇଲେ ଶିଶୁ ସୁସ୍ଥ ଓ ନୀରୋଗ ରୁହେ। ଶିଶୁ ଜନ୍ମ ପରେ ପରେ ମା' କ୍ଷୀର ଖୁଆଇଲେ ଏହା ଟିକା ସଦୃଶ କାମ କରିଥାଏ। ମା' କ୍ଷୀରରେ ଶିଶୁ ପାଇଁ ଆବଶ୍ୟକ ଶ୍ୱେତସାର, ପୁଷ୍ଟିସାର ଓ ସ୍ନେହସାର ଖାଦ୍ୟ ତଥା ୧୦୦ ପ୍ରକାରର ଅନ୍ୟାନ୍ୟ ଉପାଦାନ ରହିଛି, ମା' କ୍ଷୀରରେ ଥିବା ପ୍ରୋଟିନ୍ (ଲାକ୍ଟ ଆଲ୍ବୁମିନ୍) ଏବଂ ଫ୍ୟାଟିଏସିଡ୍ ଓ ଲାକ୍ଟୋଜ୍ ଶିଶୁ ସହଜରେ ହଜମ କରିଥାଏ। ଏହା ଶିଶୁର ମସ୍ତିଷ୍କ ବୃଦ୍ଧି ଓ ବିକାଶରେ ସାହାଯ୍ୟ କରେ।

ଏହି ଦିନ ସମସ୍ତେ ସକାଳୁ ଉଠି ଏକ ଏକ ଗ୍ଲାସ୍ ଗରମ ବା' ଥଣ୍ଡା କ୍ଷୀର ପିଇବା ଉଚିତ୍। ପ୍ରତ୍ୟେକ ଡାଏରୀ ଫାର୍ମ ଓ ତା'ର ଆଖପାଖ ପଡ଼ୋଶୀମାନଙ୍କୁ ମାଗଣାରେ ଏକ ଗ୍ଲାସ କ୍ଷୀର ପିଆଇବା ଉଚିତ। ଏହାଛଡ଼ା ସମ୍ଭବ ହେଲେ ପ୍ରତ୍ୟେକ ସଦସ୍ୟ ଡାଏରୀ ଫାର୍ମରେ ଗାଈ ଦୁହାଁଠାରୁ ଆରମ୍ଭ କରି କେମିତି ଦୁଗ୍ଧକୁ ଜୀବାଣୁ ମୁକ୍ତ କରାଯାଇପାରିବ (ପାଶ୍ଚରାଇଜେସନ୍), ସେ ବିଷୟରେ ଜାଣି ରଖିବା ଉଚିତ। ସମସ୍ତଙ୍କୁ ଛେନା, ଦହି, ଲହୁଣି, ଆଇସ୍କ୍ରିମ୍, କଷ୍ଟାର୍ଡ ଆଦି ଖାଇବା ପାଇଁ ଉତ୍ସାହିତ କରିବା ଜରୁରି।

ଗାଈ କ୍ଷୀର ଛଡ଼ା ସୋୟାବିନ୍ ଓ ଆଲ୍ମଣ୍ଡ (ବାଦାମ) କ୍ଷୀରରେ ମଧ୍ୟ ପ୍ରଚୁର ପରିମାଣରେ ପୁଷ୍ଟିସାର ଖାଦ୍ୟ ଥାଏ, ଯାହା ଶରୀର ପାଇଁ ଉତ୍ତମ ହୋଇଥାଏ।■

ଲିଙ୍କ୍ ରୋଡ୍, କଟକ-୧୨
ମୋ- ୯୪୩୭୦୫୫୦୦୭

# ଉତ୍ତମ ପୋଷଣକାରୀ ଦୁଗ୍ଧ



ଡ. ଦୁର୍ଗା ପ୍ରସାଦ ମିଶ୍ର

ଶିଶୁ ହୁଅନ୍ତୁ କିମ୍ବା ବୟସ୍କ, କ୍ଷୀର ପିଇବାକୁ ସମସ୍ତେ ଭଲ ପାଇଥାନ୍ତି। କ୍ଷୀର କେବଳ କ୍ୟାଲସିୟମ୍ର ଏକ ଉତ୍ତମ ଉତ୍ସ ନୁହେଁ, ବରଂ ଏଥିରେ ଅନେକ ପୋଷକତତ୍ତ୍ୱ ଏବଂ ଖଣିଜ ପଦାର୍ଥ ରହିଛି, ଯାହା ମନୁଷ୍ୟ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। କ୍ଷୀରର ଏହି ମହତ୍ତ୍ୱ ଗୁଣକୁ ଜଣାଇବା ସହିତ କ୍ଷୀରକୁ ଏକ ଆନ୍ତର୍ଜାତିକ ଖାଦ୍ୟ ଭାବେ ସ୍ୱୀକୃତି ଦେବା ଏବଂ ଏହା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତି ବର୍ଷ ବିଶ୍ୱ ଦୁଗ୍ଧ ଦିବସ ୧ ଜୁନ୍‌ରେ ପାଳନ କରାଯାଇଥାଏ। ଆମେରିକାର ଖାଦ୍ୟ ଓ କୃଷି ସଂସ୍ଥା (ଏଫ୍ଏଓ) ୨୦୦୧ ମସିହାରୁ ଏହି ଦିବସ ପାଳନର ପରିକଳ୍ପନା କରିଥିଲା। ଏହି ଦିବସ ପାଳନର ଲକ୍ଷ୍ୟ ହେଉଛି, ଦୁଗ୍ଧ ଉଦ୍ୟୋଗ ସହ ଜଡ଼ିତ ଯେ କୌଣସି ପଦକ୍ଷେପ ସମ୍ପର୍କରେ ସଚେତନତା ସୃଷ୍ଟି ସହ ତାହାକୁ ସମର୍ଥନ କରିବାର ସୁଯୋଗ ଆଣିବା। ଏହା ଦ୍ୱାରା ସନ୍ତୁଳିତ ଖାଦ୍ୟରେ କ୍ଷୀରର ଭୂମିକା ସମ୍ପର୍କରେ ଜନସାଧାରଣଙ୍କ ଜ୍ଞାନ ବୃଦ୍ଧି ସହ ଏହା ବିଭିନ୍ନ ସମୁଦାୟ ଓ ଜୀବିକାକୁ ସାହାଯ୍ୟ ମିଳିପାରିବ। ଚଳିତ ବର୍ଷର ବିଶ୍ୱ ଦୁଗ୍ଧ ଦିବସ ବିଷୟବସ୍ତୁ ବିଶ୍ୱ ଜନସଂଖ୍ୟାକୁ ଉଚ୍ଚମାନର ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ଦୁଗ୍ଧର ଅପରିହାର୍ଯ୍ୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଛି।

ବହୁ ବର୍ଷ ପୂର୍ବେ କ୍ଷୀର ଅଭାବୀ ଦେଶମାନଙ୍କ ମଧ୍ୟରେ ଭାରତ ଗଣାଯାଇଥିଲା, କିନ୍ତୁ ବର୍ତ୍ତମାନ ଭାରତ ହେଉଛି ବିଶ୍ୱର ବୃହତ୍ତମ କ୍ଷୀର ଉତ୍ପାଦକ ଦେଶ। ବିଶ୍ୱ ଦୁଗ୍ଧ ଉତ୍ପାଦନର ପ୍ରାୟ ୨୩ ପ୍ରତିଶତ ଅଂଶ ଭାରତର ରହିଥିବା ଜଣାପଡ଼ିଛି। ଦେଶରେ କ୍ଷୀରର ଦୈନନ୍ଦିନ ବ୍ୟବହାର ମଧ୍ୟ ଧୀରେ ଧୀରେ ବୃଦ୍ଧି ପାଇଛି। ୧୯୭୦ ମସିହାରେ ଦୈନିକ ପ୍ରତି ବ୍ୟକ୍ତିଙ୍କ ପାଇଁ ୧୦୭ ଗ୍ରାମ ଥିଲା, ସଦ୍ୟତମ ସର୍ବେକ୍ଷଣ ଅନୁଯାୟୀ ପ୍ରତି ବ୍ୟକ୍ତିଙ୍କ ପାଇଁ ୪୪୪ ଗ୍ରାମକୁ ବୃଦ୍ଧି ପାଇଛି।


କ୍ଷୀରରେ ପୋଷକତତ୍ତ୍ୱ, କ୍ୟାଲସିୟମ୍, ପ୍ରୋଟିନ୍, ଭିଟାମିନ୍ -ବି, ଭିଟାମିନ୍- ଡି, ଫସଫରସ୍ ଏବଂ ପୋଟାସିୟମ୍ , ଖଣିଜ ପଦାର୍ଥ ପ୍ରଚୁର ପରିମାଣରେ ଥାଏ, ଯାହା ମନୁଷ୍ୟର ସାମଗ୍ରିକ ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କ୍ଷୀର ହେଉଛି କ୍ୟାଲସିୟମ୍ର ଏକ ଉତ୍ତମ ଉତ୍ସ, ଯାହା ଶରୀରର ହାଡ଼ ଏବଂ ଦାନ୍ତକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରେ। ଦୈନିକ କ୍ଷୀର ପିଇବା ଦ୍ୱାରା ଅଷ୍ଟିଓପୋରୋସିସ୍ ଭଳି ରୋଗ ଏବଂ ଫ୍ୟାକ୍ଚର ହେବାର ଆଶଙ୍କା କମ୍ ହୋଇଥାଏ । ସେହିପରି କ୍ଷୀରରେ ମିଳୁଥିବା ପ୍ରୋଟିନରେ ଆମିନୋ ଏସିଡ୍ ଥାଏ, ଯାହା କ୍ଷୀର ପିଇବା ଦ୍ୱାରା ମାଂସପେଶୀର ମରାମତିରେ ସାହାଯ୍ୟ କରିଥାଏ। କ୍ଷୀର ଏକ ପ୍ରକାର ହାଇଡ୍ରେଟିଂ ଡ୍ରିଙ୍କ ମଧ୍ୟ । କ୍ଷୀର ପିଇବା ଦ୍ୱାରା ଆମ ଶରୀରରେ ଜଳ ପରିମାଣକୁ ହ୍ରାସ କରିବାକୁ ଦେଇନଥାଏ । କ୍ଷୀରରେ ଜଳ, ଇଲେକ୍ଟ୍ରୋଲାଇଟ୍, କାର୍ବୋହାଇଡ୍ରେଟ୍ ଏବଂ ପ୍ରୋଟିନ୍ ପ୍ରଚୁର ପରିମାଣରେ ଥାଏ। କ୍ଷୀର ବିଶେଷତଃ କମ୍ ଚର୍ବିଯୁକ୍ତ ମିଲ୍କ ମଧ୍ୟ, ଯାହା ଶରୀର ଓଜନ ବୃଦ୍ଧିକୁ ରୋକିଥାଏ। ତଥାପି, ଏହା ସ୍ୱୀକାର କରିବା ଅତ୍ୟନ୍ତ ଜରୁରି ଯେ କ୍ଷୀର ଅନେକ ସ୍ୱାସ୍ଥ୍ୟ ଉପକାରିତା ପ୍ରଦାନ କରୁଥିବାବେଳେ କେତେକ ବ୍ୟକ୍ତି ଲାକ୍ଟୋଜ୍ ଅସହିଷ୍ଣୁତା କିମ୍ବା କ୍ଷୀର ପ୍ରୋଟିନ୍ ଆଲର୍ଜି ଯୋଗୁଁ ପ୍ରତିକୂଳ ପ୍ରଭାବ ଅନୁଭବ କରିପାରନ୍ତି। ଏହି ବ୍ୟକ୍ତିଗତ ଖାଦ୍ୟପେୟ ଆବଶ୍ୟକତାକୁ ବୁଝି ଏବଂ ଦୁଗ୍ଧ ବ୍ୟବହାର ସହିତ ଜଡ଼ିତ ବିପଦକୁ କମ୍ କରିବା ପାଇଁ କେତେକ କଥାକୁ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ପାଳନ କଲେ, ଏଥିସହ ଜଡ଼ିତ ପ୍ରତିକୂଳ ପ୍ରଭାବକୁ ଏଡ଼ାଇ ଦିଆଯାଇପାରିବ। ଲାକ୍ଟୋଜ୍ ଅସହିଷ୍ଣୁ ବ୍ୟକ୍ତିଙ୍କ ପାଇଁ, ଲାକ୍ଟୋଜ୍ ମୁକ୍ତ ଦୁଗ୍ଧଜାତ ଦ୍ରବ୍ୟ କିମ୍ବା ଉଦ୍ଭିଦ ଭିତ୍ତିକ ଦୁଗ୍ଧ ବିକଳ୍ପ ପ୍ରଦାନ କରେ। ସେହିଭଳି, କେସିନ୍ ଅସହିଷ୍ଣୁତା କିମ୍ବା ଆଲର୍ଜି ଥିବା ବ୍ୟକ୍ତି ଦୁଗ୍ଧଜାତ ଦ୍ରବ୍ୟରୁ ଦୂରେଇ ରହି ବିକଳ୍ପ ପୁଷ୍ଟିକର ଉତ୍ସ ଚୟନ କରିବା ଉଚିତ।

ଦୁଗ୍ଧର ବିକଳ୍ପ ସୋୟା, ବାଦାମ ଓ ନଡ଼ିଆ କ୍ଷୀର: ମୁଖ୍ୟତଃ ଦୁଗ୍ଧ କ୍ଷୀର ଗାଈ, ଛେଳି ଏବଂ ମେଣ୍ଢା ଆଦି ପ୍ରାଣୀମାନଙ୍କଠାରୁ ଉତ୍ପନ୍ନ।ଅବଶ୍ୟ, ଯେଉଁମାନେ ଲାକ୍ଟୋଜ୍ ଅସହିଷ୍ଣୁ, ଭେଜାନ୍ କିମ୍ବା ଅନ୍ୟାନ୍ୟ ଖାଦ୍ୟପେୟ ପସନ୍ଦ କରନ୍ତି ସେମାନଙ୍କ ପାଇଁ ବିଭିନ୍ନ ଉଦ୍ଭିଦ-ଆଧାରିତ ବିକଳ୍ପ ଅଛି। ସାଧାରଣ ବିକଳ୍ପଗୁଡ଼ିକରେ ସୋୟା କ୍ଷୀର, ବାଦାମ କ୍ଷୀର, ନଡ଼ିଆ କ୍ଷୀର ଏବଂ ଓଟ କ୍ଷୀର ଅନ୍ତର୍ଭୁକ୍ତ। ଦୁଗ୍ଧର ବିକଳ୍ପଗୁଡ଼ିକରେ କୌଣସି ଆଲର୍ଜେନ୍ କିମ୍ବା ଆଡିଟିଭସ୍ ନଥିବା ସୁନିଶ୍ଚିତ କରିବା ପାଇଁ ଲେବଲଗୁଡ଼ିକୁ ଭଲଭାବେ ପଢ଼ିବା ଜରୁରୀ ଅଟେ, ଯାହା ପ୍ରତିକୂଳ ପ୍ରତିକ୍ରିୟା ସୃଷ୍ଟି କରିପାରେ। ବାସ୍ତବରେ, କ୍ଷୀର ପୁଷ୍ଟିକର ପ୍ରତୀକ ଭାବରେ ଛିଡ଼ା ହୋଇଛି, ଏହା ଅନେକଗୁଡ଼ିଏ ସ୍ୱାସ୍ଥ୍ୟ ଉପକାର ଏବଂ ପୁଷ୍ଟିକର ମୂଲ୍ୟ ପ୍ରଦାନ କରିଥାଏ। ତଥାପି, ବ୍ୟକ୍ତିଗତ ଖାଦ୍ୟ ଆବଶ୍ୟକତା ଏବଂ ପସନ୍ଦକୁ ସ୍ୱୀକାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୁଗ୍ଧ ହେଉ କିମ୍ବା ଉଦ୍ଭିଦ ଭିତ୍ତିକ, ଦୁଗ୍ଧ କିମ୍ବା ଏହାର ବିକଳ୍ପକୁ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଏକ ସନ୍ତୁଳିତ ଏବଂ ଉତ୍ତମ ଜୀବନଶୈଳୀରେ ଯଥେଷ୍ଟ ଅବଦାନ ଦେଇପାରେ। ବିଶ୍ୱ ଦୁଗ୍ଧ ଦିବସ ୨୦୨୪ ରେ, ଚାଲନ୍ତୁ ଦୁଗ୍ଧର ବିବିଧତା ଏବଂ ଏହାର ଅଗଣିତ ସ୍ୱାଦକୁ ପାଳନ କରିବା, ସମଗ୍ର ବିଶ୍ୱରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ବୃଦ୍ଧିରେ ଏହାର ଭୂମିକାକୁ ଚିହ୍ନିବା।■

ସ୍କୁଲ୍ ଅଫ୍ ଓକ୍ୟୁପେସନାଲ ଆଣ୍ଡ ଫିଜିଓଥେରାପି, ଡ୍ରିମ୍ସ ୟୁନିଭର୍ସିଟି, କଟକ










# ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବ୍ଲୁଟୁଥ୍ ଡିଭାଇସ୍



ବ୍ଲୁଟୁଥ୍ ସ୍ପିକର୍, ସ୍ମାର୍ଟୱାଚ୍ ଭଳି ଅନ୍ୟାନ୍ୟ ଡିଭାଇସ୍‌କୁ ଉପଯୋଗ କରିବା ଏବେ ସମସ୍ତଙ୍କ ପାଇଁ ସାଧାରଣ କଥା ପାଲଟିଛି । ତେବେ ଏହାର ବ୍ୟବହାର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ଯେ, ବ୍ଲୁଟୁଥ୍ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇଥାଏ । ବିଶେଷକରି ବ୍ଲୁଟୁଥ୍ ଡିଭାଇସ୍‌କୁ ଶୋଇବା ବେଳେ ବ୍ୟବହାର କରିବା ଆଦୌ ଠିକ୍ ନୁହେଁ । ବ୍ଲୁଟୁଥ୍ ହେଡ୍‌ଫୋନ୍‌ରୁ ନିର୍ଗତ ରେଡିଓ ତରଙ୍ଗ ନିଦକୁ ପ୍ରଭାବିତ କରିଥାଏ । ଏହାଦ୍ୱାରା ଥକ୍କାପଣ, ମୁଣ୍ଡବିନ୍ଧା, ଏକାଗ୍ରତାରେ ବାଧା ସୃଷ୍ଟି ହେବା ସମସ୍ୟା ଦେଖାଦିଏ । ସେହିପରି ଏହାର ଉପଯୋଗ ଦ୍ୱାରା କାନରେ ମଇଳା ଓ ଜୀବାଣୁ ଜମା ହୋଇ କାନକୁ ସଂକ୍ରମିତ କରିଥାଏ । କେବଳ ସେତିକି ନୁହେଁ, ବ୍ଲୁଟୁଥ୍ ସ୍ମାର୍ଟୱାଚ୍ ମଧ୍ୟ ତ୍ୱଚାରେ ପୋଡ଼ାଜଳା ସମସ୍ୟା ସୃଷ୍ଟି କରେ । ଏଥିରୁ ନିର୍ଗତ ରଶ୍ମି ନିଦକୁ ପ୍ରଭାବିତ କରିଥାଏ । ଅବଶ୍ୟ ସବୁଏସବୁ ଗବେଷଣାଗୁଡ଼ିକରୁ ଏ କଥା ସ୍ପଷ୍ଟ ହୋଇନି ଯେ, ବ୍ଲୁଟୁଥ୍ ଡିଭାଇସ୍ ସ୍ୱାସ୍ଥ୍ୟ ପାଇଁ ପୂରାପୂରି କ୍ଷତିକାରକ । ଯଦି ଏହାକୁ ବ୍ୟବହାର କରିବା ସମୟରେ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ, ଡାକ୍ତରଙ୍କ ପରାମର୍ଶ ନେବା ଜରୁରି । ଅନ୍ୟପକ୍ଷରେ ଶୋଇବା ବେଳେ ବ୍ଲୁଟୁଥ୍ ଡିଭାଇସ୍‌କୁ ବନ୍ଦ ରଖିବା, ହେଡ୍‌ଫୋନ୍ ବ୍ୟବହାର କମ୍ କରିବା, ସ୍ମାର୍ଟୱାଚ୍‌କୁ ଢିଲା କରି ପିନ୍ଧିବା ସହ ରାତିରେ ଏହାକୁ ନ ପିନ୍ଧିବା ଉଚିତ । ଏହାବାଦ୍ ବ୍ଲୁଟୁଥ୍ ସ୍ପିକରକୁ ୧୦ ଫୁଟ୍ ଦୂରରେ ରଖିବା ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି କୁହାଯାଇଛି ।

## ଆଜିର ଇତିହାସ

- ୧୮୩୫- କଲିକତା ମେଡିକାଲ କଲେଜରେ ଅଧ୍ୟାପନା କାର୍ଯ୍ୟ ଆରମ୍ଭ ହେଲା ।
- ୧୮୭୪- ଇଷ୍ଟ ଇଣ୍ଡିଆ କମ୍ପାନିକୁ ଭାଙ୍ଗି ଦିଆଗଲା ।
- ୧୮୮୦-ପ୍ରଥମ ଥର ପେ' ଫୋନ୍ ସେବା ଆରମ୍ଭ ହେଲା ।
- ୧୯୪୧- ବ୍ରିଟିଶ ସେନା ଇରାକ୍ ରାଜଧାନୀ ବାଗଦାଦ୍ ଉପରେ କବ୍‌ଜା କଲା ।
- ୧୯୮୦- ସିଏନ୍‌ଏନ୍‌ର ପ୍ରଥମ ଥର ପାଇଁ ପ୍ରସାରଣ ଆରମ୍ଭ ହେଲା ।
- ୧୯୯୬- ଏଚ୍.ଡି ଦେବଗୌଡ଼ା ଭାରତର ଏକାଦଶ ପ୍ରଧାନମନ୍ତ୍ରୀ ହେଲେ ।
- ୨୦୧୪- ନାଇଜେରିଆରେ ଫୁଟବଲ୍ ମୈଦାନରେ ବିସ୍ଫୋରଣ ଯୋଗୁଁ ୪୦ ଲୋକଙ୍କ ମୃତ୍ୟୁ ।

# ସିଦ୍ଧାର୍ଥଙ୍କ ସହ ପୁଣି କାମ କରିବେ ସୈଫ୍

ବଲିଉଡ୍ ଅଭିନେତା ସୈଫ୍ ଅଲ୍ଲୀ ଖାନ୍, ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦଙ୍କ ସହ ମିଶି ବଲିଉଡ୍‌କୁ 'ସଲାମ୍ ନମସ୍ତେ', 'ତା ରା ରମ୍ ପମ୍' ଭଳି ହିଟ୍ ଫିଲ୍ମ ଦେଇଥିଲେ । ଏବେ ୧୭ ବର୍ଷ ପରେ ଦୁଇଜଣ ପୁଣି ଗୋଟିଏ ଫିଲ୍ମରେ କାମ କରିବାକୁ ଯାଉଛନ୍ତି । ଯଦିଓ ଏନେଇ ଉଭୟ କିଛି ସ୍ପଷ୍ଟ ଭାବେ କହି ନାହାନ୍ତି, କିନ୍ତୁ ସାମାଜିକ ଗଣମାଧ୍ୟମରେ ସେମାନଙ୍କର ଏକ ଫଟୋ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି । ସିଦ୍ଧାର୍ଥ ସାମାଜିକ ଗଣମାଧ୍ୟମରେ ଏହି ଫଟୋଟିକୁ ସେୟାର୍ କରିଛନ୍ତି । ଉଭୟ ବୁଦାପେଷ୍ଟର ଏକ ସୁନ୍ଦର ବିଲ୍ଡିଂ ସମ୍ମୁଖରେ କଳାରଙ୍ଗର ଟି-ସାର୍ଟ ପିନ୍ଧି ନଜର ଆସିଛନ୍ତି । ତେବେ କିଛିଦିନ ପୂର୍ବରୁ ସିଦ୍ଧାର୍ଥ ସାମାଜିକ ଗଣମାଧ୍ୟମରେ ସେ ସିଦ୍ଧାର୍ଥଙ୍କ ସହ କାମ କରୁଛନ୍ତି ବୋଲି ସୂଚନା ଦେଇଥିଲେ ସୁଦ୍ଧା ଏନେଇ କିଛି ସ୍ପଷ୍ଟ ଭାବେ କହି ନ ଥିଲେ । ଫିଲ୍ମର ନାମ ରହିଛି 'ଜୁଏଲ୍ ଥିଫ୍: ଦ ରେଡ୍ ସନ୍ ଚାପ୍ଟର' । ତେବେ ଏହି ଫିଲ୍ମ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହେବ । ଏଥିରେ ଜୟଦୀପ ଅହଲାୱତ୍ ମଧ୍ୟ ନଜର ଆସିବେ ।



# ସବୁଠୁ ଚଉଡ଼ା ୱିଗ୍



କେଶକୁ ଘନ ଓ ସୁନ୍ଦର ଦେଖାଇବା ପାଇଁ ଅଧିକାଂଶ ଲୋକ ୱିଗ୍ ବ୍ୟବହାର କରନ୍ତି । ପୁଣି କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନେ ଚନ୍ଦାପଣକୁ ଲୁଚାଇବା ପାଇଁ ୱିଗ୍ ବ୍ୟବହାର କରନ୍ତି । ଅବଶ୍ୟ ଏହାକୁ ତିଆରି କରିବା ଆଦୌ ସହଜ ନୁହେଁ । ତେବେ ଜଣେ ମହିଳା ସବୁଠୁ ଚଉଡ଼ା ୱିଗ୍ ତିଆରି କରି ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି । ନାଇଜେରିଆର ହେଲେନ୍ ୱିଲିୟମ୍ସ ୧୧ ଫୁଟ୍ ୧୧ ଇଞ୍ଚର ସବୁଠୁ ଚଉଡ଼ା ଓ ଲମ୍ବା ୱିଗ୍ ତିଆରି କରିଛନ୍ତି । ତାହା ପୁଣି ନିଜ ହାତରେ । ଫେବୃଆରୀ ମାସରୁ ସେ ୱିଗ୍ ତିଆରି କରିବା ଆରମ୍ଭ କରିଥିଲେ । ଏହାକୁ ପୂରା କରିବାକୁ ତାଙ୍କୁ ମାସେ ସମୟ ଲାଗିଛି । କେବଳ ସେତିକି ନୁହେଁ, ଏ ଲାଗି ସେ ବହୁ ପରିଶ୍ରମ କରିଥିବା କହିଛନ୍ତି । ୮୦୦ରୁ ଅଧିକ ଅଲରା କେଶରେ ସେ ଏହାକୁ ତିଆରି କରିଛନ୍ତି । ତା'ସହ ହେଲେନ୍ ଏଥିପାଇଁ ୨ ଲକ୍ଷ ୨୯ ହଜାର ଟଙ୍କା ଖର୍ଚ୍ଚ କରିଥିବା କହିଛନ୍ତି । ହେଲେନ୍ ଏହାକୁ ହାତରେ ତିଆରି କରିବା ସହ ୱିଗ୍‌ର କିଛି ଅଂଶକୁ ସିଲେଇ କରିବା ପାଇଁ ମେସିନ୍‌ର ବ୍ୟବହାର କରିଥିଲେ । ଅନ୍ୟପକ୍ଷରେ ଏଭଳି କିଛି କରିବା ପାଇଁ ପ୍ରେରଣା ତାଙ୍କୁ ଅଭିନେତ୍ରୀ ତଥା ଟକ୍ ଶୋ ହୋଷ୍ଟ ଡ୍ରୁ ବ୍ୟାରିମୋର୍‌ଙ୍କଠାରୁ ମିଳିଛି । ଗିନିଜ୍ ବିଶ୍ୱ ରେକର୍ଡ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ । ସ୍ୱାସ୍ଥ୍ୟ ଉପରେ ଅଧିକ ଧ୍ୟାନ ଦିଅନ୍ତୁ । ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ । ସକାରାତ୍ମକ ଦୃଷ୍ଟିରୁ ଦିନଟି ଭଲ ।

**ବୃଷ:** ଭାଗ୍ୟ ଆପଣଙ୍କ ସାଥ୍ ଦେବ । ଅଟକି ପଡ଼ିଥିବା କାର୍ଯ୍ୟ ପୂରା ହେବ । ଦୂରଯାତ୍ରାରୁ ଲାଭ ମିଳିବ । ଆଜିର ପ୍ରେମ ବ୍ୟାପାରରେ ଦିନଟି ବହୁତ ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି । ପ୍ରତିକୂଳ ପରିସ୍ଥିତିରେ ଆଦୌ ଭୟ କରନ୍ତୁନି । ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ୍ୟ ମିଳିବ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି । ଅଟକି ଥିବା କାର୍ଯ୍ୟ ସମାପନ ହେବ । ପ୍ରେମିକ ପ୍ରେମିକାଙ୍କ ମିଳନ ଯୋଗ ରହିଛି । ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ । ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ ।

**କନ୍ୟା:** ଭାବନା ଅନୁସାରେ ନିଷ୍ପତ୍ତି ନେବା ଠିକ୍ ନୁହେଁ । ଅଧିକ କ୍ଷତି ସହିପାରନ୍ତି । ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ । ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି । ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି । ବନ୍ଧୁ ଯୋଗ ରହିଛି ।

**ବିଛା:** ବ୍ୟାପାରିକ ଦିଗରୁ ଦିନଟି ଭଲ । ସ୍ୱାସ୍ଥ୍ୟ ଭଲ ରହିବ । ସନ୍ତାନଙ୍କ ଖୁସିରେ ଖୁସି ହେବେ । ଅଚାନକ ଖୁସି ଖବର ପାଇପାରନ୍ତି । ଉଧାର ଦେଇପାରନ୍ତି । ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ ।

**ଧନୁ:** ସୃଜନାଶୀଳତା ବୃଦ୍ଧି ପାଇବ । ସ୍ୱାସ୍ଥ୍ୟ ବହୁତ ଭଲ ରହିବ । ପ୍ରେମ ବ୍ୟାପାରରେ ସଫଳ ହେବେ । ଆଜି ଭାଗ୍ୟ ଆପଣଙ୍କ ସାଥ୍ ଦେବ । କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି ।

**ମକର:** ଆପଣଙ୍କ ପ୍ରତିଭା ପ୍ରସ୍ଫୁଟିତ ହେବ । ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ । ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ । ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ । ଆର୍ଥିକ ସମସ୍ୟା ରହିବନି । ଅନ୍ୟକୁ ଉଧାର ଦେଇ ଠକିପାରନ୍ତି । ଆୟ ଅନୁସାରେ ଅଧିକ ବ୍ୟୟ ହେବ । ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ ।

**ମୀନ:** ଜମି କିଣାବିକା ଯୋଗ ରହିଛି । ଅନ୍ୟମାନଙ୍କୁ ସାହାଯ୍ୟ କରି ଉଦାହରଣ ସୃଷ୍ଟି କରିବେ । ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି । ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ ।

# ମାଆ ନାହିଁ ଯାହାର





କାଳିକିଙ୍କର

ଲୁଟଣୀକୁ ସୁଲି ଲୁଚେଇ ଲୁଚେଇ ଖାଇବାକୁ ଦେଉଥିଲେ । ତାଙ୍କର ବିଲେଇ କୁକୁର ଭଳି ଜୀବମାନଙ୍କ ପ୍ରତି ବହୁତ ଦୟା । ତେବେ ଶାଶୂ ତାଙ୍କର କୁକୁର ବିଲେଇ ଦେଖିଲେ ମାରି ଘଉଡ଼ାନ୍ତି । ସେ କହନ୍ତି, ଏ କୁକୁରଗୁଡା ବାହାରୁ ହାଡ଼ ମାଂସ, ମଳ ଆଦି ଖାଆନ୍ତି । ତାଙ୍କୁ ଛୁଇଁଲେ ଅପବିତ୍ର ହୋଇଯାଏ ଦେହ । ପୁଣି ସ୍ନାନ କରିବାକୁ ହୁଏ । ଠାକୁର ଘରକୁ ଯାଇ ଦେହରେ ଗଙ୍ଗାଜଳ ପକେଇଲେ ଯାଇ ଦେହ ପବିତ୍ର ହୁଏ । ଲିପୁନ ପଚାରିଲା ଜେଜେମା', ବିଲେଇ ତୁମର କ'ଣ ଅସୁବିଧା କରେ କି ? ସେ ତ ଘର ଭିତରୁ ପୋକଜୋକ ଆଦି ମାରିଖାଏ । ଏମିତିକି ସାପ ବିଛା ଆଦିକୁ ପଶିବାକୁ ଦିଏ ନାହିଁ । ମୂଷା ଦାଉରୁ ରକ୍ଷାକରେ । ଜେଜେମା କହିଲେ, କହନା କହନା ଏ ବିଲେଇଙ୍କର କଥା । ଭୁଆ ବିଲେଇ ତ ଯେଉଁ ଦେଖିବ ଗୋଡ଼ ଟେକି ପରିସ୍ରା କରିଦେବ ଆଉ ପୁଷି ଏତେ ବିକଳିଆ ଯେ ଯେଉଁଠି ଖାଦ୍ୟ ମାଛ, କ୍ଷୀର ଆଦି ଟିକିଏ ତା ନାକରେ ବାଜିଲା- ସିଧା ଯାଇ ମୁହଁ ଲଗେଇ ଦେବ । ଆରେ ଟିକିଏ ପଚାର ଆପାତତଃ ଏଇଟା କାହାପାଇଁ ରଖାଯାଇଛି । ନା, ଏ ସଭ୍ୟତା ତାଙ୍କର ନାହିଁ ।

ଲିପୁନ ଜାଣିଛି ଯେ, ଜେଜେମା ଲୁଟଣୀକୁ ଆଦୌ ଭଲ ପାଉ ନ ଥିଲେ । ଅବଶ୍ୟ ଏଇ ଲୁଟଣୀ ପାଇଁ ଏକଦା ଲିପୁନ ଘରକୁ ଲୁଟେରାମାନେ ପଶି ପାରି ନ ଥିଲେ । ଘଟଣାଦିନ ଲୁଟଣୀ ପଥର କଡ଼ରେ ଛୁଆ ଜନ୍ମକରି ଖୁବ କ୍ଲାନ୍ତ ହୋଇ ଶୋଇଥିଲା । ତା' ପିଲାଙ୍କୁ ଜଗିଥିଲା । କିଛି ଲୋକଙ୍କର କଥା ଶୁଣି ତା ନିଦ ଭାଙ୍ଗିଗଲା । ସେ ଦେଖିଲା କେତେ ଜଣ ଅଚିହ୍ନା ଲୋକ ହାତରେ ଧାରୁଆ ଅସ୍ତ୍ର ଓ ବନ୍ଧୁକ ଧରି ଲିପୁନ ଘରେ ପଶିବାକୁ ଉଦ୍ୟମ କରୁଛନ୍ତି । ରାତି ବହୁତ ହେଲାଣି । ଏମାନେ କିଏ ? ଘରେ ଅନ୍ଧାରରେ ଏମାନେ କ'ଣ କରିବାକୁ ଆସିଛନ୍ତି । ସମସ୍ତେ ତ ଘରେ ଶୋଇଛନ୍ତି । ଲୁଟଣୀ ସବୁ ବୁଝିଗଲା । ନା, ତା ଦେହର ଅବସ୍ଥା ଯାହାହେଉ ପଛେ ଏମାନଙ୍କୁ ଅଟକାଇବାକୁ ପଡ଼ିବ । ସମସ୍ତଙ୍କୁ ଜଗେଇବାକୁ ପଡ଼ିବ ।

ସେ ଏମିତି ଭୋକିଲା ଯେ ଘରେ ସମସ୍ତଙ୍କର ନିଦ ଭାଙ୍ଗିଗଲା । ଲୁଟଣୀର ଭୁକିବା ଶବ୍ଦ ଶୁଣି ଘର ଲୋକେ ଓ ପଡ଼ୋଶୀ ଘରର ଲୋକେ ଉଠି ପଡିଲେ । ନିଶ୍ଚୟ କେଉଁଘରକୁ କିଛି ବିପଦ ଆସିଛି । ସମସ୍ତେ ଠେଙ୍ଗାବାଡ଼ି ବନ୍ଧୁକ ଧରି ବାହାରିଲେ । ଲୁଟେରାମାନେ ପ୍ରାଣ ଭୟରେ ଦୌଡ଼ି ପଳେଇବାକୁ ଲାଗିଲେ । ଲୁଟଣୀ କଣ ଛାଡିବାର ଜୀବ ? ସେ ତାଙ୍କୁ ଗୋଡ଼େଇ ଗଲା । ତେବେ ଲୁଟେରାମାନେ ତାଙ୍କ ବନ୍ଧୁକର ଏକ ଗୁଳି ଫୁଟେଇ ଦେଲେ । ଲୋକେ ଲୁଟଣୀ ଯାଇଥିବା ଦିଗକୁ ଦୌଡ଼ିଲେ । ଲୋକେ ସେଠାକୁ ଯାଇ ଦେଖିଲେ ରକ୍ତ ଜୁଡୁବୁଡୁ ହୋଇ ଛଟପଟ ହେଉଛି ଲୁଟଣୀ । ଛାଡ଼ି ଯାଇଛି ଛଅଟି ନବଜାତ ପୁଅଝିଅ । ଓଃ, ଆମ ଲୁଟଣୀକୁ ତ ମାରି ଦେଇଗଲେରେ, ଏମିତି ସେଦିନ ପ୍ରଥମଥର କାନ୍ଦିଥିଲେ ଜେଜେମା । ସୁଲି ମାଆ କାହାକୁ କିଛି ନ କହି ଦୌଡ଼ି ଯାଇଥିଲେ ସେହି ପଥର ଭାଡ଼ି ପାଖକୁ । ଯେଉଁଠି ଆଖି ଫିଟି ନ ଥିବା ଛଅଟି ନବଜାତ ଶିଶୁ କୁଁ କୁଁ ହେଉଥିଲେ । ସୁଲି ମାଆ ଦୁଇ ଦୁଇଟି କରି ସେ ଛୁଆମାନଙ୍କୁ ନେଇ ଘର ଭିତରକୁ ଗଲେ । ତାଙ୍କୁ ଟିକିଏ ଉଷୁମ କ୍ଷୀର ପିଆଇଲେ । ମାଆ କ୍ଷୀରରୁ ବଞ୍ଚିତ ଏ ପଶୁ ଶାବକ ଯେ ବଞ୍ଚିବେ, କେହି ବିଶ୍ୱାସ କରି ନ ଥିଲେ । କିନ୍ତୁ ସୁଲିମାଆ ସେମାନଙ୍କୁ ମାଆ ପରି ଏମିତି ଯତ୍ନ ନେଲେ ଯେ ଆଜି ସେମାନେ ଘରର ବାରଣ୍ଡାରେ ରହନ୍ତି ଓ ଘର ଜଗୁଛନ୍ତି ସାହିଯାକର । ପରିବର୍ତ୍ତନ ହୋଇଯାଇଛି ଜେଜେମାଙ୍କର ନିର୍ଦ୍ଦୟ ହୃଦୟ । ତାଙ୍କ ମୁହଁରୁ ମଧ୍ୟ ଆଜି ଶୁଭୁଛି ସେହି କେତୋଟି ଶବ୍ଦ- ମାଆ ନାହିଁ ଯାହାର ।■

- ସୌଭାଗିନୀ ନିବାସ, ପୁରୀ
ମୋ-୮୨୪୯୨୧୬୦୬୭

# ସୁମନ

## ଅସହ୍ୟ ନିଦାଘ



ସୁହଂସ ଭୋଇ

ଜଳୁଅଛି ଧରା ଡହଡହ ଖରା
କଲବଲ କରି ମାରେ
ଛଟପଟ ହୋଇ ଦିନ ଯାଏ ବିତି
ରାତିଟି ବିକଳେ ସରେ ।
ରହି ତ ହେଉନି ଅଗଣାରେ ଘରେ
ରୌଦ୍ରତାପ ପରକାଶେ
ତରତର ହୋଇ ବିଲ ଛାଡ଼ି ଚାଷୀ
ଛାଇ ଦେଖି ଘଡ଼େ ବସେ ।
ଧନୀ ଧନହୀନ ସଭିଏଁ ସମାନ
କାହାକୁ ତାତି ନ ଛାଡ଼େ
ହେଉଅବା ଛପର ଚାଳ ପକ୍କାଘର
ପ୍ରକୋପ ସବୁଠି ପଡ଼େ ।
ପୁଷ୍କରିଣୀ ଜଳ ଶୁଖି ହୁଏ ପଙ୍କ
ତା'ମଧ୍ୟେ ମଣ୍ଡୁକ ଲୁଚେ
ନିରୁପାୟେ ପକ୍ଷୀ ନିରାପଦ ମଣି
ବୁଦାମୂଳଟିକୁ ବାଛେ ।
ଦେହରେ ପଡ଼ିଲେ ନିଦାଘ କିରଣ
ଘମଘମ ଝାଳ ବହେ
ମାଟିକୁ ଛୁଇଁଲେ ଯନ୍ତ୍ରଣାରେ ପାଦ
କରୁଣ କାହାଣୀ କହେ ।■

- ପହଣ୍ଡି, ବରଗଡ଼
ମୋ- ୯୪୩୭୫୨୨୪୫୫



## ପହେଲି



- ଜ୍ୟେଷ୍ଠ ଅମାବାସ୍ୟା ଆସଇ ଯେବେ
ମହିଳା ପାଳନ୍ତି ଏ ବ୍ରତ ତେବେ
ପତିର ଦୀର୍ଘାୟୁ କାମନା କରି
ଏ ବ୍ରତ ପାଳନ୍ତି ସଧବା ନାରୀ
ସାବିତ୍ରୀ ମାତାଙ୍କୁ ସଜେଇ ଗୃହେ
ନାନା ଜାତି ଫଳ ନୈବେଦ୍ୟ ଦିଏ
ଶଙ୍ଖ ହୁଳହୁଳି ପଡ଼େ ଉଛୁଳି
ମାତା ଦେଇଥାନ୍ତି କରୁଣା ଢାଳି
ଏବେ କୁହ ସେହି ବ୍ରତର ନାମ
ଫଳମୂଳ ଭୋଗ ମିଳିବ ଜାଣ ।
ଉତ୍ତର-ସାବିତ୍ରୀ ବ୍ରତ

- ଜଙ୍ଗଲ ମଧ୍ୟରେ ଅସୁସ୍ଥ ହୋଇ
ପତ୍ନୀଙ୍କ କୋଳରେ ପଡ଼ିଲେ ଶୋଇ
ଅନ୍ତ ହେଲା ତାଙ୍କ ଜୀବନ କାଳ
ପ୍ରଭୁ ଯମରାଜା ଆସିଲେ ପୁଣ
ଯୁକ୍ତିରେ ଯମଙ୍କୁ ପରାସ୍ତ କରି
ପତିଙ୍କ ଜୀବନ ପାଇଲେ ଫେରି
କେଉଁ ପତିବ୍ରତା ନାରୀ ସେ ଥିଲେ
କହିପାରିବ କି ନାଆଁଟି ପିଲେ ।
ଉତ୍ତର-ସତୀ ସାବିତ୍ରୀ

- ମୃତ୍ୟୁଦେବ ବୋଲି ଜଗତେ ଖ୍ୟାତ
ମଇଁଷୀ ବାହନେ ଆସନ୍ତି ମର୍ତ୍ତ୍ୟ
ଅନ୍ଧାରରେ ଲୁଚି ଆସଇ ସିଏ
ଦଉଡ଼ିରେ ବାନ୍ଧି ପ୍ରାଣକୁ ନିଏ
କଳା ମଚମଚ ଶରୀର ତା'ର
କହିପାରିବ ସେ କେଉଁ ଠାକୁର ।
ଉତ୍ତର-ଯମ ଦେବତା

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୫୩୪୬

## ଫୁଟନ୍ତା ଫୁଲ

ଆଜି ଅଟେ ବିଶ୍ୱ ଦୁଗ୍ଧ ଦିବସ
ଭାଇ ଭଉଣୀଏ ପାଳିବା ଆସ ।
ପ୍ରତିଦିନ ଆମେ ପିଇଲେ କ୍ଷୀର
ସୁସ୍ଥ ସବଳ ହେବ ଶରୀର ।
କ୍ଷୀରରେ ରହିଛି ପୋଷକ ତତ୍ତ୍ୱ
ଭିଟାମିନ୍ ତହିଁ ଅଛି ବହୁତ ।
ଘରେ ଆମେ ଯଦି ପାଳିବା ଗାଈ
କ୍ଷୀରର ଅଭାବ ରହିବ ନାହିଁ ।
ଶିଶୁ ରୋଗୀ ପାଇଁ କ୍ଷୀର ଜରୁରୀ
ସେଇଥିପାଇଁ ତା' ଆଦର ଭାରି ।■



ସ୍ନେହଲତା ମୁର୍ମୁ

- ପଞ୍ଚମ ଶ୍ରେଣୀ
ବାବନଗଡ଼, ଉଦଳା, ମୟୂରଭଞ୍ଜ

## ସକାଳ ଶିଶୁ କୁଇଜ୍-୧୨୦

(୧) କେଉଁ ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି କୁହାଯାଏ?
ଉତ୍ତର : ________

(୨) କୋଣାର୍କ ମନ୍ଦିର ନିର୍ମାଣ କାର୍ଯ୍ୟରେ କେଉଁ ବଢ଼େଇ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ?
ଉତ୍ତର : ________

(୩) ଶ୍ରମିକ ଦିବସ କେବେ ପାଳନ କରାଯାଏ?
ଉତ୍ତର : ________

(୪) ଯବନ କବି ଭାବେ କିଏ ପରିଚିତ?
ଉତ୍ତର : ________


(୫) ଅଲିମ୍ପିକ୍ ଖେଳ କେତେ ବର୍ଷରେ ଥରେ ହୋଇଥାଏ?
ଉତ୍ତର : ________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

**ଗତ ସପ୍ତାହର କୁଇଜ୍ ବିଜେତା**
- ଲୋପିତା ମିଶ୍ର, ବୋଲଗଡ଼, ନୟାଗଡ଼
- ସୁପ୍ରଜ୍ଞା ସାହୁ, ଡୁଙ୍ଗୁରିପାଲି, ସୋନପୁର
- ସ୍ୱୟଂପ୍ରକାଶ ଧଳ, କୋଣାର୍କ


**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯


## ତୁମ ଆଙ୍କା ଛବି






ଅନ୍ୱେଷ ଆର୍ଯ୍ୟ ସାହୁ
ସେଣ୍ଟ ଜାଭିୟର୍ ହାଇସ୍କୁଲ
ଖଣ୍ଡଗିରି
ଭୁବନେଶ୍ୱର





ସୀତା ହେମ୍ବ୍ରମ୍
ନବମ ଶ୍ରେଣୀ
ଶାଳଖୁଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟ
ମୟୂରଭଞ୍ଜ





ବୈଭବ କୁମାର ପାତ୍ର
ପଞ୍ଚମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ୍
ପୋଖରୀପୁଟ, ଭୁବନେଶ୍ୱର



## ଇଂଲଣ୍ଡ- ଭଦ୍ର ଓ ଶକ୍ତିଶାଳୀ

ଡିଫେଣ୍ଡି ଚାମ୍ପିଅନ୍ ଇଂଲଣ୍ଡକୁ ଏବେ ବିଶ୍ୱର ସବୁଠାରୁ ମନୋରଞ୍ଜନକାରୀ ଦଳ ଭାବେ ବିବେଚିତ କରାଯାଇଥାଏ। ନୂଆ ପ୍ରକାରର ବୋଲିଂ ଓ ବଡ଼ ସଟ୍ ମାରିବା ଖେଳାଳି ଟିମ୍‌କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଏହି ଦଳ ଭଦ୍ର ଓ ସହଜରେ ପରାଜୟ ସ୍ୱୀକାର କରି ନ ଥାଏ। ଯାହା ଫଳରେ ଜୋସ୍ ବଟଲରଙ୍କ ଇଂଲଣ୍ଡ ଟେଷ୍ଟ କ୍ରିକେଟ ପରି ଟି-୨୦ରେ ମଧ୍ୟ ଏକ ଶକ୍ତିଶାଳୀ ଦଳରେ ପରିଣତ ହୋଇଛି। ଏହି ଦଳ ତୃତୀୟ ଟାଇଟଲ ଜିତିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।



## ଭାରତ-ଅନନୁମିତ

ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ୨୦୦୭ରେ ପ୍ରଥମ ବିଶ୍ୱକପ୍ ଜିତିବା ହେଉ କିମ୍ବା ୨୦୧୪ରେ ରନର୍ସ ଅପ୍ ଭାରତ ନିକଟରେ ଆଉ କିଛି ପ୍ରଦର୍ଶନ କରିବାର ସୁଯୋଗ ନାହିଁ। ଏହି ଦଳର ବିଶେଷତ୍ୱ ହେଲା ପ୍ରଦର୍ଶନ ଉପରେ ପୂର୍ବାନୁମାନ କରିବା ଅସମ୍ଭବ। ଦଳ କେତେବେଳେ କିପରି ପ୍ରଦର୍ଶନ କରିବ ତାହା କେହି କହିପାରିବେ ନାହିଁ। ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ଭାରତୀୟ ଦଳ ବେଶ ରୋମାଞ୍ଚ ସୃଷ୍ଟି କରିଥିଲା। ୱେଷ୍ଟଇଣ୍ଡିଜ୍‌ରେ ଅନୁଷ୍ଠିତ ୨୦୦୭ ଦିନିକିଆ ବିଶ୍ୱକପ୍ ଭାରତର ସବୁଠାରୁ ଖରାପ ରେକର୍ଡ ଭାବେ ରହିଛି। ଏହାକୁ ପାଶୋରିବା ଲାଗି ଦ୍ରାବିଡ ଓ ରୋହିତଙ୍କ ଯୋଡି ଲାଗି ସୁଯୋଗ ରହିଛି। ଏ ସବୁ ସତ୍ତ୍ୱେ ଏହି ଦଳକୁ ଟାଇଟଲ ଫେଭରିଟ୍ ବୋଲି ମନେ କରାଯାଉ ନାହିଁ।



## ଅଷ୍ଟ୍ରେଲିଆ-ମନ୍ଥର ଆରମ୍ଭ

ଟେଷ୍ଟ ଓ ଦିନିକିଆ ଫର୍ମାଟରେ ଅଷ୍ଟ୍ରେଲିଆ ନିଜକୁ ଯେପରି ଏକ ଚାମ୍ପିଅନ ଦଳରେ ପରିଣତ କରିଛି ତାହା ଟି-୨୦ ଫର୍ମାଟରେ ଦେଖିବାକୁ ମିଳି ନଥାଏ। ଏହି ଦେଶ ଦିନିକିଆ ବିଶ୍ୱକପ୍‌ରେ ୬ଥର ଚାମ୍ପିଅନ ହୋଇଥିଲାବେଳେ ଟି-୨୦ରେ ଥରେ ଟାଇଟଲ ଜିତିଛି। ଡେଭିଡ ୱାର୍ଣ୍ଣର, ଗ୍ଲେନ୍ ମ୍ୟାକ୍ସୱେଲଙ୍କ ପରି ବିସ୍ଫୋରକ ଖେଳାଳି ଦଳରେ ଥିଲେ ମଧ୍ୟ ଏମାନେ ଟୁର୍ଣ୍ଣାମେଣ୍ଟରେ ସେମାନଙ୍କ ନିଜସ୍ୱ ଖେଳ ପ୍ରଦର୍ଶନ କରିନାହାନ୍ତି। ମିଚେଲ ମାର୍ଶଙ୍କ ନେତୃତ୍ୱ ଗଠିତ ଦଳରେ ଷ୍ଟାର୍କ, କମିନ୍ସ ଓ ହେଡ୍‌ଙ୍କ ପରି ଖେଳାଳି ଥିଲାବେଳେ ଏଥର ଅଷ୍ଟ୍ରେଲିଆର ଟାଇଟଲ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

# ଟି-୨୦ ବିଶ୍ୱକପ୍

# ଭାରତ ଅନନୁମିତ

ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଜୁନ୍ ୨ରୁ ଆରମ୍ଭ ହୋଇ ୨୯ରେ ଶେଷ ହେବ। ଏହି ପ୍ରତିଯୋଗିତାରେ ଏଥର ସର୍ବାଧିକ ୨୦ଟି ଦଳ ଅଂଶଗ୍ରହଣ କରୁଥିଲାବେଳେ କୌଣସି ଦଳକୁ ଫେଭରିଟ୍ ଆଖ୍ୟା ମିଳିନାହିଁ। ଟି-୨୦ ଫର୍ମାଟରେ କିଛି ପରମ୍ପରା ନାହିଁ କିମ୍ବା ନିର୍ଦ୍ଦିଷ୍ଟ ସୂତ୍ର ନାହିଁ। ପାରମ୍ପରିକ କ୍ରିକେଟ ଖେଳରୁ ଏହା ଭିନ୍ନ ହୋଇଥାଏ। ବେସ୍‌ବଲକୁ ଛାଡି ଆମେରିକା କ୍ରିକେଟ ବିଶ୍ୱକପ୍ ଆୟୋଜନ କରିବା ଏକ ପରିବର୍ତ୍ତନର ସ୍ୱରକୁ ଦର୍ଶାଇଛି। ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ବିଭିନ୍ନ ଦଳଗୁଡିକ ସମ୍ପର୍କରେ ସମ୍ୟକ୍ ସୂଚନା ନିମ୍ନରେ ପ୍ରଦାନ କରାଯାଉଛି।



## ପାକିସ୍ତାନ-ସ୍ଥିର ପ୍ରଦର୍ଶନକାରୀ

ପାକିସ୍ତାନ ୨ଥର ଫାଇନାଲ ଓ ୩ ଥର ସେମିଫାଇନାଲରେ ପରାଜିତ ହୋଇଛି। ବିଶ୍ୱକପ୍‌ର ୮ଟି ସଂସ୍କରଣ ମଧ୍ୟରୁ ୬ଥର ସେମିଫାଇନାଲରେ ପ୍ରବେଶ କରି ସମସ୍ତ ଅଂଶଗ୍ରହଣକାରୀ ଦଳଗୁଡିକ ମଧ୍ୟରେ ସ୍ଥିର ପ୍ରଦର୍ଶନକାରୀ ବିବେଚିତ ହୋଇଛି। ଯାହା ଫଳରେ ପାକିସ୍ତାନ ସମ୍ପର୍କରେ ପୂର୍ବାନୁମାନ କରିବା ସହଜ ହୋଇଥାଏ। କିନ୍ତୁ ଖେଳାଳିଙ୍କ ମଧ୍ୟରେ ବିବାଦ, ଘରୋଇ ଚାପ ଓ ଭାରତ ସହ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଥିଲେ ମଧ୍ୟ ଦ୍ୱିତୀୟଥର ଟାଇଟଲ ଜିତିବା ଲାଗି ଅତିକମ୍‌ରେ କାଗଜ କଲମରେ ବେଶ ଆଶାବାଦୀ ରହିଛି।



## ଦକ୍ଷିଣ ଆଫ୍ରିକା- ଚୋକର୍ସ

ଟି-୨୦ ବିଶ୍ୱକପ୍‌ରେ ୮ଟି ସଂସ୍କରଣ ଆୟୋଜିତ ହୋଇସାରିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଥରେ ହେଲେ ଜିତିପାରି ନାହିଁ କିମ୍ବା ଥରେ ହେଲେ ଫାଇନାଲରେ ପ୍ରବେଶ କରିନାହିଁ। ଏହି ଦଳ କେବେବି ଟାଇଟଲ ଜିତିବାର ଦାବିଦାର ହୋଇ ନ ଥିବାରୁ ଚୋକର୍ସ ଟ୍ୟାଗ୍ ରହିଛି। ଏଯାଏ ଦଳ ୨ଥର ସେମିଫାଇନାଲ ଖେଳିଛି। ହେନ୍‌ରିକ୍ କ୍ଲାସେନ, ଟ୍ରିଷ୍ଟାନ ଷ୍ଟବ୍ସଙ୍କ ପରି ଖେଳାଳି ଥିଲେ ମଧ୍ୟ ଦଳକୁ ଅଣ୍ଡରଡଗ୍ ହୋଇ ରହିଛି।

## ବିଶ୍ୱକପ ଅଧିନାୟକ

ଚଳିତ ଟି-୨୦ ବିଶ୍ୱକପରେ ରେକର୍ଡ ୨୦ଟି ଦଳ ଅଂଶଗ୍ରହଣ କରୁଛନ୍ତି। କ୍ରିକେଟକୁ ଲୋକପ୍ରିୟ କରାଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କ୍ରିକେଟରେ ଅଧିନାୟକଙ୍କ ଭୂମିକା ଅନ୍ୟଖେଳଠାରୁ ଅଧିକ। ଏହି ବିଶ୍ୱକପ୍‌ରେ ଭାଗ ନେଇଥିବା ଦଳଗୁଡିକର ଅଧିନାୟକ ନିଜ ଦଳ ଲାଗି ବେଶ ପ୍ରଭାବଶାଳୀ ହୋଇପାରିବ।

| ଦଳ | ଅଧିନାୟକ |
|---|---|
| ଆଫଗାନିସ୍ତାନ | ରଶିଦ୍ ଖାନ୍ |
| ଅଷ୍ଟ୍ରେଲିଆ | ମିଚେଲ ମାର୍ଶ |
| ବାଂଲାଦେଶ | ନାଜମୋଲ ହୋସେନ |
| କାନାଡା | ସାଦ୍ ବିନ୍ ଜାଫର |
| ଇଂଲଣ୍ଡ | ଜୋଶ ବଟଲର |
| ଭାରତ | ରୋହିତ ଶର୍ମା |
| ଆୟର୍ଲାଣ୍ଡ | ପଲ ଷ୍ଟର୍ଲିଂ |
| ନାମିବ୍ୟା | ଗେର୍ହାଡ ଏରାସମସ |
| ନେପାଳ | ରୋହିତ ପୌଡେଲ |
| ନେଦରଲାଣ୍ଡସ | ସ୍କଟ୍ ଏଡୱାର୍ଡ୍ସ |
| ନ୍ୟୁଜିଲାଣ୍ଡ | କେନ ୱିଲିୟମସନ |
| ଓମାନ | ଆକିବ ଇଲିୟାସ |
| ପାପୁଆ ନ୍ୟୁ ଗିନି | ଆସାଦୋଲ୍ଲା ଭାଲା |
| ପାକିସ୍ତାନ | ବାବର ଆଜମ |
| ସ୍କଟଲାଣ୍ଡ | ରିଚି ବେରିଂଟନ |
| ଦକ୍ଷିଣ ଆଫ୍ରିକା | ଆଇଡେନ୍ ମାର୍କରାମ |
| ଶ୍ରୀଲଙ୍କା | ୱାନିନ୍ଦୁ ହାସରଙ୍ଗା |
| ଆମେରିକା | ମୋନାଙ୍କ ପଟେଲ |
| ୱେଷ୍ଟଇଣ୍ଡିଜ୍ | ରୋଭମାନ ପାୱେଲ |

## ନ୍ୟୁଜିଲାଣ୍ଡ- ପ୍ରକୃତ ଚୋକର୍ସ



୮ଟି ବିଶ୍ୱକପ୍‌ରେ ଥରେ ଫାଇନାଲ ଓ ୩ଥର ସେମିଫାଇନାଲରେ ପ୍ରବେଶ କରିବା ସତ୍ତ୍ୱେ ନ୍ୟୁଜିଲାଣ୍ଡ ଥରେ ହେଲେ ଟାଇଟଲ ଜିତି ନ ପାରିବା ହେତୁ ଏହି ଦଳକୁ ପ୍ରକୃତରେ ଚୋକର୍ସ ଆଖ୍ୟା ମିଳିଛି। ୫୦ ଓଭର ଫର୍ମାଟରେ ବିବାଦୀୟ ଭାବେ ଫାଇନାଲରେ ପରାଜିତ ହୋଇଥିଲାବେଳେ ଦକ୍ଷିଣ ଆଫ୍ରିକା ସହ ମୁକାବିଲା କରିପାରି ନାହିଁ। ଥରେ ଖେଳିଥିବା ଫାଇନାଲରେ ସର୍ବାଧିକ ୧୭୨ ରନ୍ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆ ୮ୱିକେଟରେ ମ୍ୟାଚ୍ ଜିତିବା ଏହାର ଚୋକର୍ସ ଆଖ୍ୟାକୁ ପ୍ରମାଣିତ କରିଥାଏ।



## ବାଂଲାଦେଶ-ଚମକହୀନ

ଏଯାଏ ଖେଳାଯାଇଥିବା ୮ଟି ବିଶ୍ୱକପ୍‌ରେ ବାଂଲାଦେଶ କୌଣସି ଚମତ୍କାର କିମ୍ବା ପ୍ରଭାବୀ ଖେଳ ପ୍ରଦର୍ଶନ କରିପାରି ନାହିଁ। ଏଣୁ ଏହାର ଖେଳକୁ ଚମକହୀନ କରିଦେଇଛି। ଏହି ଗୁଣ ଯୋଗୁଁ ଦଳ ଥରେ ହେଲେ ସେମିଫାଇନାଲ ଖେଳିନାହିଁ। ନିକଟରେ ଏହି ଦଳ ଆମେରିକାଠାରୁ ୨-୧ରେ ସିରିଜ୍ ହାରିଛି। ଏହି ଦଳଠାରୁ ଚଳିତ ଟୁର୍ଣ୍ଣାମେଣ୍ଟରେ କିଛି ବଡ଼ଧରଣର ସଫଳତା ଆଶା କରାଯାଉନାହିଁ।



## ୱେଷ୍ଟଇଣ୍ଡିଜ୍- ବିପଜ୍ଜନକ

ଆୟୋଜକ ଦେଶ ଘରୋଇ ମାଟିରେ ସଫଳତା ପାଇବା କମ୍ ଦେଖାଦେଇଥାଏ। ୨ଥର ଟାଇଟଲ ଜିତିଥିବା ୱେଷ୍ଟଇଣ୍ଡିଜ୍ ଦଳରେ ଏକାଧିକ ପ୍ରତିଭାଧାରୀ ଥିଲେ ମଧ୍ୟ ଏମାନଙ୍କଠାରୁ ମିଳିତ ଓ ସ୍ଥିର ପ୍ରଦର୍ଶନ ଆଶା କରାଯାଉନାହିଁ। କିନ୍ତୁ ଏହି ଦଳରେ ସ୍ଥାନ ପାଇଥିବା ଖେଳାଳି ବିଶ୍ୱର ଫ୍ରାଞ୍ଚାଇଜ୍ ମାଲିକ ମାନଙ୍କୁ ଆକୃଷ୍ଟ କରିବାର ଦକ୍ଷତା ରଖିଛନ୍ତି।



## ଶ୍ରୀଲଙ୍କା ଓ ଆଫଗାନିସ୍ତାନ- ବିପର୍ଯ୍ୟୟସୃଷ୍ଟିକାରୀ

ପୂର୍ବ ଚାମ୍ପିଅନ ଶ୍ରୀଲଙ୍କା ଓ ନୂଆ କରି ବିଶ୍ୱରେ ପ୍ରାଧାନ୍ୟ ବିସ୍ତାର କରିବାକୁ ଯୋଜନା କରୁଥିବା ଆଫଗାନିସ୍ତାନ ଚଳିତ ବିଶ୍ୱକପ୍‌ରେ ଟାଇଟଲ ଜିତିବା ଭଳି ପ୍ରଦର୍ଶନ କରିନାହାନ୍ତି। କିନ୍ତୁ ଏମାନେ ଗୋଟିଏ କିମ୍ବା ଦୁଇଟି ମ୍ୟାଚ୍‌ରେ ଏହି ଦୁଇ ଦଳ ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ଆଶା କରିବା ସ୍ୱାଭାବିକ୍।

# ବିଶ୍ୱକପ୍ ଅଧିନାୟକଙ୍କ ରୋଚକ ତଥ୍ୟ

### ବୟୋଜ୍ୟେଷ୍ଠ ଅଧିନାୟକ

ଏହି ବିଶ୍ୱକପ୍‌ରେ ଭାଗ ନେଇଥିବା ୨୦ଟି ଦଳର ଅଧିନାୟକଙ୍କ ହାରାହାରି ବୟସ ୩୦.୬୫। ଏମାନଙ୍କ ମଧ୍ୟରେ ୩ଜଣ ୩୭ ବର୍ଷ ଟପିଯାଇଛି। ସେମାନଙ୍କ ମଧ୍ୟରେ କାନାଡାର ସାଦ୍ ବିନ୍ ଜାଫରଙ୍କ ବୟସ ହେଉଛି ୩୭ବର୍ଷ ୨୦୩ ଦିନ। ତାଙ୍କ ପଛକୁ ଅଛନ୍ତି ସ୍କଟଲାଣ୍ଡର ରିଚି ବେରିଂଟନଙ୍କ ବୟସ ହେଉଛି ୩୭ବର୍ଷ ୫୮ ଦିନ। ଭାରତର ଅଧିନାୟକ ମଧ୍ୟ ପଛରେ ନାହାନ୍ତି। ଭାରତର ଅଧିନାୟକ ରୋହିତ ଶର୍ମାଙ୍କ ବୟସ ହେଉଛି ୩୭ବର୍ଷ ୩୧ ଦିନ। ଏମାନଙ୍କ ମଧ୍ୟରେ ସର୍ବକନିଷ୍ଠ ଅଧିନାୟକ ହେଉଛନ୍ତି ନେପାଳର। ନେପାଳର ରୋହିତ ପୌଡେଲଙ୍କୁ ଏବେ ମାତ୍ର ୨୧ ବର୍ଷ ୨୭୨ ଦିନ।

### ଛକାରେ ରୋହିତ ଆଗରେ

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଛକା ମାରିବାରେ ସମସ୍ତଙ୍କଠାରୁ ଆଗରେ ରହିଛନ୍ତି। ସମସ୍ତ ଟି-୨୦ ଫର୍ମାଟରେ ୬୦୦ ଛକା ପୂରଣ କରିବାକୁ ତାଙ୍କୁ ଆଉ ମାତ୍ର ୩ଟି ଛକା ଆବଶ୍ୟକ। ସେହିପରି ଅନ୍ତର୍ଜାତୀୟ କ୍ରିକେଟରେ ୨୦୦ ଛକା ପୂରଣ କରିବାକୁ ସେ ଆଉ ୬ଟି ଛକା ଆବଶ୍ୟକ କରୁଛନ୍ତି। ଛକା ମାରିବାରେ ସେ ସମସ୍ତ ବିଶ୍ୱକପ୍ ଅଧିନାୟକଙ୍କଠାରୁ ଆଗରେ ରହିଛନ୍ତି।

### ରୋହିତ-ବାବରଙ୍କ ମଧ୍ୟରେ ଲଢ଼େଇ

ଚଳିତ ବିଶ୍ୱକପ୍‌ରେ ଟାଇଟଲ ହାସଲ ହେଉ କିମ୍ବା ରନ ସଂଗ୍ରହରେ ଭାରତର ରୋହିତ ଶର୍ମା ଓ ପାକିସ୍ତାନର ବାବର ଆଜମଙ୍କ ମଧ୍ୟରେ ଲଢ଼େଇ ହେବ। ନିକଟରେ ସର୍ବାଧିକ ରନ୍ ସଂଗ୍ରହ କରିବାରେ ରୋହିତଙ୍କ ୩, ୯୭୮କୁ ଟପିଯାଇଛନ୍ତି ବାବର। ବାବର ୩, ୯୮୭ ରନ୍ କରିଛନ୍ତି। ଚଳିତ ବିଶ୍ୱକପ୍‌ରେ ଏମାନେ ବିରାଟ କୋହଲିଙ୍କ ୪, ୦୩୭ ରନ୍‌ର ସର୍ବାଧିକ ସ୍କୋରକୁ ଅତିକ୍ରମ କରିବାକୁ ଉଦ୍ୟମ କରିବେ। ସେହିପରି ୩୭ ବର୍ଷୀୟ ରୋହିତ ଟି-୨୦ ବିଶ୍ୱକପ୍‌ରେ ୧, ୦୦୦ ରନ୍ ପୂରଣ କରିବାକୁ ଆଉ ୩୭ ରନ୍ ପଛରେ ରହିଛନ୍ତି। କୋହଲି ଏହା ପୂରଣ କରିସାରିଛନ୍ତି। ରୋହିତ ଆଉ ଗୋଟିଏ ମ୍ୟାଚ୍ ଜିତିଲେ ୪୨ଟି ମ୍ୟାଚ୍ ଜିତି ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଭାରତର ସବୁଠାରୁ ସଫଳ ଅଧିନାୟକ ଭାବେ ବିବେଚିତ ହେବେ। ସେହିପରି ବାବର ଆଜମ ଆଉ ୪ଟି ମ୍ୟାଚ୍ ଜିତିଲେ ପାକିସ୍ତାନ ଟି-୨୦ ବିଜୟରେ ଅର୍ଦ୍ଧଶତକ ପୂରଣ କରିବେ।

### ସର୍ବାଧିକ ଷ୍ଟ୍ରାଇକ୍ ରେଟ୍

ଚଳିତ ବିଶ୍ୱକପ୍‌ରେ ୪୦୦ରୁ ଅଧିକ ରନ୍ ସଂଗ୍ରହ କରିଥିବା ଅଧିନାୟକଙ୍କ ମଧ୍ୟରେ ୱେଷ୍ଟଇଣ୍ଡିଜ୍‌ର ରୋଭମାନ ପାୱେଲଙ୍କ ଷ୍ଟ୍ରାଇକ୍ ରେଟ ହେଉଛି ସର୍ବାଧିକ। ପାୱେଲ ୧୭୨.୬୯ ଷ୍ଟ୍ରାଇକ୍ ରେଟ୍‌ରେ ରନ୍ ସଂଗ୍ରହ କରିଛନ୍ତି। ତାଙ୍କ ପଛକୁ ଅଛନ୍ତି ସ୍କଟଲାଣ୍ଡର ରିଚି ବେରିଂଟନ। ବେରିଂଟନଙ୍କ ଷ୍ଟ୍ରାଇକ୍‌ରେଟ୍ ହେଉଛି ୧୫୦.୧୫, ଇଂଲଣ୍ଡ ଅଧିନାୟକ ଜୋସ ବଟଲରଙ୍କ ଷ୍ଟ୍ରାଇକ ରେଟ ହେଉଛି ୧୪୯.୯୨, ଭାରତୀୟ ଅଧିନାୟକ ରୋହିତ ଶର୍ମା ୧୪୮.୭୩ ଷ୍ଟ୍ରାଇକ୍‌ରେଟ୍‌ରେ ରନ୍ ସଂଗ୍ରହ କରିଛନ୍ତି।

### ପ୍ରଥମଥର ଅଧିନାୟକ

୨୦ଜଣଙ୍କ ମଧ୍ୟରୁ ସର୍ବାଧିକ ୧୨ଜଣ ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ନିଜ ଦେଶର ନେତୃତ୍ୱ ନେଉଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କେନ୍ ୱିଲିୟମ୍‌ସନ ୨୦୧୬ରୁ ଏଯାଏ ଚତୁର୍ଥଥର ଲାଗି ନିଜ ଦେଶ ପକ୍ଷରୁ ନେତୃତ୍ୱ ନେବେ। ଏଣୁ ବିଶ୍ୱକପ୍‌ର ସେ ହେଉଛନ୍ତି ସବୁଠାରୁ ଅଭିଜ୍ଞ ଅଧିନାୟକ।

### ଅଲରାଉଣ୍ଡର ଅଧିନାୟକ

ପାକିସ୍ତାନର ମହମ୍ମଦ୍ ହାଫିଜ୍ ବିଶ୍ୱକପ୍‌ରେ ୧୦୦ ରନ୍ କରିବା ସହ ୫ ୱିକେଟ ନେଇ ସଫଳ ଅଲରାଉଣ୍ଡର ଅଧିନାୟକ ହୋଇଛନ୍ତି। ଚଳିତ ବିଶ୍ୱକପ୍‌ରେ ୩ଜଣ ଏପରି ଅଧିନାୟକ ଅଛନ୍ତି ଯିଏକି ହାଫିଜ୍‌ଙ୍କ ସହ ସମକକ୍ଷ ହୋଇପାରନ୍ତି କିମ୍ବା ତାଙ୍କୁ ଅତିକ୍ରମ କରିପାରନ୍ତି। ସେମାନେ ହେଉଛନ୍ତି ଅଷ୍ଟ୍ରେଲିଆର ମିଚେଲ ମାର୍ଶ, ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗା ଓ ଆଫଗାନିସ୍ତାନର ରଶିଦ୍ ଖାନ୍।




### ଅଧିନାୟକ ଓ ୱିକେଟରକ୍ଷକ

ଚଳିତ ବିଶ୍ୱକପ୍‌ରେ ୩ଜଣ ୱିକେଟରକ୍ଷକ ସେମାନଙ୍କ ଦଳର ନେତୃତ୍ୱ ନେଉଛନ୍ତି। ସେମାନେ ହେଲେ ଆମେରିକାର ମୋନାଙ୍କ ପଟେଲ, ଇଂଲଣ୍ଡର ଜୋସ୍ ବଟଲର ଓ ନେଦରଲାଣ୍ଡର ସ୍କଟ ଏଡ୍‌ୱାର୍ଡ୍‌ସ। ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ସୁଦ୍ଧା ମୋନାଙ୍କ ୧୭ତମ ୱିକେଟରକ୍ଷକ ଭାବେ ଦଳର ନେତୃତ୍ୱ ନେଇଛନ୍ତି। ୨୦୧୨ ଓ ୨୦୨୨ରେ ସର୍ବାଧିକ ୫ଜଣ ଲେଖାଏଁ ୱିକେଟରକ୍ଷକ ସେମାନଙ୍କ ଦେଶର ନେତୃତ୍ୱ ନେଇଥିଲେ।

# ବାଂଲା ବିପକ୍ଷ ୱାର୍ମ ଅପ୍ ଲାଗି ଭାରତ ପ୍ରସ୍ତୁତ

ନ୍ୟୁୟର୍କ, ୩୧।୫ (ଏଜେନ୍ସି)



ଚଳିତ ଟି-୨୦ ବିଶ୍ୱକପ୍ କ୍ରିକେଟରେ ଟାଇଟଲ ଜିତି ଭାରତର ଦୁଇ କିମ୍ବଦନ୍ତୀ ଖେଳାଳି ତଥା ଅଧିନାୟକ ରୋହିତ ଶର୍ମା ଓ ପୂର୍ବତନ ଅଧିନାୟକ ବିରାଟ କୋହଲି ଏହି ଫର୍ମାଟରୁ ଦୂରେଇଯିବେ ବୋଲି ଆଶା କରାଯାଉଛି। ଉଭୟ ଖେଳାଳି ସେମାନଙ୍କ ଶ୍ରେଷ୍ଠତ୍ୱ ହାସଲ କରିସାରିଛନ୍ତି, କିନ୍ତୁ ସେମାନଙ୍କ ନେତୃତ୍ୱରେ ଭାରତ ଗୋଟିଏ ହେଲେ ଆଇସିସି ଚାମ୍ପିଅନସିପ ଟାଇଟଲ ଜିତିପାରି ନାହିଁ। ଏହି ଟାଇଟଲ ଜିତିବାର ଶୂନ୍ୟସ୍ଥାନକୁ ଦୂରେଇଯିବା ଲାଗି ଉଭୟ ଖେଳାଳି ନିଶ୍ଚିତଭାବେ ଚେଷ୍ଟା କରିବେ ।

### ଅଭ୍ୟାସରେ ଲାଗିଛନ୍ତି ଖେଳାଳି

ବିଶ୍ୱକପ୍ ଲାଗି ଭାରତର ସମସ୍ତ ମନୋନୀତ ଖେଳାଳି ଆମେରିକାରେ ପହଞ୍ଚିସାରିଲେଣି। ଏମାନେ ଭିନ୍ନ ଭିନ୍ନ ସ୍ଥାନରୁ ଯାଇ ଏକତ୍ର ହେବା ପରେ ଅଭ୍ୟାସକୁ ଜୋରଦାର କରିଛନ୍ତି। ଗତକାଲି ବର୍ଷା ହେବାରୁ ଭାରତୀୟ ଦଳର ଅଭ୍ୟାସ ବାଧାପାଇଥିଲା। କିନ୍ତୁ ଆଜି ସେପରି କିଛି ଅସୁବିଧା ହୋଇନାହିଁ। ଏଣୁ ଦିନବେଳା ଭଲ ଅଭ୍ୟାସ କରିଛନ୍ତି ଖେଳାଳିମାନେ। ନାସାଉ କାଉଣ୍ଟି କ୍ରିକେଟ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଭାରତ ଏହି ଅଭ୍ୟାସ କରୁଛି।

### ୫ରେ ପ୍ରଥମ ମ୍ୟାଚ୍

ଚଳିତ ବିଶ୍ୱକପ୍‌ରେ ଭାରତ ମାତ୍ର ଗୋଟିଏ ୱାର୍ମ ଅପ୍ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ଆସନ୍ତାକାଲି ରାତି ୮ଟାରେ ବାଂଲାଦେଶ ସହ ନାସାଉ କାଉଣ୍ଟି କ୍ରିକେଟ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯିବ। ଏକମାତ୍ର ଅଭ୍ୟାସ ମ୍ୟାଚ୍ ଥିବାରୁ ଭାରତୀୟ ଖେଳାଳିମାନେ ଏଠିକାର ଡ୍ରପ୍-ଇନ୍ ପିଚ୍ ସମ୍ପର୍କରେ ଅବଗତ ହେବାକୁ ଚେଷ୍ଟା କରିବେ। ପିଚ୍ ବ୍ୟତୀତ ଆମେରିକାର ଥଣ୍ଡା ଜଳବାୟୁ ମଧ୍ୟ ଖେଳାଳିଙ୍କ ଲାଗି ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଜୁନ୍ ୫ରେ ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳିବା ପୂର୍ବରୁ ଭାରତ ପିଚ୍ ଓ ପରିବେଶ ସମ୍ପର୍କରେ ଅବଗତ ହେବାକୁ ଏହି ମ୍ୟାଚ୍‌ରେ ଟ୍ରାଏଲ କରିବ। ଦଳରେ ସାମିଲ ହୋଇଥିବା ଖେଳାଳିଙ୍କ ନିକଟରେ ମ୍ୟାଚ୍ ପ୍ରାକ୍ଟିସର ଅଭାବ ନାହିଁ। କିନ୍ତୁ ଏମାନେ ମିଳିତ ହୋଇ ଗୋଟିଏ ହେଲେ ମ୍ୟାଚ୍ ଖେଳିନାହାନ୍ତି। ଏଣୁ ବାଂଲା ମ୍ୟାଚ୍‌ରେ ଏହାକୁ ଭାରତ ଦୂର କରିବ।

**ୱାର୍ମଅପ୍ ମୁକାବିଲା ଆଜି**

ମ୍ୟାଚ୍: ଭାରତ-ବାଂଲାଦେଶ
କେବେ: ଜୁନ୍-୧, ଶନିବାର
ଭେନ୍ୟୁ: ନାସାଉ, ନ୍ୟୁୟର୍କ
ଖେଳ ଆରମ୍ଭ : ରାତି ୮ଟା (ଭାରତ)
ପ୍ରସାରଣ : ଷ୍ଟାର ନେଟୱର୍କ
ଡିଜନୀ ହଟ୍ ଷ୍ଟାର

# ଆମେରିକା, ଇଣ୍ଡିଜ୍‌ରେ ବିଶ୍ୱକପ୍ ଆଜିଠାରୁ

**ନ୍ୟୁୟର୍କ, ୩୧।୫(ଏଜେନ୍ସି):** ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣକୁ ଯୁକ୍ତରାଷ୍ଟ୍ର ଆମେରିକା ଓ ୱେଷ୍ଟଇଣ୍ଡିଜ୍ ମିଳିତଭାବେ ଆୟୋଜନ କରୁଛନ୍ତି। ଏହି ବିଶ୍ୱକପ୍‌ରେ ସର୍ବାଧିକ ୨୦ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତା ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଆସନ୍ତାକାଲି ଅର୍ଥାତ୍ ଜୁନ୍ ୧ ତାରିଖରୁ ଆରମ୍ଭ ହେବ। ଏହାର ଉଦ୍‌ଘାଟନୀ ଉତ୍ସବ ଓ ପ୍ରଥମ ମ୍ୟାଚ୍ ଆୟୋଜକ ଆମେରିକା ଓ କାନାଡା ମଧ୍ୟରେ ସ୍ଥାନୀୟ ସମୟ ଅନୁଯାୟୀ ଜୁନ୍ ୧ ତାରିଖ ଆମେରିକାର ଡଲାସ ସହରରେ ଥିବା ଗ୍ରାଣ୍ଡ ପ୍ରାଇରି ଷ୍ଟାଡିୟମ୍‌ରେ ଖେଳାଯିବ। ଏହା ଫଳରେ ଭାରତୀୟ ସମୟ ଅନୁସାରେ ଏହା ଜୁନ୍ ୨ ତାରିଖ ସକାଳ ୫ଟାରେ ଉଦ୍‌ଘାଟନୀ ଉତ୍ସବ ଓ ସକାଳ ୬ଟାରେ ମ୍ୟାଚ୍ ଆୟୋଜିତ ହେବ। ଏଣୁ କହିବାକୁ ଗଲେ ଏହି ବିଶ୍ୱକପ୍ ଆମେରିକାରେ ଜୁନ୍ ୧ ତାରିଖ ଶନିବାର ଓ ଭାରତରେ ଜୁନ୍ ୨ତାରିଖ ରବିବାର ସକାଳୁ ଆରମ୍ଭ ହେବ। ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଯେଉଁ ମ୍ୟାଚ୍ ଗୁଡିକ ରାତିରେ ଖେଳାଯିବ ତାହା ଭାରତୀୟ ସମୟ ଅନୁସାରେ ସକାଳେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ମୋଟ ୪୦ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲାବେଳେ ଏହା ମଧ୍ୟରୁ ୧୮ଟି ମ୍ୟାଚ୍ ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ରାତିରେ ଖେଳାଯିବ। ଏହି ମ୍ୟାଚ୍ ସବୁ ଭାରତରେ ତା'ପରଦିନ ସକାଳେ ଅନୁଷ୍ଠିତ ହେବ ବୋଲି ସମୟ ଅନୁଯାୟୀ ସ୍ଥିର ହୋଇଛି। ଭାରତ ଓ ଆମେରିକା ମଧ୍ୟରେ ୧୧ ଘଣ୍ଟାର ସମୟ ଫରକ ରହିଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୫୫ଟି ମ୍ୟାଚ୍ ୯ଟି ବିଭିନ୍ନ ଷ୍ଟାଡିୟମ୍‌ରେ ଖେଳାଯିବ। ଏହା ମଧ୍ୟରୁ ୱେଷ୍ଟଇଣ୍ଡିଜ୍‌ରେ ୮ଟି ଓ ଆମେରିକାରେ ୩ଟି ଷ୍ଟାଡିୟମ୍‌କୁ ଚୟନ କରାଯାଇଛି। ପ୍ରତିଯୋଗିତାର ସେମିଫାଇନାଲ ତ୍ରିନିଦାଦ ଓ ଗୁଏନାରେ ଖେଳାଯିବ। ଭାରତୀୟ ସମୟ ଅନୁଯାୟୀ ଉଭୟ ମ୍ୟାଚ୍ ଜୁନ୍ ୨୭ ତାରିକ ସକାଳ ଓ ସନ୍ଧ୍ୟାବେଳେ ଖେଳାଯିବ। ବାର୍ବାଡୋସ୍‌ର କେନସିଂଟନ ଓଭାଲରେ ଜୁନ୍ ୨୯ ତାରିଖ ଦିନ ଫାଇନାଲ ମୁକାବିଲା ଭାରତୀୟ ସମୟ ଅନୁଯାୟୀ ରାତି ୭ଟା ୩୦ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଏହି ପ୍ରତିଯୋଗିତାରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ୍ ତୃତୀୟ, ଭାରତ, ପାକିସ୍ତାନ, ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ଦ୍ୱିତୀୟ ଟାଇଟଲ ଲାଗି ଲଢ଼େଇ କରିବେ। ଶକ୍ତିଶାଳୀ ଦେଶ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ପ୍ରଥମ ଟାଇଟଲ ଲାଗି ମଧ୍ୟ ଆଶାବାଦୀ ଅଛନ୍ତି। ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ ଓ ଡିଜନୀ ହଟଷ୍ଟାରରେ ବିଶ୍ୱକପ୍‌ର ସିଧାସଳଖ ପ୍ରସାରଣ ଭାରତରେ ଦେଖାଯାଇପାରିବ।

# ଫିଡେରୁ ପ୍ରତିନିଧିତ୍ୱ କରିବେ ଅପରାଜିତା



**ଭୁବନେଶ୍ୱର, ୩୧।୫ (ସମିସ):** ଗୁଜରାଟର ଗାନ୍ଧିନଗରଠାରେ ଜୁନ୍ ୧ରୁ ୧୪ ତାରିଖଯାଏ ଆୟୋଜିତ ହେବ ବିଶ୍ୱ କନିଷ୍ଠ ଚେସ୍ ପ୍ରତିଯୋଗିତା। ଏହି ପ୍ରତିଯୋଗିତା ଲାଗି ଓଡ଼ିଶାର ଅନ୍ତର୍ଜାତୀୟ ଖେଳାଳି ଅପରାଜିତା ଗୋଛିକାରଙ୍କୁ ବିଶ୍ୱ ଚେସ୍‌ର ସର୍ବୋଚ୍ଚ ସଂସ୍ଥା ଫିଡେ ପକ୍ଷରୁ ଫେୟାର ପ୍ଲେ ଏକ୍ସପର୍ଟ ଭାବେ ନିଯୁକ୍ତ କରାଯାଇଛି। ସର୍ବଭାରତୀୟ ଚେସ୍ ମହାସଂଘ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରୁଛି। ଓଡ଼ିଶାର ଏହି ଖେଳାଳି ଜଣଙ୍କ ପୂର୍ବରୁ ୨୦୨୨ରେ ଚେସ୍ ଅଲିମ୍ପିଆଡ, ଇଟାଲୀରେ ଆୟୋଜିତ ବିଶ୍ୱଯୁବ ଚେସ୍ ଚାମ୍ପିଅନସିପ୍‌ରେ ଫେୟାର ପ୍ଲେ ପ୍ୟାନେଲରେ ପ୍ରତିନିଧିତ୍ୱ କରିଛନ୍ତି। ଅପରାଜିତାଙ୍କ ଏହି ନିଯୁକ୍ତି ଲାଗି ନିଖିଳ ଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ଏବଂ ଅନ୍ୟମାନେ ତାଙ୍କୁ ଶୁଭକାମନା ଓ ଶୁଭେଚ୍ଛା ଜଣାଇଛନ୍ତି।

■ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ବିପକ୍ଷ ସିରିଜ

# ହର୍‌ମନପ୍ରୀତ୍‌ଙ୍କୁ ୩ ଫର୍ମାଟ୍‌ର ନେତୃତ୍ୱ

**ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ଦକ୍ଷିଣ ଆଫ୍ରିକା ବିପକ୍ଷ ଆଗାମୀ ସିରିଜ ଲାଗି ଶୁକ୍ରବାର ଭାରତୀୟ ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଭାରତୀୟ ମହିଳା ଚୟନ କମିଟି ଦ୍ୱାରା ଘୋଷିତ ଦଳରେ ଅଭିଜ୍ଞ ବ୍ୟାଟର୍ ହର୍‌ମନପ୍ରୀତ୍ କୌରଙ୍କୁ ୩ ଫର୍ମାଟ୍ (ଟେଷ୍ଟ, ଏକଦିବସୀୟ ଓ ଟି-୨୦)ର ନେତୃତ୍ୱ ଭାର ଦିଆଯାଇଛି। ସେହିଭଳି ସ୍ମୃତି ମନ୍ଧାନା ୩ଟି ଯାକ ଫର୍ମାଟରେ ଦଳର ଉପ-ଅଧିନାୟିକା ଦାୟିତ୍ୱ ତୁଲାଇବେ। ଟପ୍ ଅର୍ଡର ବ୍ୟାଟର୍ ପ୍ରିୟା ପୁନିଆ ଦଳକୁ ଫେରିଛନ୍ତି। ଆଘାତ ସମସ୍ୟା ଦେଇ ଗତି କରୁଥିବା ଜେମିମା ରୋଡ୍ରିଗ୍ସେଜ ଓ ପୂଜା ବସ୍ତ୍ରାକାରଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ଯଦି ସିରିଜ ଆରମ୍ଭ ହେବା ପୂର୍ବରୁ ଉଭୟ ସମ୍ପୂର୍ଣ୍ଣ ଫିଟ୍ ହୋଇଥିବେ ତେବେ ଖେଳିବେ ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ଏକ ସମ୍ପୂର୍ଣ୍ଣ ଦ୍ୱିପାକ୍ଷିକ ସିରିଜ ଖେଳିବା ଲାଗି ଭାରତ ଗସ୍ତରେ ଆସିବ। ଏଥିରେ ଉଭୟ ଦଳ ମଧ୍ୟରେ ଗୋଟିଏ ଟେଷ୍ଟ ଏବଂ ୩ଟି ଲେଖାଏ ଏକଦିବସୀୟ ଓ ଟି-୨୦ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏହି ସିରିଜ ଜୁନ ୧୬ରୁ ଆରମ୍ଭ ହୋଇ ଜୁଲାଇ ୯ରେ ଶେଷ ହେବ।

## ବକ୍ସର ନିଶାନ୍ତଙ୍କୁ ପ୍ୟାରିସ ଅଲିମ୍ପିକ୍ସ ଟିକଟ୍

**ବ୍ୟାଙ୍କକ୍, ୩୧।୫ (ଏଜେନ୍ସି):** ପ୍ରଥମ ଭାରତୀୟ ବକ୍ସର ଭାବେ ନିଶାନ୍ତ ଦେବ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଚାଲିଥିବା ବକ୍ସିଂ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପ୍ରତିଯୋଗିତାରେ ୨୩ ବର୍ଷୀୟ ନିଶାନ୍ତ ଏହି ସଫଳତା ପାଇଛନ୍ତି। ପୁରୁଷ ୭୧ କିଗ୍ରା ଓଜନବର୍ଗରେ ଅଂଶଗ୍ରହଣ କରିଥିବା ନିଶାନ୍ତ କ୍ୱାର୍ଟର ଫାଇନାଲରେ ମୋଲଡୋଭା ବକ୍ସର୍ ଭାସିଲେ କେବୋତାରିଙ୍କୁ ପରାସ୍ତ କରି ସେମିକୁ ଉଠିବା ସହ ପ୍ୟାରିସ ଅଲିମ୍ପିକ୍ସ ଲାଗି ଟିକଟ୍ ହାସଲ କରିଥିଲେ। ଏଥିସହ ଓଭରଅଲ୍ ଦେଶର ୪ର୍ଥ ବକ୍ସର ଭାବେ ପ୍ୟାରିସ ଅଲିମ୍ପିକ୍ସରେ ଭାଗନେବେ। ଏଥିପୂର୍ବରୁ ୩ଜଣ ମହିଳା ବକ୍ସର ନିଖତ୍ ଜରୀନ (୫୦ କିଗ୍ରା), ପ୍ରୀତି (୫୪କିଗ୍ରା) ଓ ଟୋକିଓ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜୟିନୀ ଲଭଲିନା ବୋରଗୋଁହେ (୭୫ କିଗ୍ରା) ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

**'ନନ୍ଦିଘୋଷ ଟିଭି'**

ନନ୍ଦିଘୋଷ

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର (୦୨) | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର (୦୨) | ୩ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୦୪ ଜୁନ୍ ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

# ସିଙ୍ଗାପୁର ଓପନ୍ ସେମିରେ ତ୍ରିସା-ଗାୟତ୍ରୀ

**ସିଙ୍ଗାପୁର ସିଟି, ୩୧।୫ (ଏଜେନ୍ସି):** ଭାରତର ଉଦୀୟମାନ ମହିଳା ଯୁଗଳ ବ୍ୟାଡ୍‌ମିଣ୍ଟନ ଖେଳାଳି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଏଠାରେ ଚାଲିଥିବା ସିଙ୍ଗାପୁର ଓପନ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମହିଳା ଯୁଗଳ କ୍ୱାର୍ଟର ଫାଇନାଲ ମୁକାବିଲାରେ ତ୍ରିସା ଓ ଗାୟତ୍ରୀ ଯୋଡ଼ି ୧୮-୨୧, ୨୧-୧୯, ୨୪-୨୨ ଗେମ୍‌ରେ ଦକ୍ଷିଣ କୋରିଆ ଯୋଡ଼ି କିମ୍ ସୋ ୟେଓଙ୍ଗ ଓ କଙ୍ଗ୍ ହି ୟଙ୍ଗ୍‌ଙ୍କୁ ପରାସ୍ତ କରିଥିଲେ। ଏହି ଭାରତୀୟ ଯୋଡ଼ି ପ୍ରଥମ ଗେମ୍‌କୁ ୧୮-୨୧ରେ ହାରିଯାଇଥିଲେ। କିନ୍ତୁ ପରବର୍ତ୍ତୀ ଦୁଇ ଗେମ୍‌ରେ ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ବାଜିମାତ୍ କରିବାରେ ସଫଳ ହୋଇଥିଲେ।

# ଜାତୀୟ ଦଳ ଚୟନ ଶିବିରରେ ଶିବ ପ୍ରସାଦ



**କଟକ, ୩୧।୫ (ସମିସ):** ୨୦ବର୍ଷରୁ କମ୍ ପୁରୁଷ ଜାତୀୟ ଫୁଟବଲ ଦଳ ଚୟନ ଶିବିର ଗୋଆରେ ଆସନ୍ତା ୪ ତାରିଖରୁ ଆୟୋଜିତ ହେବ। ଏଆଇଏଫଏଫ ପକ୍ଷରୁ ୬ଦିନ ଧରି ହେବାକୁ ଥିବା ଏହି ଶିବିରରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଏ. ଶିବ ପ୍ରସାଦ ସାମିଲ ହେବେ। ଡିଫେଣ୍ଡର ଶିବ ପ୍ରସାଦ ପୂର୍ବରୁ ଜାତୀୟ ଦଳ ନିମନ୍ତେ ପ୍ରତିନିଧିତ୍ୱ କରି ସାରିଛନ୍ତି। କିଛି ମାସ ପୂର୍ବେ ଭାରତୀୟ ୧୯ ବର୍ଷରୁ କମ୍ ବାଳକ ଦଳରେ ସେ ସ୍ଥାନ ପାଇଥିଲେ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଶିବ ପ୍ରସାଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କିକ୍ ବକ୍ସିଂ ପଦକ ବିଜେତାଙ୍କୁ କ୍ରୀଡ଼ା ବିଭାଗର ଅଭିନନ୍ଦନ

**ଭୁବନେଶ୍ୱର, ୩୧।୫ (ସମିସ):** ପୁନେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଶେଷ ହୋଇଥିବା ସର୍ବଭାରତୀୟ କନିଷ୍ଠ କିକ୍ ବକ୍ସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଦଳ ୩୩ ପଦକ ବିଜୟୀ ହୋଇ ପ୍ରତ୍ୟାବର୍ତ୍ତନ କରିଛି। ଯେଉଁଥିରେ ୧୦ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୧୬ କାଂସ୍ୟ ସାମିଲ ରହିଛି। ଆମେଚର୍ କିକ୍ ବକ୍ସିଂ ସଂଘର ସଭାପତି କାର୍ତ୍ତିକ ଡାକୁଆଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରୁ ୫୪ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଭାଗନେବା ଲାଗି ଓଡ଼ିଶା କ୍ରୀଡ଼ା ବିଭାଗ ପକ୍ଷରୁ ଖେଳାଳିଙ୍କ ସମସ୍ତ ଖର୍ଚ୍ଚବହନ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, କୈଳାଶ ଚନ୍ଦ୍ର ଦାସ, ହାଇପରଫର୍‌ମାନ୍ସ ସେଣ୍ଟର (ଏଚ୍‌ପିସି)ର ସିଇଓ ଦୀପଙ୍କର ମହାପାତ୍ର, ଡେପୁଟୀ ସେକ୍ରେଟାରୀ ସିଦ୍ଧାର୍ଥ ଶଙ୍କର ସାହୁ ପ୍ରମୁଖ ପଦକ ବିଜୟୀ ଖେଳାଳିଙ୍କୁ ଭେଟି ଅଭିନନ୍ଦନ ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କିକ୍ ବକ୍ସିଂ ସଂଘର ମୁଖ୍ୟ ପରାମର୍ଶଦାତା ଭବାନୀ ଶଙ୍କର ମିଶ୍ର, ସମ୍ପାଦକ ବିଚିତ୍ର ନାରାୟଣ ଜେନା ଓ କୋଷାଧ୍ୟକ୍ଷ ପଦ୍ମଚରଣ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।




ଫ୍ରେଞ୍ଚ ଓପନ୍

# ରୁବ୍‌ଲେଭଙ୍କ ବିଦାୟ; ୪ର୍ଥ ରାଉଣ୍ଡରେ ଗଫ୍

ପ୍ୟାରିସ, ୩୧।୫ (ଏଜେନ୍ସି)



କୋକୋ ଗଫ୍

ଚଳିତ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ଫ୍ରେଞ୍ଚ ଓପନର୍ ୬ଷ୍ଠ ଦିବସ ଖେଳରେ ଶୁକ୍ରବାର ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୁରୁଷ ଏକକର ଏକ ୩ୟ ରାଉଣ୍ଡ ମୁକାବିଲାରେ ୬ଷ୍ଠ ସିଡ୍ ରୁଷିଆର ଆନ୍ଦ୍ରେ ରୁବଲେଭ ପରାଜୟର ସାମ୍ନା କରିଛନ୍ତି। ୧୦ଥରର ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲିଷ୍ଟ ରୁବଲେଭ ଏହି ମ୍ୟାଚରେ ଇଟାଲୀର ମାଟ୍ଟେଓ ଆରନାଲ୍ଡିଙ୍କ ନିକଟରୁ ୭-୬ (୮/୬), ୬-୨, ୬-୪ ସେଟ୍‌ରେ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ବିଶ୍ୱ ମାନ୍ୟତାରେ ୩୫ତମ ସ୍ଥାନରେ ରହିଥିବା ମାଟ୍ଟେଓ ପ୍ରି-କ୍ୱାର୍ଟରରେ ଗତଥରର ଉପବିଜେତା ଷ୍ଟିଫାନୋସ ସିତ୍‌ସିପାସ କିମ୍ବା ଚାଇନାର ଝାଙ୍ଗ ଝିଝେନଙ୍କୁ ଭେଟିବେ। 'ମୁଁ ଭାବୁଚି ମୋ ଜୀବନର ଶ୍ରେଷ୍ଠ ଟେନିସ ଖେଳ ପ୍ରଦର୍ଶନ କରିଛି' ବୋଲି ଏହି ବଡ଼ ବିଜୟ ପରେ ମାଟ୍ଟେଓ ପ୍ରକାଶ କରିଛନ୍ତି।

ସେହିଭଳି ପୁରୁଷ ଏକକ ୩ୟ ରାଉଣ୍ଡର ଅନ୍ୟ ଏକ ମ୍ୟାଚରେ ଜାନିକ ସିନ୍ନର ସହଜ ବିଜୟ ଲାଭ କରି ପ୍ରି-କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିନେଇଛନ୍ତି। ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ଥିବା ସିନ୍ନର ୬-୪, ୬-୪, ୬-୪ ସିଧାସଳଖ ସେଟ୍‌ରେ ରୁଷିଆର ପାଭେଲ କୋଟୋଭଙ୍କୁ ମାତ୍ ଦେଇଛନ୍ତି। ଦ୍ୱିତୀୟ ରାଉଣ୍ଡର ଏକ ମୁକାବିଲାରେ ଦୁଇଥରର ଫାଇନାଲିଷ୍ଟ ନରୱେର କାସ୍ପର ରୁଡ୍ ଅଳ୍ପକେ ପରାଜୟରୁ ବର୍ତ୍ତିଯାଇଛନ୍ତି। ଏହି ମ୍ୟାଚରେ ରୁଡ୍ ୭-୬ (୫), ୧-୬, ୬-୩, ୪-୬, ୬-୩ ସେଟ୍‌ରେ ସ୍ପେନର ଆଲେଜାଡ୍ରୋ ଡେଭିଡୋଭିଚ ଫୋକିନାଙ୍କୁ ହରାଇ ୩ୟ ରାଉଣ୍ଡରେ ପହଞ୍ଚିଛନ୍ତି।

ମହିଳା ଏକକରେ ୩ୟ ସିଡ୍ ଆମେରିକାର କୋକୋ ଗଫ୍, ସର୍ବିଆର ଓଲଗା ଡାନିଲୋଭିକ, ଇଟାଲୀର ଏଲିସାବେଟ୍ଟା କୋସିଆରେଟ୍ଟୋ ପ୍ରମୁଖ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨୦୨୨ ଉପବିଜେତା ଗଫ୍ ୬-୨, ୬-୪ ସିଧାସଳଖ ସେଟ୍‌ରେ ୟୁକ୍ରେନର ଡ୍ରେକି ଡାୟନାଙ୍କୁ, କୋସିଆରେଟ୍ଟୋ ୭-୬, ୬-୨ରେ ରୁଷିଆର ଲିଉଡମିଲା ସାମସୋନୋଭାଙ୍କୁ ହରାଇଛନ୍ତି।

### ବାଲାଜୀ ଜିତିଲେ, ଭାମ୍ବ୍ରୀ ନିରାଶ

ଫ୍ରେଞ୍ଚ ଓପନର୍ ପୁରୁଷ ଯୁଗଳରେ ଶୁକ୍ରବାର ଭାରତକୁ ମିଶ୍ରିତ ଫଳାଫଳ ମିଳିଛି। ଭାରତର ଶ୍ରୀରାମ ବାଲାଜୀ ବିଜୟରୁ ଅଭିଯାନ ଆରମ୍ଭ କରିଥିବାବେଳେ ଅଭିଜ୍ଞ ୟୁକି ଭାମ୍ବ୍ରୀଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

## ମୁଖ୍ୟ ଭିଜିଲାନ୍ସ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ



**ବୁର୍ଲା, ୩୧।୫ (ସମିସ):** ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍‌ର ମୁଖ୍ୟ ଭିଜିଲାନ୍ସ ଅଧିକାରୀ (ସିଭିଓ) ତାଳଚେର ଓ ଇବ୍ ଭ୍ୟାଲି କୋଲ୍ ଫିଲ୍ଡରେ କୋଇଲା ପରିବହନ ଓ ମୌସୁମୀ ସମ୍ବନ୍ଧୀୟ କାର୍ଯ୍ୟର ଅଗ୍ରଗତି ଯାଞ୍ଚ କରିଛନ୍ତି। ଏମସିଏଲରେ ସ୍ୱଚ୍ଛତା ଏବଂ ସୁଶାସନ ବୃଦ୍ଧି ପାଇଁ ଏହା ଏକ ନିୟମିତ ଯାଞ୍ଚ କରାଯାଇଥିବା ନେଇ ଏମସିଏଲ ପକ୍ଷରୁ ସୂଚନା ଦିଆଯାଇଛି। ଏମସିଏଲରେ କୋଇଲା ପରିବହନ କ୍ଷେତ୍ରରେ କିଭଳି ସ୍ୱଚ୍ଛତା ବଜାୟ ରହିବ ସେନେଇ ଏହି ଯାଞ୍ଚ ବିଭିନ୍ନ ସମୟରେ କରାଯାଇଥାଏ।

# ଅଇଁଠାପାଲି ବସ୍‌ଷ୍ଟାଣ୍ଡରେ ହେଲ୍‌ପରଙ୍କୁ ଛୁରାମାଡ଼

**ସମ୍ବଲପୁର, ୩୧।୫(ସମିସ)**

ସମ୍ବଲପୁର ଅଇଁଠାପାଲି ବସ ଷ୍ଟାଣ୍ଡରେ ଗତକାଲି ବିଳମ୍ବିତ ରାତିରେ ବସ ହେଲପର ଭୁବନ ବେହେରାଙ୍କୁ ଛୁରା ମାଡ଼ ଘଟଣାର ପ୍ରତିବାଦରେ ଆଜି ବସ କର୍ମଚାରୀ ମାନେ ଷ୍ଟିୟରିଙ୍ଗ ଛାଡ ଆନ୍ଦୋଳନକୁ

## ପ୍ରତିବାଦରେ କର୍ମଚାରୀଙ୍କ ଷ୍ଟିୟରିଂ ଛାଡ୍ ଆନ୍ଦୋଳନ

ଓହ୍ଲାଇଥିଲେ। ସକାଳ୧୦ ପର୍ଯ୍ୟନ୍ତ ବସ ଚଳାଚଳ ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପୁଲିସ ସୁରକ୍ଷା ବ୍ୟବସ୍ଥା ଉପରେ ବର୍ଷିଥିଲେ। ଅଇଁଠାପାଲି ଛକରେ ବାରମ୍ବାର ଏଭଳି ଘଟଣା ଘଟୁଛି। କିଛି ଦିନ ବ୍ୟବଧାନରେ ଦୁଇଟି ହତ୍ୟାକାଣ୍ଡ ଘଟି ଯାଇଥିଲା। ଏହି ଛକରେ ଅସାମାଜିକ ତତ୍ୱ ମାନେ ନିରିହ ଯାତ୍ରୀ ମାନଙ୍କୁ ମଧ ଛାଡୁ ନାହାନ୍ତି। ଏବେ ବସ ଷ୍ଟାଣ୍ଡକୁ ଆସି ଦାଦା ବଟି ମାଗୁଛନ୍ତି। ନଦେଲେ ଜୀବନରେ ମାରି ଦେବାକୁ ଉଦ୍ୟମ କରୁଛନ୍ତି। ନିଶା କାରବାର ବୃଦ୍ଧି ପାଉଛି। ରାତି ହେଲେ







ଅସାମାଜିକ ତତ୍ୱଙ୍କ ଆଡ୍ଡା ପାଲଟି ଯାଉଛି ବସଷ୍ଟାଣ୍ଡ ପରିସର। ଦିନକୁ ଦିନ ଅପରାଧ ବୃଦ୍ଧି ପାଉଛି। ଆମକୁ ସୁରକ୍ଷା ନ ଦେଲେ ଆଉ ବସ ଚଲାଇବୁ ନାହିଁ ବୋଲି ଜିଦ କରିଥିଲେ କର୍ମଚାରୀ। ପରେ ବସ ମାଲିକ ସଂଘ, ପୁଲିସ, ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଇଥିଲା। ବସ ଷ୍ଟାଣ୍ଡରେ ନିୟମିତ ପୁଲିସ ମୁତୟନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପାଟ୍ରୋଲିଂ ବ୍ୟବସ୍ଥା କଡ଼ା କରାଯିବାକୁ ମଧ ସମ୍ମତି ଦିଆଯାଇଥିଲା। ଯାତ୍ରୀ ଓ ବସ କର୍ମୀଚାରୀଙ୍କ ଧନ ଜୀବନ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ। ବସ ନ ଚାଲିଲେ ହଜାର ହଜାର ସଂଖ୍ୟାରେ ଯାତ୍ରୀ ହଇରାଣ ହେବ ବୋଲି କହିଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପଟେ ଗତକାଲି ବିଳମ୍ବିତ ରାତିରେ ଘଟିଥିବା ଏହି ଅଭାବନୀୟ ଘଟଣାରେ ପୁଲିସ ୨ ଜଣ ଅଭିଯୁକ୍ତ କରମଟୋଲି ଅଞ୍ଚଳର ଅବିନାଶ ଖଡ଼ିଆ ଓ ସଞ୍ଜୟ ଖଡିଆକୁ ଗିରଫ କରିଛି। ଅନ୍ୟ ଜଣେ ଏବେ ମଧ ଫେରାର ଥିବା ଜଣାଯାଇଛି। ବ୍ୟବହୃତ ଛୁରି ଜବତ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟ ଯେ, ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଥାନା କିଶୋରନଗର ଅଞ୍ଚଳର ଭୁବନ ବେହେରା ସମ୍ବଲପୁରରେ ଏକ ଘରୋଇ ବସ୍‌ରେ ହେଲପର୍ ଭାବେ କାମ କରନ୍ତି। ବସ୍ ଷ୍ଟାଣ୍ଡରେ ବସ୍ ଭିତରେ ଶୋଇଥାନ୍ତି। ହେଲେ ଗତକାଲି ବିଳମ୍ବିତ ରାତିରେ ପରିସ୍ରା ପାଇଁ ବାହାରକୁ ଆସିଥିବାବେଳେ ସେଠାରେ ତାଙ୍କୁ ୩ ଜଣ ଦୁର୍ବୃତ୍ତ ହାବୁଡି ଯାଇଥିଲେ। ତାଙ୍କୁ ଦାଦାବଟି(ଟଙ୍କା) ମାଗିଥିଲେ। ତାଙ୍କ ପାଖରେ କିଛି ନଥିବା କହିବାରୁ ଭୁଜାଲିରେ ଆକ୍ରମଣ କରିଥିଲେ। ଭୁବନ ପ୍ରାଣ ବିକଳରେ ଦୌଡ଼ିବାକୁ ଲାଗିଥିଲେ ମଧ ସେମାନେ ତାଙ୍କୁ ଗୋଡେଇ ଗୋଡେଇ ହାଣିଥିଲେ। ତାଙ୍କର ମୁଣ୍ଡ, ପେଟ, ପିଠି, ହାତରେ ଗଭୀର କ୍ଷତ ହୋଇଛି। ପ୍ରବଳ ରକ୍ତସ୍ରାବ ପାଇଁ ତାଙ୍କୁ ତୁରନ୍ତ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଥିଲା। ଏବେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି। ଭୁବନଙ୍କ ବସ୍ ମାଲିକ ଅଇଁଠାପାଲି ଥାନାରେ ଏତଲା ଦେଇଛନ୍ତି। ସମ୍ବଲପୁର ସହରରେ ରାତି ଅଧରେ ଏବେ ନିଶାଖୋରଙ୍କ ଦୋରାମ୍ ବଢ଼ିବାରେ ଲାଗିଛି। ପୁଲିସ୍ ପାଟ୍ରୋଲିଂ ହେଉନଥିବା ଓ ସହଜରେ ନିଶା ମିଳିଯାଉଥିବାରୁ ରାତିଅଧରେ ରକ୍ତମୁଖା ହେଉଛନ୍ତି ନିଶାଖୋର ବୋଲି ଅଭିଯୋଗ ହେଉଛି।

## ଜିଲ୍ଲାପାଳଙ୍କ ଭୋଟ୍ ଗଣତି କେନ୍ଦ୍ର ଅନୁଧ୍ୟାନ



**ସମ୍ବଲପୁର, ୩୧।୫(ସମିସ):** ସମ୍ବଲପୁର ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ମତଦାନ ପରେ ଶୃଙ୍ଖଳିତ ଏବଂ ତ୍ରୁଟିଶୂନ୍ୟ ଭୋଟ ଗଣତି ପାଇଁ ପ୍ରସ୍ତୁତି ଜାରି ରହିଛି। ଆଜି ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ବିଭିନ୍ନ ଗଣତି କେନ୍ଦ୍ର ପରିଦର୍ଶନ କରଥିଲେ। ଜୁନ୍ ୪ ତାରିଖରେ ଗଣତି ପାଇଁ ହୋଇଥିବା ବ୍ୟବସ୍ଥାର ତଦାରଖ କରିଥିଲେ। ଦେବଗଡ଼ ସରକାରୀ ପଲିଟେକ୍ନିକ୍ କଲେଜ, ଛେଣ୍ଡିପଦା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଆଠମଲ୍ଲିକ କଲେଜ ଓ ରେଢ଼ାଖୋଲର ଭୀମ ଭୋଇ କଲେଜ ପରିଦର୍ଶନ କରିଥିଲେ।





ପ୍ରଚଣ୍ଡ ଖରାରେ ଜୀବନଯାତ୍ରା...

## କଂଗ୍ରେସର 'ଧନ୍ୟବାଦ ବୁର୍ଲା' କାର୍ଯ୍ୟକ୍ରମ




**ବୁର୍ଲା, ୩୧।୫(ସମିସ):** ଦୁଇ ଦିନ କଂଗ୍ରେସ ବିଧାୟକ ପ୍ରାର୍ଥୀ ଦୁର୍ଗା ପାଢ଼ୀ ବୁର୍ଲାର ବିଭିନ୍ନ ପଡ଼ା ବସ୍ତି ବୁଲି ଗଣତନ୍ତ୍ରର ମହାନ ପର୍ବ ଭୋଟ ଦାନ ରେ ସାମିଲ ହୋଇ ଭୋଟ ଦେଇଥିବାରୁ ଭୋଟର ମାନଙ୍କୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଥିଲେ। ଏ ଅବସରରେ ସେ ବସ୍ତି ଓ ପଡ଼ା ମାନଙ୍କର ବିଭିନ୍ନ ଅସୁବିଧା ଓ ସମସ୍ୟା ବୁଲି ଦେଖିଥିଲେ। ପିଇବା ପାଣି, ବିଜୁଳି ସମସ୍ୟା, ନାଳ ନର୍ଦ୍ଦମା ସଫା, ରାସ୍ତା ନିର୍ମାଣ, ସୁଲଭ ପାଇଖାନା, କଲ୍ୟାଣ ମଣ୍ଡପ, କ୍ଲବ୍ ଘର ଇତ୍ୟାଦିର ଦାବି ନେଇ ଆଲୋଚନା କରିବା ସହ କଂଗ୍ରେସ ଜିତିଲେ ସବୁ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନ ପରେ ପରେ କୌଣସି ଦଳୀୟ ପ୍ରାର୍ଥୀ ଧନ୍ୟବାଦ ଦେବାକୁ ଆସିବା ପ୍ରଥମ ବୋଲି ମହିଳା ଓ ଯୁବ କର୍ମୀମାନେ କହିଥିଲେ। ପରେ ପରେ ଶ୍ରୀ ପାଢ଼ୀ ତାଲପଡ଼ା, ଇନ୍ଦିରା ଛକ, ଅଟାଚକି ପଡ଼ା, ଜ୍ୟୋତିବିହାର ଛକ ପ୍ରଭୃତି ଅଞ୍ଚଳକୁ ଯାଇ ଧନ୍ୟବାଦ ଦେଇଥିଲେ। ଏହା ପରେ ଇନ୍ଦିରା କ୍ଲବରେ ବୁର୍ଲା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ନିର୍ବାଚନୀ ସମୀକ୍ଷା ବୈଠକରେ ଯୋଗ ଦେଇ ସବୁ ବୁଥ ଏଜେଣ୍ଟ ଓ କର୍ମକର୍ତ୍ତା କର୍ମୀଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ନିର୍ବାଚନ ଉପରେ ମତ ନେବା ପରେ ବୁର୍ଲାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବୁର୍ଲା କଂଗ୍ରେସ ସଭାପତି ଗିରିଜା ନାୟକ, ବୁର୍ଲା ଏସ ସି ସେଲ ଅଧ୍ୟକ୍ଷ ସୁଶୀଲ ବନଛୋର, ବିରଞ୍ଚି ମହାପାତ୍ର ବରିଷ୍ଠ ନେତା ଗୁଡ୍ଡୁ ଉପଲ, ବ୍ରଜ ବିଭାର, ଦଶରଥ ଦାସ, ବବୁଲୁ ମାଇଗୋଏର, ଶିବ ସେଠି, ଶଙ୍କର ବଗର୍ତ୍ତି, ଚୈତନ୍ୟ ଭୋଇ, ଆଇଯାକ ନାଗ, କାଳିଆ ପଟ୍ଟନାୟକ, ଦେବୀ ନାୟକ, କଳପ ମହାନନ୍ଦ, ଓକିଲ ଖମାରୀ ପ୍ରମୁଖ ସହିତ ପ୍ରାୟ ସବୁ ବୁଥ ଏଜେଣ୍ଟ ଏ ବୈଠକରେ ଅଂଶଗ୍ରଣ କରି ନିଜ ନିଜ ମତାମତ ରଖିଥିଲେ।

## ହିଣ୍ଡାଲ୍‌କୋ ହୀରାକୁଦ ପକ୍ଷରୁ ବିଶ୍ୱ ପରିବେଶ ଦିବସ

**ହୀରାକୁଦ, ୩୧।୫(ସମିସ)** ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ବିଶ୍ୱ ପରିବେଶ ଦିବସର ପାଳିତ ହୋଇଛି। ହୀରାକୁଦ ୟୁନିଟ ମୁଖ୍ୟ ଦେବାଶିଷ ମଲ୍ଲିକଙ୍କ ପରାମର୍ଶକ୍ରମେ ସ୍ଥାନୀୟ ଅଞ୍ଚଳର ମହିଳା ମାନଙ୍କୁ ନେଇ ଏକ ସଚେତନ କାର୍ଯ୍ୟକ୍ରମ ମୁଖ୍ୟ କଲୋନୀ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇ ଯାଇଛି। ପରିବେଶ ସମ୍ବନ୍ଧୀୟ ସୁରକ୍ଷା ଓ ସଚେତନତା ଓ କୁଇଜ ପ୍ରତିଯୋଗିତାରେ ୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ସଚେତନ କରାଯାଇଥିଲା। ହିଣ୍ଡାଲକୋ ପରିବେଶ ବିଭାଗର ମୁଖ୍ୟ ରଞ୍ଜନ କୁମାର ଜେନା ବର୍ତ୍ତମାନ ସମାଜରେ ଆମ ସମସ୍ତଙ୍କର ପରିବେଶ ସୁରକ୍ଷା ତଥା ଏକ ସ୍ୱଚ୍ଛ ପରିବେଶ ନିର୍ମାଣ ଓ ପ୍ରଦୂଷଣ ମୁକ୍ତ ପରିବେଶ କିପରି ଗଢିବା ପାଇଁ ଆମର ଦାୟିତ୍ୱ ଏବଂ ଭୂମିକା ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ମାଙ୍ଗଓ ରେଡି, ଅହଲ୍ୟା ଦେହୁରୀ, ସୁରଭି ବାଗ, ଆଶାଲତା ତ୍ରିପାଠୀ ଉପସ୍ଥିତ ମହିଳାମାନଙ୍କୁ ପରିବେଶ ସମ୍ବନ୍ଧୀୟ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶ ବିଭାଗର ପରିଚାଳକ ବିଶ୍ୱଜିତ ପରିଡ଼ା, ଆଲୋକ କୁମାର ଦାସ, ସୋନମ ମହାନ୍ତି, ରୋହିତ ବିନ୍ଧାଣି, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ପରିଚାଳକ ଆନନ୍ଦ ଚକ୍ରବର୍ତ୍ତୀ, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ କୁମାର ତ୍ରିପାଠୀ, ଜୟଶ୍ରୀ ରାଓ ଓ ମିଳନ କୁମାର ସାହୁ ପରିଚାଳନା କରିଥିଲେ।



## ତମାଖୁଠାରୁ ଦୂରେଇ ରହିବାକୁ ପିଲାଙ୍କୁ ପରାମର୍ଶ




**ସମ୍ବଲପୁର, ୩୧।୫(ସମିସ):** ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଭୂତାପଡ଼ାରେ ବିଶ୍ୱ ତମାଖୁ ମୁକ୍ତ ଦିବସ ପାଳନ କରାଯାଇ ଥିଲା। ଏହି ବର୍ଷ ର ଶୀର୍ଷକ ତମାଖୁମୁକ୍ତ ଶୈଶବକୁ ନେଇ ଏକ ସଚେତନତା ସୃଷ୍ଟି କରିପାରିବା ଓ ଶିଶୁ ମାନଙ୍କୁ ଏହାର ବ୍ୟବହାର ତଥା ଏହାର କାରବାରରୁ ଦୂରେଇ ରହିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହାର ବ୍ୟବହାର ଦ୍ୱାରା ଶରୀର ପାଇଁ କିପରି କ୍ଷତିକାରକ ଅଟେ ତଥା ଅନ୍ୟ ସଂକ୍ରମଣ ମାନ ହୋଇଥାଏ। ସେ ବିଷୟରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ନିଜକୁ ତଥା ପରିବାରକୁ ରକ୍ଷା କରିବା ପାଇଁ ଏହାର ବ୍ୟବହାର ଠାରୁ ଦୂରେଇ ରହିବା ପାଇଁ ଏକ ସଚେତନତା ମୂଳକ ପ୍ରତିଜ୍ଞା ନିଆଯାଇଥିଲା ଯେ ଆଗକୁ ଏହାର ବ୍ୟବହାର ନିଜେ ତଥା ପରିବାର ଅନ୍ୟ ସଦସ୍ୟ ମାନେ କରିବେ ନାହିଁ।। ଆଜିର ଦିବସରେ ଅତିଥି ଭାବରେ ହେଲ୍ଥ ମ୍ୟାନେଜର ସରିତା ଶର୍ମା ଯୋଗଦାନ କରିଥିଲେ। ସଭା କୁ ଆରୋଗ୍ୟ କେନ୍ଦ୍ର ର ଫାର୍ମାସିଷ୍ଟ ସଞ୍ଜୀବ ପ୍ରଧାନ ପରିଚାଳନା କରିଥଲେ।

# ପିନାକଲ କ୍ଲାସେସ୍‌ର ଉତ୍ସାହ-୨୦୨୪

**ସମ୍ବଲପୁର, ୩୧।୫(ସମିସ)**

ପଶ୍ଚିମ ଓଡ଼ିଶାର ଅଗ୍ରଣୀ କୋଚିଂ ସେଣ୍ଟର ପିନାକଲ୍ କ୍ଲାସେସ୍‌ର ରେଜଲ୍ଟ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ଶତ ପ୍ରତିଶତ ହୋଇଛି। ୨୦୧୭ ମସିହାରେ ଏହି ଅନୁଷ୍ଠାନ ମାତ୍ର ୩ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ସହରର ଫାଟକରେ ଆରମ୍ଭ ହୋଇଥିଲା। ବିଗତ ୭ ବର୍ଷ ମଧ୍ୟରେ କୋଚିଂରେ ପଢ଼ି ଅନେକ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ବୋର୍ଡ଼ରେ ବହୁ ଭଲ ମାର୍କରେ ପାସ କରିଛନ୍ତି। ବର୍ତ୍ତମାନ ଏହା ମାହାଦୃମ ପରିଣତ ହେଲାଣି। ଚଳିତ ବର୍ଷ ଠାରୁ ପିଲନାକଲ କ୍ଲାସେସ୍ ପକ୍ଷରୁ ଯୁକ୍ତ ଦୁଇ କଲେଜ ମଧ ଖୋଲିବାକୁ ଯାଉଛି। କୋଚଂ ସେଣ୍ଟର ଭଳି କଲେଜ ମଧ ଆଗକୁ ବହୁତ ଭଲ ରେଜଲ୍ଟ ପ୍ରଦାନ କରିବ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ମନୋରଞ୍ଜନ ମିଶ୍ର ଉତ୍ସାହ ୨୦୨୪ କାର୍ଯ୍ୟକ୍ରମର ସ୍ୱାଗତ ଭାଷଣରେ କହିଥିଲେ। ଯୁକ୍ତ ଦୁଇ ପରୀକ୍ଷାରେ ଭଲ ମାର୍କ ରଖି ପାସ କରିଥିବା ଛାତ୍ରଛାତ୍ରୀଙ୍କୁ ଆଜି ପିନାକଲ କ୍ଲାସେସ୍ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ସମ୍ବଲପୁର ବାର ଆସୋସିଏସନ୍‌ର ସଭାପତି ସତ୍ୟନାରାୟଣ ପଣ୍ଡା ବାବୁଲି ପଣ୍ଡା ଯୋଗ ଦେଇଥିଲେ। ଏହି ଅନୁଷ୍ଠାନରେ ପିଲାଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ସହ ଭଲ ସଂସ୍କାର ପ୍ରଦାନ କରାଯାଉଛି। କେବଳ ବହି ପାଠରେ



ସିମିତ ନରହି ବାହ୍ୟ ଜ୍ଞାନ ଆହରଣ କରିବାକୁ କହିବା ସହ ପ୍ରତିଦିନ ଖବର କାଗଜ ପଢ଼ିବାକୁ ଛାତ୍ରାଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅନୁଷ୍ଠାନର ପରାମର୍ଶଦାତା ବଳରାମ ମିଶ୍ର ଯୋଗ ଦେଇ ଦୁନିଆରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ଶିକ୍ଷା ଅନୁଷ୍ଠାନର ବିଜ୍ଞାନରେ ୫୬୦ ମାର୍କ ରଖି କଲେଜର ଟପ୍ପର ତଥା ସାରା ପଶ୍ଚିମ ଓଡ଼ିଶାର ବିଜ୍ଞାନରେ ଦ୍ୱିତୀୟ ଟପ୍ପର ରୂପେ ସ୍ଥାନ ହାସଲ କରିଥିବା ଛାତ୍ର ମାନସ ସାହୁ, ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ବିଜ୍ଞାନରେ ୫୪୮ ମାର୍କ ରଖି ଟପ୍ପର ହୋଇଥିବା ଛାତ୍ରୀ ସମୀକ୍ଷା ପଧାନ, ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର କଳାର କଲେଜ ଟପ୍ପର ସହ କଳାରେ ପଶ୍ଚିମ ଓଡ଼ିଶା ଟପ୍ପର ଭାବେ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରୀ ସାନ୍ତ୍ୱନା ମେହେର, ବୀର ସୁରେନ୍ଦ୍ର ସାଏ କଲେଜରେ ବିଜ୍ଞାନ ଟପ୍ପର ଅନିକେତ ମିଶ୍ର, ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ୍‌ର ବିଜ୍ଞାନ ଟପ୍ପର ଜନ୍ମେଜୟ ବେହେରା, କଳାରେ ସୋନପୁରର ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଟପ୍ପର ଛାତ୍ରୀ ସୌମ୍ୟାଶ୍ରୀ ଷଣ୍ଢ, ଜେଇ ମେନ୍ ପାଇଥିବା ଛାତ୍ର ସାହିଲ ପାତ୍ରଙ୍କ ସମେତ ୫୦୦ରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଇତିହାର ଅଧାପକ ଜିତୁ ଚାନ୍ଦ ପରିଚାଳନା କରିଥିବା ବେଳେ ଶେଷରେ ଧନ୍ୟବାଦ ଦେଇଥିଲେ।

## ଲରପଙ୍ଗରେ ବିଶ୍ୱ ତମାଖୁ ବର୍ଜନ ଦିବସ

**ସମ୍ବଲପୁର, ୩୧।୫(ସମିସ):** ଲରପଙ୍ଗ ଗ୍ରାମରେ ବିଶ୍ୱ ତମାଖୁ ଦିବସ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମକୁ ବୀରେନ୍ଦ୍ରସାହୁ ପରିଚାଳନା କରିଥିଲେ। ଦିନକୁ ଦିନ ତମାଖୁର ବ୍ୟବହାର ବଢ଼ିବାରେ ଲାଗିଛି। ଅକାରଣ ରେ ମୃତ୍ୟୁ ଘଟୁଛି। ଆମେ ସମସ୍ତେ ନିଜେ ସଚେତନ ହେବା ସହିତ ଅନ୍ୟ ମାନଙ୍କୁ ସଚେତନ କରିବା ଓ ସୁସ୍ଥ ସମ୍ବଲପୁର, ସୁସ୍ଥ ଓଡ଼ିଶା, ଏବଂ ସୁସ୍ଥ ଭାରତ ଗଢିବାରେ ସହଯୋଗ କରିବା ବୋଲି ବୀରେନ୍ଦ୍ର ସାହୁ ଆହ୍ୱାନ ଦେଇଥିଲେ। ସମସ୍ତେ ସାମୁହିକ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମ କ୍ରମରେ, ସୋମ୍ୟ ରଞ୍ଜନ ଭୋଇ ଶ୍ରୀମତୀ ଖଡିଆ, ସବିତା ବାଗ, ଭଗ୍ୟବତୀ ଦାସ, ପ୍ରମିତା କିସାନ, ସ୍ୱର୍ଣ୍ଣ ସ୍ୱାଇଁ, କମିଳିନି କିସାନ, ଜୟନ୍ତୀ ମିର୍ଦ୍ଧା, ବିଳାସିନୀ କିସାନ, ନାରାୟଣୀ କିସାନ ସହଯୋଗ କରି ଥିଲେ।

